# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୬/୨୦୨୨ (୧୬ ପୃଷ୍ଠା) | Bhubaneswar, Friday, May 6/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୬୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






KP GROUP Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: YouTube

# ଧରିତ୍ରୀ
DHARITRI

ଶୁକ୍ରବାର, ମେ ୬/୨୦୨୨ (୧୬ ପୃଷ୍ଠା) | Friday, May 6/2022 | Page 16 | ପୃଷ୍ଠା-୧




**ୱାର୍ନରଙ୍କ ଆକର୍ଷଣୀୟ ବ୍ୟାଟିଂ**

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସର ଡେଭିଡ ୱାର୍ନର ଆକର୍ଷଣୀୟ ଅପରାଜିତ ୯୨ ରନ ସଂଗ୍ରହ କରିଛନ୍ତି।

୧୪ ୦୯

**ନୋରା ଇନ୍, ଜ୍ୟାକ୍ଲିନ୍ ଆଉଟ୍**

ସାଉଥ୍ ସୁପରଷ୍ଟାର ପବନ କଲ୍ୟାଣଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ହରି ହର ଭୀରା ମାଲୁ'ରେ ଜ୍ୟାକ୍ଲିନଙ୍କ ବଦଳରେ ନୋରା ଫତେହି ଅଭିନୟ କରିବେ।



# ୪୮ ଘଣ୍ଟାରେ ଅବପାତ

- ସମ୍ଭାବ୍ୟ ବାତ୍ୟା ପାଇଁ ସରକାର ପ୍ରସ୍ତୁତ:ଏସ୍ଆର୍ସି
- ୬ ତାରିଖ ସନ୍ଧ୍ୟା ସୁଦ୍ଧା ପ୍ରସ୍ତୁତି ରିପୋର୍ଟ ଦେବାକୁ ପରାମର୍ଶ

ଭୁବନେଶ୍ୱର,୫।୫(ବ୍ୟୁରୋ)

ଦକ୍ଷିଣ ଆଣ୍ଡାମାନ ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶୁକ୍ରବାର ଲଘୁଚାପର ରୂପ ନେବ। ଏହାର ୪୮ ଘଣ୍ଟା ମଧ୍ୟରେ ଲଘୁଚାପ ଅବପାତ (ଡିପ୍ରେସନ)ରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଏହା ବାତ୍ୟାରେ ପରିଣତ ହେବ କି ନାହିଁ ସେ ନେଇ ପାଣିପାଗ ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ। ଆସନ୍ତା ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ବାତ୍ୟା ରୂପରେଖ ବିଷୟରେ ସୂଚନା ଦିଆଯାଇ ପାରିବ। ଏଥିସହ ଏହାର ତୀବ୍ରତା କେତେ ହେବ ଓ କେଉଁଠି ମାଡ଼ ହେବ ସେନେଇ ଆକଳନ କରାଯିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବାୟୁମଣ୍ଡଳରେ ଚାପ କମ୍ ରହୁଥିବାରୁ ସାମୁଦ୍ରିକ ଝଡ଼ର ଗତି ଧୀମା ରହିବ। ଆସନ୍ତା ୧୨ ତାରିଖ ବେଳକୁ ଏହା ଉପକୂଳ ଛୁଇଁବା ସମ୍ଭାବନା ରହିଛି।

ବାତ୍ୟା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍ସି) ପ୍ରଦୀପ କୁମାର ଜେନା ୧୮ ଜିଲାର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିଛନ୍ତି। ସେହି ଜିଲାଗୁଡ଼ିକ ହେଲା ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ☞ ପୃଷ୍ଠା-୨

# ଚିଲିକାରେ ବୁଡ଼ିଲା ଡଙ୍ଗା

## ୧୧ ଉଦ୍ଧାର, ଜଣେ ନିଖୋଜ

ବାଲୁଗାଁ, ୫।୫(ଡି.ଏନ୍.ଏ.)

ଚିଲିକା ମା' କାଳିଜାଇ ପୀଠରୁ ଦର୍ଶନ ସାରି ବାଲୁଗାଁ କୂଳକୁ ଫେରୁଥିବା ଏକ ଯାତ୍ରୀବାହୀ ଡଙ୍ଗା ଗୁରୁବାର ଅପରାହ୍ନରେ କାଳବୈଶାଖୀଯୋଗୁ ବୁଡ଼ି ଯାଇଛି। ଫଳରେ ଏଥିରେ ଯାଉଥିବା ବାଲେଶ୍ୱର ଜିଲାର ୮ଜଣ ପର୍ଯ୍ୟଟକ, ୨ଜଣ ନାଉରିଆ ଏବଂ ୨ଜଣ ଦୋକାନୀ ପାଣିରେ ଖସି ପଡ଼ିଥିଲେ। ଖବରପାଇ ବାଲୁଗାଁ ଏବଂ ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୧ଜଣଙ୍କୁ ଉଦ୍ଧାର କରିଥିବାବେଳେ ଜଣେ ନିଖୋଜ ଅଛନ୍ତି। ଉଦ୍ଧାର ସମସ୍ତଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସମସ୍ତ ପର୍ଯ୍ୟଟକ ଲାଇଫ୍ ଜ୍ୟାକେଟ ପିନ୍ଧିଥିବାରୁ ସେମାନଙ୍କୁ ଉଦ୍ଧାର କରାଯାଇପାରିଲା ବୋଲି ପୋଲିସ କହିଛି। ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଡଙ୍ଗାବୁଡ଼ି ଘଟଣାର ତଦନ୍ତ ପାଇଁ ଚିଲିକା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ☞ ପୃଷ୍ଠା-୨

**ଲାଇଫ୍ ଜ୍ୟାକେଟ ବଞ୍ଚାଇଲା ଜୀବନ**



# ପ୍ରାଣୀଧନ ନିରୀକ୍ଷକଙ୍କ ୯୧ ଫ୍ଲାଟ୍

## ଭିଜିଲାନ୍ସ ଜାଲରେ ଆଉ ଜଣେ କର୍ମଚାରୀ



ଜଗନ୍ନାଥ ରାଉତ





ରଘୁନାଥପୁରସ୍ଥିତ ଗ୍ରୀନ୍ ଗାର୍ଡେନ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍ ନଂ-୩୦୧ (ବାମ)। ଜବତ ସୁନା, ରୁପା ଅଳଙ୍କାର ଓ ଟଙ୍କା।

**ରାଜ୍ୟରେ ସରକାରୀ ଯୋଜନାର ଅର୍ଥ ହଡ଼ପ ଓ ଲାଞ୍ଚ ନେଇ ବିଭିନ୍ନ ସମୟରେ ସରକାରୀ ଅଧିକାରୀ ଓ କର୍ମଚାରୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଛନ୍ଦି ହେଉଛନ୍ତି। ନିକଟରେ ଭୁବନେଶ୍ୱର ଇଞ୍ଜଣା ଗ୍ରାମପଞ୍ଚାୟତ(ପୂର୍ବର କଳାରାହାଙ୍ଗ ପଞ୍ଚାୟତ)ର ଜିଆର୍ଏସ୍ ବାବୁଲି ଚରଣ ପଡ଼ିହାରୀଙ୍କ ଘରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ୫୯ ଫ୍ଲାଟ୍ ସମେତ ବିପୁଳ ସମ୍ପତ୍ତି ଠାବ କରିଥିବାବେଳେ ଗୁରୁବାର ପୁଣି ଜଣେ କୋଟିପତି ସରକାରୀ କର୍ମଚାରୀ ଭିଜିଲାନ୍ସ ଜାଲରେ ଧରା ପଡ଼ିଛନ୍ତି। ସେ ହେଲେ ଭୁବନେଶ୍ୱର କଳାରାହାଙ୍ଗ ଅଞ୍ଚଳର ପ୍ରାଣୀଧନ ନିରୀକ୍ଷକ (ଲାଇଭ୍ ଷ୍ଟକ ଇନ୍ସପେକ୍ଟର୍) ଜଗନ୍ନାଥ ରାଉତ। ତାଙ୍କର କଟକ ଓ ଭୁବନେଶ୍ୱରରେ ୯୧ଟି ଫ୍ଲାଟ୍ ରହିଥିବାବେଳେ ୪ରୁ ଅଧିକ ବହୁତଳ ପ୍ରାସାଦ ସମେତ ୭.୨୧ କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଛି।**

- ଭିଜିଲାନ୍ସର ଏକକାଳୀନ ୯ ସ୍ଥାନରେ ଚଢ଼ାଉ
- ମିଳିଲା ୫୦୦ ଗ୍ରାମ ସୁନା, ୧୦ ଗ୍ରାମ ହୀରା, ୨୫୦ ଗ୍ରାମ ରୁପା ଅଳଙ୍କାର
- ୫ କୋଠା,୨ ଫ୍ଲାଟ ଠାବ
- ମିଳିଲାଣି ମୋଟ ୭.୨୧ କୋଟିର ସମ୍ପତ୍ତି

ଭୁବନେଶ୍ୱର (ବ୍ୟୁରୋ)/ବାରଙ୍ଗ, ୫।୫ (ଡି.ଏନ୍.ଏ.)

କଳାରାହାଙ୍ଗ ପ୍ରାଣୀଧନ ନିରୀକ୍ଷକ ଜଗନ୍ନାଥ ରାଉତଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିଥିଲା। କଟକ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଗୁରୁବାର ଭିଜିଲାନ୍ସପକ୍ଷରୁ ତାଙ୍କ ଘର ସମେତ ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସର ୫ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀଙ୍କୁ ନେଇ ୯ଟି ଟିମ୍ ସାମିଲ ହୋଇଛନ୍ତି। ଚଢ଼ାଉ ସମୟରେ ତାଙ୍କ ନାମରେ ୯୧ଟି ଫ୍ଲାଟ ରହିଥିବା ଜଣାପଡ଼ିଛି। ସେଥିରୁ ଭୁବନେଶ୍ୱରରେ ୮୧ଟି ରହିଥିବାବେଳେ କଟକରେ ୧୦ଟି ରହିଛି। ଏହି ଫ୍ଲାଟଗୁଡ଼ିକର ପ୍ରକୃତ ମୂଲ୍ୟ ଜଣାପଡ଼ି ନ ଥିଲେ ହେଲେ କବଲାରେ ଉଲ୍ଲେଖ ମୂଲ୍ୟ ଅନୁସାରେ ୩.୩୩କୋଟି ଟଙ୍କା ହେବ। ଚଢ଼ାଉ ସମୟରେ ଭିଜିଲାନ୍ସ ଟିମ୍ ଜଗନ୍ନାଥଙ୍କ ରଘୁନାଥପୁର ଗ୍ରାମରେ ୬ ହଜାର ସ୍କୋୟାର ଫୁଟରେ ନିର୍ମିତ ଗୋବିନ୍ଦ ଭବନ ନାମରେ ଥିବା ତିନି ମହଲା ମାର୍କେଟ କମ୍ପ୍ଲେକ୍ସ (ଯାହାର ମୂଲ୍ୟ ୧.୪୬ କୋଟି), ଗୋବିନ୍ଦ ଭବନର ପଛପଟେ ୬ ହଜାର ସ୍କୋୟାର ଫୁଟରେ ଥିବା ତିନିମହଲା କୋଠା (୪୭.୬୪ଲକ୍ଷ), ଭୁବନେଶ୍ୱରସ୍ଥିତ ରୟାଲ ଆର୍କେଡର ୪ମହଲାରେ ଥିବା ୩ବିଏଚ୍‌କେ ଫ୍ଲାଟ ନଂ-୪୦୧ (୩୭.୦୨ଲକ୍ଷ), ରଘୁନାଥପୁରଠାରେ ଥିବା ଗ୍ରୀନଗାର୍ଡେନ ଆପାର୍ଟମେଣ୍ଟସ୍ଥିତ ୩ବିଏଚ୍‌କେ ଫ୍ଲାଟ ନଂ-୩୦୧ (୩୪.୨୭ଲକ୍ଷ), ରଘୁନାଥପୁର ଗ୍ରାମରେ ୨ ମହଲା କୋଠା, ୧୫୦୦ ସ୍କୋୟାର ଫୁଟରେ ଥିବା ଏକ ମହଲା କୋଠା(୨୮.୨୮ ଲକ୍ଷ), ଫ୍ଲଟ ନଂ.୧୫୨୪ରେ ଥିବା ୨ ମହଲା କୋଠା(ମାଟର୍‌ନାଲ ହାଉସ) ଠାବ କରିଛି। ସେହିପରି କଟକ ବାଙ୍କି ଚାରିଘରିଆରେ ଥିବା ଗୋଟିଏ ଘର ଠାବ କରିଛି। ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ୍ ପକ୍ଷରୁ ଏସବୁର ପ୍ରକୃତ ମୂଲ୍ୟ ହିସାବ କରାଯାଉଛି। ସେହିପରି ତାଙ୍କ ଘରୁ ୨୦.୬୦ ଲକ୍ଷର ୫୦୦ ଗ୍ରାମର ସୁନା, ୧୦ ଗ୍ରାମର ହୀରା, ୨୫୦ ଗ୍ରାମର ରୁପା ଅଳଙ୍କାର ଓ ୭.୯୭ ଲକ୍ଷର ଗୋଟିଏ ଚାରିଚକିଆ ଯାନ, ଗୋଟିଏ ବାଇକ, ୧୫.୧୬ ଲକ୍ଷର ଘରୋଇ ଉପକରଣ ଏବଂ ନଗଦ ଟଙ୍କା, ୩୯.୪୮ ଲକ୍ଷ ଟଙ୍କା ବିଭିନ୍ନ ବ୍ୟାଙ୍କରେ ଜମାରାଶି-ଜୀବନବୀମା ଠାବ କରାଯାଇଛି। ଠାବ ହୋଇଥିବା ସମ୍ପତ୍ତିର ମୂଲ୍ୟ ୭.୨୧ କୋଟି ହେବ ବୋଲି କୁହାଯାଉଛି। ଏହି ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠୁ କେତେ ଗୁଣ ଅଧିକ ସେନେଇ ଯାଞ୍ଚ ଚାଲିଛି। ଜଣେ ସ୍ୱଳ୍ପ ବେତନଭୋଗୀ ପ୍ରାଣୀଧନ ନିରୀକ୍ଷକ ଏତେ ପରିମାଣର ସମ୍ପତ୍ତି ଠୁଳ କରିବା ସମସ୍ତଙ୍କୁ ଚକିତ କରିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ଆହୁରି କିଛି ସମ୍ପତ୍ତି ଠାବ ହେବାର ସମ୍ଭାବନା ରହିଛି। ଜଗନ୍ନାଥଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ଘରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।







# ପିଅନଙ୍କୁ ଟ୍ରକ୍ ଚଢ଼ାଇ ହତ୍ୟା

- ଗ୍ରାମରେ ଚାପା ଉତ୍ତେଜନା
- ପୂର୍ବ ଶତ୍ରୁତା ଥିବା ଅଭିଯୋଗ

ଚଣ୍ଡିଖୋଲ,୫।୫(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ରାଧାଦେଇପୁର ପଞ୍ଚାୟତ ଅଫିସର ପିଅନ ବସନ୍ତ କୁମାର ସାହୁ(୫୮)ଙ୍କୁ ଗୁରୁବାର ଟ୍ରକ୍ ଚଢ଼ାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସେ ସକାଳେ ପଞ୍ଚାୟତ ଅଫିସକୁ ସାଇକେଲ୍‌ରେ ଆସୁଥିବା ସମୟରେ ଏକ ଟ୍ରକ୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ବସନ୍ତଙ୍କ ଘର ରାଧାଦେଇପୁର ପଞ୍ଚାୟତର ବିଲିକଣା ଗ୍ରାମରେ ହୋଇଥିଲାବେଳେ ଟ୍ରକ୍ ଚାଳକ ମଧ୍ୟ ସେହି ଗ୍ରାମର ଅଶୋକ କୁମାର ବଳ। ତେବେ ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଆସିଛି। ଏଥିପାଇଁ ଅଶୋକ ଟ୍ରକ୍ ଚଢ଼ାଇ ବସନ୍ତଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ କରାଯାଇଛି। ବସନ୍ତଙ୍କ ପୁଅ ସାରଦା ପ୍ରସାଦ ପୂର୍ବ ଶତ୍ରୁତା କାରଣରୁ ବାପାଙ୍କୁ ଅଶୋକ ଟ୍ରକ ଚଢ଼ାଇ ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଶାସନରେ ଇତିହାସର ଦାବି**

**ଏଲ୍ଆଇଙ୍କ ୯୧ ଫ୍ଲାଟ ଜବତ !**





# ଭକ୍ତମୟ ରଥଯାତ୍ରା ଆଶା ଉଜ୍ଜୀବିତ

**ପ୍ରଶାସନ ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ**

ପୁରୀ ଅଫିସ,୫।୫

ଚଳିତ ବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଗୁରୁବାର ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ସମ୍ମିଳନୀ କକ୍ଷରେ ପ୍ରଶାସନ ପକ୍ଷରୁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଜୁଲାଇ ୧ରେ ରଥଯାତ୍ରା। ଚଳିତ ବର୍ଷ କିପରି ସୁରୁଖୁରୁରେ ରଥଯାତ୍ରା ସମ୍ପନ୍ନ ହେବ ସେନେଇ ବୈଠକରେ ଆଲୋଚନା କରାଯାଇଛି। ମୁଖ୍ୟତଃ ଭକ୍ତମୟ ରଥଯାତ୍ରା ଆୟୋଜନ ନେଇ ଆଶା ଉଜ୍ଜୀବିତ ହୋଇଛି। ତେବେ କୋଭିଡ୍ ପରିସ୍ଥିତିକୁ ☞ ପୃଷ୍ଠା-୨







# ମୌଖିକ ଡାକିପାରିବ ନାହିଁ ପୋଲିସ

## ଅଭିଯୁକ୍ତଙ୍କୁ ସମନ ପାଇଁ ଥାନାଧିକାରୀଙ୍କ ଲିଖିତ ପତ୍ର ଆବଶ୍ୟକ: ଆଲ୍ଲାହାବାଦ ହାଇକୋର୍ଟ

ପ୍ରୟାଗରାଜ,୫।୫



ଥାନା ଅଧିକାରୀଙ୍କ ବିନା ଅନୁମତିରେ ତାଙ୍କ ଅଧସ୍ତନ ପୋଲିସ ଅଧିକାରୀ କୌଣସି ଅଭିଯୁକ୍ତଙ୍କୁ ସମନ କରିପାରିବେ ନାହିଁ ବୋଲି ଆଲ୍ଲାହାବାଦ ହାଇକୋର୍ଟଙ୍କ ଲକ୍ଷ୍ନୌ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଣେ ଅଭିଯୁକ୍ତ ହୁଅନ୍ତୁ କି ଅନ୍ୟ କାହାକୁ ଥାନାକୁ ଡାକିବାକୁ ହେଲେ ଥାନାଧିକାରୀଙ୍କ ଲିଖିତ ସ୍ୱୀକୃତି ବା ଅନୁମତି ଆବଶ୍ୟକ। ଏହି ନିୟମ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ହାଇକୋର୍ଟ ବୁଧବାର ଉତ୍ତର ପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଅରବିନ୍ଦ କୁମାର ମିଶ୍ର ଏବଂ ମନୀଷ ମାଥୁର ଏକ ମାମଲାର ଶୁଣାଣି କରି କହିଛନ୍ତି, କୌଣସି ଥାନାରେ ଏକ ଅଭିଯୋଗ ହେଲେ ପୋଲିସ ତଦନ୍ତ ଆବଶ୍ୟକ। ଏଥିପାଇଁ ଅଭିଯୁକ୍ତଙ୍କ ଉପସ୍ଥିତି ଦରକାର। ତାଙ୍କୁ ଥାନାକୁ ଡକାଇବା ପାଇଁ ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି)ର ନିୟମଗୁଡ଼ିକର ପାଳନ କରାଯିବା ଜରୁରୀ। ଅର୍ଥାତ୍ ଅଭିଯୁକ୍ତଙ୍କୁ ଲିଖିତ ନୋଟିସ୍ ପଠାଇ ଡକାଯାଇପାରିବ, କିନ୍ତୁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଆବଶ୍ୟକ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ପୋଲିସ ଅଧିକାରୀଙ୍କ କେବଳ ମୌଖିକ ନିର୍ଦ୍ଦେଶରେ ଜଣେ ବ୍ୟକ୍ତିଙ୍କ ଜୀବନ, ସ୍ୱାଧୀନତା ଓ ସମ୍ମାନକୁ ଉପହାସ କରାଯାଇପାରିବ ନାହିଁ।

ଏହି ମାମଲାରେ ଲକ୍ଷ୍ନୌର ରାମବିଳାସ ଓ ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ସ୍ଥାନୀୟ ମହିଳା ଥାନାରୁ ଡାକରା ଆସିଥିଲା। ମା'ବାପା ଥାନାକୁ ଯାଇ ଆଉ ଘରକୁ ଫେରି ନ ଥିବା ଦର୍ଶାଇ ସେମାନଙ୍କ ଝିଅ ସରୋଜିନୀ ଆଲ୍ଲାହାବାଦ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରୋଜିନୀ ଏନେଇ ଏକ ପତ୍ର ଲେଖିଥିଲେ, ଯାହାକୁ ହାଇକୋର୍ଟ ହେବିଅସ କର୍ପସ ପିଟିଶନ ଭାବେ ଗ୍ରହଣ କରି ଗତ ଏପ୍ରିଲ ୮ରେ ଶୁଣାଣି ☞ ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ସାହସ ଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୭ ରାଜ୍ୟରେ ହୋଇଥିବା ଦଙ୍ଗାର କାରଣ ଯାଞ୍ଚ ନିମନ୍ତେ କମିଟି ଗଠନ କରନ୍ତୁ।
–ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା



ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ଅରହାନ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ବଳଦ ପାଟିରେ ଫୁଟିଲା ବୋମା

ପାଟଣା,୫।୫(ସ୍ୱ.ପ୍ର.): କେନ୍ଦୁଝରର ଜିଲା ପାଟଣା ରେଞ୍ଜ୍ ତଣ୍ଡ ଗ୍ରାମର ଏକ କାଜୁବଗିଚାରେ ଗୁରୁବାର ସକାଳେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀମାନେ ବିଛାଇଥିବା ବୋମାକୁ ଏକ ବଳଦ ଖାଇଦେବାରୁ ପାଟିରେ ବୋମାଟି ଫୁଟି ଯାଇଛି। ଫଳରେ ବଳଦର ପାଟି ଓ ମୁହଁରେ ଗଭୀର କ୍ଷତ ହୋଇଛି। ବଳଦଟି ତଣ୍ଡ ଗ୍ରାମର ଚତୁର୍ଭୁଜ ପଲେଇଙ୍କ ବୋଲି ଜଣାପଡ଼ିଛି। ବଳଦଟିର ପ୍ରାଥମିକ ଚିକିତ୍ସା କରାଯାଇଥିଲେ ହେଁ ତାର ଅବସ୍ଥା ସଙ୍କଟାପନ୍ନ ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଲାଜୁକୀ ଘରଣୀ ମରେ
ଲାଜକୁଳୀ ମାହାରୀ
ଡରବରିଆ ଗହକି ମରେ
ସତକୁହା ବେପାରୀ।**

ଲଜ୍ଜାହୀନ ହେଲେ ଘରଣୀ ଘରର ମାନ ମର୍ଯ୍ୟାଦାକୁ ଉଲ୍ଲଂଘନ କରି ବସିଥାଏ। ମାହାରୀ ଲାଜ କଲେ ନୃତ୍ୟ କରିପାରି ନ ଥାଏ। ସେହିପରି ଡରବରିଆ ଗ୍ରାହକ ଏବଂ ସତକହୁଥିବା ବେପାରୀ ମଧ୍ୟ ସର୍ବଦା ନିଜନିଜ ପଥରେ କ୍ଷତି ଘଟାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅନଳ ନଳ
ଓଦା କଞ୍ଚା ସବୁ ଜାଳ।**

ନିଆଁ ସବୁକିଛି ପୋଡ଼ିଜାଳି ଦେଇଥାଏ। ନିଆଁ ଯେପରି ଓଦା କଞ୍ଚା କିଛି ମାନି ନ ଥାଏ, ସହିଷ୍ଣୁ ଲୋକଙ୍କ ପକ୍ଷେ କଷ୍ଟ ଏବଂ ସହଜ ମଧ୍ୟରେ ଥିବା ପ୍ରଭେଦର ଗୁରୁତ୍ୱ କିଛି ରହି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

## ପରିବେଶ ପ୍ରଦୂଷଣ ରୋକିବାକୁ ଗଠନ ହେବ ସବ୍ କମିଟି

ଭୁବନେଶ୍ୱର, ୫।୫(ବ୍ୟୁରୋ)

ରାଜ୍ୟରେ ପରିବେଶ ପ୍ରଦୂଷଣ ସମ୍ପର୍କରେ ଅନୁଧ୍ୟାନ ପାଇଁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଗୃହ କମିଟି ବୈଠକ ବିଧାନସଭାର ୫୪ନଂ. ପ୍ରକୋଷ୍ଠରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷଣ ପ୍ରତିରୋଧ ଲାଗି ଖୁବ୍‌ଶୀଘ୍ର ଏକ ସବ୍ କମିଟି ଗଠନ ହେବ। ଏହାର ସଫଳ କାର୍ଯ୍ୟାନ୍ୱୟନରେ ସମସ୍ତଙ୍କ ମିଳିତ ସହଯୋଗ ଆବଶ୍ୟକ ବୋଲି ବାଚସ୍ପତି ଆଶାବ୍ୟକ୍ତ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଏକାଦଶରେ ଶୁକ୍ର ଓ ମଙ୍ଗଳଙ୍କ ସଂଯୋଗ ଅର୍ଥ ଓ ଭୂସମ୍ପତ୍ତି ପ୍ରଦାନ କରିପାରନ୍ତି। ରାହୁ ଓ ବୁଧ ପ୍ରଭାବରେ ଭୁଲ୍ ନିଷ୍ପତ୍ତି ନେବେ ଓ ବନ୍ଧୁସମ୍ପର୍କ ହାନି ଘଟିପାରେ। ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳତା ଲାଭ କରିବେ। ନିଜର ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ।

**ବୃଷ**
ଖର୍ଚ୍ଚଭାର ବୃଦ୍ଧି ସଙ୍ଗକୁ ସ୍ଥାନ ପରିବର୍ତ୍ତନର ଦୁଶ୍ଚିନ୍ତା ମନକୁ କବଳିତ କରିବ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଅଳ୍ପ ସମୟ ମଧ୍ୟରେ ସବୁ ଠିକ୍ ହୋଇଯିବ । ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ଅଶାନ୍ତି ସୃଷ୍ଟିର ମୁଖ୍ୟ କାରଣ ହୋଇପାରେ। ବାହାର ଲୋକଙ୍କ ଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ**
ଜନ୍ମରାଶିରେ ଚନ୍ଦ୍ରଙ୍କ ସ୍ଥିତି ମାନସିକ ସୁସ୍ଥତା ସଙ୍ଗକୁ ଆର୍ଥିକ ଅଭିବୃଦ୍ଧି ଘଟାଇବ। ଶୁକ୍ରଙ୍କ ପ୍ରଭାବରୁ ଖୁସି ମିଜାଜରେ କାମ କରିବାକୁ ଭଲ ପାଇବେ। ବ୍ୟବସାୟକୁ ନୂତନ ରୂପ ଦେବାର ପରିକଳ୍ପନା କରି ବନ୍ଧୁଙ୍କ ସହଯୋଗ କରିପାରନ୍ତି । କଳା, ସାହିତ୍ୟରେ ଉନ୍ନତି କରିବେ ଓ ସମସ୍ୟାର ସମାଧାନରେ ସଫଳ ହେବେ ।

**କର୍କଟ**
ଭାଗ୍ୟସ୍ଥାନରେ ଗୁରୁଶୁକ୍ର ଆପଣଙ୍କୁ ଅପୂର୍ବ ସଫଳତାରେ ଆନନ୍ଦ ଅନୁଭବ କରାଇବ । ସାଧାରଣ କଥାକୁ ନେଇ ପରିବାରରେ କଥା କଟାକଟି ହୋଇପାରେ। ଖଳଲୋକଙ୍କ କଥାରେ ଭୁଲ୍ କାମ କରିପାରନ୍ତି। ପ୍ରକାଶନ, ପ୍ରଶାସନ, ରାଜନୀତି, ଆଇନ, ଅଦାଲତ ତଥା ଆନୁଷ୍ଠାନିକ କ୍ଷେତ୍ରରୁ ସଫଳତା ପାଇବେ।

**ସିଂହ**
ସପ୍ତମ କେନ୍ଦ୍ରରେ ଶନି ସହ ଶୁକ୍ର ଓ ମଙ୍ଗଳ ହେତୁ ଆକସ୍ମିକ କଳହରେ ଲିପ୍ତ ରହିପାରନ୍ତି। ପରିବାରରେ ସ୍ଥଗିତ କାମପାଇଁ କୈଫିୟତ୍ ଦେବାକୁ ପଡିପାରେ। ଜମିଜମା, ମାମଲାମକଦ୍ଦମା, ମାଙ୍ଗଳିକ କାର୍ଯ୍ୟ ସମ୍ପର୍କୀୟ ଆଲୋଚନାରେ ଅଗ୍ରଗତି ପରିଲକ୍ଷିତ ହୋଇପାରେ। ଆକସ୍ମିକ ଦୂରଯାତ୍ରା କରିବାକୁ ବାଧ୍ୟ ହୋଇପାରନ୍ତି।

**କନ୍ୟା**
ପାପଗ୍ରହ ଯୁକ୍ତ ରାଶ୍ୟାଧିପ ଅଷ୍ଟମଭାବସ୍ଥ ହେତୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ। ଚିତ୍ରା ନକ୍ଷତ୍ର ଅଟକି ରହିଯାଇଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ସହ ଦୂରଯାତ୍ରା କରିବାକୁ ପଡିପାରେ। ଲେଖାପଢ଼ା ତଥା ପ୍ରକାଶନ, ରଚନାତ୍ମକ କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ ଓ ସତ୍‌ସଙ୍ଗ କ୍ଷେତ୍ରରେ ଆତ୍ମତୃପ୍ତି ପାଇବେ ।

**ତୁଳା**
ଦଶମ ଚନ୍ଦ୍ର ପ୍ରଭାବରୁ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଆତ୍ମୀୟଙ୍କଠାରୁ ସାହାଯ୍ୟ ସହିତ ସ୍ନେହ ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ। ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ ଅବଶ୍ୟ ଅସୁବିଧା ହେବନାହିଁ । ଗୃହ ସମସ୍ୟା ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା**
ଚତୁର୍ଥଭାବସ୍ଥ ପାପଗ୍ରହମାନେ ପାରିବେଶିକ ସମସ୍ୟା ସୃଷ୍ଟି କରିପାରନ୍ତି ; ଯାହାକି ମାନସିକ ସ୍ତରରେ ପ୍ରବଳ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି କରିବ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡିବା ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ । ସାହିତ୍ୟ, କଳା, କ୍ରୀଡ଼ା, କୀର୍ତ୍ତନ ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ**
ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। କେତେକ କ୍ଷେତ୍ରରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଅସଫଳତାକୁ କେନ୍ଦ୍ର କରି ନିଜ ଲୋକଙ୍କୁ ସନ୍ଦେହ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ଅବଶ୍ୟ ଘଟିବ ।

**ମକର**
ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ବ୍ୟବହାରିକ ବ୍ୟତିକ୍ରମ ସମସ୍ୟା ଓ ଅଶାନ୍ତି ସୃଷ୍ଟି କରିବ। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ମଧ୍ୟ ବିଚଳିତ ହୋଇପାରନ୍ତି। ସରକାରୀ କ୍ଷେତ୍ରରୁ ଲାଭର ଆଶା ନେଇ ଉତ୍‌ଫୁଲ୍ଲିତ ହେବେ ।

**କୁମ୍ଭ**
ଆଜି ଅର୍ଥନୈତିକ କାରବାର ସକାଶେ ସମୟ ଅତୀବ ଅନୁକୂଳ ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଦୃଢ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ସାମାଜିକ ସ୍ତରରେ ଯାହା କହିବେ ଅଳ୍ପ କହିବେ କିନ୍ତୁ ମରମ କଥାଟି କହି ପରୋକ୍ଷ ଶତ୍ରୁତାକୁ ଡାକି ଆଣିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ।

**ମୀନ**
ଶୁଭଗ୍ରହ ପ୍ରଭାବରୁ ସମସ୍ୟା ଓ ପ୍ରତିବନ୍ଧକ କମିବ କିନ୍ତୁ ଭାଇ ଭଉଣୀଙ୍କ ସହ ସମ୍ପର୍କ କ୍ଷୁଣ୍ଣ ହୋଇପାରେ। ମନ କଥାକୁ ମନ ଭିତରେ ସାଇତି ରଖି କାମ କରିବାକୁ ବାଧ୍ୟ ହୋଇପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ। ନୂତନ ସ୍ଥାନ ପରିଭ୍ରମଣ କରିବା ସକାଶେ ସୁଯୋଗ ଲାଭ କରିବେ।


# classifieds Everyday
0674-2580101, 2549302

real estate

**SALE**

Gharabari square size plot for sale near Retanga Station, Bhubaneswar. 9937315056. D-289

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**Gharabari plot for sale near Pahala, Bhingarpur, Kesura (Bankual), Contact: 6371268258, 8144128238.** D-71985

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

BBSR Hanspal to 4 K.M. ଘର ଉପଯୋଗୀ plot Price-1450/- ସୁନ୍ଦରପଦା Xavier University (sqft.- 250,350,500) ଘରବାଡ଼ି ମିଳୁଛି। 9556393409, 8114994259. D-284

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-71892

ଭୁବନେଶ୍ୱର ଗଙ୍ଗୋତ୍ରୀନଗର lane-3 ଏବଂ ଧଉଳିରେ ପିଚୁ ରୋଡ୍‌କୁ ଲାଗି ପ୍ଲଟ୍ ବିକ୍ରିହେବ। 7008833643. D-73243

**ଭୁବନେଶ୍ୱର ପୁରୀ ବାଇପାସରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ବର୍ଗଫୁଟକୁ ୧୬୦୦ ଟଙ୍କାରେ ମିଳୁଅଛି। ଯୋଗାଯୋଗ ଫୋନ୍- 9827339640, 6371681832.** D-330

Bhubaneswar Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71982

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-346

ଭୁବନେଶ୍ୱର Hanspal NHରୁ 3k.m. ଦୂରତାରେ duplex ଏବଂ plot କିଣନ୍ତୁ। 6372789556. D-73239

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/flat ଅଛି। 9658122456, 8327785834.** D-73241

2000sqft. ପ୍ଲଟ୍ 8,00,000/- (15 plot available) ସୁନ୍ଦରପଦାରୁ ଜଟଣୀ ରୋଡ୍ Bhubaneswar. 9439493164. D-73242

Demarcated plot KEC, Gudiapokhari ପାଖରେ immediate registration, possession ଅଗ୍ରିମ boundarywall, electricity, 30ft. road sqft.750/-ରେ ମିଳୁଛି। 7008045582, 9692003948. D-320

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

construction

**Build your dream house at Bhubaneswar with or without materials by Narayan Construction with best quality. Contact: 9777005005.** D-335

Prabhakar construction construct your building get quality house. 9437025258, 8984389029. D-315

to-let

For commercial purpose at Prime location, Unit-9, Bhubaneswar, Ground Floor, 2000sqft. 9437057789. D-71632

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Newly open SPA positively health benefits expert therapist, kalpana. 7846814019. D-71500

**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open SPA positively health benefit with expert. Contact: 7749976301. D-71987

Newly open full body massage ladies and gents. 7750904837. D-71894

Refreshing your mind and body with the best therapy, 7873794731. D-317

Newly open full body massage ladies and gents. 8327740003. D-71893

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71986

**AFFIDAVIT**

I Sri Kapilendra Bhoi, age-26, At/PO.- Gadakaramala, PS.- Gop, Dist.- Puri, Kapilendra Bhoi, Son of Bharat Bhoi, Kapilendra Bhoi and Kapilendra Das one and same person. D-343


**ପ୍ରାଣୀ ବିଜ୍ଞାନରେ ପିଏଚ୍‌ଡି ଲାଭ**



ପୁରୀ ଝିଅ ଓ ଶ୍ରୀକ୍ଷେତ୍ର ବୋହୂ ଗବେଷିକା ଡକ୍ଟର ଚିନ୍ମୟୀ ପଟ୍ଟନାୟକ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନରେ, ଜୀବ ବିଜ୍ଞାନ ଓ ଜୈବ ପ୍ରଯୁକ୍ତି ବିଜ୍ଞାନରେ ସ୍ନାତକୋତ୍ତର ବିଭାଗରୁ ପିଏଚ୍‌ଡି ଲାଭ କରିଛନ୍ତି ସେ ଜୀବ ବିଜ୍ଞାନ ଓ ଜୈବ ପ୍ରଯୁକ୍ତି ବିଜ୍ଞାନ ସ୍ନାତକୋତ୍ତର ବିଭାଗୀୟ ମୁଖ୍ୟ ତଥା ବରିଷ୍ଠ ସହାୟକ ପ୍ରଫେସର ଡକ୍ଟର ଭାସ୍କର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Study on Genotoxicity and Biochemical Alteration in Cadmium (CD) Induced Fresh Water Indian Catfish (Clarias Batrachus)" ଉପରେ ଗବେଷଣା କରିଥିଲେ। ତାଙ୍କର ଗବେଷିତ ନିବନ୍ଧ ଡାକ୍ତର ସୂର୍ଯ୍ୟୋଜ୍ୟୋତି ବିଶ୍ୱାସ, ପ୍ରଫେସର, ପ୍ରାଣୀ ବିଜ୍ଞାନ ବିଭାଗ, ଶିଧୋ-କାହ୍ନୁ ବିର୍ସା ବିଶ୍ୱବିଦ୍ୟାଳୟ, ରାଞ୍ଚି ଓ ଡକ୍ଟର ଧୀରେନ୍ଦ୍ର ନାଥ ସାଧୁ, ପ୍ରଫେସର, ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ, ଭି.ବି ବିଶ୍ୱବିଦ୍ୟାଳୟ, ହଜାରିବାଗ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଏହି ଗବେଷଣାରେ ଡକ୍ଟର ଚିନ୍ମୟୀ ପଟ୍ଟନାୟକଙ୍କୁ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରଫେସର, କର୍ମଚାରୀମାନେ, ଶୁଭେଚ୍ଛୁମାନେ ସହାୟତା କରିଥିବାରୁ ସେ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି ଓ ଏହି ସଫଳତା ପାଇଁ ସେ ତାଙ୍କ ବାପା ଅବସରପ୍ରାପ୍ତ ଇଂ ଇନ୍ଦୁମୋହନ ପଟ୍ଟନାୟକ, ମା' ଶ୍ରୀମତୀ ସବିତା ପଟ୍ଟନାୟକ, ସ୍ୱାମୀ ଇଂ ବିଶ୍ୱରଞ୍ଜନ ବଳବନ୍ତରାୟ, ଉଭୟ ପରିବାରର ସମସ୍ତ ସଦସ୍ୟ ଓ ଶୁଭେଚ୍ଛୁମାନେ ପ୍ରେରଣା ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଧ-୭୩୫୦୩

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

## ୪୮ ଘଣ୍ଟାରେ...

**ପ୍ରଥମ ପୃଷ୍ଠାରୁ...**

ନୟାଗଡ଼, କଟକ, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ କନ୍ଧମାଳ। ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆର୍‌ସି ଜେନା କହିଛନ୍ତି, ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ବାତ୍ୟାର ଚିତ୍ର ସ୍ପଷ୍ଟ ହେବ। ତେବେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ତେଣୁ ଭୟଭୀତ ନ ହୋଇ ସତର୍କ ରହିବାକୁ ଏସ୍‌ଆର୍‌ସି ପରାମର୍ଶ ଦେଇଛନ୍ତି। ଯଦି ବାତ୍ୟା ହୁଏ, ତେବେ ରାଜ୍ୟର ୧୮ ଜିଲା ପ୍ରଭାବିତ ହେବା ଆଶଙ୍କା ରହିଛି। ସେହି ସବୁ ଜିଲାର ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ବାତ୍ୟା ମୁକାବିଲା ଲାଗି ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଜିଲାରେ ସମ୍ଭାବ୍ୟ ବାତ୍ୟା ସ୍ଥିତିକୁ ନେଇ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ୧୭୫ ଅଗ୍ନିଶମ ବାହିନୀ, ୨୦ ଓଡ୍ରାଫ୍ ଏବଂ ୧୭ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସଜାଗ ରଖାଯାଇଛି। ଏଥିସହ ଶକ୍ତି, ପଞ୍ଚାୟତିରାଜ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ସହ ମଧ୍ୟ ଆଲୋଚନା ହୋଇଛି। ବାତ୍ୟା ଆତଙ୍କରେ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ କଳାବଜାର ହେବା ଆଶଙ୍କା ରହିଛି। ତେଣୁ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଲାଗି ସମସ୍ତ ଜିଲାପାଳ ଏବଂ ମହାନଗର ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବଜାରରେ ଯଥେଷ୍ଟ ସାମଗ୍ରୀ ମହଜୁଦ ରହିଛି। ଅଯଥାରେ ଅଧିକ ସାମଗ୍ରୀ କିଣି ଘରେ ଗଚ୍ଛିତ ନ ରଖିବାକୁ ପରାମର୍ଶ ଦିଆଯାଇଛି। ତେବେ ଗ୍ରୀଷ୍ମ ଋତୁରେ ହେଉଥିବା ବାତ୍ୟା କ୍ଷେତ୍ରରେ ବନ୍ୟା ଆଶଙ୍କା କମ୍ ବୋଲି ଏସ୍‌ଆରସି କହିଛନ୍ତି। ସେହିପରି ଗଣମାଧ୍ୟମରେ ଆତଙ୍କିତ ହେଲା ଭଳି ଖବର ପ୍ରସାରିତ ନ କରିବାକୁ ସେ ଅନୁରୋଧ କରିଛନ୍ତି।

ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଘୂର୍ଣ୍ଣିବଳୟ ଗୁରୁବାର ଦକ୍ଷିଣ ଆଣ୍ଡାମାନ ସାଗରରେ ରହିଛି। ଦକ୍ଷିଣ ଆଣ୍ଡାମାନ ସାଗର ଓ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଶୁକ୍ରବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପରେ ଏହା ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ୮ ତାରିଖ ଭିତରେ ଏକ ଅବପାତରେ ପରିଣତ ହେବ। ଲଘୁଚାପ ପ୍ରଭାବରେ ଆଣ୍ଡାମାନ ସାଗର ଓ ନିକଟସ୍ଥ ଦକ୍ଷିଣ ପୂର୍ବ ଏବଂ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିବ। ସେହି ଅଞ୍ଚଳରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ରହିବ। ୮ ତାରିଖ ସକାଳ ବେଳକୁ ଏହାର ବେଗ ୫୫ରୁ ୭୫ କିଲୋମିଟର ହେବା ସମ୍ଭାବନା ରହିଛି। ତେବେ ବାତ୍ୟା ହେବ କି ନାହିଁ, ଏହାର ଗତିପଥ କେଉଁ ଦିଗକୁ ରହିବ, ତାହା ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ହିଁ ସ୍ପଷ୍ଟ ହେବ। ଏଯାଏ ବାତ୍ୟା ହେବ ବୋଲି କୁହାଯାଇ ନାହିଁ। ଏଣୁ ଲୋକେ ବିଭ୍ରାନ୍ତ ହେବା ଉଚିତ ନୁହେଁ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି।

ବିଭିନ୍ନ ପାଣିପାଗ ମଡେଲ ଏବଂ ୟୁଏସ୍ ନୌସେନା ପକ୍ଷରୁ କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ଦକ୍ଷିଣ ଆଣ୍ଡାମାନରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ବାତ୍ୟାରେ ପରିଣତ ହେବ। ଏହାର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିଲୋମିଟର ରହିବ। ବାତ୍ୟା ପ୍ରଭାବରେ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ କାଳବୈଶାଖୀ ଯୋଗୁ ଉପକୂଳ ଓଡ଼ିଶାରେ ପାରଦ ତଳମୁହାଁ ଥିବା ବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତିର ପ୍ରକୋପ ଜାରି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟର ୧୩ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିବା ବେଳେ ୫ଟି ସ୍ଥାନରେ ୪୨ ଡିଗ୍ରୀ ଉପରେ ରହିଛି। ଗୁରୁବାର ବୌଦ୍ଧ ଓ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୪୨, ସମ୍ବଲପୁର ୪୧.୨, ହୀରାକୁଦ ୪୦.୬, ଭବାନୀପାଟଣା ୪୦.୫, ବଲାଙ୍ଗୀର ୪୨.୫, ଫୁଲବାଣୀ ୪୦.୭, ଟିଟିଲାଗଡ଼ ୪୨.୨, ଦେବଗଡ଼ ୪୧.୨, ନୂଆପଡ଼ା ୪୦.୫, ନୟାଗଡ଼ ୪୦.୫ ଏବଂ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଶୁକ୍ରବାର ଅନୁଗୋଳ, ଢେଙ୍କାନାଳ, କଟକ, ନୟାଗଡ଼, ଖୋର୍ଦ୍ଧା ଓ କନ୍ଧମାଳରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଚିଲିକାରେ ବୁଡ଼ିଲା...

ଅନୁସାରେ ବାଲେଶ୍ୱର ଜିଲାର ୮ଜଣ ପର୍ଯ୍ୟଟକ ବୁଧବାର ପୁରୀରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ପରେ ଗୁରୁବାର ଚିଲିକା ମା' କାଳିଜାଈଙ୍କ ଦର୍ଶନ ପାଇଁ ଆସିଥିଲେ। ମା'ଙ୍କ ଦର୍ଶନ ସାରି ଅପରାହ୍ନ ପ୍ରାୟ ୩ଟାରେ ଏକ ଡଙ୍ଗାରେ ବାଲୁଗାଁ ଅଭିମୁଖେ ବାହାରିଥିଲେ। ଚଢ଼େଇଗୁହା ପାହାଡ଼ର ଅନତି ଦୂରରେ ଡଙ୍ଗାଟି ପହଞ୍ଚିଥିବାବେଳେ କାଳବୈଶାଖୀ ଯୋଗୁ ହଠାତ୍ ବର୍ଷା ଓ ପବନ ହୋଇଥିଲା। ନାଉରିଆ ବହୁ ଚେଷ୍ଟା କରିଥିଲେ ମଧ୍ୟ ଡଙ୍ଗାର ଭାରସାମ୍ୟ ରଖିବାରେ ବିଫଳ ହେବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ଫଳରେ ଏଥିରେ ଯାଉଥିବା ୮ପର୍ଯ୍ୟଟକ, ୨ ନାଉରୀ ଏବଂ କାଳିଜାଈ ନିକଟରେ ବ୍ୟବସାୟ କରୁଥିବା ୨ଜଣ ପାଣିରେ ବୁଡ଼ିଯାଇଥିଲେ। ସମସ୍ତ ଯାତ୍ରୀ ଲାଇଫ୍ ଜ୍ୟାକେଟ୍ ପରିଧାନ କରିଥିବାରୁ ଗଭୀର ପାଣିରେ ଦୀର୍ଘସମୟ ପର୍ଯ୍ୟନ୍ତ ଉବୁଟୁବୁ ହୋଇ ମୃତ୍ୟୁ ସହ ସଂଗ୍ରାମ କରିଥିଲେ। ଡଙ୍ଗା ଚାଳକଙ୍କଠାରୁ ଖବରପାଇଥିଲେ ମଧ୍ୟ କୌଣସି ଉଦ୍ଧାରକାରୀ ଦଳ ସେମାନଙ୍କ ନିକଟରେ ପହଞ୍ଚି ପାରି ନ ଥିଲେ। ପ୍ରାୟ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଯାତ୍ରୀମାନେ ପାଣିରେ ଉବୁଟୁବୁ ହୋଇଥିଲେ। ବଡ଼କୁଳ ପାନ୍ଥନିବାସଠାରେ ବାଲୁଗାଁ ପୋଲିସ କୌଣସି କାର୍ଯ୍ୟରେ ଉପସ୍ଥିତ ଥିବା ବେଳେ ଖବରପାଇ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ବାଣପୁର ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁ, ଏସ୍‌ଆଇ ଆର.କେ ପୁହାଣ, ନାଭାଲ ଫାଣ୍ଡି ଅଧିକାରୀ ଦିଲ୍ଲୀପ କୁମାର ସାହୁ ସଦଳବଳେ ଓଟିଡିସିର ଏକ ବୋଟ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବହୁ ପରିଶ୍ରମ ପରେ ଯାତ୍ରୀଙ୍କୁ ଉଦ୍ଧାର କରି କୂଳକୁ ଆଣିବା ପରେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଜଣେ ଯାତ୍ରୀଙ୍କ ସନ୍ଧାନ ମିଳିପାରି ନାହିଁ। ସେ ହେଲେ ବାଲୁଗାଁ ଥାନା କୋଦପୁର ଗ୍ରାମର ରାଜକିଶୋର ଖୁଣ୍ଟିଆ। ଚିକିତ୍ସା ପରେ ଯାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା ଜଣାପଡ଼ିଛି। ଉଦ୍ଧାର ଯାତ୍ରୀମାନେ ହେଲେ ବାଲେଶ୍ୱର ଜିଲା ଘୋଡ଼ାପଡ଼ା ଗ୍ରାମର ମଧୁସୂଦନ ମହାଲିକ(୨୫), ବିଦ୍ୟାଧର ସେନାପତି (୬୩), ରେମୁଣା ଥାନା ଅଧୀନ କ୍ଷୀରଚୋରା ଗ୍ରାମର କୁମାର ପୀୟୁଷ ପାଣିଗ୍ରାହୀ (୧୫), ଏଲିନା ପାଣିଗ୍ରାହୀ (୩୮), କାଶିଆଁବାଦ ଗ୍ରାମର ପ୍ରତିସ୍ମିତା ସେନାପତି (୨୨), ଜ୍ୟୋତ୍ସ୍ନା ସେନାପତି (୫୨), ନୀଳଗିରି ଗ୍ରାମର ଜ୍ୟୋତିସ୍ମିତା ପଣ୍ଡା (୨୯), ଭବାନୀ ଶଙ୍କର ପଣ୍ଡା (୮୩) ଏବଂ କାଳିଜାଈରୁ ଫେରୁଥିବା ହୋଟେଲ ମାଲିକ ଗଞ୍ଜାମ ଜିଲା ପଥରା ଗ୍ରାମର ଭାସ୍କର ସାହୁ ଏବଂ ୨ଜଣ ନାଉରିଆ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ନିଖୋଜ ଯାତ୍ରୀଙ୍କ ସନ୍ଧାନ ଜାରି ରହିଛି। ପୋଲିସ ପ୍ରଶାସନର ଉଦ୍ୟମ ଯୋଗୁ ଯାତ୍ରୀମାନେ ସୁରକ୍ଷିତଭାବେ ଉଦ୍ଧାର ହୋଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି। ସୂଚନାଥାଉ କି, ୨୦୧୬ ଜୁନ୍ ୧୬ରେ ହଠାତ୍ କାଳବୈଶାଖୀ ଯୋଗୁ ଚିଲିକାରେ ଡଙ୍ଗା ବୁଡ଼ି ୬ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

## ମୌଖିକ ଡାକିପାରିବ...

କରିଥିଲେ। ଶୁଣାଣି ବେଳେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସରକାରୀ ଓକିଲ (ଏଜିଏ) ଥାନାରେ ଏଭଳି କୌଣସି ଘଟଣା ଘଟି ନ ଥିବା ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଏପ୍ରିଲ ୧୩ରେ ପରବର୍ତ୍ତୀ ଶୁଣାଣି ବେଳେ ଆବେଦନକାରୀ ସାବିତ୍ରୀ, ରାମବିଳାସ ଓ ସେମାନଙ୍କ ଝିଅ କୋର୍ଟରେ ହାଜର ହୋଇ କହିଥିଲେ ଯେ, କେତେଜଣ ପୋଲିସ କର୍ମଚାରୀ ସେମାନଙ୍କୁ ଥାନାକୁ ଡାକିଥିଲେ। ଥାନାକୁ ଯିବା ପରେ କନଷ୍ଟେବଲମାନେ ସେମାନଙ୍କୁ ଅଟକ ରଖି ଧମକ ଦେଇଥିଲେ। ଅନ୍ୟପକ୍ଷେ ସେହିଦିନ ସମ୍ପୃକ୍ତ ଥାନାର ଇନ୍‌ସ୍ପେକ୍ଟର ହାଇକୋର୍ଟଙ୍କୁ ଅବଗତ କରାଇଥିଲେ ଯେ, ଏକ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ ନେଇ ବିବାଦ ହେବାରୁ ଆବେଦନକାରୀ ୮ ତାରିଖ ମଧ୍ୟାହ୍ନ ୧୨ଟାରେ ଥାନାରେ ପହଞ୍ଚିଥିଲେ। ସେମାନଙ୍କ ବୟାନ ରେକର୍ଡ କରାଯିବା ପରେ ଅପରାହ୍ନ ୩ଟା ୩୦ରେ ଫେରିଯାଇଥିଲେ। ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କହିଥିଲେ, ଭାରତୀୟ ସମ୍ବିଧାନ କିମ୍ବା ସିଆର୍‌ପିସିରେ ଏଭଳି କୌଣସି ନିୟମ ନାହିଁ, ଯାହା ବଳରେ ଜଣେ ପୋଲିସ ଅଧିକାରୀ ଏଫ୍‌ଆଇଆର୍ ପଞ୍ଜୀକରଣ ନ କରି ଜଣେ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ଅଟକ ରଖିପାରିବେ। ଏପରି କି ମୌଖିକ ଭାବେ ମଧ୍ୟ ଡାକିବା ମନା। ଏହାକୁ ଅବଜ୍ଞା କରିବା ସମ୍ବିଧାନର ଅନୁଚ୍ଛେଦ ୨୧ ଅନ୍ତର୍ଗତ ବ୍ୟକ୍ତିଗତ ସ୍ୱାଧୀନତା ଅଧିକାରର ଉଲ୍ଲଂଘନ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ପିଅନଙ୍କୁ ଟ୍ରକ୍...

ହତ୍ୟା କରିଥିବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହିତ ଏହି ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଏପରି କି କିଛି ଘଣ୍ଟା ଧରି ବାଲିଚନ୍ଦ୍ରପୁର-ବଡ଼ଚଣା ପୂର୍ତ୍ତ ବିଭାଗ ରାସ୍ତାକୁ ଗ୍ରାମବାସୀ ଅବରୋଧ କରି ରଖିଥିଲେ। ବଡ଼ଚଣା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପୋଲିସ ବସନ୍ତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ତେବେ ଦୁର୍ଘଟଣା ପରେ ଅଶୋକ ଫେରାର ହୋଇଯାଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଘଟଣା ସମ୍ପର୍କରେ ପୋଲିସର ପ୍ରତିକ୍ରିୟା ନେବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ଭକ୍ତମୟ ରଥଯାତ୍ରା...



ବୈଠକରେ ପୁରୀ ଜିଲାପାଳ, ଏସ୍‌ପି ଏବଂ ଅନ୍ୟମାନେ।

ଦୃଷ୍ଟିରେ ରଖି ରଥଯାତ୍ରା ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ରଥଯାତ୍ରାରେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଦୁଇପ୍ରକାର କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ଗୋଟିଏ ହେଉଛି ଭକ୍ତଙ୍କ ଗହଣରେ ଏବଂ ଅନ୍ୟଟି ହେଉଛି ବିନା ଭକ୍ତରେ। ଗତ ଦୁଇବର୍ଷ ଧରି ମହାମାରୀ କୋଭିଡ୍ କଟକଣା ଯୋଗୁ ବିନା ଭକ୍ତରେ ରଥଯାତ୍ରା ସମ୍ପନ୍ନ ହୋଇଥିଲା। ତେଣୁ ଚଳିତ ବର୍ଷ ରଥଯାତ୍ରାରେ ସାମିଲ ହେବାକୁ ଲକ୍ଷ ଲକ୍ଷ ଭକ୍ତ ଚାହିଁବସିଛନ୍ତି। ଯଦି ଏଥର ଭକ୍ତଙ୍କୁ ନେଇ ରଥଯାତ୍ରା କରାଯାଏ ତା'ହେଲେ ସାଧାରଣତଃ ଯେତିକି ଭକ୍ତ ଆସନ୍ତି ତା'ଠାରୁ ଅଧିକ ଦେଢ଼ରୁ ଦୁଇଗୁଣା ଅର୍ଥାତ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଦେଶରେ କୋଭିଡ୍ ସଂକ୍ରମଣ ପୁଣି ବଢୁଥିବାରୁ ଯଦି ବିନା ଭକ୍ତରେ ରଥଯାତ୍ରା ହୁଏ ସେନେଇ ପ୍ରସ୍ତୁତି ଲାଗି ମଧ୍ୟ ଆଲୋଚନା କରାଯାଇଛି। ସବୁ ବିଭାଗକୁ ରଥଯାତ୍ରାର ୧୦ ଦିନ ପୂର୍ବରୁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆକ୍ସନ ପ୍ଲାନ୍ ଉପରେ ବିଚାର ବିମର୍ଶ କରାଯିବ। ସପ୍ତାହକ ପରେ ପୁଣି ଏକ ବୈଠକ ବସିବ। ସେଥିରେ ସମନ୍ୱୟ ବୈଠକର ତାରିଖ ନିର୍ଦ୍ଧାରଣ ହେବ ବୋଲି ଜିଲାପାଳ କହିଛନ୍ତି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର କହିଛନ୍ତି, ଏଥର ଭକ୍ତମୟ ରଥଯାତ୍ରା ହେବା ନେଇ ଆଶା ଉଜ୍ଜୀବିତ ରହିଛି। ତଦନୁଯାୟୀ ପ୍ରସ୍ତୁତି ହେଉଛି। ନବକଳେବର ବ୍ୟବସ୍ଥା ଭଳି ବ୍ୟବସ୍ଥା କରାଯିବାକୁ ପ୍ରୟାସ ଚାଲିଛି। ନୀତିଠାରୁ ନେଇ ପ୍ରଶାସନିକ ପ୍ରସ୍ତୁତି ପର୍ଯ୍ୟନ୍ତ ସମସ୍ତ ପ୍ରସଙ୍ଗରେ ବିଚାରବିମର୍ଶ ହୋଇଛି। ଚନ୍ଦନଯାତ୍ରା ଶେଷ ହେବା ପୂର୍ବରୁ ସମନ୍ୱୟ ବୈଠକ ବସିବ। ସୂଚନା ଅନୁଯାୟୀ, ପ୍ରସ୍ତୁତି ବୈଠକରେ ରଥ ନିର୍ମାଣ, ସ୍ୱାସ୍ଥ୍ୟସେବା, ପରିମଳ, ପାନୀୟଜଳ ଓ ବିଦ୍ୟୁତ୍ ଯୋଗାଣ, ପରିବହନ ଓ ଯୋଗାଯୋଗ, ରାସ୍ତାଘାଟ ମରାମତି, ପାର୍କିଂ, ଡ୍ରେନେଜ୍ ଓ ସ୍ୱେରେଜ, ଆଇନଶୃଙ୍ଖଳା, ବେଳାଭୂମିରେ ଲାଇଫଗାର୍ଡ ମୁତୟନ ପ୍ରଭୃତି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଗୁଣ୍ଡିଚାଠାରୁ ସୁନାବେଶ ପର୍ଯ୍ୟନ୍ତ ୨୧୨ ଡାକ୍ତର, ୫ଜଣ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ୨୯ଟି ଆମ୍ବୁଲାନ୍ସ ନିୟୋଜିତ ରହିବେ। ଅଧିକ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା ହେବ। ସେହିପରି ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ୮୦ ଖଣ୍ଡ ବଳକା ଥିଲା। ଏହାବାଦ୍ ୬୭୫ ଖଣ୍ଡ କାଠ ପହଞ୍ଚିସାରିଛି। ଅବଶିଷ୍ଟ ୧୧୦ ଖଣ୍ଡ କାଠ ଖୁବଶୀଘ୍ର ପହଞ୍ଚିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସ୍ପଷ୍ଟ କରିଛି। ପ୍ରସ୍ତୁତି ବୈଠକରେ ଏସ୍‌ପି କନୱର ବିଶାଲ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଦିଲୀପ କୁମାର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ମହାପାତ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏବଂ ଆଞ୍ଚଳିକ ପରିବହନ ଅଧିକାରୀ ସମୀର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୫୬,୦୪,୭୦୬ | ୬୨,୭୦,୯୫୫ | ୪୭,୦୩,୩୩,୪୫୦ |
| ଭାରତ | ୪,୩୦,୯୧,୩୯୩ | ୫,୨୩,୯୭୫ | ୪,୨୫,୪୭,୬୯୯ |
| ଓଡ଼ିଶା | ୧୨,୮୮,୧୦୩ | ୯୧୨୬(+୫୩) | ୧୨,୭୮,୮୩୯ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଜିଲା ପ୍ରଶାସନ-ନାଗରିକ କମିଟି ମୁହାଁମୁହିଁ

## ବ୍ରଜରାଜନଗରରେ ରେଳରୋକୋ ଆନ୍ଦୋଳନ

- ଷ୍ଟେଶନରେ ୧୪୪ ଧାରା ଜାରି
- ୨୦ରୁ ଊର୍ଦ୍ଧ୍ୱ ଗିରଫ

ବ୍ରଜରାଜନଗର, ୫।୫ (ଡି.ଏନ.ଏ.)

ଝାରସୁଗୁଡା ଜିଲା ବ୍ରଜରାଜନଗର ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ୍ ରହଣି ଦାବିରେ ଗୁରୁବାର ପୂର୍ବ ସୂଚନାକ୍ରମେ ନାଗରିକ କମିଟି ପକ୍ଷରୁ ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ୧୨ଘଣ୍ଟା ପରେ ମଧ୍ୟ ବିଳାସପୁର ରେଳ ଡିଭିଜନରୁ କୌଣସି ପଦାଧିକାରୀ ଘଟଣାସ୍ଥଳକୁ ନ ଆସି ଜିଲା ପ୍ରଶାସନକୁ ଚିଠି ପଠାଇ ଦେଇଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଦାର ଦିଲୀପ ପ୍ରଧାନ ଓ ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ସମସ୍ୟା ସମାଧାନ ପାଇଁ କମିଟି ସଦସ୍ୟମାନଙ୍କୁ ଜୁନ ୧୪ତାରିଖ ପର୍ଯ୍ୟନ୍ତ ସମୟ ମାଗିଥିଲେ। ହେଲେ ଏହାକୁ ନାଗରିକ କମିଟି ସଦସ୍ୟମାନେ ଗ୍ରହଣ କରି ନ ଥିଲେ। ଫଳରେ ଜିଲା ପ୍ରଶାସନ ଓ ନାଗରିକ କମିଟି ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜିଲା ପ୍ରଶାସନ ଓ ରେଳ ପୋଲିସ ଲାଠିଚାର୍ଜ କରି କମିଟି ସଦସ୍ୟଙ୍କୁ ରେଳ ଧାରଣାରୁ ଉଠାଇ ଦେଇଥିଲେ। କମିଟି ସଦସ୍ୟମାନେ ଷ୍ଟେଶନ ବାହାରେ ନାରାବାଜି କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଷ୍ଟେଶନ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଥିଲା।

ବ୍ରଜରାଜନଗର ରେଳ ଷ୍ଟେଶନରେ ରହୁଥିବା ଉତ୍କଳ ଏକ୍ସପ୍ରେସ, ହାଓଡା-ମୁମ୍ବାଇ ମେଲ, ଅହମ୍ମଦାବାଦ ଏକ୍ସପ୍ରେସ ଓ ପୁରୀ ଯୋଧପୁର ଏକ୍ସପ୍ରେସକୁ କରୋନ ସମୟରେ ରେଳ ବିଭାଗ ବନ୍ଦ କରି ଦେଇଥିଲା। ପରିସ୍ଥିତି ସ୍ୱାଭାବିକ ହେବା ପରେ ଉପରୋକ୍ତ ଟ୍ରେନଗୁଡ଼ିକୁ ରହଣି କରିବା ପାଇଁ ବ୍ରଜରାଜନଗର ନାଗରିକ କମିଟି ରେଳବିଭାଗକୁ ଅବଗତ କରିଥିଲା। କିନ୍ତୁ ରେଳ ବିଭାଗ ନାଗରିକ କମିଟିର କୌଣସି କଥା ଶୁଣି ନ ଥିଲେ। ଫଳରେ ଗତମାସ ୨୪ତାରିଖରେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ନାଗରିକ କମିଟି ତରଫରୁ ରେଳ ବିଭାଗ ଓ ଜିଲା ପ୍ରଶାସନକୁ ଲିଖିତ ଆକାରରେ ଜଣାଇ ଦିଆଯାଇଥିଲା। ସେହି ଆଧାରରେ ନାଗରିକ କମିଟି ସଦସ୍ୟମାନେ ସକାଳ ୬ଟା ସମୟରେ ଷ୍ଟେଶନରେ ଏକତ୍ରିତ ହୋଇ ଆନ୍ଦୋଳନ କରିଥିଲେ। ଫଳରେ ମୁମ୍ବାଇ-ହାଓଡା ମେନ୍ ଲାଇନରେ ରେଳ ଚଳାଚଳ ବନ୍ଦ ରହିଥିଲା। ଘଟଣାସ୍ଥଳରେ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଅତିରିକ୍ତ ଏସ୍‌ପି କେଶବ ଚନ୍ଦ୍ର ବେହେରା, ତହସିଲଦାର, ପୌର ନିର୍ବାହୀ ଅଧିକାରୀଙ୍କ ସହିତ ୧୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଖବର ଲେଖାଯିବା ସୁଦ୍ଧା ପୋଲିସ ଆମ ଆଦ୍‌ମୀ ପାର୍ଟିର ଜିଲା ସମ୍ପାଦକ କୁମୁଦ ରଞ୍ଜନ, ଯୁବ କଂଗ୍ରେସ ସଭାପତି ଦେବେଶ ପଣ୍ଡାଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ କମିଟି ସଦସ୍ୟଙ୍କୁ ଗିରଫ କରିଥିବା ବ୍ରଜରାଜନଗର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍ ସୂଚନା ଦେଇଛନ୍ତି।



ବ୍ରଜରାଜନଗର ରେଳ ଷ୍ଟେଶନରେ ଉତ୍ତେଜନାମୂଳକ ପରିସ୍ଥିତି।

## ହଷ୍ଟେଲ ଛାତରୁ ଖସି ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ରାୟଗଡା ଅଫିସ/ବିଷମକଟକ,୫।୫(ଡି.ଏନ.ଏ.)

ରାୟଗଡା ଜିଲା ବିଷମକଟକ ବ୍ଲକ ବେଠିଆପଡା ପଞ୍ଚାୟତର କପାପଦର ହାଇସ୍କୁଲ ହଷ୍ଟେଲରେ ରହି ପଢୁଥିବା ଭରତ ବିଡିକା ଗୁରୁବାର ଛାତରୁ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଭରତ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିଲେ। ରାତି ସାଢେ ୮ଟା ବେଳେ ସେ ହଷ୍ଟେଲର ଛାତ ଉପରକୁ ଯାଇଥିଲେ। ଅସାବଧାନତାବଶତଃ ଭରତ ତଳକୁ ଖସି ପଡିଥିଲେ। ତାଙ୍କୁ ଶିକ୍ଷକମାନେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।






# ଅଙ୍ଗାରକାମ୍ଳ ଗ୍ୟାସ୍ ଲିକ୍: ଲୋକେ ଅଣନିଃଶ୍ୱାସୀ

## ଜାତୀୟ ରାଜପଥରେ ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ



ଟ୍ୟାଙ୍କରରୁ ଅଙ୍ଗାରକାମ୍ଳ ଗ୍ୟାସ୍ ଲିକ୍ ହେଉଛି।

ନୟାଗଡ଼ ଅଫିସ/ରଣପୁର, ୫।୫(ସ୍ୱ.ପ୍ର.)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ନୟାଗଡ଼ ଜିଲା ରଣପୁର ଥାନା ଅନ୍ତର୍ଗତ ରାଜସୁନାଖଳା ନିକଟ ବିନୋଦପଡ଼ା ଛକରେ ଗୁରୁବାର ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ଅଙ୍ଗାରକାମ୍ଳ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଟ୍ୟାଙ୍କରରୁ ବହୁ ପରିମାଣର ଅଙ୍ଗାରକାମ୍ଳ ଗ୍ୟାସ୍ ଲିକ୍ ହୋଇଥିଲା। ସେହି ଗ୍ୟାସ୍ ଯୋଗୁ ଜାତୀୟ ରାଜପଥରେ ଗାଡ଼ିମୋଟର ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଲୋକେ ଅଣନିଃଶ୍ୱାସୀ ହୋଇପଡିଥିଲେ। ଗ୍ୟାସ୍ ଲିକ୍ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବୌଦ୍ଧରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ହାଇୱାକୁ ପଛପଟୁ ଏହି ଗ୍ୟାସ୍ ଟ୍ୟାଙ୍କର ଧକ୍କା ଦେବାରୁ ଦୁର୍ଘଟଣା ଘଟିଛି। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରେ ପ୍ରାୟ ୧୩ ହଜାର ଲିଟର ଗ୍ୟାସ୍ ରହିଛି ବୋଲି ସୂଚନା ମିଳିଛି। ଯଦି ଗ୍ୟାସ୍ ଟାଙ୍କିଟି ଫାଟିଯିବ ପରିସ୍ଥିତି ଗୁରୁତର ହେବ ବୋଲି ପ୍ରଚାରିତ ହେବା ପରେ ଲୋକମାନେ ସେହି ସ୍ଥାନ ଛାଡ଼ି ପଳାଇଥିଲେ। ଦୁର୍ଘଟଣାର ପ୍ରାୟ ୧ ଘଣ୍ଟା ପରେ ରଣପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଛି । ଏହି ଖବର ଲେଖାହେବା ପର୍ଯ୍ୟନ୍ତ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ସୂଚନା ମିଳିଛି।



ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। **–ଶ୍ରୀମା**



# ଶାସନରେ ଇତିହାସର ଦାବି



ଏଡୋଆର୍ଡୋ କ୍ୟାମ୍ପେନେଲା

ମହାମାରୀ ପୂର୍ବରୁ ନୋଷ୍ଟାଲଜିକ୍ (ଅତୀତର ଗୌରବକୁ ମନେପକାଇ ସ୍ୱପ୍ନାଭିଳାଷ କିମ୍ବା ଆସକ୍ତ ଭାବ ପୋଷଣ କରିବା) ବୈଶ୍ୱିକ ରାଜନୀତିରେ ଏକ ପ୍ରମୁଖ ଶକ୍ତି ଥିଲା। ଆମେରିକାକୁ ପୁନଶ୍ଚ ମହାନ୍ କରି ଗଢ଼ିତୋଳିବା ଲାଗି ପ୍ରତିଶ୍ରୁତି ଦେଇ ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିଥିଲେ। ଇଂଲଣ୍ଡର ରାଜକୀୟ ସାମ୍ରାଜ୍ୟକୁ ଆଦର୍ଶ ଭାବେ ଗ୍ରହଣ କରି ବ୍ରେଜିକ୍ଟର୍ସ(ୟୁରୋପୀୟ ସଂଘରୁ ବାହାରେ ଥିବା ଇଂଲଣ୍ଡର ସପକ୍ଷବାଦୀ ଦେଶଗୁଡ଼ିକ) ସେମାନଙ୍କ ରାଜନୈତିକ ଯୁଦ୍ଧରେ ଆଂଶିକ ବିଜୟୀ ହୋଇଥିଲେ। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଚାଇନିଜ୍‌ମାନଙ୍କୁ ଏକ ପ୍ରଭାବୀ, ଅତ୍ୟାଧୁନିକ ଜୀବନ ଦେବା ଲାଗି ଘୋଷଣା କରିଥିଲେ। ତୁର୍କୀ ରାଷ୍ଟ୍ରପତି ରିସେପ୍ ତୟିପ ଏର୍ଡୋଗାନ୍ ନବ ଓଟୋମାନ ମହତ୍ତ୍ୱାକାଂକ୍ଷାଗୁଡ଼ିକୁ ଆପଣେଇଥିଲେ ଏବଂ ହଙ୍ଗେରିର ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ ପ୍ରଥମ ବିଶ୍ୱଯୁଦ୍ଧ ପରେ ପ୍ରାଦେଶିକ କ୍ଷତିକୁ ନେଇ ଦୁଃଖ ପ୍ରକାଶ କରିଥିଲେ। ତେବେ କୋଭିଡ୍–୧୯ ମହାମାରୀ ପ୍ରକାଶ ପାଇବାବେଳେ ଉକ୍ତ ସଙ୍କଟକୁ ମୁକାବିଲା କରିବା ଉପରେ ଧ୍ୟାନଦେବାକୁ ପଡ଼ିବାରୁ ଏହିସବୁ ଭାବନା ବନ୍ଦ ହୋଇଗଲା। ଏବେ ମହାମାରୀ ଦୁର୍ବଳ ହେବା ଲକ୍ଷ୍ୟ କରାଉଥିବାବେଳେ ଏବେ ନୋଷ୍ଟାଲଜିଆ ଅନ୍ୟର କ୍ଷତି କରିବା ଭାବନା ସହ ଫେରିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋଭିଏତ୍ ସଂଘର ପୂର୍ବ ଗୌରବକୁ ସ୍ମରଣ କରି ପ୍ରତିଶୋଧାତ୍ମକ ରାଜନୀତିକୁ ଗ୍ରହଣ କରିଛନ୍ତି। ମିଥ୍ୟାକୁ ଆଧାର କରି ୟୁକ୍ରେନ୍ ବିରୋଧରେ ଯୁଦ୍ଧ କରି ଏହା ପ୍ରତିପାଦିତ କରିଛନ୍ତି। ରୁଷୀୟ ଇତିହାସ, ସଂସ୍କୃତି ଏବଂ ଆଧ୍ୟାତ୍ମିକତାର ୟୁକ୍ରେନ୍ ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହି ପୁଟିନ୍ ଯୁଦ୍ଧ ଆରମ୍ଭ କରିଛନ୍ତି। ଅତୀତର ଗୌରବ ଗାଥା ପ୍ରତି ଅଭିଳାଷ ପୋଷଣ କରୁଥିବାରୁ, ଏକ ବୃହତ୍ ସମ୍ପର୍କ ଶେଷକରି ଅଶାନ୍ତ ପରିବେଶ ସୃଷ୍ଟି କରିବା ପରେ ପୁଟିନ ଏକ ସୁବର୍ଣ୍ଣ ଯୁଗର ପରିକଳ୍ପନା କରିଛନ୍ତି। ଏହି ସୁବର୍ଣ୍ଣ ଯୁଗ ହେଉଛି ରୁଷିଆର ରାଜତନ୍ତ୍ରର ଏକଚ୍ଛତ୍ରବାଦ ଶାସନ। ଏଥିରେ ୟୁକ୍ରେନ ସମ୍ପୂର୍ଣ୍ଣ ଏକୀକୃତ ହୋଇ ରହିଥିଲା। ଯେତେବେଳେ ଭ୍ଲାଡିମିର ଲେଲିନ୍ ପୁରାତନ ରୁଷୀୟ ସାମ୍ରାଜ୍ୟରୁ ଏକ ସଂଘୀୟ ସୋଭିଏତ୍ ନ୍ୟାଶ୍‌ନାଲ ରିପବ୍ଲିକ ସୃଷ୍ଟି କଲେ ସେତେବେଳେ ଏହି ସମ୍ପର୍କ ତୁଟିଲା। ପୁଟିନ୍‌ଙ୍କ ମତରେ ଏହା ପରେ ଆଧୁନିକ ୟୁକ୍ରେନ୍ ରୁଷିଆ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଗଢ଼ାଯାଇଥିଲା। ଶେଷରେ ଏହାକୁ ଭଙ୍ଗ କରିବା ମନୋଭାବ ହିଁ ଏବକାର ଅଶାନ୍ତ ସ୍ଥିତି ପାଇଁ ଦାୟୀ।



ଅନେକ ଉପାୟରେ ନୋଷ୍ଟାଲଜିକ୍ ଜାତୀୟତାବାଦ ଆମ ସମୟର ରାଜନୈତିକ ଅସୁସ୍ଥତାର କାରଣ ହୋଇଛି। ରାଜକୀୟ ସାମ୍ରାଜ୍ୟର ଅନେକ ଶତାବ୍ଦୀ ପରେ ଏକ ସାଧାରଣ ତଥା ମଧ୍ୟମ ଆକାରର ଦେଶରେ ପରିବର୍ତ୍ତିତ ଇଂଲଣ୍ଡକୁ ବ୍ରେଜିକ୍ଟରମାନେ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ । ଆମେରିକାର ଉଦାର ଆଧିପତ୍ୟର ଶେଷ ପରିଣାମ ରାଜ ଶାସନ ପର ଶକ୍ତି ଯଥା ଚାଇନା, ରୁଷିଆ, ତୁର୍କୀ ଏବଂ ହଙ୍ଗେରିକୁ ପୃଥିବୀରେ ସେମାନଙ୍କ ପୂର୍ବ ପ୍ରତିଷ୍ଠାକୁ ପୁଣି ପ୍ରଭାବୀ ବୋଲି ସାବ୍ୟସ୍ତ କରିବା ଲାଗି ଅନୁକୂଳ ସ୍ଥିତି ସୃଷ୍ଟି କରିଛି; ଯଦିଓ ସେମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ଓ ସଙ୍କଳ୍ପର ବ୍ୟାପକ ପ୍ରଭେଦ ରହିଛି। ଟ୍ରମ୍ପ ଏହି ଶକ୍ତିଗୁଡ଼ିକୁ 'ଆମେରିକା ପ୍ରଥମ' କାର୍ଯ୍ୟକ୍ରମ' ଦ୍ୱାରା ରୋକିବାକୁ ଚେଷ୍ଟା କରିଥିଲେ। ବିତି ଯାଇଥିବା ଦିନଗୁଡ଼ିକୁ ମନେ ପକାଇ ସେଠାକୁ ଫେରିଯିବାର ଅଭିଳାଷ କ୍ଷତିକାରକ ନୁହେଁ। କିନ୍ତୁ ଏହାକୁ ଭିନ୍ନ ବାଟରେ ନେତାମାନେ ପ୍ରୟୋଗ କରୁଛନ୍ତି। ଏକ ଆଦର୍ଶଗତ ଅତୀତ ପାଇଁ ଭାବୁକତା ଓ ଐତିହାସିକ ଆଧାରିତ ଆହ୍ୱାନସବୁ ଉଗ୍ର ରାଷ୍ଟ୍ରବାଦୀ ନେତାମାନଙ୍କର ବ୍ୟବସାୟ ହୋଇଯାଇଛି। ଅତୀତକୁ ମନେପକାଇବା ଏକ ସାଧନ ହୋଇଯାଇଛି ଯାହା ଏକବାର ରାଜନୈତିକ ବିଚାରଧାରାକୁ କଳୁଷିତ କରୁଛି। ଏହା ରଢ଼ିବାଦ ଏବଂ ବହୁ ସମୟରେ ବିପଜ୍ଜନକ ନୀତି ପରିବର୍ତ୍ତନ ଲାଗି କ୍ଷେତ୍ର ପ୍ରସ୍ତୁତ କରୁଛି। ଗୌରବମୟ ଇତିହାସର କ୍ଷଣଗୁଡ଼ିକୁ ପୁନର୍ଜୀବିତ କରିବା ଏକ ସରକାରକୁ ଧନ ଓ କ୍ଷମତା ହାସଲ କରିବା , ବିପଦ ଆମନ୍ତ୍ରଣ କରିବା ଏବଂ ଏବକାର ବୈଶ୍ୱିକ ବ୍ୟବସ୍ଥାକୁ ଅବଜ୍ଞା କରିବା ଲାଗି ପ୍ରେରିତ କରିପାରେ। ବିଶେଷକରି ପୁରାତନ ସମାଜଗୁଡ଼ିକ ଯେଉଁଠାରେ ସଂଖ୍ୟାଧିକ ଲୋକଙ୍କର ଅତୀତକୁ ଆଦର୍ଶ ଭାବେ ଗ୍ରହଣ କରିବା ଇଚ୍ଛା ରହିଛି, ସେଠାରେ ନୋଷ୍ଟାଲଜିଆ ଓ ଜାତୀୟତାବାଦର ଦୃଢ଼ ସମ୍ପର୍କ ରହିଛି।

ରୁଷିଆ ଓ ଆମେରିକାର ସାଂସ୍କୃତିକ ସିଦ୍ଧାନ୍ତବାଦୀ ସ୍ୱେତଲାନା ବୋୟିମ୍ ନିର୍ଦ୍ଦିଷ୍ଟ ଭାବେ ଦୁଇ ପ୍ରକାର ନୋଷ୍ଟାଲଜିଆ ଚିହ୍ନଟ କରିଛନ୍ତି। ଗୋଟିଏ ହେଉଛି ବିଚାରଶୀଳ ନୋଷ୍ଟାଲଜିଆ ଓ ଅନ୍ୟଟି ହେଉଛି କ୍ଷମତା ବର୍ଦ୍ଧକ ନୋଷ୍ଟାଲଜିଆ। ବିଚାରଶୀଳ ନୋଷ୍ଟାଲଜିଆ ହିତକରୀ। ଏହା ଅତୀତକୁ ଗୁରୁତ୍ୱପୂର୍ଣ୍ଣ ଭାବେ ଯାଞ୍ଚ କରେ ହଜିଯାଇଥିବା କିଛି ଏଭଳି ବିଷୟକୁ ସ୍ୱୀକୃତି ଦେଇଥାଏ। ଏହି ଧାରାରେ ବହୁତ କିଛି ଲାଭ ହୋଇଥାଏ। ଅନ୍ୟପଟେ ପ୍ରଭାବଶାଳୀ ଶକ୍ତି ବା କ୍ଷମତା ବର୍ଦ୍ଧକ ନୋଷ୍ଟାଲଜିଆ ହୃତ ଅତୀତକୁ ପୁନଃ ପ୍ରତିଷ୍ଠା କରିବାକୁ ଚାହେଁ। ୟୁରୋପୀୟ ସଂଘରୁ ବାହାରିଆସିଥିବା ଦେଶ ଏବଂ ରୁଷିଆର ୟୁକ୍ରେନ ଆକ୍ରମଣ ମଧ୍ୟରେ ପ୍ରଭେଦ ପୂରା ସ୍ପଷ୍ଟ । ଉଭୟେ ଅତୀତକୁ ସ୍ମରଣ କରି ବର୍ତ୍ତମାନକୁ ନଷ୍ଟ କରିବାକୁ ଚେଷ୍ଟା କରିଛନ୍ତି। ବ୍ରେଜିକ୍ଟରମାନେ ଏଡୱାର୍ଡିଆନ ଯୁଗକୁ ଫେରିଯିବାକୁ ଚାହାନ୍ତି। ସେହିଭଳି ପୁଟିନ୍ ପୁରାତନ ସାମ୍ରାଜ୍ୟ ଢାଞ୍ଚାକୁ ଫେରିଯିବାକୁ ଚାହୁଁଛନ୍ତି।

ଏକଚ୍ଛତ୍ରବାଦ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ନୋଷ୍ଟାଲଜିଆ ରାଜନୀତିର ବହୁ ପ୍ରଭେଦ ରହିଛି। ପୁଟିନ୍‌ଙ୍କ ଭଳି ବ୍ରେଜିକ୍ଟରମାନଙ୍କୁ ସେମାନେ ନେଉଥିବା ପଦକ୍ଷେପ ପାଇଁ ଅଧିକାଂଶ ଭୋଟରମାନଙ୍କୁ ମନେଇବାକୁ ପଡ଼ି ନ ଥିଲା। ଗଣତନ୍ତ୍ରରେ ମୁଖ୍ୟଧାରାର ଦଳଗୁଡ଼ିକ ଦେଶର ଇତିହାସକୁ ଏକଚାଟିଆ କରିବା ପାଇଁ ନିଆଯାଉଥିବା ନୋଷ୍ଟାଲଜିକ ପଦକ୍ଷେପଗୁଡ଼ିକ ପ୍ରତି ଆହ୍ୱାନ ସୃଷ୍ଟି କରିଥାଆନ୍ତି। ସେମାନେ ଅନୁକୂଳ ନୋଷ୍ଟାଲଜିଆ ତୁଳନାରେ କ୍ଷମତା ବର୍ଦ୍ଧକ ନୋଷ୍ଟାଲଜିଆକୁ ବିରୋଧ କରନ୍ତି। କିନ୍ତୁ ଏକଚ୍ଛତ୍ରବାଦୀ ଶାସନରେ, ବିରୋଧୀ ଥିଲେ ମଧ୍ୟ ସେମାନେ ଶାସନରେ ଇତିହାସର ଦାବିକୁ ନେଇ ବ୍ୟବସ୍ଥା ବିରୋଧରେ ପ୍ରତିକ୍ରିୟା ପ୍ରକାଶ କରିପାରନ୍ତି ନାହିଁ। ବିଶେଷକରି ଏହାର ଭାବନାତ୍ମକ ନିବେଦନ ନେତାମାନଙ୍କର ଆତ୍ମବାଦକୁ ବଢ଼ାଇଦିଏ ଓ ଏକଚ୍ଛତ୍ରବାଦରେ ନୋଷ୍ଟାଲଜିଆ ଅଧିକ ବିପଜ୍ଜନକ ହୋଇଥାଏ। ଏସବୁ ଘଟଣାରେ ସମାଧାନର ଏକମାତ୍ର ପନ୍ଥା ହେଉଛି ସେମାନଙ୍କ କ୍ଷତିକାରକ ଭାବନାକୁ ହ୍ରାସ କରିବା ଲାଗି ଭିନ୍ନ ଭିନ୍ନ ଶକ୍ତିଗୁଡ଼ିକ ସହିତ ଅନ୍ତର୍ଜାତୀୟ ଚୁକ୍ତି କରାଯିବା ଦରକାର। ଏଭଳି ଏକ ପଦକ୍ଷେପ ଚାଇନା ପାଇଁ ଆବଶ୍ୟକ। ଶି ଜିନ୍‌ପିଙ୍ଗ ଚାଇନାର ଇତିହାସ ଉପରେ ଲଗାତର ଜୋର ଦେଇ ତା' ରାଜକୀୟ ଇତିହାସ ସହ ଏବକାର ଶାସନ ବ୍ୟବସ୍ଥାକୁ ଯୋଡ଼ିଚାଲିଛି। ମନେରଖିବାକୁ ହେବ ଯେ,ଏକ ବୃହତ୍ ପୁନର୍ଗଠନର ଧାରଣା ଏକ ସୁନ୍ଦର ଭବିଷ୍ୟତ ପାଇଁ ଏକ ନକ୍ସା ଯୋଗାଇଦେବ ଓ ଏହା ହାସଲ କରିବା ଲାଗି ଏବକାର ବ୍ୟବସ୍ଥାକୁ ଭାଙ୍ଗିବାକୁ ବି ଦରକାର ପଡ଼ିବ ନାହିଁ।

**ସିନିୟର ଫେଲୋ, ମୋଜାଭର୍–ରାହମନି ସେଣ୍ଟର୍ ଫର୍ ବିଜ୍‌ନେସ ଆଣ୍ଡ ଗଭର୍ନମେଣ୍ଟ, ହାର୍ଭାର୍ଡ କେନେଡି ସ୍କୁଲ**

# କଠୋପନିଷଦର ପ୍ରତିପାଦ୍ୟ ସିଦ୍ଧାନ୍ତ



ଡା. ଗୋପାଳ ଚନ୍ଦ୍ର ଦାଶ

କଠୋପନିଷଦର ବିଷୟବସ୍ତୁ ମୁଖ୍ୟତଃ ବ୍ରହ୍ମ ଓ ଆତ୍ମା ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ। ଉପନିଷଦକାର ଯମ–ନଚିକେତା ଖବର ମାଧ୍ୟମରେ ଏହି ତତ୍ତ୍ୱକୁ ଅଗ୍ନିବିଦ୍ୟା ଓ ଆତ୍ମବିଦ୍ୟା ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରଶ୍ନୋତ୍ତର ମାଧ୍ୟମରେ ଆଚାର୍ଯ୍ୟ ଯମ ଶିଷ୍ୟ ନଚିକେତାଙ୍କୁ ସ୍ୱର୍ଗସୁଖର ଗୂଢ଼ ରହସ୍ୟ 'ଅଗ୍ନିବିଦ୍ୟା' ଓ ଜନ୍ମ–ମୃତ୍ୟୁର ଗୂଢ଼ ରହସ୍ୟ 'ଆତ୍ମବିଦ୍ୟା' ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିଛନ୍ତି। କଠ ଉପନିଷଦର କୃଷ୍ଣ ଯଜୁର୍ବେଦର କଠ ଶାଖା ଅନ୍ତର୍ଗତ। ଏଥିରେ ଦୁଇଟି ଅଧ୍ୟାୟ ଓ ପ୍ରତି ଅଧ୍ୟାୟରେ ତିନିଟି ବଲ୍ଲୀ ଅଛି। ଏହି ଉପନିଷଦର ମନ୍ତ୍ର ସଂଖ୍ୟା ୧୧୯। ନଚିକେତାଙ୍କ ପିତା ଉଦ୍ଦାଳକ ଋଷି ସ୍ୱର୍ଗସୁଖ ପ୍ରାପ୍ତି ପାଇଁ ବିଶ୍ୱଜିତ୍ ଯଜ୍ଞ ଆୟୋଜନ ପୂର୍ବକ ଜରାଜୀର୍ଣ୍ଣ ଗାଈଗୁଡ଼ିକୁ ଯଜ୍ଞରେ ଦାନ କରିବାର ଦେଖି ନଚିକେତାଙ୍କ ମନରେ ଦୁଃଖ ଜାତ ହେଲା। କାରଣ, ଯେଉଁ ଦାନ ଦ୍ୱାରା ଦାତା ଓ ଗ୍ରହୀତା କାହାର ଉପକାର ହୁଏ ନାହିଁ, ସେହି ଦାନ ମୂଲ୍ୟହୀନ। ନିଜ ପୁତ୍ର ନଚିକେତାଙ୍କୁ କାହାକୁ ଦାନ କରିବେ ବୋଲି ବାରମ୍ବାର ପ୍ରଶ୍ନ କରିବାରୁ ପିତା ବିରକ୍ତି ପ୍ରକାଶ କରି ତାଙ୍କୁ ମୃତ୍ୟୁର ଦେବତା ଯମଙ୍କୁ ଦାନ କରିବା କଥା କହିବାରୁ, ପିତାଙ୍କ ଆଦେଶ ପାଳନ କରି ନଚିକେତା ଯମଙ୍କ ପାଖକୁ ପ୍ରସ୍ଥାନ କଲେ। ଯମରାଜାଙ୍କର ଦର୍ଶନ ପାଇଁ ନଚିକେତା ଭୋକ ଉପାସରେ ତିନିଦିନ ଅପେକ୍ଷା କରିବାରୁ, ଯମରାଜା ପ୍ରସନ୍ନ ହୋଇ ତାଙ୍କୁ ତିନୋଟି ବର ମାଗିବା ପାଇଁ ଆଦେଶ କଲେ। ନଚିକେତା ପ୍ରଥମ ବରରେ ପିତାଙ୍କ ପ୍ରସନ୍ନତା, ଦ୍ୱିତୀୟ ବରରେ ସ୍ୱର୍ଗସୁଖ ପ୍ରଦାୟିନୀ 'ଅଗ୍ନିବିଦ୍ୟା' ଓ ତୃତୀୟ ବରରେ ଜନ୍ମ–ମୃତ୍ୟୁ ଚକ୍ରରୁ ମୁକ୍ତି 'ଆତ୍ମବିଦ୍ୟା' ପ୍ରାପ୍ତି ପାଇଁ ଅନୁଗ୍ରହ ପ୍ରକାଶ କଲେ। ଯମଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସାରିକ ପ୍ରଲୋଭନ ସତ୍ତ୍ୱେ ନଚିକେତା ତାଙ୍କ ମାର୍ଗରେ ଅବିଚଳିତ ରହିବାରୁ ଯମଦେବତା ଅନ୍ତିମରେ ପରମାତ୍ମାଙ୍କ ସର୍ବବ୍ୟାପକତା, ଆତ୍ମା ଓ ପରମାତ୍ମାଙ୍କ ମଧ୍ୟରେ ସମ୍ବନ୍ଧ, ସଂସାରର ନଶ୍ୱରତା, ଯଜ୍ଞ ଦ୍ୱାରା ସ୍ୱର୍ଗପ୍ରାପ୍ତି ତଥା ଯୋଗ ସାଧନ ଓ ଈଶ୍ୱର ବିଶ୍ୱାସ ଦ୍ୱାରା ମୋକ୍ଷ୍ୟ ପ୍ରାପ୍ତିର ମାର୍ଗ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କଲେ।

ସ୍ୱର୍ଗସୁଖର ଗୂଢ଼ ରହସ୍ୟ ସମ୍ବନ୍ଧରେ ବର୍ଣ୍ଣନା କରି ଆଚାର୍ଯ୍ୟ ଯମ କହିଛନ୍ତି ଯେ, ସୁଖ ଦୁଇପ୍ରକାର– ଭୌତିକ ଓ ଆଧ୍ୟାତ୍ମିକ ଏବଂ ଏହି ସୁଖପ୍ରାପ୍ତି ପାଇଁ ମାର୍ଗ ମଧ୍ୟ ଦୁଇ ପ୍ରକାର– ଶ୍ରେୟ ଓ ପ୍ରେୟ ମାର୍ଗ। ସାଂସାରିକ ବିଷୟ ବାସନାଦି ଉପଭୋଗରୁ ମିଳୁଥିବା ସୁଖ ଭୌତିକ, ମାତ୍ର ସଂସାରରୁ ମୁକ୍ତ ହୋଇ ବ୍ରହ୍ମ ସାକ୍ଷାତ୍‌କାର ଦ୍ୱାରା ଯେଉଁ ସୁଖ ମିଳେ ତାହା ଶାଶ୍ୱତ ସୁଖ। ଶ୍ରେୟ ମାର୍ଗ କଲ୍ୟାଣ ସାଧନ ପାଇଁ ଉଦ୍ଦିଷ୍ଟ ହେଉଥିବା ବେଳେ ପ୍ରେୟ ମାର୍ଗ ପ୍ରୀତି ସାଧନ ପାଇଁ ଉଦ୍ଦିଷ୍ଟ। ପ୍ରେୟ ମାର୍ଗରେ ଗତି କରୁଥିବା ବ୍ୟକ୍ତି ସାଂସାରିକ ସୁଖକୁ ଉପଭୋଗ କରି ଜନ୍ମ–ମୃତ୍ୟୁ ଚକ୍ରରେ ଘୂରୁଥିବା ବେଳେ ପ୍ରେୟ ମାର୍ଗ ଅନୁସରଣ କରୁଥିବା ବ୍ୟକ୍ତି ବ୍ରହ୍ମ ସାକ୍ଷାତକାର ଦ୍ୱାରା ଜୀବନ୍ମୁକ୍ତ ହୋଇଥାଏ। ବୁଦ୍ଧିମାନ ବ୍ୟକ୍ତି ପ୍ରିୟ ଲାଗୁଥିବା ଯୋଗ–ସାଧନା ଅପେକ୍ଷା କଲ୍ୟାଣ ପଥକୁ ଶ୍ରେୟସ୍କର ବୋଲି ନିଶ୍ଚିତ କରି ବରଣ କରିଥାଆନ୍ତି। କାଠରେ ଅଗ୍ନି ଗୁପ୍ତଭାବରେ ରହିବା ପରି ସର୍ବସୁଖ ପ୍ରଦାୟିନୀ ଅଗ୍ନିବିଦ୍ୟା ମନୁଷ୍ୟର ଅନ୍ତଃକରଣରେ ପ୍ରବୃତ୍ତି ଭାବରେ ବିଦ୍ୟମାନ। ଏହି ଦିବ୍ୟଶକ୍ତି ରୂପକ ବୀଜର ଜାଗରଣ ଓ ସଂଯୋଜନ ଦ୍ୱାରା ସାଧାରଣ ବ୍ୟକ୍ତି ମହାନ୍ ହୋଇଥାଏ। ବିଷୟାସକ୍ତ ବ୍ୟକ୍ତିର ଏହି ସୁପ୍ତ ପ୍ରତିଭା ସାଂସାରିକ କାମନା–ବାସନାରେ ଲିପ୍ତ ରହିବା ଦ୍ୱାରା ଦିବ୍ୟାନୁଭୂତି ପ୍ରାପ୍ତ ପାଇଁ ଉପଯୋଗୀ ହୋଇ ନ ଥାଏ। ପିତା, ମାତା ଓ ଆଚାର୍ଯ୍ୟଙ୍କଠାରୁ ଲାଭ କରିଥିବା ଦିବ୍ୟଜ୍ଞାନ ରୂପକ ଅଗ୍ନିକୁ ନିଜର ଅନ୍ତଃକରଣରେ ପ୍ରଜ୍ଞା, ସଂକଳ୍ପ, ଶ୍ରଦ୍ଧା ଓ ଈଶ୍ୱର ବିଶ୍ୱାସ ସହିତ ଅବଲମ୍ବନ କରି ଜୀବନର ବିଭିନ୍ନ ଅବସ୍ଥା (ବ୍ରହ୍ମଚର୍ଯ୍ୟ, ଗୃହସ୍ଥ ଓ ବାନପ୍ରସ୍ଥ) ଆଦିରେ ପ୍ରଜ୍ୱଳିତ କରିପାରିଲେ ଜୀବନ ଯଜ୍ଞମୟ ହୁଏ ଓ ବ୍ୟକ୍ତି ସୁଖ–ଦୁଃଖ ବନ୍ଧନରୁ ମୁକ୍ତହୋଇ ଶରୀର ତ୍ୟାଗ ପୂର୍ବରୁ ସ୍ୱର୍ଗସୁଖର ଆନନ୍ଦ ପାଇଥାଏ। ଏହା ହେଉଛି ଅଗ୍ନିବିଦ୍ୟା–ଯାହା ସ୍ୱର୍ଗସୁଖର ଗୂଢ଼ ରହସ୍ୟକୁ ପ୍ରତିପାଦନ କରିଥାଏ।

**ମୋ: ୭୮୪୮୮୫୦୯୫୦**

## ଏଇ ଭାରତରେ

ପରିବେଶ ଓ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣି ଆଦିବାସୀମାନଙ୍କୁ ସୁସ୍ଥ ଜୀବନର ବାଟ ଦେଖାଇଛନ୍ତି ମୁମ୍ବାଇର କାସାନ୍ଦ୍ରା ନଜରେଥ ଏବଂ ତାଙ୍କ ଟିମ୍। ଆର୍‌ୟେ ଜଙ୍ଗଲ ଓ ମାଧ ଆଇଲ୍ୟାଣ୍ଡରେ ୱର୍ଲି ସମ୍ପ୍ରଦାୟର ୨,୫୦୦ ପରିବାରକୁ ବାୟୋ ଟଏଲେଟ ଏବଂ ବାୟୋୱେଲ୍ ଯୋଗାଇ ଦେଇଛନ୍ତି। ଏହି ପରିବାରଗୁଡ଼ିକୁ ଆତ୍ମନିର୍ଭରଶୀଳ କରିବା ଲାଗି ମଧ୍ୟ ଅନେକ ପଦକ୍ଷେପ ନେଇଛନ୍ତି। ଗତ ୬ ବର୍ଷ ହେଲା ସେମାନେ ଏହି କାର୍ଯ୍ୟ କରି ଆସୁଛନ୍ତି। ପ୍ରତି ୮ଟି ପରିବାର ପାଇଁ ଗୋଟିଏ ପାଇଖାନା ରଖାଯାଇଛି। ଏଥିପାଇଁ କାସାନ୍ଦ୍ରା ଓ ତାଙ୍କ ଟିମ୍ ନଜରେଥା ଫାଉଣ୍ଡେଶନ ମାଧ୍ୟମରେ ସବୁ ଖର୍ଚ୍ଚ କରୁଛନ୍ତି। ପ୍ରତ୍ୟେକଟି ବାୟୋ ଟଏଲେଟ ଲାଗି ୫୫,୦୦୦ ଟଙ୍କା ଖର୍ଚ୍ଚ କରାଯାଇଛି। କେବଳ ଏତିକି ନୁହେଁ ଆଦିବାସୀମାନଙ୍କ ପାଇଁ ଏମାନେ ପାନ୍ କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ବି ଖୋଲିଛନ୍ତି। ଯୁବ ୱର୍ଲି ଯୁବକମାନଙ୍କୁ ୱର୍ଲି କଳା ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ୱର୍ଲି ମହିଳାମାନଙ୍କୁ ସିଲାଇ ମେଶିନ ଯୋଗାଇ ଦେଇ ଆତ୍ମନିର୍ଭରଶୀଳ କରିପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୬ ମେ ୧୯୯୭

- ଜାଇରେରେ ୨୦୦ରୁ ଊର୍ଦ୍ଧ୍ୱ ରୁଆଣ୍ଡା ଶରଣାର୍ଥୀଙ୍କୁ ନେଇ କିସାଙ୍ଗନୀ ଯାଉଥିବା ବେଳେ ଟ୍ରେନ୍ ଦୁର୍ଘଟଣା ଘଟି ୯୧ ମୃତ।
- ଚୀନର ଶାନଡଙ୍ଗ ଅଞ୍ଚଳରେ ଥିବା ନାନ୍ ଜାଇଏ ଖଣିରେ ଗ୍ୟାସ୍ ବିସ୍ଫୋରଣ ଘଟି ୩୨ ନିହତ।
- ଉତ୍ତର ପ୍ରଦେଶର ମିରଟ୍ ଜିଲାରେ ଏକ ଜିପ୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ପିଲାଙ୍କ ସମେତ ୧୨ ଜଣ ଯାତ୍ରୀଙ୍କ ମୃତ୍ୟୁ।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | 5 | 3 | | | | | 4 |
| | | | | | 7 | | | |
| 7 | | 3 | 2 | 1 | | 8 | 9 | |
| | 3 | | | | 6 | 5 | 7 | |
| 5 | | | 9 | | 8 | | 1 | |
| | | | | | | | | |
| | 4 | 1 | | 9 | | | 6 | |
| | 2 | | | 4 | | | | |
| | | | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 6 | 8 | 5 | 7 | 9 | 3 | 1 |
| 1 | 3 | 5 | 4 | 2 | 9 | 6 | 7 | 8 |
| 8 | 7 | 9 | 1 | 6 | 3 | 5 | 4 | 2 |
| 7 | 6 | 8 | 9 | 3 | 2 | 1 | 5 | 4 |
| 2 | 9 | 1 | 5 | 8 | 4 | 7 | 6 | 3 |
| 5 | 4 | 3 | 6 | 7 | 1 | 8 | 2 | 9 |
| 9 | 1 | 7 | 2 | 4 | 6 | 3 | 8 | 5 |
| 6 | 8 | 2 | 3 | 1 | 5 | 4 | 9 | 7 |
| 3 | 5 | 4 | 7 | 9 | 8 | 2 | 1 | 6 |

ଗତକାଲିର ଉତ୍ତର

# ମାଗଣା ଓ ମହଙ୍ଗା



ଡ.ପ୍ରଫୁଲ୍ଲ କୁମାର ସାହୁ

ଏବେ ଭୟଙ୍କର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛି ଶ୍ରୀଲଙ୍କା। ଖାଦ୍ୟପଦାର୍ଥ, ତୈଳ, ରନ୍ଧନ ଗ୍ୟାସ୍, ଔଷଧ ଓ ଦୁଗ୍ଧ ଇତ୍ୟାଦି ଅତ୍ୟାବଶ୍ୟକ ଜିନିଷର ଘୋର ଅଭାବ। ଦର ଆକାଶଛୁଆଁ । ଶ୍ରୀଲଙ୍କା ମୁଦ୍ରା ରୁପିରେ ଚାଉଳ କିଲୋ ୨ଶହ ଓ ରୋଷେଇ ଗ୍ୟାସ୍ ୪ ହଜାର ଉପରେ। ଶହେ ଟଙ୍କା ଦେବାକୁ ପଡୁଛି କପେ ଚା' ପିଇବା ପାଇଁ। ଅତି ଦୟନୀୟ ଅବସ୍ଥା। କୁହାଯାଉଛି ଦୀର୍ଘଦିନ ପର୍ଯ୍ୟନ୍ତ କ୍ଷମତାରେ ରହିବା ଲକ୍ଷ୍ୟରେ ସେଠାକାର ସରକାର ବହୁ ସଂଖ୍ୟାରେ ମାଗଣା ବାଣ୍ଟିବା ଯୋଜନା ଚଳାଇ ରଖିବା ଫଳରେ ଏଭଳି ଆର୍ଥିକ ସଙ୍କଟ ଭିତରକୁ ଠେଲି ହୋଇଗଲା ଦେଶ।

ଶ୍ରୀଲଙ୍କାରେ ଏହି ଆର୍ଥିକ ପରିସ୍ଥିତିକୁ ନେଇ ଆମ ଦେଶରେ ଏବେ ଜୋର୍ ଧରିଛି ଚର୍ଚ୍ଚା। ଏଠାରେ ହୁ ହୁ ହୋଇ ବଢୁଥିବା ଦରଦାମ୍‌କୁ ଦେଖି ଭାରତରେ ଶ୍ରୀଲଙ୍କା ପରିସ୍ଥିତି ଉପୁଜିପାରେ ବୋଲି ଆଶଙ୍କା ବ୍ୟକ୍ତ କଲେଣି ଅନେକ ଲୋକ। କେବଳ ସାଧାରଣ ଲୋକ ନୁହନ୍ତି, ମାଗଣା ବଣ୍ଟନ ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କଲେଣି ଅନେକ ବରିଷ୍ଠ ପ୍ରଶାସନିକ ଅଧିକାରୀ। ସେମାନଙ୍କ ଆଶଙ୍କା ଅନୁଯାୟୀ ବିଭିନ୍ନ ରାଜ୍ୟରେ ଚାଲିଥିବା ମାଗଣା ବଣ୍ଟନ ବ୍ୟବସ୍ଥା ଯୋଗୁ ସମ୍ପୃକ୍ତ ରାଜ୍ୟ ଋଣଯନ୍ତାରେ ପଡ଼ିବା ସଙ୍ଗେ ସଙ୍ଗେ ସଙ୍କଟ ଭିତରକୁ ଟାଣି ହୋଇଯିବ ଜାତୀୟ ଅର୍ଥନୀତି। ସେମାନଙ୍କ ଆଶଙ୍କା ସତ ହୋଇପାରେ, ମାତ୍ର ସେମାନେ କହିବାକୁ ଭୁଲି ଯାଇଛନ୍ତି କେବଳ ରାଜ୍ୟଗୁଡ଼ିକ ନୁହନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ ବଣ୍ଟା ଯାଉଛି ମାଗଣା ରାଶନ, ଗ୍ୟାସ୍ ସଂଯୋଗ, ପକ୍କା ଘର, ବିଦ୍ୟୁତ୍, ଶୌଚାଳୟ ଓ ସ୍ୱାସ୍ଥ୍ୟବୀମା ଆଦି ଯୋଜନା।

ସାଧାରଣତଃ ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟରେ କାର୍ଯ୍ୟକାରୀ ହୁଏ କଲ୍ୟାଣକାରୀ ଯୋଜନା। ଗୋଟିଏ ଦଶନ୍ଧି ପୂର୍ବରୁ ପ୍ରତିଦିନ ଖବରକାଗଜରେ ପୃଷ୍ଠା ମଣ୍ଡନ କରୁଥିଲା ଅନାହାର ମୃତ୍ୟୁ। ତା'ର ପ୍ରତିକାର ପାଇଁ ୨୦୧୩ରେ ପ୍ରଣୟନ ହେଲା ଖାଦ୍ୟ ସୁରକ୍ଷା ଆଇନ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ମାଗଣାରେ କିମ୍ବା ରିହାତି ଦରରେ ମିଳିଲା ଚାଉଳ ଓ ଗହମ ଇତ୍ୟାଦି ଖାଦ୍ୟଶସ୍ୟ। ଏହାଦ୍ୱାରା ଦେଶର ମଥାରୁ ଅନାହାର ମୃତ୍ୟୁଜନିତ କଳଙ୍କ ଲିଭିଲା ସତ କିନ୍ତୁ ହଟିଲାନି ଦାରିଦ୍ର୍ୟ। କେବଳ ଖାଦ୍ୟ ସୁରକ୍ଷା ଆଇନ ନୁହେଁ, ସ୍ୱାଧୀନତା ପରଠାରୁ ଗରିବ ହଟେଇବା ପାଇଁ ଦେଶରେ କାର୍ଯ୍ୟକାରୀ ହୋଇଛି ଯୋଜନା ପରେ ଯୋଜନା। ମାତ୍ର ଏତେସବୁ ଯୋଜନା ସତ୍ତ୍ୱେ ଗରିବ ଓ ଗରିବୀ ବାଟ ଚାଲିଛନ୍ତି ହାତ ଧରାଧରି ହୋଇ। ମନରେ ପ୍ରଶ୍ନ ଉଠେ କ'ଣ ପାଇଁ ହଟୁନି ଦାରିଦ୍ର୍ୟ ? କାହିଁକି ଲମ୍ବି ଲମ୍ବି ଯାଉଛି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ତାଲିକା ? ବିଶେଷଜ୍ଞଙ୍କ ମତରେ ଏହାର ମୂଳ କାରଣ ହେଉଛି କଲ୍ୟାଣକାରୀ ଯୋଜନାର ନକାରାତ୍ମକ ପ୍ରଭାବ। ଅନ୍ୟଭାବରେ କହିଲେ କଲ୍ୟାଣକାରୀ ଯୋଜନାର ଆଭିମୁଖ୍ୟ ଅର୍ଥନୀତିକୁ ଛାଡ଼ି ରାଜନୀତିକୁ ଜାବୁଡ଼ି ଧରିବା ଫଳରେ ବାଟବଣା ହେଉଛି ଯୋଜନା। ଏକଥା ସତ୍ୟ ଯେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ବିଶେଷ କରି ଭିନ୍ନକ୍ଷମ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ଓ ବିଧବା ଭତ୍ତା ଆଦି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକୁ ଚଳେଇ ରଖିବା ସରକାରଙ୍କର ପ୍ରାଥମିକ ଦାୟିତ୍ୱ।



ସାଧାରଣତଃ ଏସବୁ ଯୋଜନା ସମ୍ପର୍କରେ ସରକାର ସଂସଦ ବା ବିଧାନସଭାରେ ଘୋଷଣା କରନ୍ତି ଏବଂ ଏହା କାର୍ଯ୍ୟାନ୍ୱିତ ହୁଏ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ। ମାତ୍ର ରାଜନୀତିକୁ ଜାବୁଡ଼ି ଧରିଥିବା ଯୋଜନାଗୁଡ଼ିକ ସଂସଦ କିମ୍ବା ବିଧାନ ସଭାରେ ନୁହେଁ, ନିର୍ଦ୍ଦିଷ୍ଟ ଦଳର ମୁଖ୍ୟଙ୍କ ଦ୍ୱାରା ଘୋଷଣା ହୋଇଥାଏ ନିର୍ବାଚନ ସଭାରେ। ଏସବୁ ଯୋଜନାର ଭଲମନ୍ଦ ଦିଗ ଉପରେ ବିତର୍କ ହୁଏନି କି ଏଥିପାଇଁ ନ ଥାଏ ଅର୍ଥ ବିଭାଗର ମଞ୍ଜୁରୀ।

ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ବାଣ୍ଟିବା ରାଜନୀତି ନୁହେଁ, ଏହା ଅର୍ଥନୀତିର କଥା। ଏହି ତୁଷ୍ଟୀକରଣ ରାଜନୀତି ଯୋଗୁ ହିତାଧିକାରୀ ଚୟନରେ ଚଞ୍ଚକତା ହେଉଛି ଏବଂ ଲମ୍ବିଯାଉଛି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ତାଲିକା। ଏହାଦ୍ୱାରା ଅକ୍ଷମ ଲୋକ ତ ସକ୍ଷମ ହୋଇପାରୁନି, ବରଂ ସକ୍ଷମ ଲୋକଟା ଅକ୍ଷମର ଅଭିନୟ କରୁଛି ମାଗଣା ମୋହରେ ପଡ଼ି । କହିଲେ ଦେଖି, କର୍ମକୁଶଳୀ ମଣିଷଟା ଯଦି ଶ୍ରମକାତର ହୋଇଯାଏ ତେବେ କେମିତି ହଟିବ ଦାରିଦ୍ର୍ୟ ?

ସରକାର ଜାଣନ୍ତି, ଯେତେ ଯାହା ମାଗଣା ବାଣ୍ଟିଲେ ବି କେବେ ହଟିବନି ଦାରିଦ୍ର୍ୟ। ଏଥିପାଇଁ ଆବଶ୍ୟକ ଉତ୍ତମ ରୋଜଗାର ସମ୍ବଳିତ ସୁରକ୍ଷିତ କର୍ମନିଯୁକ୍ତି। ମାତ୍ର ନିଯୁକ୍ତିକୁ ଅଣଦେଖା କରି ସରକାର ତିଆରି କରୁଛନ୍ତି ମାଗଣା ବଣ୍ଟନ ବ୍ୟବସ୍ଥା। ଅର୍ଥାତ୍ ସରକାର ପରୋକ୍ଷରେ ଚାହୁଁଛନ୍ତି ଲୋକେ ପରାଙ୍ଗପୁଷ୍ଟ ହୋଇ ରହନ୍ତୁ ଏବଂ ସବୁଦିନ ପାଇଁ ନିର୍ଭର କରନ୍ତୁ ସରକାରୀ ସହାୟତା ଉପରେ। ଏହାଦ୍ୱାରା ଜୈବିକ ଦାରିଦ୍ର୍ୟ କମୁଛି ସତ, ମାତ୍ର ମାନସିକ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଉଛି ହିତାଧିକାରୀ। ସେ ବୁଝିପାରୁନି ଏସବୁ ମାଗଣା ବଣ୍ଟନ ବ୍ୟବସ୍ଥାର ଭିତିରି କଥା। ସେ ଦାବି ନ କଲେ ମଧ୍ୟ କାହିଁକି ତାଙ୍କ ଉପରେ ଅଜାଡ଼ି ଦିଆଯାଉଛି ଏତେ ସବୁ ମାଗଣା ଜିନିଷ। ଏହି ମାଗଣା ବଣ୍ଟନର ଶ୍ରେୟ ନେବା ପାଇଁ ପୁଣି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବାରମ୍ବାର ଝଗଡ଼ା ଲାଗୁଛି କାହିଁକି? କେନ୍ଦ୍ର କହୁଛି ଇଏ ମୋ ପଇସା ଏବଂ ରାଜ୍ୟ କହୁଛି ମୋର। ମାତ୍ର ତାହା କେନ୍ଦ୍ରର ନୁହେଁ କି ରାଜ୍ୟର ନୁହେଁ ଲୋକଙ୍କ ଟିକସ୍ ପଇସା। ସରକାର କେବଳ ସେ ପଇସାର ଉତ୍ତରଦାୟୀ। ଲୋକଙ୍କ ପଇସାକୁ ମାଗଣା ବଣ୍ଟନ ବ୍ୟବସ୍ଥାକୁ ନେଇ ଗଣମାଧ୍ୟମରେ ପ୍ରକାଶିତ ଏକ ରୋଚକ କଥାଟିଏ– ଥରେ ମେଣ୍ଢାମାନଙ୍କର ରାଜା ଘୋଷଣା କଲେ ଯେ, ଏଥର ଶୀତଦିନେ ଘୋଡ଼ି ହୋଇ ଶୋଇବା ପାଇଁ ପ୍ରତ୍ୟେକ ମେଣ୍ଢାଙ୍କୁ ରାଜାଙ୍କ ତରଫରୁ ମିଳିବ ଦୁଇଟି କରି କମ୍ବଳ। ଏକଥା ଶୁଣିବା ମାତ୍ରେ ମେଣ୍ଢାମାନଙ୍କର ଖୁସି କହିଲେ ନ ସରେ। ସେମାନେ ଏକାଠି ହୋଇ ରାଜାଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଜଣାଇବା ସହିତ ଆରମ୍ଭ କରିଦେଲେ ନୃତ୍ୟଗୀତ। ଗୋଟିଏ ମେଣ୍ଢା କିନ୍ତୁ ଅନ୍ୟମାନଙ୍କ ଖୁସିର କାରଣ ବୁଝି ନ ପାରି ଚିନ୍ତାମଗ୍ନ ହୋଇ ଠିଆ ହୋଇଥିଲା ସାମାନ୍ୟ ଦୂରରେ। ଅନ୍ୟମାନେ ତା'ର ଉଦାସୀନତାର କାରଣ ସମ୍ପର୍କରେ ପ୍ରଶ୍ନ କଲାରୁ କହିଲା, ତମେମାନେ ରାଜାଙ୍କ ଘୋଷଣା ଶୁଣି ଖୁସି ହେଉଛ ସତ, ହେଲେ ତମେ କେହି କେବେ ଭାବିନାହଁ ତା'ର ପରିଣାମ ସମ୍ପର୍କରେ। ଏହା ରାଜାଙ୍କର ବଦାନ୍ୟତା ଭାବି ତାକୁ ଧନ୍ୟବାଦ ଦେବା ପୂର୍ବରୁ ଥରୁଟିଏ ଭାବିଲ ଦେଖି ଏତେ କମ୍ବଳ ପାଇଁ ରାଜା ପଶମ ପାଇବେ କେଉଁଠୁ ?

**ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ**
**ମୋ:୯୪୩୮୮୫୫୦୮୮**

## ପାଠକ ଶ୍ରେଷ୍ଠ ବିଚାରକ

### ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ନିୟମିତ ବୃଦ୍ଧି ପାଉ

ମହାଶୟ,

କେନ୍ଦ୍ର ଓ ଆମ ରାଜ୍ୟ ସରକାର ସାମାଜିକ ସୁରକ୍ଷା ଯୋଜନାରେ ବୃଦ୍ଧାବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରଦାନ କରୁଛନ୍ତି। ଏହା ମାସିକ ୫୦୦ ଟଙ୍କାରୁ ୮୦୦ ଟଙ୍କା ମଧ୍ୟରେ ସୀମିତ ରହିଛି। ଗତ କିଛିବର୍ଷ ଧରି ଏହି ଭତ୍ତା ରାଶି ବୃଦ୍ଧି ହେଉନାହିଁ। ଆଜି କାଲିର ମହଙ୍ଗା ଯୁଗରେ ଏହି ଭତ୍ତା ରାଶି ଆଦୌ ଯଥେଷ୍ଟ ନୁହେଁ। ମହଙ୍ଗା ମାଡ଼ରେ ଏହି ବର୍ଗର ଗରିବ ଓ ଅସହାୟମାନେ ଅର୍ଥାଭାବରୁ ହନ୍ତସନ୍ତ ହେଉଛନ୍ତି। ବହୁ ରାଜ୍ୟ ସରକାର ଏହି ଭତ୍ତାର ପରିମାଣ ଯଥେଷ୍ଟ ବୃଦ୍ଧି କରିଥିବା ବେଳେ କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ନିରବତା ଚରମ ଦୁର୍ଭାଗ୍ୟଜନକ । ସରକାର ସବୁ ବର୍ଗର କର୍ମଚାରୀ ଓ ଶ୍ରମିକଙ୍କ ଦରମା ଏବଂ ଭତ୍ତା ନିୟମିତ ବୃଦ୍ଧି କରୁଥିବା ବେଳେ ଏମାନଙ୍କ ପ୍ରତି ଅବିଚାର କରିବା ଅନୁଚିତ। ଏଣୁ ଦରବୃଦ୍ଧି ଆଧାରରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ରାଶିରେ ପ୍ରତିବର୍ଷ ବୃଦ୍ଧି କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଅନୁରୋଧ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

### ଖରାରେ ସିଝୁଛନ୍ତି ବସ୍ ଯାତ୍ରୀ

ପାଞ୍ଚ ନମ୍ବର ଜାତୀୟ ରାଜପଥ ୪ ଲେନ ହେବା ସମୟରେ ବହୁତ ବଡ଼ ଗଛ କାଟି ଦିଆଗଲା। କିନ୍ତୁ ତା'ବଦଳରେ ଗୋଟିଏ ବି ଗଛ ଲଗା ହେଲା ନାହିଁ। କିଛି ମଞ୍ଜି ପଡ଼ି ଗଛ ଉଠିଥିଲା। ବର୍ତ୍ତମାନ ୬ ଲେନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଛି। ଉଠିଥିବା ଛୋଟ ସେହି ଗଛଗୁଡ଼ିକୁ କାଟି ଦିଆଯାଇଛି। ବସ୍‌ରେ ଯାତାୟାତ କରୁଥିବା ଯାତ୍ରୀମାନେ ପୂର୍ବରୁ ଗଛ ତଳେ ଛାଇରେ ଠିଆ ହୋଇ ବସକୁ ଅପେକ୍ଷା କରୁଥିଲେ। ବାଲେଶ୍ୱରରୁ ଭୁବନେଶ୍ୱର ମଧ୍ୟରେ ରାସ୍ତା ପାର୍ଶ୍ୱରେ କୌଣସିଠାରେ ଯାତ୍ରୀମାନଙ୍କ ସୁବିଧା ପାଇଁ ବିଶ୍ରାମାଗାରଟିଏ ନାହିଁ। ଗଛ କାଟି ଦିଆଯାଉଛି କିନ୍ତୁ ଲଗାହେଉନି ? ବାଲେଶ୍ୱରର କୁରୁଡାଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଏକ ହଜାରରୁ ଊର୍ଦ୍ଧ୍ୱ ଗଛ କଟାଯାଇଛି।

**–କହ୍ନେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପବନ ସେ ରଣରଣି ବହଇ
କାନେ କାନେ କାହା କଥା କହଇ
ପୀଡ଼ିତ ଉଦାସ ମୋର ମରମ
ଚଞ୍ଚଳି ଉଠେ ତେଜି ସରମ
ଉପୁଜାଇ ବିଶ୍ୱର ଭରମ
କେଉଁ ଫୁଲ ବାସି ଉଠି ମୋହଇ।
–(ଫଗୁଣ ଜ୍ୟୋତ୍ସ୍ନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମହାମାରୀ ପରେ ସିଏଏ: ଶାହା

**ନୂଆଦିଲ୍ଲୀ,୫ା୫**

କୋଭିଡ୍ ସଂକ୍ରମଣ କମିବା ମାତ୍ରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁ କରାଯିବ ବୋଲି ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସ୍ପଷ୍ଟ କରିଛନ୍ତି। ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଏକ ସଭାକୁ ସମ୍ବୋଧନ କରି ଶାହା କହିଛନ୍ତି, ସିଏଏ ହେଉଛି ଏକ ବାସ୍ତବତା। ମହାମାରୀ ଲହର ଦୁର୍ବଳ ହେଲେ ସିଏଏକୁ କାର୍ଯ୍ୟକାରୀ କରାଯିବ। ଏହି ନୂଆ ନାଗରିକତ୍ୱ ଆଇନ ଲାଗୁ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁଜବ ବିସ୍ତାର କରୁଛନ୍ତି। ଅନୁପ୍ରବେଶ ଜାରି ରହୁ ବୋଲି ଶାସକ ତୃଣମୂଳ କଂଗ୍ରେସ (ଟିଏମ୍ସି) ଚାହୁଁଛି।



ତାହା ଚାହିଁଲେ ବି ସିଏଏକୁ ନେଇ ଏହି ଦଳ କିଛି କରିପାରିବ ନାହିଁ। ସେପଟେ ଶାହାଙ୍କ ଏହି ମନ୍ତବ୍ୟକୁ ନେଇ ଟିଏମ୍ସି ସୁପ୍ରିମୋ ମମତା କହିଛନ୍ତି, ସିଏଏ ହେଉଛି ସେମାନଙ୍କ କଷ୍ଟ। ସେମାନେ ପାର୍ଲାମେଣ୍ଟରେ ବିଲ୍ ଆଣୁନାହାନ୍ତି କାହିଁକି। ଭାଜପା ସରକାର ୨୦୨୪ରେ ଆଉ କ୍ଷମତାକୁ ଆସିବ ନାହିଁ। କୌଣସି ନାଗରିକ ନିଜ ଅଧିକାରରୁ ବଞ୍ଚିତ ହୁଅନ୍ତୁ ବୋଲି ଆମେ ଚାହୁଁନାହୁଁ। ଏହା ଆମର ଏକତା। ଶାହା ବର୍ଷେ ପରେ ଆସିଛନ୍ତି। ସେ ଯେତେବେଳେ ବି ଆସନ୍ତି ଇଆଡୁ ସିଆଡୁ କଥା କହିଥାଆନ୍ତି ବୋଲି ମମତା ସମାଲୋଚନା କରିଛନ୍ତି।

ପ୍ରକାଶ ଯେ, ୨୦୨୦ରେ କୋଭିଡ୍-୧୯ ଆସିବା ପୂର୍ବରୁ ୨୦୧୯ ଶେଷ ଆଡ଼କୁ ସିଏଏକୁ ନେଇ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ ଦେଖାଦେଇଥିଲା। ଏହି ଆଇନର ପ୍ରତିବାଦରେ ମୁଣ୍ଡ ଟେକିଥିବା ଆନ୍ଦୋଳନ ବେଳେ ଅନେକ ଲୋକଙ୍କ ଜୀବନ ମଧ୍ୟ ଯାଇଥିଲା। ୨୦୧୫ ପୂର୍ବରୁ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ଭାରତକୁ ଆସିଥିବା ଅଣମୁସ୍ଲିମ ପ୍ରବାସୀମାନଙ୍କୁ ତ୍ୱରିତ ଭାରତୀୟ ନାଗରିକତ୍ୱ ପ୍ରଦାନ ପାଇଁ କେନ୍ଦ୍ର ସରକାର ଆଣିଥିବା ସିଏଏ ଭେଦଭାବପୂର୍ଣ୍ଣ ଦର୍ଶାଇ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଆସୁଛନ୍ତି।

# ଧାରଣା ସ୍ଥଳରେ ବିଡିଓ, ବିଧାୟକ ବାହିନୀପତି କଥା କଟାକଟି

**ପାପଡ଼ାହାଣ୍ଡି,୫ା୫(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଆଗରେ ୧୬ଦଫା ଦାବି ନେଇ ବୁଧବାରଠାରୁ କଂଗ୍ରେସ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦେଇଥିଲା। ଗୁରୁବାର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସେଠାରେ ପହଞ୍ଚି ଧାରଣାରେ ବସିଥିଲେ। ଏହି ସମୟରେ ବିଡିଓ ରଞ୍ଜିତା ମଲ୍ଲିକ କାର୍ଯ୍ୟାଳୟରୁ ବାହାରକୁ ଯାଉଥିବାବେଳେ ବିଧାୟକ ବାହିନୀପତି ତାଙ୍କୁ ଅଟକାଇ ଦୁର୍ନୀତିଗ୍ରସ୍ତ ଏବଂ ତାଙ୍କ ସମୟରେ ସବୁ ଦୁର୍ନୀତି ହୋଇଛି ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ, ବ୍ଲକବାସୀଙ୍କ ବିଭିନ୍ନ ସମସ୍ୟା ନେଇ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ପୂର୍ବତନ ବିଧାୟକ ସଦନ ନାୟକ, ଦ୍ୱାରିକା ମହାପାତ୍ର, ଶଶୀମୋହନ ଶର୍ମା, ରବୀନ୍ଦ୍ର ପ୍ରଧାନ, ଶେଖ ଅଜୀର ହୁସେନଙ୍କ ସହ ବହୁ କର୍ମୀ ବୁଧବାର ଧାରଣା ଦେଇଥିଲେ। ଗୁରୁବାର ଧାରଣାସ୍ଥଳରେ ଭୁଜବଳ ମାଝି, ଜିଲା ପରିଷଦ ସଭ୍ୟା ଲିପିକା ମାଝି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ। ଏହି ସମୟରେ ବିଡିଓ ବାହାରକୁ ଆସିଥିଲେ। ସୁଗାର ପେସେଣ୍ଟ, ଘରକୁ ଯାଇ ଜଲ୍ଦି ଖାଇବାର ଅଛି ବୋଲି ବିଡିଓ କହିବା ପରେ ମଧ୍ୟ ବାହିନୀପତି ତାଙ୍କୁ ଯିବାକୁ ଦେଇ ନ ଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ପାପଡ଼ାହାଣ୍ଡି ପୋଲିସ, ନବରଙ୍ଗପୁର ଉପଜିଲାପାଳ ଭାସ୍କର ରଇତ, ତହସିଲଦାର ଯୋଗେଶ୍ୱର ଭୋଇ ପ୍ରମୁଖ ପହଞ୍ଚିଥିଲେ। କଂଗ୍ରେସ କର୍ମୀମାନେ ବ୍ଲକ କାର୍ଯ୍ୟାଳୟରେ ପଶି ଦାବି ପୂରଣ ଲାଗି ଜିଦ୍ ଧରିଥିଲେ। ଦାବି ଯଥାଶୀଘ୍ର ପୂରଣ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିଲା।



ଘଟଣା ସ୍ଥଳରେ ବିଡିଓ ରଞ୍ଜିତା ମଲ୍ଲିକ ଓ ବିଧାୟକ ତାରାପ୍ରସାଦ ବାହିନୀପତି।

## ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ

# ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବଢୁଛି

**ଝାରସୁଗୁଡ଼ା ଅଫିସ,୫ା୫:** ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ଦେଖାଦେଇଛି। ଦଳୀୟ ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଶାୟୀ ପ୍ରାର୍ଥୀମାନେ ବାୟୋଡାଟା ସହ ଦଳୀୟ ନେତାମାନଙ୍କୁ ଧରି ଲବି ଆରମ୍ଭ କରିଦେଇଛନ୍ତି। ଏଥିମଧ୍ୟରେ ବହୁ ନୂଆମୁହଁ ରହିଛି। ସମର୍ଥକମାନେ ଦଳୀୟ ନେତାଙ୍କ ନିକଟରେ ଆଶାୟୀ ପ୍ରାର୍ଥୀଙ୍କ ନାମ ସୁପାରିସ କରିବାରେ ଲାଗିପଡ଼ିଛନ୍ତି। ଏପରିକି ଆଶାୟୀ ପ୍ରାର୍ଥୀମାନେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରି ଭୋଟରଙ୍କ ନିକଟରେ ନିଜର ପରିଚୟ ସୃଷ୍ଟି କରିବାକୁ ପ୍ରୟାସ ଚଳାଇଛନ୍ତି।

ଏହି ଉପନିର୍ବାଚନ ମଇଦାନରେ ୪ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟି ରହିଛନ୍ତି। ଗତ ନିର୍ବାଚନରେ ବିଜେଡି ଟିକେଟ୍‌ରେ ବିଧାୟକ କିଶୋର ମହାନ୍ତି ବିଜୟୀ ହୋଇଥିଲେ। ମାତ୍ର ଏବେ ଦଳରେ ବହୁ ଆଶାୟୀଙ୍କ ନାମ ଚର୍ଚ୍ଚାକୁ ଆସୁଛି। ଏଥିମଧ୍ୟରେ ସ୍ୱର୍ଗତ ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଝିଅ ଦୀପାଳି ଦାସ, ପୂର୍ବତନ ବାଚସ୍ପତି କିଶୋର ପଟେଲଙ୍କ ବୋହୂ ତଥା ସାମାଜିକ କର୍ମୀ ଅନନ୍ୟା ପଟେଲ ଓ ବିଜେଡି ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ ପ୍ରମୁଖ ରହିଛନ୍ତି। ଏପରିସ୍ଥଳେ ଦଳର ମୁଖ୍ୟ ଯେଉଁ ନିଷ୍ପତ୍ତି ନେବେ ତାକୁ ସମସ୍ତେ ଗ୍ରହଣ କରିବେ ବୋଲି ଦଳର ସାଙ୍ଗଠନିକ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ସେହିପରି ଭାଜପା ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ଭାଜପା ପୂର୍ବତନ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୁଜିତ ସିଂହ, ଜିଲା ସଭାପତି ମଙ୍ଗଳ ସାହୁ, ଏମ୍‌ପି ପ୍ରତିନିଧି ରଘୁନନ୍ଦନ ପଣ୍ଡା, ପୂର୍ବତନ ଜିଲାପରିଷଦ ସଦସ୍ୟ ସାମଲ ନାଏକ ଓ ଲଖନପୁର ସରପଞ୍ଚ ଆରତୀ ପ୍ରଧାନ ପ୍ରମୁଖ ରହିଛନ୍ତି। କଂଗ୍ରେସ ଦଳରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ବାଚସ୍ପତି କିଶୋର ପଟେଲ, ଜିଲା ସାଧାରଣ ସମ୍ପାଦକ ଜୀବନ ସାର୍ଥକ ଦାସ, ପୂର୍ବତନ ବ୍ରଜରାଜନଗର ଟାଉନ ସଭାପତି ପ୍ରମୋଦ ପଣ୍ଡା ଓ ଜିଲା ଓବିସି ସେଲ୍ ଅଧ୍ୟକ୍ଷ ସୁବ୍ରତ ପ୍ରଧାନ ପ୍ରମୁଖ ରହିଛନ୍ତି। କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ତରଫରୁ ଏକମାତ୍ର ପ୍ରାର୍ଥୀ ରମେଶ ତ୍ରିପାଠୀ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରୁ ନାମାଙ୍କନ ଫର୍ମ ସଂଗ୍ରହ କରିଛନ୍ତି।

# ପ୍ରଭାରୀଙ୍କ ଅଧ୍ୟକ୍ଷତାରେ ଭାଜପାର ମାନସମନ୍ଥନ

**ଭୁବନେଶ୍ୱର,୫ା୫(ବ୍ୟୁରୋ):** ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନରେ ସମ୍ମାନ ରକ୍ଷା ପାଇଁ ଭାଜପା ଉଦ୍ୟମ ଆରମ୍ଭ କରିଛି। ଭାଜପା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ବିଳମ୍ବିତ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସଭାପତି ସମୀର ମହାନ୍ତି, ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ଏମ୍‌ପି ସୁରେଶ ପୂଜାରୀଙ୍କ ସମେତ ଅନ୍ୟ କୋର୍ କମିଟି ସଦସ୍ୟମାନେ ସାମିଲ ଅଛନ୍ତି। ଦଳ ତରଫରୁ କାହାକୁ ପ୍ରାର୍ଥୀ କରାଯିବ ଏବଂ ନିର୍ବାଚନ ରଣନୀତି ଉପରେ ଆଲୋଚନା ହୋଇଛି। ତେବେ ବୈଠକରେ କ'ଣ ଆଲୋଚନା ହୋଇଛି ସେନେଇ ଗଣମାଧ୍ୟମ ଆଗରେ କୌଣସି ନେତା ମୁହଁ ଖୋଲିନାହାନ୍ତି। ଅନ୍ୟପଟେ ଦ୍ୱିପ୍ରହର ସମୟରେ ମଧ୍ୟ ଭାଜପାର ଦୁଇଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ୨ୟ ପାଳିର ତୃତୀୟ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ରାଜ୍ୟରେ କ'ଣ କାର୍ଯ୍ୟକ୍ରମ ହେବ ସେନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ଦଳ ପଞ୍ଚାୟତ ଓ ପୌର ନିର୍ବାଚନରେ କାହିଁକି ଖରାପ ପ୍ରଦର୍ଶନ କଲା ତା'ର ରିପୋର୍ଟ ଦଳ ତରଫରୁ ପ୍ରସ୍ତୁତ କରାଯାଇଥିବା ବେଳେ ତାହାର ଏକ ନକଲ ଜଣେ ଏମ୍‌ପିଙ୍କୁ ଦିଆଯାଇଥିବା ଜଣାପଡ଼ିଛି।

# ପ୍ରାର୍ଥୀ ବାଛିବାକୁ କମିଟି ଗଢ଼ିଲା ପିସିସି

### ଶୁକ୍ରବାର ବ୍ରଜରାଜନଗର ଯାଇ ୮ ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୫ା୫(ବ୍ୟୁରୋ)**

ବ୍ରଜରାଜନଗର ବିଧାନସଭା ଆସନ ପାଇଁ ଆସନ୍ତା ୩୧ରେ ଉପନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରାର୍ଥୀ ଚୟନ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ ଅଧ୍ୟକ୍ଷ ଓ ଝାରସୁଗୁଡ଼ା ଜିଲା ସଭାପତି ଭରତ ଅବସ୍ଥି ଆବାହକ ହୋଇଛନ୍ତି। ସେହିପରି କମିଟିରେ ସମ୍ବଲପୁର ଜିଲା ସଭାପତି ଅଶ୍ୱିନୀ ଗୁରୁ, ସୁନ୍ଦରଗଡ଼ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ବରଗଡ଼ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ଦେବତା ସଭ୍ୟ ରହିଛନ୍ତି। କମିଟି ଶୁକ୍ରବାର ବ୍ରଜରାଜନଗର ଗସ୍ତକରି ବିଭିନ୍ନ ନେତୃବୃନ୍ଦଙ୍କୁ ଭେଟି ଆଲୋଚନା କରିବା ସହ ୮ ତାରିଖ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜି ସବୁ ଏସ୍‌ପି ଅଫିସ୍ ଘେରିବ ଭାଜପା

### ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ଗିରଫ ଘଟଣା

■ଏହା ୟୁପି କି ବିହାର ନୁହେଁ ଓଡ଼ିଶା: ବିଜେଡି

**ଭୁବନେଶ୍ୱର,୫ା୫(ବ୍ୟୁରୋ)**

ଭାଜପା ପକ୍ଷରୁ ଶୁକ୍ରବାର ରାଜ୍ୟର ସମସ୍ତ ଏସ୍‌ପି ଅଫିସ ଘେରାଉ କରାଯିବ। ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଗିରଫ ଘଟଣାକୁ ବିରୋଧ କରିବା ସହ ତିଲେଇବଣି ବିଡିଓଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ତାହାର ପ୍ରତିବାଦ କରି ଭାଜପା ଏଭଳି ନିଷ୍ପତ୍ତି ନେଇଛି।

ଭାଜପା ପକ୍ଷରୁ କୁହାଯାଇଛି, ରାଜନୈତିକ ଅସହିଷ୍ଣୁତା ଓ ବିରୋଧୀଙ୍କୁ ଦମନ ମନୋଭାବ ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ। ଏଭଳି ହୀନ କାର୍ଯ୍ୟରେ ସରକାରୀ କଳର ଅପବ୍ୟବହାର କରିବାରେ ଶାସକ ବିଜେଡି ସିଦ୍ଧହସ୍ତ। ଏପରି ହୀନ ମାନସିକତାର ପରିଚୟ ଦେଇ ଶାସକ ବିଜେଡି ଯେଉଁଭଳି ବିଧାୟକ ପାଣିଗ୍ରାହୀଙ୍କୁ ଅଗଣତାନ୍ତ୍ରିକ ଭାବେ ଗିରଫ କରିଛି, ତାହା ଅତ୍ୟନ୍ତ ଅଶୋଭନୀୟ। ବିଧାୟକଙ୍କ ଏତଲା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଏହା ପରିବର୍ତ୍ତେ ବିଳମ୍ବରେ ରୁଜୁ ହୋଇଥିବା ତିଲେଇବଣି ବିଡିଓଙ୍କ କାଉଣ୍ଟର ଏତଲା ଓ ତଦନ୍ତ ଆଧାରରେ ଏକପାଖିଆ ଭାବେ ବିଧାୟକଙ୍କୁ ଗିରଫ କରିବା ଘଟଣା ଶାସକ ବିଜେଡିର ବିରାଟ ଷଡ଼ଯନ୍ତ୍ର ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଗୁରୁବାର ଏକ ବିବୃତି ମାଧ୍ୟମରେ ଜଣାଇଛନ୍ତି।

ବିଜେଡି ମୁଖପାତ୍ର ସୁଶ୍ରୀ ଇପ୍ସିତା ସାହୁ କହିଛନ୍ତି, ଭାଜପା ନେତାମାନେ ଜାଣିବା ଉଚିତ ଏହା ୟୁପି କିମ୍ବା ବିହାର ନୁହେଁ, ଏହା ହେଉଛି ଓଡ଼ିଶା। ଏଠି ଆଇନ୍‌ର ଶାସନ ଚାଲେ। ନେତା, ମନ୍ତ୍ରୀ, ବିଧାୟକ କିମ୍ବା ଅଫିସର ଯିଏ ହୁଅନ୍ତୁ ନା କାହିଁକି, ଆଇନ୍‌କୁ ହାତକୁ ନେଲେ ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ହୁଏ। ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ ଓ ତାଙ୍କର କିଛି ଗୁଣ୍ଡା ଶ୍ରେଣୀୟ ସମର୍ଥକ ସର୍ବସମ୍ମୁଖରେ ବିଡିଓଙ୍କୁ ମାଡ଼ ମାରିବାବେଳେ ସେଠାରେ ଜଣେ ମହିଳା ତହସିଲଦାର ମଧ୍ୟ ଉପସ୍ଥିତ ଥିଲେ। ବିଧାୟକ ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ପ୍ରାଥମିକ ତଦନ୍ତରୁ ପ୍ରମାଣ ମିଳିଛି ବୋଲି ଇପ୍ସିତା କହିଛନ୍ତି।

# ସୁବାସଙ୍କ ବେଳେ ଗୋଟେ, ପ୍ରକାଶଙ୍କ ପାଇଁ ଅଲଗା କାହିଁକି: ଭାଜପା

### ପୂର୍ବତନ ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ବେଳେ କେଉଁଠି ଥିଲେ: ବିଜେଡି

**ଭୁବନେଶ୍ୱର,୫ା୫(ବ୍ୟୁରୋ)**

ସମସ୍ତଙ୍କ ପାଇଁ ଆଇନ ସମାନ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କହୁଥିଲେ ମଧ୍ୟ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ବଳାତ୍କାର, ହତ୍ୟା, ଅପହରଣ ଭଳି ଜଘନ୍ୟକାଣ୍ଡରେ ସମ୍ପୃକ୍ତ ଥିବା ଶାସକ ବିଜେଡିର ନେତା ଓ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ସୁରକ୍ଷା ପ୍ରଦାନ କରୁଛନ୍ତି। ଯୌନ କେଲେଙ୍କାରୀ ଏବଂ ଏହି ସଙ୍ଗିନ ଅଭିଯୋଗ ଆଣିଥିବା ବାଙ୍କୀ ଅଞ୍ଚଳର ପୀଡ଼ିତାଙ୍କୁ ଝରିଗାଁ ବିଧାୟକ ପ୍ରକାଶ ମାଝି ଧମକଚମକ ଦେଇ ଭୟଭୀତ କରାଇବା ଘଟଣାରୁ ରାଜ୍ୟ ସରକାରଙ୍କ ଦୋମୁହାଁ ନୀତି ସ୍ପଷ୍ଟ ପ୍ରମାଣିତ ହୋଇଛି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଗୁରୁବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ବିଜେଡି ମୁଖପାତ୍ର ଇପ୍ସିତା ସାହୁ କହିଛନ୍ତି, ବିଗତ ଦିନରେ ଭାଜପାର ଜଣେ ପୂର୍ବତନ ମନ୍ତ୍ରୀଙ୍କ ବିରୋଧରେ ଜଣେ ଯୁବତୀ ରାଜଧାନୀର ଏକ ଥାନାରେ ସମାନ ପ୍ରକାର ଅଭିଯୋଗ ଆଣିଥିଲେ। ଏହାଛଡ଼ା ନିକଟରେ ଜଣେ ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ସୁନ୍ଦରଗଡ଼ରେ ତାଙ୍କ ଦଳର ଜଣେ ଯୁବନେତ୍ରୀ ମଧ୍ୟ ସମାନ ଅଭିଯୋଗ ଆଣିଥିଲେ। ସେତେବେଳେ ଲେଖାଶ୍ରୀ କେଉଁଠି ଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି।


GOVERNMENT OF ODISHA
**OFFICE OF THE SUPERINTENDING ENGINEER, RWS&S DIVISION, PHULBANI**
Ph.: 06842-253314, eerwss_plb@nic.in
**e-Procurement Notice for Water Supply Works**
**No. 1616** **Dated: 04.05.2022**
**CANCELLATION OF BID IDENTIFICATION No. SE (RWSS) PLB - 1/2022-23**
No. O-162: The Bid Identification No. 1 of 2022-23 invited vide this office No. 1324 dated 04.04.2022 is hereby cancelled due to unavoidable circumstance.
Sd. (Er. Bikash Chandra Dash)
Superintending Engineer
RWS&S Division, Phulbani
OIPR-25006/11/0007/2223

**SUPERINTENDENT PRM MCH BARIPADA, MAYURBHANJ**
**TENDER CALL NOTICE**
**Notice No. 1242/PRMMCH/2022-23 Date: 04.05.2022**
**No.E-62:**Sealed tenders are invited from interested agencies for taking up the **"Supply of Miscellaneous Stationary Items"** for 2022-23. Details regarding the items and terms & conditions may be downloaded from the website **www.mayurbhanj.nic.in.** The tender should reach the office of the undersigned as per the date mentioned in the tender paper through Registered post/Speed post/Courier only. **The last date of the bid submission is Dt. 18.05.2022 till 5.30 PM and tender will be opened on Dt. 19.05.2022 at 11 AM in the Chamber of Superintendent, PRM MCH, Baripada.** The undersigned will not be held responsible for any postal delay and reserves the right to reject any or all the quotations without mentioning reason thereof.
**Sd./- Superintendent, PRM MCH**
**Baripada, Mayurbhanj**
OIPR-10120/11/0003/2223

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SONEPUR**
No./ DWH / 01 / LABCHEM / 22-23 Date.
**TENDER CALL NOTICE**
**No.E-61:**Sealed tenders are invited from authorized Manufacturers / Suppliers / Distributors for **Supply of Laboratory Chemicals & Other Items** to Subarnapur district. The details are available in the district website: www.subarnapur.nic.in. The tender paper cost of Rs.1000/- (Non-Refundable) in shape of Demand Draft from any Nationalized Bank in favour of **ZSS NON NRHM, Sonepur** payable at **SBI, Sonepur(1085), Odisha.** The eligible bidders may submit their tender papers **on or before 25.05.2022 till 11.00 AM** through **Registered Post / Speed Post** only to the undersigned. The tender documents will be opened on **25.05.2022 at 12.00 PM.** in the office chamber of the undersigned. The bidders or their representatives may present at the time of opening. **The undersigned reserves the right to accept or reject any or all the tender without assigning any reason thereof.**
Sd/- (Dr. V R Pati)
Chief District Medical &
Public Health Officer, Subarnapur
OIPR-10118/11/0003/2223

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
**NATIONAL COMPETITIVE BIDDING THROUGH e-Procurement**
**No. O-160** **Bid Identification No. Online Tender / 10-2022-23/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 10-2022-23/BPR | Bridge Works (BSY) | 01 No. | Rs.224.65 lakhs | "B" Class & "A" Class as applicable | 11 (Eleven) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 10-2022-23/BPR | 07.05.2022 at 10.00 A.M. | 21.05.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha, But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in.**
OIPR-25071/11/0017/2223 **Sd./- Chief Construction Engineer, R.W. Circle, Berhampur**

**GOVERNMENT OF ODISHA**
**DEPARTMENT OF WATER RESOURCES (CAD)**
**OFFICE OF THE JOINT DIRECTOR, SURVEY AND PLANNING, ODISHA , BHUBANESWAR OFMRDC CAMPUS, SATYANAGAR, BHUBANESWAR-751007**
**E-mail: jointdirectorspbbsr@gmail.com, Phone: 0674-2570357**
**"e" PROCUREMENT NOTICE**
**Bid Identification NO. JDSP-01/2022-23**
**No.L-32:**The Deputy Director, O/o. the Joint Director, Survey and Planning, CAD, Odisha on behalf of Governer of Odisha invites Percentage Rate Bid in Single Cover System in ON LINE MODE from eligible class of Contractors/Registered Organisation or Firm having similar experience as detailed below.

| | | |
|---|---|---|
| 1 | Name of the Work | Survey & Planning Works (CAD) |
| 2 | No. of Works | 14 (Fourteen) nos. |
| 3 | Bid Identification No. | JDSP-01/2022-23 |
| 4 | Estimated Cost (Tender Amount) | 7.10 lakh to 34.64 Lakhs |
| 5 | Earnest Money Deposit | Referred to DTCN |
| 6 | Cost of Tender Paper | Rs. 4000/- & Rs. 6000/- ( Online ) |
| 7 | Period of Completion | Referred to DTCN |
| 8 | Date & Time of availability of bid documents in the portal | 07.05.2022 (11.00 A.M) to 17.05.2022 (5.00 P.M) |
| 9 | Last Date/Time for receipt of bids in the portal | 17.05.2022 upto 5.00 P.M |
| 10 | Date & Time of opening of Bid | 18.05.2022 at 11.00 A.M |
| 11 | Name and address of the Officer Inviting Bid | Deputy Director, O/o - The Joint Director, Survey & Planning, OFMRDC Campus, Satyanagar, Bhubaneswar-751007 E-mail: jointdirectorspbbsr@gmail.com Phone: 0674-2570357 |

**Further details can be seen from the e-procurement portal: "https://tendersodisha.gov.in."**
**Sd./- Deputy Director, O/o. the Joint Director, Survey & Planning, Odisha, Bhubaneswar**
OIPR-32369/11/0001/2223

**OFFICE OF THE MUNICIPAL COUNCIL BHAWANIPATNA**
**e-Procurement Notice**
No.1408 Date:02.05.2022
**Tender Call Notice-EOBPM/Online-01/2022-23**
**No.C-204:**The Municipal Council, Bhawanipatna invites online bid in single cover system through e-procurement.
Tender Reference No. : EOBPM/01/2022-23
Name of Work : Civil Work
Total Nos. of Work : 4 (Four)
Value of Works : Rs.2093011.00 to Rs.4439784.00
Date of availability of Tender for online bid : From Dt.05.05.2022 at 11.00 A.M. upto Dt.16.05.2022 at 5.00 P.M.
Date of Opening of Bids : Dt.20.05.2022 at 11.00 A.M.
Name and Address of the Officer Inviting Bid : Executive Officer Bhawanipatna Municipality
Further details can be seen from procurement portal the website **www.tendersorissa.gov.in.**
**Sd./- Executive Officer, Bhawanipatna Municipality**
OIPR-13100/11/0004/2223

**BHUBANESWAR MUNICIPAL CORPORATION**
**E-Mail Id: ee2@bmc.gov.in**
No. C-203 **E-Procurement Notice**
1. Bid Reference No. : BMC-EED-II-02/2022-23 Dt.28.04.2022
2. Tender Call Notice No. : No. 23014 Dt.28.04.2022
3. No. of Works : 11 Nos.
4. Bid Value : Rs.3,82,047/- to Rs.30,04,747/-
5. Period of Completion : 30 to 90 days

Date and time Schedule

| Start | End | Opening |
|---|---|---|
| 11.00 A.M. of 06.05.2022 | 5.00 P.M. of 17.05.2022 | 11.00 A.M. of 18.05.2022 |

6. Tender details can be seen for the Procurement portal **https://www.tendersodisha.gov.in.** BMC website: **https://www.bmc.gov.in**
**Sd./- Executive Engineer, Div-II**
OIPR-13002/11/0025/2223 **Bhubaneswar Municipal Corporation**

**ODISHA JOINT ENTRANCE EXAMINATION-2021 (OJEE-2021)**
**No:- OJEE / 201** **Date-05/05/2022**
**Notice for Spot Round Counselling for BAMS/BHMS Courses**
**No.h-55:**The Spot Round of Counselling for admission to BAMS/BHMS courses for the academic session 2021-22 is scheduled to be held at OJEE CELL, Gandamunda, Bhubaneswar on 09.05.2022 as per the schedule given in OJEE website.
All the registered / unregistered 'All India NEET (UG)' rank holders (as per relevant AYUSH notifications), irrespective of their admission status, who are interested to take part in spot round counselling, have to report at OJEE Cell as per schedule.
Candidates are advised to visit OJEE website (www.ojee.nic.in) for detailed information.
**Sd/-CHAIRMAN, OJEE**
OIPR-14020/11/0005/2223

ତହସିଲ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ
ନିଲାମ ଇସ୍ତାହାର
ପତ୍ର ସଂଖ୍ୟା-୧୭୯୬ ତାରିଖ-୦୪.୦୫.୨୦୨୨
**No.F-39:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ୧୬ (ଷୋଳ) ଗୋଟି (ମତ୍ସ୍ୟଦିଆ ଓ ନଡିଆ ବଗାୟତ) ସଇରାତ ଉତ୍ସଗୁଡିକୁ ସନ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଆସନ୍ତା ତା.୧୭.୦୫.୨୦୨୨ ଦିବା ୧୦.୦୦ ଘଟିକାରେ ପ୍ରକାଶ୍ୟରେ ନିମ୍ନ ସ୍ୱାକ୍ଷରକାରୀ କାର୍ଯ୍ୟାଳୟରେ ନିଲାମ କରାଯିବ । ଉକ୍ତ ନିଲାମରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ବ୍ୟକ୍ତି ଓ ଅନୁଷ୍ଠାନମାନେ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ରହି ସଇରାତ ଉତ୍ସର ଧାର୍ଯ୍ୟ ମୂଲ୍ୟ ଉପରେ ୧୦% (ଦଶ ପ୍ରତିଶତ) ଅମାନତ ଦେୟ ଦାଖଲ କରି ନିଲାମ ଡାକିପାରିବେ । ଯେଉଁ ସଇରାତ ଉତ୍ସ ନିଲାମ ସମାପ୍ତ ହେଲା ପରେ ଦାଖଲ କରିଥିବା ୧୦% (ଦଶ ପ୍ରତିଶତ) ଅମାନତ ଦେୟକୁ ଅଂଶଗ୍ରହଣ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ଫେରସ୍ତ କରିଦିଆଯିବ । ସର୍ବୋଚ୍ଚ ଡାକ ଥାଇ ମଧ୍ୟ ନିଲାମ ଦୃଢ଼ୀକରଣ ନ ହେବା ପର୍ଯ୍ୟନ୍ତ ନିଲାମକୁ ଗ୍ରହଣ କରିନେବା ପାଇଁ ନିମ୍ନ ସ୍ୱାକ୍ଷରକାରୀ ବାଧ୍ୟ ନୁହନ୍ତି । ନିଲାମ ଦୃଢ଼ୀକରଣ କରିବା ପାଇଁ କ୍ଷମତାପ୍ରାପ୍ତ ଅଧିକାରୀ ନିଲାମ ନାକଚ କରି ସାନି ନିଲାମ କରିବାର ଆଦେଶ ଦେବା କ୍ଷମତା ଅଛି । ପ୍ରତ୍ୟେକ ସଂପତ୍ତି ଉପଭୋଗ ଓ ବ୍ୟବହାର ସରକାରଙ୍କ ଦ୍ୱାରା ପ୍ରଚଳିତ କୁବୁଲିୟତ ଅନୁଯାୟୀ ପରିଚାଳିତ ହେବ ।
ପ୍ରକାଶଥାଉ କି, ନିଲାମ ଡାକିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନେ ପରିଚୟ ପତ୍ର ଦର୍ଶାଇ ନିଲାମ ଡାକିପାରିବେ । ଉପରୋକ୍ତ ସଇରାତ ଉତ୍ସ ସମ୍ବନ୍ଧୀୟ ବିସ୍ତୃତ ବିବରଣୀ/ବିଜ୍ଞାପନ ତହସିଲ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ ଓ ଜିଲ୍ଲା ୱେବସାଇଟ www.kendrapara.nic.in. ରେ ଉପଲବ୍ଧ ।
ସ୍ୱା./- ତହସିଲଦାର, ପଟ୍ଟାମୁଣ୍ଡାଇ
OIPR-24230/11/0001/2223

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
**No. 7164/OMC/ 2022**
**NOTICE** **Date: 05/05/2022**
**No.CAD-424:**Pursuant to the Advertisement No. 65/OMC dated 04.01.2022, Computer Based Test (CBT) conducted on 17.03.2022 and the Computer Proficiency Test (CPT) held on 30.04.2022, the Document Verification of the provisionally shortlisted candidates for the post of Jr. Accountant shall be conducted on 10.05.2022 at IDCOL Auditorium, IDCOL House, Near IG Park, Unit-2, Ashok Nagar, Bhubaneswar. For this purpose, a notice containing details of Application Sequence No., Roll No. & name of the provisionally shortlisted candidates has been displayed in OMC website (https://omcltd.in).
**Sd/- General Manager (P&A)**
***NB: Candidates are advised to check the OMC web-site (https://omcltd.in) regularly for further updates***
OIPR-30005/11/0029/2223

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୫।୨୦୨୨

| | |
|---|---|
| ୪,୮୪,୭୧୭ ଟଙ୍କା | |
| ସୁନା | ୨.୨୦୦ ଗ୍ରାମ |
| ରୁପା | ୨୬.୭୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ବାର୍ଷିକ ଉତ୍ସବ, ଗଡ଼ ଗୋପୀନାଥ ପ୍ରସାଦ କଲୋନୀ, ରସୁଲଗଡ, ସକାଳ ୭ଟା।
- ଓଡ଼ିଶା କାର୍ଟୁନିଷ୍ଟ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ କାର୍ଟୁନ ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଓଏସ୍‌ଏଫ୍‌ଏସ୍‌ର ୨୭ତମ ଜାତୀୟ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଆଲୁମ୍ନି ଆସୋସିଏଶନ୍ ଅଫ୍ ୟୁନିଭର୍ସିଟି ହାଇସ୍କୁଲ ପକ୍ଷରୁ 'ଫାଉଣ୍ଡେଶନ୍ ଷ୍ଟୋନ ଲେୟିଂ ସେରିମନି', ହାଇସ୍କୁଲ ପରିସର, ବାଣୀବିହାର, ପୂର୍ବାହ୍ନ ୧୧ଟା।
- ଅର୍ଥ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଭାଜପା କଟକ ନଗର ପକ୍ଷରୁ ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀଙ୍କୁ ଗିରଫ ପ୍ରତିବାଦରେ ଗଣଧାରଣା, ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ସପ୍ତଦଶ କଟକ ବୈଶାଖୀ ବାଣିଜ୍ୟ ମେଳାର ଉଦ୍‌ଘାଟନ, ବାଲିଯାତ୍ରା ଉପର ପଡ଼ିଆ, ସନ୍ଧ୍ୟା ୭ଟା ୩୦।

# ଧର୍ମପଦ ପୁରସ୍କାର ଚୟନ କମିଟି ଗଠିତ
## ସୁଦର୍ଶନ ସାହୁ ଅଧ୍ୟକ୍ଷ

ଭୁବନେଶ୍ୱର,୫।୫(ବ୍ୟୁରୋ) - ଧର୍ମପଦ ପୁରସ୍କାର ପାଇଁ ୭ଜଣିଆ ଚୟନ କମିଟି ଗଠିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ଏହି ପ୍ରସ୍ତାବକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଅନୁମୋଦନ କରିଛନ୍ତି। ପଦ୍ମବିଭୂଷଣ ସୁଦର୍ଶନ ସାହୁ କମିଟି ଅଧ୍ୟକ୍ଷ ରହିଥିବାବେଳେ ୫ଜଣ ସଦସ୍ୟ ଓ ଜଣେ ସଦସ୍ୟ ଆବାହକ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ଡ. ବ୍ୟୋମକେଶ ତ୍ରିପାଠୀ, ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ରାମକୃଷ୍ଣ ସାହୁ, କଳାକାର ତଥା ଧର୍ମପଦ ପୁରସ୍କାର ବିଜେତା ବନ ବିହାରୀ ପଣ୍ଡା ଓ କଳାକାର ବିଜୟ କୁମାର ପଣ୍ଡା କମିଟିରେ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ଏଥିସହ ଲଳିତ କଳା ଏକାଡେମୀ ସମ୍ପାଦକ ପଞ୍ଚାନନ ସାମଲ ସଦସ୍ୟ ଆବାହକ ରହିଛନ୍ତି।

## ଓଡ଼ିଶା ଫ୍ୟାଶନ୍ ଆଇକନ୍ ଆୱାର୍ଡ

ଭୁବନେଶ୍ୱର,୫।୫(ବ୍ୟୁରୋ)- ଓଡ଼ିଶା ଫ୍ୟାଶନ ଭିଲ୍ଲା ପକ୍ଷରୁ 'ଓଡ଼ିଶା ଫ୍ୟାଶନ୍ ଆଇକନ୍ ଆୱାର୍ଡ-୨୦୨୨' ଗୁରୁବାର ରୋଟାରୀ କ୍ଲବଠାରେ ଆୟୋଜିତ ହୋଇଯାଇଛି। ମିସେସ୍ କ୍ୟାଟେଗୋରିରେ ପାର୍ବତୀ ମାଝୀ, ତେଜସ୍ୱିତା ମହାପାତ୍ର, ନନ୍ଦିତା ପରିଡ଼ା ଓ ମିସ୍ କ୍ୟାଟେଗୋରିରେ ସୁନନ୍ଦା ପ୍ରିୟଦର୍ଶିନୀ, ପ୍ରଜ୍ଞା ପ୍ରିୟଦର୍ଶିନୀ ଏବଂ ଶିଶୁ ବିଭାଗରେ ଆହିଲ ମହାନ୍ତି, ଫ୍ୟାଶନ ଡ଼ିଜାଇନ କ୍ଷେତ୍ରରେ ଜାହିଦା ଅହମ୍ମଦ, ସେଲିନା ଜୋସୋ, ଫଟୋଗ୍ରାଫିରେ ଆଶୁତୋଷ ସାହୁ, ମେକପ୍ କ୍ଷେତ୍ରରେ ସୁନିଲ ପ୍ରମୁଖଙ୍କୁ ଆୱାର୍ଡ ପ୍ରଦାନ କରାଯାଇଥିଲା। ଡିଜାଇନର ସେଲିନାଙ୍କ ଫ୍ୟାଶନ୍ ଶୋ'ରେ ଓଡ଼ିଶା ଫ୍ୟାଶନ ଭିଲ୍ଲାର ମଡେଲମାନେ ଅଂଶଗ୍ରହଣ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ମଡେଲ କଣ୍ଟେଷ୍ଟ ବିଜେତାଙ୍କୁ ପ୍ରତିବର୍ଷ ଏହି ପୁରସ୍କାର ଦିଆଯିବ ବୋଲି ଓଡ଼ିଶା ଟ୍ୟାଲେଣ୍ଟ ରିସର୍ଚ୍ଚ ଡେଭଲପମେଣ୍ଟର ନିର୍ଦ୍ଦେଶକ ଅଭିଜିତ ମହାନ୍ତି କହିଛନ୍ତି।

# ଶିଳାନ୍ୟାସରେ ଅଟକିଛି ସାମୁଦ୍ରିକ ଆକ୍ୱାରିୟମ ପ୍ରକଳ୍ପ

**ଅଜିତ ମହାନ୍ତି**
**ପୁରୀ ଅଫିସ, ୫।୫**

ପୁରୀକୁ ରାଜ୍ୟ ସରକାର ବିଶ୍ୱସ୍ତରୀୟ ସହରରେ ପରିଣତ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଏଥିଲାଗି ବିଭିନ୍ନ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ତେବେ କେତେକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସରିଥିଲେ ମଧ୍ୟ ନିର୍ମାଣ ପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ସେହିଭଳି ଏକ ପ୍ରକଳ୍ପ ହେଉଛି ସାମୁଦ୍ରିକ ଆକ୍ୱାରିୟମ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପ୍ରକଳ୍ପଗୁଡିକ ମଧ୍ୟରୁ ଏହା ଅନ୍ୟତମ। ତେବେ ଏହି ପ୍ରକଳ୍ପକୁ ଜିଲା ପ୍ରଶାସନ ଭୁଲିଗଲାଣି ବୋଲି ସାଧାରଣରେ ଆଲୋଚନା ହେଉଛି। ପୁରୀରେ ସାମୁଦ୍ରିକ ଆକ୍ୱାରିୟମ ପ୍ରକଳ୍ପ ପ୍ରତିଷ୍ଠା ଲାଗି ଦୁଇଟି ଜାଗାରେ ଦୁଇଥର ଶିଳାନ୍ୟାସ କରାଯାଇଥିଲା। ଇତିମଧ୍ୟରେ ଏହି ଶିଳାନ୍ୟାସକୁ ୧୩ ବର୍ଷ ବିତିଗଲାଣି। ହେଲେ ନା ଇଟା ଖଣ୍ଡେ ପଡ଼ିଛି ନା କାର୍ଯ୍ୟକୁ ନେଇ ପ୍ରଶାସନର କିଛି ତତ୍ପରତା ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ ପ୍ରସଙ୍ଗରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରଶ୍ନ ଉଠାଇଥିବା ବେଳେ ସରକାରଙ୍କ ଆନ୍ତରିକତା ଅଭାବକୁ ସ୍ଥାନୀୟ ବାସିନ୍ଦା ଦାୟୀ କରିଛନ୍ତି।

ସାମୁଦ୍ରିକ ଆକ୍ୱାରିୟମ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପ୍ରଥମେ ୨୦୦୭ ଡିସେମ୍ବରରେ ପ୍ରଶାସନିକ ସ୍ତରରେ ଆଲୋଚନା ହୋଇଥିଲା।



ଏହାପରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ପ୍ରକଳ୍ପ ପ୍ରତିଷ୍ଠା ଲାଗି ନିଷ୍ପତ୍ତି ନିଆଯାଇଥିଲା। ୨୦୦୯ ଫେବୃୟାରୀ ୨୮ରେ ତତ୍କାଳୀନ ବିଧାୟକ ମହେଶ୍ୱର ମହାନ୍ତି ଏହାର ଶିଳାନ୍ୟାସ କରିଥିଲେ। ତେବେ ୨୦୦୮ରେ ଏହି ପ୍ରକଳ୍ପକୁ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଅର୍ବାନ ହାଟ ନିକଟକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ୨୦୧୩ ଜାନୁୟାରୀ ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ ଫାଟକ ଲଗାଯାଇ ଉକ୍ତ ସ୍ଥାନ ଚାରିପଟେ ପାଚେରି ତିଆରି କରାଯାଇଥିଲା। ସେତେବେଳେ ଦୁଇଥର ଶିଳାନ୍ୟାସକୁ ନେଇ ସାଧାରଣରେ ଭିଭିନ୍ନ ଚର୍ଚ୍ଚା ହୋଇଥିବାବେଳେ ଏଯାବତ ଇଟା ଖଣ୍ଡେ ପଡ଼ିପାରିନାହିଁ।

ସୂଚନାଯୋଗ୍ୟ, ୨.୯ ଏକର ପରିମିତ ଜମି ଉପରେ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ଲାଗି ନିର୍ମାଣ ନିଷ୍ପତ୍ତି ହୋଇଥିଲା। ଅହମ୍ମଦାବାଦର ଏକ କମ୍ପାନୀକୁ କାର୍ଯ୍ୟାଦେଶ ଦିଆଯିବା ଓ ପବ୍ଲିକ- ପ୍ରାଇଭେଟ- ପାର୍ଟନରଶିପ୍ (ପିପିପି) ମୋଡ୍‌ରେ ଏହାକୁ କରାଯିବା ଲାଗି ସ୍ଥିର ହୋଇଥିଲା। ପର୍ଯ୍ୟଟନ ବିଭାଗ ପକ୍ଷରୁ ଅର୍ବାନ ହାଟ ସମ୍ମୁଖରେ ସାମୁଦ୍ରିକ ଆକ୍ୱାରିୟମ ନିର୍ମାଣ ନେଇ ପ୍ରକ୍ରିୟା ଆରମ୍ଭ ହେଉଥିବାବେଳେ ପୌରସଂସ୍ଥା ସେଠାରେ ଡମ୍ପିଂୟାର୍ଡ ନିର୍ମାଣ କରିଦେଲା। ଫଳରେ ପୌରସଂସ୍ଥା ଓ ପର୍ଯ୍ୟଟନ ବିଭାଗର ବିବାଦରେ ଏହି ପ୍ରକଳ୍ପ ଛନ୍ଦି ହୋଇଗଲା। ଏଯାବତ ବିବାଦ ତୁଟି ନ ଥିବାବେଳେ

### ୧୩ ବର୍ଷ ପରେ ବି ପ୍ରଶାସନ ପକ୍ଷରୁ ତତ୍ପରତା ନାହିଁ

ପାଚେରି ଭାଙ୍ଗି ନଷ୍ଟ ହୋଇଗଲାଣି। ଅନ୍ୟପଟେ ଗତ ସପ୍ତାହରେ ସାମୁଦ୍ରିକ ଆକ୍ୱାରିୟମ କାର୍ଯ୍ୟ ନେଇ ସମୀକ୍ଷା କରାଯାଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ନେଇ କୌଣସି ସୂଚନା ମିଳିନାହିଁ। ଏ ନେଇ ବିଧାୟକ ଷଡ଼ଙ୍ଗୀ କହିଛନ୍ତି, ଆକ୍ୱାରିୟମ ନିର୍ମାଣ ସଂକ୍ରାନ୍ତରେ କମିଟିରେ ୨ଥର ଓ ବିଧାନସଭାରେ ୩ଥର ଆଲୋଚନା କରିସାରିଛି। ତେବେ ଟେଣ୍ଡର ନେଇଥିବା କମ୍ପାନୀ କାର୍ଯ୍ୟ କରୁନାହିଁ। ତେଣୁ ତାକୁ ହଟାଇ ନୂତନ ଟେଣ୍ଡର ଡକାଯାଇ କାମ ଖୁବ୍‌ଶୀଘ୍ର ଆରମ୍ଭ କରାଯାଉ। ତେବେ ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଦେଖିବାକୁ ମିଳୁନାହିଁ। ପୁରୀରେ ସାମୁଦ୍ରିକ ଆକ୍ୱାରିୟମ କରାଗଲେ ତାହା ପର୍ଯ୍ୟଟକଙ୍କ ପାଇଁ ବେଶ୍ ଆକର୍ଷଣ ପାଲଟିବ ବୋଲି ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆକ୍ୱାରିୟମ ନିର୍ମାଣରେ କ'ଣ ସମସ୍ୟା ରହିଛି ସେ ନେଇ ତର୍ଜମା ଚାଲିଛି ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ଶିଳାନ୍ୟାସ ପରଠାରୁ ୫ ଜଣ ଜିଲାପାଳ ବଦଳି ଗଲେଣି। ମାତ୍ର କାମ ଆରମ୍ଭ ହୋଇପାରୁନାହିଁ। ଫଳରେ ଏହି ପ୍ରକଳ୍ପର ଭବିଷ୍ୟତ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି।

# ପ୍ରଥମ ଆଇନଗତ ଗଣସଂଗ୍ରାମର ଉଦ୍‌ଗାତା ଥିଲେ ଧରଣୀଧର



ବିପ୍ଳବୀ ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଓ ଅନ୍ୟମାନଙ୍କ ସହ କଳାକାରମାନେ।

**ଭୁବନେଶ୍ୱର,୫।୫(ବ୍ୟୁରୋ)**

### ଧରଣୀଧର ଭୂୟାଁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଜାତିପ୍ରୀତି, ସାହସିକତା ଓ ନିର୍ଭୀକତାର ସ୍ମରଣୀୟ ବିପ୍ଳବୀ ଥିଲେ ଧରଣୀଧର ନାଏକ(ଭୂୟାଁ)। ସେ ହେଉଛନ୍ତି ଆଦିବାସୀଙ୍କ ସ୍ୱାଭିମାନର ପ୍ରତୀକ। ଭାରତର ପ୍ରଥମ ଆଇନଗତ ଗଣସଂଗ୍ରାମର ଉଦ୍‌ଗାତା। ଗୁରୁବାର କେନ୍ଦୁଝରର ଭୂୟାଁ ମେଳିର କର୍ଣ୍ଣଧାର ବିପ୍ଳବୀ ଧରଣୀଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱରସ୍ଥିତ କେନ୍ଦୁଝର ସଂଘ ଓ କେନ୍ଦୁଝର ବିକାଶ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ସୂଚନାଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଜାତୀୟ ଚେତନା ଜାଗରଣରେ ଧରଣୀଧରଙ୍କ ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ। ସେ ଜନଜାତିଙ୍କ ଆଦର୍ଶ ପୁରୁଷ ଭାବରେ ଦିଗ୍‌ଦର୍ଶନ ଦେଇ ଆସୁଥିଲେ। ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିପ୍ଳବୀ ଧରଣୀଧରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନପୂର୍ବକ କହିଲେ, ଜନସାଧାରଣଙ୍କ ମନରେ ବିଶ୍ୱାସ ସୃଷ୍ଟି ସହିତ ସେମାନଙ୍କୁ ଏକତ୍ର କରି ହକ୍ ଆଦାୟ ପାଇଁ ଯେଉଁ କେତେଜଣ ପ୍ରକୃତ ନେତା ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ଧରଣୀଧର ହେଉଛନ୍ତି ଅନ୍ୟତମ। ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ତାଙ୍କ ବକ୍ତବ୍ୟରେ ଧରଣୀଧରଙ୍କ ଜୀବନର ଅନେକ ଅନାଲୋଚିତ ଦିଗ ଉପରେ ଗବେଷଣା ହେବା ଆବଶ୍ୟକ ବୋଲି କହିଲେ। ଶିକ୍ଷାବିତ୍ ତଥା ଗବେଷକ ଦେବେନ୍ଦ୍ର କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ରାଜାଙ୍କ ପ୍ରାୟୋଜିତ ଅନ୍ୟାୟ, ନିଲାମୀ, ଶୋଷଣ ଓ ନିର୍ଯାତନା ବିରୋଧରେ ଧରଣୀଧର ଆନ୍ଦୋଳନ କରିଥିଲେ। 'ଉତ୍କଳ ପ୍ରସଙ୍ଗ' ଓ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଡ. ଲେନିନ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ, ସୂଚନା ଅଧିକାରୀ ସୁଶ୍ରୀ ପ୍ରମିଳା ମାଝୀ ସଂଯୋଜନ, କେନ୍ଦୁଝର ସଂଘ ଓ କେନ୍ଦୁଝର ବିକାଶ ପରିଷଦ ସଭାପତି ପ୍ରଫେସର ହାଡ଼ିବନ୍ଧୁ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱରର 'ଆଦୃତା' ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜଗନ୍ନାଥ ବଲ୍ଲଭ ପରିସରରୁ ଯୁବକଙ୍କ ମୃତଦେହ ଜବତ

**ପୁରୀ ଅଫିସ,୫।୫**

ଜଗନ୍ନାଥବଲ୍ଲଭ ପରିସରରୁ ଗୁରୁବାର ଭୋରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରାଯାଇଛି ନା ସେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ଯୁବକ ଜଣକ କିପରି ଓ କାହିଁକି ସେଠାକୁ ଗଲେ ଏବଂ କିଭଳି ତାଙ୍କର ମୃତ୍ୟୁ ଘଟିଲା ସେ ନେଇ ଜଣାପଡ଼ିନାହିଁ। ଟାଉନ ଥାନା ପୋଲିସ ମୃତଦେହ ଜବତ କରିବା ସହ ଏକ ମାମଲା (ନଂ.୮/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ କହିଛନ୍ତି, ମୃତକଙ୍କଠାରୁ ଏକ ମେଡିସିନ୍ ପ୍ରେସ୍‌କିପଶନ୍ ମିଳିଛି। ଯେଉଁଥିରେ ଶଙ୍କର ଗୌଡ଼, ବୟସ ୪୨ ଓ ଘର ଖୋର୍ଦ୍ଧା ବୋଲି ଲେଖା ରହିଛି। ସେହିପରି ମୃତଦେହ ପାଖରେ ପଡ଼ିଥିବା ଶାର୍ଟରୁ ଦୁଇଟି ବଟିକା ମିଳିଛି। ତନ୍ମଧ୍ୟରୁ ଗୋଟିଏ ପାରାସିଟାମଲ୍ ଏବଂ ଅନ୍ୟଟି ପେନ୍ କିଲର୍ ବୋଲି ଜଣାପଡ଼ିଛି। ମୃତକଙ୍କ ପରିଚୟ ସ୍ପଷ୍ଟ ହୋଇ ନ ଥିବା ଏବଂ ମୃତଦେହ ନେବାକୁ କେହି ଆସି ନ ଥିବାରୁ ପୋଲିସ ଆଇନ ମୁତାବକ ୯୬ ଘଣ୍ଟା ମୃତଦେହ ସଂରକ୍ଷିତ ରଖିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିଛି। ପୁରୀ ଜିଲା ମୁଖ୍ୟ ଚକିତ୍ସାଳୟର ଡାକ୍ତରଙ୍କୁ ସଂପୃକ୍ତ ପ୍ରେସ୍‌କିପଶନ୍ ଦେଖାଇ ସୂଚନା ସଂଗ୍ରହ ପାଇଁ ଉଦ୍ୟମ କରାଯାଉଛି। ସେହିଭଳି ଖୋର୍ଦ୍ଧା ଜିଲା ପୋଲିସକୁ ଏସମ୍ପର୍କିତ ଖବର ଦିଆଯାଇଛି। ଜଗନ୍ନାଥ ବଲ୍ଲଭ ପରିସରକୁ ଯୁବକ ଜଣକ କାହିଁକି ଆସିଥିଲେ, କିଭଳି ତାଙ୍କର ମୃତ୍ୟୁ ଘଟିଲା ସେନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଭୋରୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜଗନ୍ନାଥ ବଲ୍ଲଭ ପଛପାର୍ଶ୍ୱକୁ ଯିବାବେଳେ ମୃତଦେହ ପଡ଼ିଥିବା ଦେଖିଥିଲେ। ମୃତକ ଜଣକ ମୁହଁମାଡ଼ି ତଳେ ପଡ଼ିଥିବାବେଳେ ତାଙ୍କ ଶାର୍ଟ କିଛିଦୂରରେ ପଡ଼ିଥିଲା। ସମ୍ପୃକ୍ତ ଯୁବକଙ୍କୁ କେହି କେବେ ଜଗନ୍ନାଥ ବଲ୍ଲଭ ପରିସରରେ ପୂର୍ବରୁ ଦେଖି ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ପ୍ରଶଂସା କଲେ ମଧ୍ୟପ୍ରଦେଶ ସରକାର

**ପିପିଲି,୫।୫(ସ୍ୱ.ପ୍ର.)**

ରାଜ୍ୟର ସମସ୍ତ ବ୍ଲକରେ ୫-ଟି ରୂପାନ୍ତରିତ ସ୍କୁଲ କାର୍ଯ୍ୟ ଚାଲୁ ରହିଛି। ତେବେ ପିପିଲିରେ ୫-ଟି ସ୍କୁଲ କିଭଳି ଚାଲିଛି ତାହା ଜାଣିବା ପାଇଁ ୟୁନିସେଫ ପକ୍ଷରୁ ଗୁରୁବାର ମଧ୍ୟପ୍ରଦେଶ ସରକାରଙ୍କ ପଞ୍ଚାୟତିରାଜ ଏବଂ ପାନୀୟ ଜଳଯୋଗାଣର ଏକ ପ୍ରତିନିଧି ଦଳ ପିପିଲି ବ୍ଲକକୁ ଆସିଥିଲେ। ପ୍ରଥମେ ବ୍ଲକର ମହିଳାଙ୍କ ମିଶନ ଶକ୍ତି କାଫେରେ ପହଞ୍ଚିଥିଲେ। ପରେ ଦାଣ୍ଡମୁକୁନ୍ଦପୁରର ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ପରିଦର୍ଶନ କରିଥିଲେ। ସ୍କୁଲର ଭିତ୍ତିଭୂମି ଓ ନିର୍ମାଣ ଶୈଳୀ ଦେଖି ଆନନ୍ଦିତ ହୋଇଥିଲେ। ଶ୍ରେଣୀ କକ୍ଷର କମ୍ପ୍ୟୁଟର ରୁମ୍, ସ୍ମାର୍ଟ କ୍ଲାସ ରୁମ୍, ପାନୀୟ ଜଳ, ଶୌଚାଳୟ ଏବଂ ପାଠାଗାର ପ୍ରଭୃତି ବୁଲି ଦେଖି ୫-ଟି ବିଭାଗ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ। ଏଠାକାର ନିର୍ମାଣ ଶୈଳୀକୁ ଦେଖିବା ପରେ ମଧ୍ୟପ୍ରଦେଶରେ ବିଦ୍ୟାଳୟକୁ ଏଭଳି ରୂପାନ୍ତରିତ କରାଯିବ ବୋଲି କହିଥିଲେ। ଏଥିରେ ମଧ୍ୟପ୍ରଦେଶ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ପିସି ବାରସ୍କର, ମାର୍ଗେଟ ଗୌଡା, ସୁଜନ ସରକାର, ପ୍ରୀତି ତିୱାରୀ, କୁମାର ରତନ, କୋମଳ ମିଶ୍ର, ପୂଜା ସିଂଙ୍କ ସହ ପିପିଲି ବ୍ଲକର ଅଧିକାରୀମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସୁଦା



@ ବିଶ୍ୱଜିତ



@ ଜୁଲି



@ ମଳୟ



@ ଇପସିତା

# ଆଜିଠୁ କଟକ ବୈଶାଖୀ ବାଣିଜ୍ୟମେଳା

**କଟକ ଅଫିସ, ୫।୫**

କଟକ ବାଲିଯାତ୍ରା ଉପର ପଡିଆରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ସପ୍ତଦଶ କଟକ ବୈଶାଖୀ ବାଣିଜ୍ୟ ମେଳା। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ମୋଟ୍ ୪୫୦ ଷ୍ଟଲ୍ ଖୋଲିବ। ଏଥିରେ ଉତ୍ତର ପ୍ରଦେଶ, ହରିୟାଣା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ମଣିପୁର, ଆସାମ, ଜମ୍ମୁ-କଶ୍ମୀର ଆଦି ରାଜ୍ୟର ବ୍ୟବସାୟୀମାନେ ବିଭିନ୍ନ ହସ୍ତତନ୍ତ ସାମଗ୍ରୀ ବିକ୍ରି କରିବେ। ଏଥିସହିତ ଓଡ଼ିଶାର ବିଭିନ୍ନ ଜିଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ଓ ବ୍ୟବସାୟୀ ମଧ୍ୟ ଅଂଶଗ୍ରହଣ କରିବେ। ମେଳାରେ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି ପୋଷାକ ଏବଂ ଓଡ଼ିଶାର ପାରମ୍ପରିକ ଖାଦ୍ୟ ମିଳିବ। ଏଥିସହ ମୀନା ବଜାର ଓ ବିଭିନ୍ନ ଦୋଳି ବ୍ୟବସ୍ଥା କରାଯାଇଛି। ତେବେ ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଚଳିତବର୍ଷ ମେଳାରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଅପରାହ୍ନ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ମେଳାରେ ଦୋକାନ ଖୋଲା ରହିବ। ତେବେ ପଲିଥିନମୁକ୍ତ ମେଳା କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି ବୋଲି ମେଳା ଆୟୋଜକ ଦେବୀ ମହାନ୍ତି କହିଛନ୍ତି।



ଭୁବନେଶ୍ୱର ରୋଟାରି କ୍ଲବ୍‌ଠାରେ ଗୁରୁବାର 'ଓଡ଼ିଶା ଫ୍ୟାଶନ୍ ଆଇକନ୍ ଆୱାର୍ଡ-୨୦୨୨' ପ୍ରଦାନ ଅବସରରେ ଅତିଥିଙ୍କ ଗହଣରେ ପୁରସ୍କୃତ ମଡେଲ, ଫ୍ୟାଶନ ଡିଜାଇନର ଓ ଅନ୍ୟମାନେ।



ପିପିଲି ବ୍ଲକ ଅଞ୍ଚଳ ପରିଦର୍ଶନରେ ଆସିଥିବା ମଧ୍ୟପ୍ରଦେଶର ପଞ୍ଚାୟତିରାଜ ଓ ଜଳଯୋଗାଣ ବିଭାଗର ପ୍ରତିନିଧି ଦଳ ସ୍ଥାନୀୟ ମିଶନ ଶକ୍ତିର କାଫେକୁ ଆସିଛନ୍ତି।



କାଳବୈଶାଖୀ ପ୍ରଭାବରେ ଗୁରୁବାର କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଓ ପବନ ହୋଇଥିଲା। ସନ୍ଧ୍ୟା ସମୟରେ ଭୁବନେଶ୍ୱର ରାସ୍ତାର ଦୃଶ୍ୟ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୬ ମେ, ୨୦୨୨



## ସଂକ୍ଷେପରେ

### ଜମ୍ମୁ ସୀମାରେ ୧୧ ସୁଡ଼ଙ୍ଗ

**ଜମ୍ମୁ, ୫।୫(ଆଇଏଏନ୍ଏସ୍):** ଜମ୍ମୁର ସାମ୍ବା ସେକ୍ଟରରେ ପାକିସ୍ତାନ ସଂଲଗ୍ନ ଅନ୍ତର୍ଜାତୀୟ ବର୍ଡରରୁ ବୁଧବାର ଏକ ସୁଡ଼ଙ୍ଗ ଠାବ ହେବା ପରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ପାକିସ୍ତାନ ପ୍ରତିପକ୍ଷଙ୍କ ଆଗରେ ଏହି ପ୍ରସଙ୍ଗ ଉଠାଇବ ବୋଲି କହିଛି। ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜମ୍ମୁ ବିଏସ୍ଏଫ୍‌ର ଇନ୍ସପେକ୍ଟର ଜେନେରାଲ ଡି. କେ. ବୋରା କହିଛନ୍ତି, ସାମ୍ବାରୁ ସୁଡ଼ଙ୍ଗ ଠାବ କରାଯିବା ଏକ ବଡ଼ ସଫଳତା। ୨୦୧୨ରୁ ଏ ପର୍ଯ୍ୟନ୍ତ ଜମ୍ମୁ ସୀମା ନିକଟରୁ ୧୧ଟି ସୁଡ଼ଙ୍ଗ ମିଳିଲାଣି। ଦେଢ଼ବର୍ଷରୁ କମ୍ ସମୟ ମଧ୍ୟରେ ଏହାକୁ ମିଶାଇ ୫ ସୁଡ଼ଙ୍ଗ ଠାବ ହୋଇଛି। ଗତ ଏପ୍ରିଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜମ୍ମୁ ଗସ୍ତ ଅବସରରେ ଏହି ଟନେଲ ଯୋଗେ ଆକ୍ରମଣ ଯୋଜନା ହୋଇଥିବାର ସେପରି କିଛି ପ୍ରମାଣ ମିଳିନି। ସାମ୍ବା ଟନେଲ ଠାବ ଦ୍ୱାରା ଆଗକୁ ଅମରନାଥ ଯାତ୍ରା ଅବସରରେ ସମ୍ଭାବ୍ୟ ଆତଙ୍କବାଦୀ କାର୍ଯ୍ୟକଳାପକୁ ପଣ୍ଡ କରାଯାଇଥିବା ଡିଆଇଜି ଏସ୍. ପି. ଏସ୍. ସାନ୍ଧୁ କହିଛନ୍ତି।

### ମସ୍କ ହୋଇପାରନ୍ତି ଟୁଇଟର ସିଇଓ



**ୱାଶିଂଟନ୍, ୫।୫:** ସ୍ପେସ୍ଏକ୍ସ ମାଲିକ ଏଲନ ମସ୍କ ଟୁଇଟର କିଣିବା ପରେ ଏହାର ସିଇଓ କିଏ ହେବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଟୁଇଟର କିଣା ନେଇ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଏଲନ ମସ୍କ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଟୁଇଟରର ସିଇଓ ଦାୟିତ୍ୱ ନେବେ ବୋଲି କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ମସ୍କଙ୍କ ପକ୍ଷରୁ ଏ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଟୁଇଟର କମ୍ପାନୀର ବର୍ତ୍ତମାନର ସିଇଓ ପରାଗ ଅଗ୍ରୱାଲଙ୍କୁ ହଟାଇ ନୂଆ ସିଇଓଙ୍କୁ ଦାୟିତ୍ୱ ଦେବା ଏକ ପ୍ରକାର ସୁନିଶ୍ଚିତ ହୋଇଛି। ଗତ ନଭେମ୍ବର ମାସରେ ପରାଗ ଟୁଇଟରର ନୂଆ ସିଇଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

### ରୁଷିଆ ଜେନେରାଲଙ୍କୁ ହତ୍ୟାରେ ସାହାଯ୍ୟ କରିଛି ଆମେରିକା

**ୱାଶିଂଟନ୍, ୫।୫:** ୟୁକ୍ରେନ୍ ସହ ଲଢ଼େଇରେ ରୁଷିଆର ୯ ଜଣ ଜେନେରାଲ ନିହତ ହୋଇଥିବାବେଳେ ଏଥିପାଇଁ କିଭ୍ ସୈନ୍ୟଙ୍କୁ ଆମେରିକା ସହାୟତା କରିଥିବା ଜଣାପଡ଼ିଛି। ମସ୍କୋ ଜେନେରାଲଙ୍କ ସମ୍ପର୍କରେ ଆମେରିକା ରୁଷିଆ କମାଣ୍ଡ ମୁଖ୍ୟାଳୟରୁ ଡାଟା ସଂଗ୍ରହ କରି ୟୁକ୍ରେନ୍‌କୁ ତଥ୍ୟ ଯୋଗାଇଥିବା ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ୱାଶିଂଟନ୍ ଦେଇଥିବା ଡାଟା ଦ୍ୱାରା ୟୁକ୍ରେନ୍ ଗୋଇନ୍ଦା ଅଧିକାରୀମାନେ ରୁଷୀୟ ଜେନେରାଲଙ୍କୁ ଟାର୍ଗେଟ କରିବା ନିମନ୍ତେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବାରେ ସଫଳ ହୋଇଥିଲେ। ଏ ସମ୍ପର୍କରେ ପେଣ୍ଟାଗନ୍ ମୁଖପାତ୍ର ଜନ୍ କିର୍ବି କହିଛନ୍ତି, ଆମେରିକା ୟୁକ୍ରେନ୍‌କୁ ସୂଚନା ଓ ଗୋଇନ୍ଦା ତଥ୍ୟ ଯୋଗାଇଛି। ଏ ବାବଦରେ ବିସ୍ତୃତ ତଥ୍ୟ ଦେବାକୁ ସେ ମନା କରିଛନ୍ତି।

### ଦିଲ୍ଲୀରେ ଅକ୍ଟୋବରରୁ ଚାହୁଁଥିବା ଲୋକଙ୍କୁ ବିଦ୍ୟୁତ୍ ସବ୍‌ସିଡି

**ନୂଆଦିଲ୍ଲୀ, ୫।୫:** ଦିଲ୍ଲୀ ସରକାର ବିଦ୍ୟୁତ୍ ଉପଭୋକ୍ତାଙ୍କ ନିମନ୍ତେ ସବ୍‌ସିଡି ପ୍ରଦାନ ନିମନ୍ତେ ଏକ ଯୋଜନା ଆଣିଛନ୍ତି। ଏହି ସ୍କିମ୍‌ରେ ଅନ୍ତର୍ଭୁକ୍ତ ହେବାକୁ ଚାହୁଁଥିବା ଲୋକଙ୍କୁ ଆସନ୍ତା ଅକ୍ଟୋବର ୧ରୁ ବିଦ୍ୟୁତ୍ ସବ୍‌ସିଡି ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର ଘୋଷଣା କରିଛନ୍ତି। ଏବେ ଦିଲ୍ଲୀ ଉପଭୋକ୍ତା ମାସକୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବ୍ୟବହାର ବାବଦ ବିଲ୍ ପଇଠ କରୁ ନ ଥିବାବେଳେ ୨୦୧ରୁ ୪୦୦ ୟୁନିଟ୍ କଲେ ୮୦୦ ଟଙ୍କା ଛାଡ଼ ପାଉଛନ୍ତି। ଏହି ସ୍କିମ୍‌ରେ ସବ୍‌ସିଡି ଚାହୁଁଥିବା ଲୋକଙ୍କୁ ହିଁ ଏଣିକି ସୁବିଧା ମିଳିବ ବୋଲି କେଜ୍‌ରିୱାଲ କହିଛନ୍ତି।

### ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ପଦ୍ମ ପୁରସ୍କାର ନୋମିନେଶନ

**ନୂଆଦିଲ୍ଲୀ, ୫।୫:** ପଦ୍ମ ପୁରସ୍କାର ୨୦୨୩ ନିମନ୍ତେ ଆସନ୍ତା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଅନ୍‌ଲାଇନରେ ନୋମିନେଶନ ବା ନାଁ ସୁପାରିସ୍ କରାଯାଇପାରିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ବର୍ଷ ସାଧାରଣତନ୍ତ୍ର ଦିବସ ଅବସରରେ ଘୋଷଣା ହେବାକୁ ଥିବା ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପାଇଁ ମେ ୧ରୁ ନୋମିନେଶନ ପ୍ରକ୍ରିୟା ଆରମ୍ଭ ହୋଇଛି। କଳା, ସାହିତ୍ୟ, ଶିକ୍ଷା, ଖେଳ, ଇଞ୍ଜିନିୟରିଂ, ପବ୍ଲିକ୍ ଆଫାୟର୍ସ, ସିଭିଲ ସର୍ଭିସ, ବାଣିଜ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯାଇଥାଏ।



ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ନିହତ ଜଣେ ୟୁକ୍ରେନୀୟ ସୈନ୍ୟଙ୍କ ସମାଧିରେ କାନ୍ଦୁଛନ୍ତି ତାଙ୍କ ପୁଅ।

## ଭାବୀସ୍ୱାମୀଙ୍କୁ ଗିରଫ କଲେ ମହିଳା ପୋଲିସ

**ଗୁଆହାଟୀ, ୫।୫:** ଠକେଇ ଅଭିଯୋଗରେ ଆସାମର ଜଣେ ମହିଳା ପୋଲିସ ଅଧିକାରୀ ନିଜ ଭାବୀସ୍ୱାମୀଙ୍କୁ ଗିରଫ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ନଅଗାଁ ଥାନାରେ ଜୁନମୋନି ରାଭା ସବ୍‌ଇନ୍ସପେକ୍ଟର ଅଛନ୍ତି। ରାନା ପୋଗାଗ୍‌ଙ୍କ ସହ ଗତ ଅକ୍ଟୋବରରେ ତାଙ୍କର ନିର୍ବନ୍ଧ ସରିଥିଲା। ଆସନ୍ତା ନଭେମ୍ବରରେ ଉଭୟଙ୍କ ବାହାଘର ହେବାର ଥିଲା। ରାନା ପୋଗାଗ୍ ନିଜକୁ ଓଏନ୍‌ଜିସିର ଲୋକସମ୍ପର୍କ ଅଧିକାରୀ ପରିଚୟ ଦେଇ ଚାକିରି କରାଇଦେବା ନାଁରେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗ ଆସିଥିଲା। ପୋଲିସ ତାଙ୍କଠାରୁ ଓଏନ୍‌ଜିସିର ଜାଲ୍ ସିଲ୍ ସହ ମିଥ୍ୟା ପରିଚୟ ପତ୍ର ଓ ଅନ୍ୟ ଦସ୍ତାବିଜ୍ ଜବତ କରିଛି।





# କୋଭିଡ୍ ମୃତ୍ୟୁ ଦେଢ଼ କୋଟି

## ତଥ୍ୟ ଲୁଚାଇଛନ୍ତି ସରକାର, ସାମ୍ନାକୁ ଆଣିଲା ଡବ୍ଲ୍ୟୁଏଚ୍ଓ

**ଜେନେଭା, ୫।୫**

କୋଭିଡ୍ ମହାମାରୀରେ ୨୦୨୦ ଏବଂ ୨୦୨୧ରେ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି। ବିଭିନ୍ନ ଦେଶ ଦେଇଥିବା ତଥ୍ୟ ଠାରୁ ଏହି ସଂଖ୍ୟା ପ୍ରାୟ ୩ ଗୁଣ ଅଧିକ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଗୁରୁବାର ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ୨ ବର୍ଷରେ ଘଟିଥିବା ସାଧାରଣ ମୃତ୍ୟୁଠାରୁ ଏହା ୧୩ % ଅଧିକ। ବହୁ ଦେଶ ବାସ୍ତବ କୋଭିଡ୍ ମୃତ୍ୟୁ ତଥ୍ୟ ଲୁଚାଇଥିବାରୁ ଅଦ୍ୟାବଧି ତାହା ମାତ୍ର ୫୪ ଲକ୍ଷ ରହିଛି। ୨୦୨୦ ଜାନୁୟାରୀ ୧ରୁ ୨୦୨୧ ଡିସେମ୍ବର ୩୧ ମଧ୍ୟରେ କୋଭିଡ୍‌ରେ ପ୍ରତ୍ୟକ୍ଷ ଓ ପରୋକ୍ଷ ମୃତ୍ୟୁ ସଂଖ୍ୟା ପ୍ରାୟ ଦେଢ଼ କୋଟି ହେବ ବୋଲି ଡବ୍ଲ୍ୟୁଏଚ୍ଓ ପକ୍ଷରୁ କୁହାଯାଇଛି।

ସରକାରୀ ତଥ୍ୟ ଅନୁସାରେ ଭାରତରେ କୋଭିଡ୍ ମୃତ୍ୟୁ ପ୍ରାୟ ୫ ଲକ୍ଷ ଦର୍ଶାଯାଇଥିବାବେଳେ ବାସ୍ତବରେ ତାହା ପାଖାପାଖି ୧୦ ଗୁଣ ଅଧିକ ହେବ, ଯାହାକି ବିଶ୍ୱରେ ସର୍ବାଧିକ। ଡବ୍ଲ୍ୟୁଏଚ୍ଓ ଆକଳନ ଅନୁସାରେ ଭାରତରେ କରୋନା ମୃତ୍ୟୁ ୪୭ ଲକ୍ଷରୁ ଉର୍ଦ୍ଧ୍ୱ, ଯାହାକି ସାରା ବିଶ୍ୱରେ ଏହି ଭୂତାଣୁରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରାୟ ଏକ ତୃତୀୟାଂଶ। କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିବା ଲୋକଙ୍କ ମଧ୍ୟରୁ ୫୭% ପୁରୁଷ ଏବଂ ୪୩% ମହିଳା ରହିଛନ୍ତି। ବିଶେଷ କରି ନିମ୍ନ ମଧ୍ୟମ ଆୟ ବର୍ଗର ଦେଶରେ ମୃତ୍ୟୁହାର ସର୍ବାଧିକ ରହିଛି। କୋଭିଡ୍ ମହାମାରୀ ସମୟରେ ଡାକ୍ତରଖାନାରେ ଭିଡ଼ ତଥା ଅନ୍ୟ ସୁବିଧା ଅଭାବରୁ ଚିକିତ୍ସାରୁ ବଞ୍ଚିତ ହୋଇ ପ୍ରାଣ ହରାଇଥିବା ଲୋକଙ୍କୁ ମଧ୍ୟ ଆକଳନରେ ସାମିଲ କରାଯାଇଛି। ଭୂତାଣୁରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୯୫ ଲକ୍ଷ ରହିଥିବାବେଳେ ପରୋକ୍ଷ ମୃତ୍ୟୁ ୫୪ ଲକ୍ଷ ବୋଲି ଡବ୍ଲ୍ୟୁଏଚ୍ଓ କହିଛି। ପ୍ରକୃତ ତଥ୍ୟଠାରୁ ଇଜିପ୍ଟରେ ୧୧.୬ ଗୁଣ, ଭାରତରେ ୯.୯ ଗୁଣ, ପାକିସ୍ତାନରେ ୮ ଗୁଣ ଅଧିକ ଲୋକ କରୋନାରେ ପ୍ରାଣ ହରାଇଛନ୍ତି। କେବଳ ଉତ୍ତରପୂର୍ବ ଏସିଆ, ୟୁରୋପ ଏବଂ ଆମେରିକାରେ ସାଧାରଣ ମୃତ୍ୟୁଠାରୁ କରୋନାଜନିତ ମୃତ୍ୟୁ ପ୍ରାୟ ୮୪%। ଏହା ଏକ ବିପର୍ଯ୍ୟୟ। ମୃତ୍ୟୁସଂଖ୍ୟା ଠିକ୍ ଭାବେ ଗଣନା କରା ନ ଗଲେ ଭବିଷ୍ୟତରେ ଏପରି ମହାମାରୀର ମୁକାବିଲା କରିବା ନିମନ୍ତେ ଆମେ ପ୍ରସ୍ତୁତ ହୋଇପାରିବା ନାହିଁ ବୋଲି ଡବ୍ଲ୍ୟୁଏଚ୍ଓ ଡାଟା ଡିପାର୍ଟମେଣ୍ଟର ଡା. ସମୀରା ଆସ୍ମା କହିଛନ୍ତି।



**ଭାରତରେ ବିଶ୍ୱର ସର୍ବାଧିକ**
**ପ୍ରାଣ ହରାଇଛନ୍ତି ୪୭ ଲକ୍ଷ**
**ସରକାରୀ ଡାଟାଠାରୁ ୧୦ ଗୁଣ ଅଧିକ**

> ଭାରତରେ କୋଭିଡ୍ ମୃତ୍ୟୁକୁ ନେଇ ଡବ୍ଲ୍ୟୁଏଚ୍‌ଓର ପରିସଂଖ୍ୟାନ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ବୈଜ୍ଞାନିକ ତଥ୍ୟ ଆଧାରିତ ନୁହେଁ। ଏହି ସଂଖ୍ୟା ବାସ୍ତବ ତଥ୍ୟଠାରୁ ବହୁ ଦୂରରେ। ଡବ୍ଲ୍ୟୁଏଚ୍‌ଓର କରୋନାଜନିତ ଡାଟା ଏବଂ ମୃତ୍ୟୁସଂଖ୍ୟା ଗଣନା ନମୁନାକୁ ନେଇ ଭାରତ ସର୍ବଦା ପ୍ରଶ୍ନ ଉଠାଇଆସିଛି। ଭାରତର ଆପତ୍ତି ଉପରେ ଉତ୍ତର ନ ଦେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏକତରଫା ଭାବେ ଅତ୍ୟଧିକ ମୃତ୍ୟୁସଂଖ୍ୟା ଦର୍ଶାଇ ରିପୋର୍ଟ ପ୍ରକାଶ କରିଛି।
>
> -ମନସୁଖ ମାଣ୍ଡବ୍ୟ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

### ବଢୁଛି ସଂକ୍ରମଣ, ମୃତ୍ୟୁ ସଂଖ୍ୟା



ଦେଶରେ ପୁଣିଥରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣ ସାଙ୍ଗକୁ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଛି। ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୩,୨୭୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ଏବଂ ୫୫ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରୁ ୫୨ ଜଣ ମୃତକ କେରଳର ହୋଇଥିବା ମନ୍ତ୍ରଣାଳୟ କହିଛି। ଦେଶରେ ସକ୍ରିୟ ମାମଲା ୦.୦୫ ପ୍ରତିଶତ ରହିଥିବାବେଳେ ସୁସ୍ଥହାର ୯୮.୭୪% ରହିଛି। ସେହିପରି ଦୈନିକ ସଂକ୍ରମଣ ହାର ୦.୭୭% ରେକର୍ଡ କରାଯାଇଥିବାବେଳେ ସାପ୍ତାହିକ ସଂକ୍ରମଣ ହାର ୦.୭୮% ରହିଛି। ବର୍ତ୍ତମାନ ଦେଶରେ କରୋନା ଆକ୍ଟିଭ୍ କେସ୍ ୧୯,୭୧୯ ରହିଥିବାବେଳେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୩୦,୯୧,୩୯୩ରେ ପହଞ୍ଚିଛି। ସେହିପରି କରୋନା ଯୋଗୁ ଦେଶରେ ମୋଟ ୫,୨୩,୯୭୫ ଜଣଙ୍କ ପ୍ରାଣହାନୀ ଘଟିଥିବା ମନ୍ତ୍ରଣାଳୟର ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି।

## ସ୍ତ୍ରୀ, ଝିଅଙ୍କୁ ହତ୍ୟା ଯୋଜନା କରିଥିଲେ: ୩ ଜଣ ଜଳିଗଲେ

**ଥିରୁଭାନନ୍ତପୁରମ,୫।୫**

କେରଳ ମାଲାପ୍ପୁରମର କୋଣ୍ଡିପାରାମ୍ବା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ମହମ୍ମଦ ନାମକ ଜଣେ ବ୍ୟକ୍ତି ସ୍ତ୍ରୀ ଓ ଦୁଇ ଝିଅଙ୍କୁ ମାରିବା ପାଇଁ ଯୋଜନା କରିଥିବାବେଳେ ନିଜେ ଜଳି ପ୍ରାଣ ହରାଇଛନ୍ତି। ମାଲବାହୀ ଅଟୋରେ ସ୍ତ୍ରୀ ଓ ଦୁଇ ଝିଅଙ୍କୁ ବସାଇ ନିଆଁ ଲଗାଇ ସେମାନଙ୍କ ମାରିବାକୁ ସେ ଯୋଜନା କରିଥିଲେ। ସ୍ତ୍ରୀ ଓ ୧୧ ବର୍ଷର ଝିଅ ସହ ମହମ୍ମଦଙ୍କ ମୃତ୍ୟୁ ମଧ୍ୟ ହୋଇଯାଇଛି। ଦୁର୍ଘଟଣାରେ ୫ ବର୍ଷର ଝିଅ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମାଲାପ୍ପୁରମ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସ୍ତ୍ରୀ ଓ ଦୁଇ ଝିଅଙ୍କ ସମେତ ମହମ୍ମଦ ଯେତେବେଳେ ଅଟୋରେ ବସିଥିଲେ ସେ ସମୟରେ ହଠାତ୍ ଅଟୋରେ ନିଆଁ ଲାଗିଯାଇଥିଲା। ନିଜ ଜୀବନ ବଞ୍ଚାଇବାକୁ ଯାଇ ମହମ୍ମଦ ଦରପୋଡ଼ା ଅବସ୍ଥାରେ ପାଖରେ ଥିବା ଏକ କୂଅ ଭିତରକୁ ଡେଇଁ ପଡ଼ିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମହମ୍ମଦ କେଉଁ କାରଣରୁ ନିଜ ପରିବାରକୁ ହତ୍ୟା କରିବାର ଯୋଜନା କରିଥିଲେ ତାହା ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି।

## ୪ ଖଲିସ୍ତାନୀ ଆତଙ୍କବାଦୀ ଗିରଫ

**ଚଣ୍ଡିଗଡ଼, ୫।୫**

ଦିଲ୍ଲୀରେ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନା ହରିୟାଣା ପୋଲିସ ପଣ୍ଡ କରିଛି। ଏକ କାର୍‌ରେ ବିସ୍ଫୋରକ ନେଇ ଯାଉଥିବା ୪ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଗୁରୁବାର କର୍ନାଲଠାରେ ଥିବା ବାସ୍ତରା ଟୋଲ୍ ପ୍ଲାଜା ନିକଟରୁ ଗିରଫ କରାଯାଇଛି। ସେମାନେ ହେଲେ ଗୁରପ୍ରୀତ ସିଂ, ଅମନଦୀପ ସିଂ, ପରମିନ୍ଦର ସିଂ ଏବଂ ଭୂପିନ୍ଦର ସିଂ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଘର ଫିରୋଜପୁରରେ ହୋଇଥିବାବେଳେ ଭୂପିନ୍ଦର ଲୁଧିଆନାର ବାସିନ୍ଦା। ଅଭିଯୁକ୍ତମାନେ ବିସ୍ଫୋରକ ସାମଗ୍ରୀ ନେଇ ତେଲଙ୍ଗାନା ଆଦିଲାବାଦ୍ ଅଭିମୁଖେ ଯାଉଥିଲେ ବୋଲି ଜଣାପଡ଼ିଛି।

**ଦିଲ୍ଲୀରେ ବିସ୍ଫୋରଣ ଯୋଜନା ପଣ୍ଡ**



କେନ୍ଦ୍ରୀୟ ଗୋଇନ୍ଦା ବିଭାଗ ସୂଚନା ଦେବା ପରେ ହରିୟାଣା ପୋଲିସ ସେମାନଙ୍କୁ ଧରିବାରେ ସଫଳ ହୋଇଛି। ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ଅଭିଯୁକ୍ତଙ୍କ ଲିଙ୍କ୍ ରହିଥିବା ଜଣାପଡ଼ିଛି। ସେମାନଙ୍କ ନିକଟରୁ ୭.୫ କେ.ଜିର ବିସ୍ଫୋରକ, ଏକ ପିସ୍ତଲ, ୩୧ କାର୍ତ୍ତୁଜ୍, ୬ ମୋବାଇଲ ଫୋନ୍ ଏବଂ ୧ ଲକ୍ଷ ୩୦ ହଜାର ଟଙ୍କା ଜବତ କରାଯାଇଛି।

ଜବତ ବିସ୍ଫୋରକ ଆଇଇଡି ବୋଲି ଫରେନ୍ସିକ୍ ସାଇନ୍ସ ଲାବରେଟୋରି ଡିଭିଜନ୍ ବିଶେଷଜ୍ଞ କହିଛନ୍ତି। ସେଗୁଡ଼ିକୁ ଛୋଟ ଲୁହା କଣ୍ଟେନରରେ ଭର୍ତ୍ତି କରାଯାଇଥିଲା। ପ୍ରତ୍ୟେକ ବାକ୍ସର ଓଜନ ୨.୫ କେ.ଜି.। ପ୍ରତି ବାକ୍ସରେ ଏକ ଟାଇମର, ଡିଟୋନେଟର, ବିସ୍ଫୋରକ ରହିଥିବାବେଳେ ସେଥି ମଧ୍ୟରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ସେଗୁଡ଼ିକୁ ଡ୍ରୋନ୍ ଯୋଗେ ସୀମା ବାହାରୁ ପଠାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ମଧୁବନ ଥାନାରେ ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍ସ ଆକ୍ଟ ଏବଂ ଆର୍ମ ଆକ୍ଟରେ ମାମଲା ରୁଜୁ କରାଯାଇଛି। ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ ହୋଇଛି।

## ହିନ୍ଦୁ ଯୁବକଙ୍କୁ ହତ୍ୟାକଲେ ମୁସଲମାନ ସ୍ତ୍ରୀଙ୍କ ଭାଇ

**ହାଇଦ୍ରାବାଦ, ୫।୫**

ଜଣେ ମୁସଲମାନ ଯୁବତୀଙ୍କୁ ବିବାହ କରିଥିବା ହାଇଦ୍ରାବାଦର ହିନ୍ଦୁ ଯୁବକଙ୍କୁ ବୁଧବାର ରାତିରେ ସର୍ବସାଧାରଣରେ ପିଟି ହତ୍ୟା କରାଯାଇଛି। ଯୁବତୀଙ୍କ ଦୁଇ ସମ୍ପର୍କୀୟ ଭାଇ ଲୁହାରଡ୍‌ରେ ସମ୍ପୃକ୍ତ ଯୁବକଙ୍କୁ ପିଟୁଥିବାର ଭିଡିଓ ସିସିଟିଭିରେ କଏଦ ହୋଇଛି। ଘଟଣାସ୍ଥଳରେ ବହୁସଂଖ୍ୟାରେ ଲୋକ ଉପସ୍ଥିତ ଥିଲେ ହେଁ ସେମାନେ ଅଭିଯୁକ୍ତଙ୍କୁ ଅଟକାଇବା ବଦଳରେ ହତ୍ୟାକାଣ୍ଡର ଫଟୋ ଓ ଭିଡିଓ କରୁଥିବା ଦେଖାଯାଇଛି।

ସୂଚନା ଅନୁସାରେ, ବି. ନାଗାରାଜୁ ଏବଂ ସୟଦ ଅଶ୍ରିନ୍ ସୁଲତାନା ପରସ୍ପରକୁ ପିଲାବେଳୁ ଭଲ ପାଉଥିଲେ। ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ଉଭୟେ ୩ ମାସ ତଳେ ହାଇଦ୍ରାବାଦର ଆର୍ଯ୍ୟ ସମାଜ ମନ୍ଦିରରେ ବିବାହ କରିଥିଲେ। ବୁଧବାର ରାତି ପ୍ରାୟ ୮ଟା ୪୫ରେ ଉଭୟେ ଘରୁ ବାହାରି ଏକ ବାଇକ୍ ଯୋଗେ ଯାଉଥିବାବେଳେ ସରୁରନଗରରେ ୨ ଜଣ ବାଟରେ ଗାଡ଼ିକୁ ଅଟକାଇ ହଠାତ୍ ଲୁହାରଡ୍‌ରେ ନାଗାରାଜୁଙ୍କୁ ଆକ୍ରମଣ କରିଥିଲେ। ଅଶ୍ରିନ୍ ସୁଲତାନା ସ୍ୱାମୀ ନାଗାରାଜୁଙ୍କୁ ରକ୍ଷା କରିବା ପାଇଁ ଅଭିଯୁକ୍ତଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ପାରି ନ ଥିଲେ। କିଛି ସମୟ ପରେ ଘଟଣାସ୍ଥଳରେ ହିଁ ନାଗାରାଜୁଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଛନ୍ତି। ଏହି ଘଟଣା ପରେ ସରୁରନଗରରେ ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଭାଜପା କର୍ମୀମାନେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।



ହତ୍ୟାକାଣ୍ଡ ବେଳର ଭାଇରାଲ ଭିଡିଓ।

# ବିଧାନସଭା ଯିବେ କଶ୍ମୀରୀ ପଣ୍ଡିତ

**ନୂଆଦିଲ୍ଲୀ,୫।୫**

କଶ୍ମୀରୀ ପଣ୍ଡିତ ଏବଂ ପାକ୍-ଅଧିକୃତ କଶ୍ମୀର (ପିଓକେ)ରୁ ବିସ୍ଥାପିତ ହୋଇଥିବା ଲୋକେ ଜମ୍ମୁ-କଶ୍ମୀର ବିଧାନସଭାରେ ପ୍ରତିନିଧିତ୍ୱ କରିବେ। ସେମାନଙ୍କୁ ମନୋନୀତ କରି ଗୃହକୁ ପଠାଯିବ। ସେମାନଙ୍କ ପାଇଁ ଅତିରିକ୍ତ ଆସନ ସୃଷ୍ଟି କରାଯିବ ବୋଲି ସୀମା ପୁନଃ ନିର୍ଦ୍ଧାରଣ କମିଶନ ନିଜ ଚୂଡ଼ାନ୍ତ ରିପୋର୍ଟରେ ସୁପାରିସ କରିଛନ୍ତି। ସେହିପରି ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗଙ୍କ ପାଇଁ ପ୍ରଥମ ଥର ଲାଗି ବିଧାନସଭାରେ ୯ ଆସନ ସଂରକ୍ଷିତ ରଖାଯିବ। ଏହି କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ୫ ଲୋକ ସଭା ଆସନ ଅଧୀନରେ ସମାନ ସଂଖ୍ୟକ ବିଧାନସଭା ନିର୍ବାଚନମଣ୍ଡଳୀ ରହିବା ପାଇଁ କମିଶନ ପରାମର୍ଶ ଦେଇଛନ୍ତି।

ଜମ୍ମୁ-କଶ୍ମୀରର ନିର୍ବାଚନୀ ମାନଚିତ୍ରକୁ ପୁନଃ ଅଙ୍କନ କରିବା ପାଇଁ ଗଠିତ ସୀମା ପୁନଃ ନିର୍ଦ୍ଧାରଣ କମିଶନଙ୍କ ବହୁପ୍ରତୀକ୍ଷିତ ଚୂଡ଼ାନ୍ତ ରିପୋର୍ଟ ଗୁରୁବାର ଦାଖଲ ହୋଇଛି। ଏ ସମ୍ପର୍କିତ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। ବିବାଦୀୟ ସୀମା ପୁନଃ ନିର୍ଦ୍ଧାରଣ ରିପୋର୍ଟ ପ୍ରସ୍ତୁତି ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ପାଇଁ ବାଟ ଫିଟାଇବ ବୋଲି କୁହାଯାଉଛି। ପୂର୍ବରୁ ରାଜ୍ୟ ଥିବା ଜମ୍ମୁ-କଶ୍ମୀରରେ ୨୦୧୮ ଜୁନ୍ ପରଠୁ କୌଣସି ନିର୍ବାଚିତ ସରକାର କ୍ଷମତାରେ ନାହାନ୍ତି। କମିଶନଙ୍କ ସୁପାରିସ ଅନୁସାରେ ବିଧାନସଭାର ମୋଟ ୯୦ ନିର୍ବାଚନମଣ୍ଡଳୀ ମଧ୍ୟରୁ ଜମ୍ମୁ ଅଞ୍ଚଳରେ ୪୩ ଓ କଶ୍ମୀର ଉପତ୍ୟକା ପାଇଁ ୪୭ ଆସନ ରହିବ। ଜମ୍ମୁରେ ପୂର୍ବରୁ ୩୭ ଆସନ ଥିବାବେଳେ ଏହାକୁ ୪୩କୁ ବୃଦ୍ଧି କରାଯାଇଛି। ସେହିପରି ସମସ୍ତ ନିର୍ବାଚନମଣ୍ଡଳୀ ସମ୍ପୃକ୍ତ ଜିଲାର ସୀମା ମଧ୍ୟରେ ହିଁ ରହିବ ବୋଲି ଡିଲିମିଟେଶନ୍ ଅର୍ଡରରେ ଦର୍ଶାଯାଇଛି। କଶ୍ମୀରୀ ପଣ୍ଡିତ ଏବଂ ପିଓକେରୁ ବିସ୍ଥାପିତ ଲୋକଙ୍କୁ ବିଧାନସଭାରେ ପ୍ରତିନିଧିତ୍ୱର ସୁଯୋଗ ଦେବା ପାଇଁ ସିଟ୍ ସଂଖ୍ୟା ବଢ଼ାଇବାକୁ ମଧ୍ୟ ଏଥିରେ ସୁପାରିସ କରାଯାଇଛି।





ସୀମା ପୁନଃ ନିର୍ଦ୍ଧାରଣ କମିଶନ ସଦସ୍ୟମାନେ ଚୂଡ଼ାନ୍ତ ଡିଲିମିଟେଶନ୍ ଅର୍ଡର ଦେଖାଉଛନ୍ତି।

- ▶▶ ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ ଅନୁସାରେ ୨୦୧୧ ଜନଗଣନାକୁ ସୀମା ପୁନଃ ନିର୍ଦ୍ଧାରଣର ଆଧାର ରୂପେ ଗ୍ରହଣ କରାଯିବା କଥା। କିନ୍ତୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ରାଜନୈତିକ ଆକାଂକ୍ଷାକୁ ମଧ୍ୟ ହିସାବକୁ ନେଇ ସିଟ୍ ଆବଣ୍ଟନ କରାଯିବ ବୋଲି ଶେଷରେ କମିଶନ କହିଛନ୍ତି। କିଛିମାସ ତଳେ କମିଶନଙ୍କ ଏକ ରିପୋର୍ଟ ସାର୍ବଜନୀନ କରାଯିବା ପରେ ବିବାଦ ସୃଷ୍ଟି ହୋଇଥିଲା। ଭାଜପାକୁ ସହଯୋଗ କରିବା ପାଇଁ ନିର୍ବାଚନୀ କ୍ଷେତ୍ରର ପୁନଃ ନିର୍ଦ୍ଧାରଣ କରାଯାଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ।
- ▶▶ ନିକଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଥିଲେ, ଜମ୍ମୁ-କଶ୍ମୀର ସୀମା ପୁନଃ ନିର୍ଦ୍ଧାରଣ ଶେଷ ହେବା ପରେ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟାରେ ସାଂଘାତିକ ତ୍ରୁଟି ରହିଥିବା ବିଷୟ ରାଜନୈତିକ ଦଳଗୁଡ଼ିକ ଯୁକ୍ତି ବାଢୁଥିବାରୁ ଉପତ୍ୟକାର ଗଣତନ୍ତ୍ରକୁ ଏହା ଦୀର୍ଘକାଳୀନ ଗମ୍ଭୀର ପ୍ରଭାବିତ କରିବା ଆଶଙ୍କା ଉପୁଜିଛି। ଉଦାହରଣ ସ୍ୱରୂପ କମିଶନ ସଂସଦୀୟ ଆସନଗୁଡ଼ିକୁ ନୂଆକରି ନିର୍ଦ୍ଧାରଣ କରିବା ସମୟରେ ପୁଞ୍ଚ ଓ ରାଜୌରି ଜିଲାକୁ ମିଶାଇ ଦେଇଛନ୍ତି, ଯାହାକି ଜମ୍ମୁ ଏବଂ ଅନନ୍ତନାଗ ପାର୍ଲାମେଣ୍ଟାରି ସିଟ୍ ଅଧୀନରେ ଆସୁଥିଲା। ଜମ୍ମୁ ଦେଇ ଏହି ଦୁଇ ଭୌଗୋଳିକ କ୍ଷେତ୍ର ମଧ୍ୟରେ ଦୂରତା ହେଉଛି ୫୦୦ କି.ମି.।
- ▶▶ ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ସୃଷ୍ଟି କରିବା ପରେ ସୀମା ପୁନଃ ନିର୍ଦ୍ଧାରଣ ଆବଶ୍ୟକ ହୋଇଥିଲା। ସୀମା ପୁନଃ ନିର୍ଦ୍ଧାରଣ କମିଶନ ଗତବର୍ଷ ଜୁଲାଇରେ ନିର୍ବାଚନ କମିଶନଙ୍କ ଦିଲ୍ଲୀ ଅଫିସରେ ଏକ ବୈଠକ କରି ଜମ୍ମୁ-କଶ୍ମୀରରେ ରାଜନେତା ଓ ସିଭିଲ ସୋସାଇଟି ଗ୍ରୁପ୍‌ମାନଙ୍କ ସହ ଆଲୋଚନା କରିଥିଲେ।



> ସୀମା ପୁନଃ ନିର୍ଦ୍ଧାରଣ କମିଶନଙ୍କ ଚୂଡ଼ାନ୍ତ ଚିଠା ଭାଜପାକୁ ବିସ୍ତାର ଲାଭର ସୁଯୋଗ ଦେବା ପାଇଁ ଉଦ୍ଦିଷ୍ଟ। ନାଥୁରାମ ଗଡ୍‌ସେଙ୍କ ବିଚାରଧାରାକୁ କାର୍ଯ୍ୟକାରୀ କରାଇବା ପାଇଁ କମିଶନ ଜମ୍ମୁ-କଶ୍ମୀରବାସୀଙ୍କୁ ଦୁର୍ବଳ କରିଦେଇଛନ୍ତି। ସେମାନେ ଉପତ୍ୟକାକୁ ଏକ ପ୍ରୟୋଗଶାଳା ଭାବେ ବ୍ୟବହାର କରି ନିଜ ଇଚ୍ଛାରେ ନିଷ୍ପତ୍ତି ନେଇଛନ୍ତି। କମିଶନଙ୍କ ଉପରେ ଆମର ବିଶ୍ୱାସ ନାହିଁ।
>
> **-ମେହବୁବା ମୁଫ୍‌ତି, ପିଡିପି ଅଧକ୍ଷା ତଥା ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ**

## ଶେୟାର ବଜାରରେ ସ୍ୱଳ୍ପ ବୃଦ୍ଧି

**ନୂଆଦିଲ୍ଲୀ:** ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ରେପୋ ରେଟ୍ ବୃଦ୍ଧି କରିବା ପରଦିନ ଅର୍ଥାତ୍ ସପ୍ତାହର ୪ର୍ଥ କାରବାର ଦିନ (ଗୁରୁବାର) ଶେୟାର ବଜାରରେ ସ୍ୱଳ୍ପ ବୃଦ୍ଧି ଦେଖିବାକୁ ମିଳିଛି। ବୁଧବାର ଆର୍‌ବିଆଇର ଘୋଷଣା ପରେ ଶେୟାର ବଜାରରେ ଭାରି ହ୍ରାସ ଘଟିଥିଲା। ଗୁରୁବାର ଦିନରେ ସେନ୍‌ସେକ୍ସ ଏବଂ ନିଫ୍ଟିରେ ଯଥାକ୍ରମେ ୩୩.୨୦ ପଏଣ୍ଟ (୦.୦୬୦%) ଏବଂ ୫.୦୫ ଅଙ୍କ (୦.୦୩୦%) ବୃଦ୍ଧି ଦେଖିବାକୁ ମିଳିଥିଲା। କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୫,୭୦୨.୨୩ ଏବଂ ନିଫ୍ଟି ୧୬,୬୮୨.୬୫ ଇଣ୍ଡେକ୍ସରେ ବନ୍ଦ ହୋଇଛି।

## ସଂକ୍ଷେପରେ

### ସିବିଆଇର ୬୦୦ ଶାଖା ବନ୍ଦ ହେବ

**ନୂଆଦିଲ୍ଲୀ,୫।୫:** ଆସନ୍ତା ବର୍ଷ ଅର୍ଥାତ୍ ୨୦୨୩ ଶେଷ ସୁଦ୍ଧା ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ(ସିବିଆଇ)ର ୧୩% ଅର୍ଥାତ୍ ୬୦୦ ଶାଖା ବନ୍ଦ ହେବାକୁ ଯାଉଛି। ଆର୍ଥିକ ସ୍ଥିତିରୁ ମୁକୁଳିବା ପାଇଁ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଥିବା ସୂଚନା ଦିଆଯାଇଛି। ଏହି ସ୍ଥିତିକୁ ସୁଧାରିବା ପାଇଁ ଶାଖାଗୁଡ଼ିକୁ ବନ୍ଦ କରାଯିବା ଛଡ଼ା ରିୟଲ ଇଷ୍ଟେଟ୍ ଭଳି ନନ୍-କୋର୍ ସମ୍ପତ୍ତିକୁ ମଧ ବିକ୍ରି କରାଯିବ। ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ପୁରୁଣା ବ୍ୟାଙ୍କର ସାରା ଦେଶରେ ୪,୫୯୪ଟି ଶାଖା ରହିଛି। ସୂଚନାଯୋଗ୍ୟ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ସର୍ତ୍ତ ଉଲ୍ଲଂଘନ କରୁଥିବା କାରଣ ଦର୍ଶାଇ ଏହି ବ୍ୟାଙ୍କକୁ ୨୦୧୭ରେ ପିସିଏ (ପ୍ରୋମ୍ପ୍ଟ କରେକ୍ଟିଭ୍ ଆକ୍ସନ) ବ୍ୟବସ୍ଥାରେ ରଖାଯାଇଥିଲା। ବ୍ୟାଙ୍କର ସ୍ଥିତି ସୁଧାରିବା ପାଇଁ ଆର୍‌ବିଆଇ ପକ୍ଷରୁ ଅନେକ କଟକଣା ଲଗାଯାଇଥିଲା।

### ଖାଇବା ତେଲରେ ଟିକସ ହ୍ରାସ ହୋଇପାରେ

**ନୂଆଦିଲ୍ଲୀ,୫।୫:** ଦେଶର ଘରୋଇ ବଜାରରେ ଖାଇବା ତେଲ ଦର ହ୍ରାସ କରିପାରନ୍ତି ଭାରତ ସରକାର। ବ୍ଲୁମ୍‌ବର୍ଗର ଏକ ରିପୋର୍ଟ ଅନୁସାରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ଇଣ୍ଡୋନେସିଆ ପକ୍ଷରୁ ପାମ୍ ତୈଳ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଯିବା କାରଣରୁ ଖାଇବା ତେଲ ଦର ବୃଦ୍ଧି ଘଟିଛି। ବିଶ୍ୱର ସର୍ବାଧିକ ବନସ୍ପତି ତୈଳ କ୍ରୟ କରୁଥିବା ଭାରତ, ପାମ୍ ତୈଳ କ୍ରୟ ଉପରେ ଏଗ୍ରିକଲ୍‌ଚର ଇନ୍‌ଫ୍ରାଷ୍ଟ୍ରକ୍‌ଚର ଏବଂ ଡେଭେଲପ୍‌ମେଣ୍ଟ ସେସ୍ ୫% କମ୍ କରିବା ଦିଗରେ ଯୋଜନା କରୁଛନ୍ତି। କାରଣ ଭାରତ ନିଜ ଚାହିଦାର ୬୦% ବନସ୍ପତି ତୈଳ ଅନ୍ୟ ଦେଶଗୁଡ଼ିକଠାରୁ କ୍ରୟ କରିଥାଏ। ସରକାର ତୈଳ ଦର ଉପରେ ଲଗାମ ଲଗାଇବା ପାଇଁ ପାମ୍, ସୋୟାବିନ୍, ସୂର୍ଯ୍ୟମୁଖୀ ତେଲ କ୍ରୟ ଶୁଳ୍କ ହ୍ରାସ ଏବଂ ଷ୍ଟକ୍ ଉପରେ ରୋକ୍ ଲଗାଇବାକୁ ସୀମିତ ମାଲ୍ ଜମା ରଖିବା ଦିଗରେ କାର୍ଯ୍ୟ କରିଥିଲେ। ତେବେ ସରକାରଙ୍କର ଏହି ନିଷ୍ପତ୍ତି ବିଶେଷ ଫଳପ୍ରଦ ହୋଇ ନ ଥିଲା। ସରକାର ବର୍ତ୍ତମାନ ଅଲିଭ୍ ତେଲ, ରାଇସ୍ ବ୍ରାନ୍, ପାମ୍ କର୍ନେଲ୍ ଅଏଲ୍ ଭଳି ଖାଇବା ତେଲ ଉପରେ କ୍ରୟ ଶୁଳ୍କ ୩୫%ରୁ ହ୍ରାସକରି ୫% କରିବା ଦିଗରେ ଯୋଜନା କରୁଥିବା ବ୍ଲୁମ୍‌ବର୍ଗ ତଥ୍ୟରୁ ଜଣାପଡ଼ିଛି।

# ଏପ୍ରିଲରେ ୩୭% ଗାଡ଼ି ବିକ୍ରି ବୃଦ୍ଧି

### କୋଭିଡ୍ ପୂର୍ବ ସ୍ଥିତିକୁ ଫେରିନି ଯାନ ବିକ୍ରି

**ନୂଆଦିଲ୍ଲୀ,୫।୫**

ଯାନ ଡିଲର ସଙ୍ଗଠନ ଫେଡେରେଶନ ଅଫ୍ ଅଟୋମୋବାଇଲ୍ସ ଡିଲର ଆସୋସିଏସନ (ଫାଡା) ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଦେଶରେ ଗାଡ଼ିଗୁଡ଼ିକର ଖୁଚୁରା ବିକ୍ରି ପୂର୍ବ ବର୍ଷ ଏପ୍ରିଲ ଅପେକ୍ଷା ୩୭% ବୃଦ୍ଧିପାଇଛି। ଫାଡା ସୂଚନା ଅନୁସାରେ ଗତ ଏପ୍ରିଲରେ ଦେଶରେ ସମସ୍ତ ଶ୍ରେଣୀର ମୋଟ୍ ୧୬,୨୭,୯୭୫ ୟୁନିଟ୍ ଗାଡ଼ି ବିକ୍ରି ହୋଇଛି। ପୂର୍ବ ବର୍ଷ କୋଭିଡ୍ ୨ୟ ଲହର କବଳିତ ଏପ୍ରିଲ ମାସରେ ଗାଡ଼ି ବିକ୍ରି ୧୧,୮୭,୭୭୧ ରହିଥିଲା।



ପୂର୍ବ ବର୍ଷ ଏପ୍ରିଲ ଅପେକ୍ଷା ଚଳିତ ବର୍ଷ ସମାନ ଅବଧିରେ ଯାତ୍ରୀ ଯାନ ପଞ୍ଜୀକରଣରେ ୨୫% ବୃଦ୍ଧି ପାଇଛି। ୨୦୨୧ ଏପ୍ରିଲରେ ଏହା ୨,୧୦,୬୮୨ ୟୁନିଟ୍ ଥିବାବେଳେ ଚଳିତ ବର୍ଷ ଏପ୍ରିଲରେ ତାହା ୨,୬୪,୩୪୨ରେ ପହଞ୍ଚିଛି। ପୂର୍ବ ବର୍ଷ ଏପ୍ରିଲ ତୁଳନାରେ ଚଳିତ ବର୍ଷ ସମାନ ଅବଧି ମଧ୍ୟରେ ଦୁଇଚକିଆ ଯାନର ଖୁଚୁରା ବିକ୍ରି ୩୮% ବୃଦ୍ଧି ପାଇ ୧୧,୯୪,୫୨୦ ରେ ପହଞ୍ଚିଛି। ଏହାଛଡ଼ା ଗତ ଏପ୍ରିଲରେ ବାଣିଜ୍ୟିକ ଯାନଗୁଡ଼ିକର ଖୁଚୁରା ବିକ୍ରି ୭୮,୩୯୮ରେ ପହଞ୍ଚିଥିବା ବେଳେ ପୂର୍ବ ବର୍ଷ ଏପ୍ରିଲରେ ତାହା ୫୧,୫୧୫ ରହିଥିଲା। ତେଣୁ ପୂର୍ବ ବର୍ଷ ତୁଳନାରେ ଗତ ଏପ୍ରିଲରେ ବାଣିଜ୍ୟିକ ଯାନ ସେଗ୍‌ମେଣ୍ଟରେ ୫୨% ବୃଦ୍ଧି ଘଟିଛି। ଏହାଛଡ଼ା ତିନିଚକିଆ ସେଗ୍‌ମେଣ୍ଟରେ ଖୁଚୁରା ବିକ୍ରି ଗତ ୨ ବର୍ଷ ତୁଳନାରେ ବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୨୧ ତୁଳନାରେ ଚଳିତ ବର୍ଷ ଏପ୍ରିଲରେ ତିନିଚକିଆ ଯାନ ବିକ୍ରି ୯୬% ବୃଦ୍ଧି ପାଇଥିବା ବେଳେ ଟ୍ରାକ୍ଟର କ୍ଷେତ୍ରରେ ପଞ୍ଜୀକରଣ ୨୬% ବୃଦ୍ଧି ପାଇଛି। ଗତ ଏପ୍ରିଲରେ ତିନିଚକିଆ ୪୨,୩୯୬ ୟୁନିଟ୍ ବିକ୍ରି ହୋଇଥିବା ବେଳେ ୨୦୨୧ରେ ୨୧,୬୪୦ ଏବଂ ୨୦୨୦ରେ ୧୦,୫୬୭ ୟୁନିଟ୍ ବିକ୍ରି ହୋଇଛି। ତେବେ କୋଭିଡ୍ ମହାମାରୀ ପୂର୍ବ ୨୦୧୯ ଏପ୍ରିଲ ସହ ୨୦୨୨ ଏପ୍ରିଲର ଗାଡ଼ି ବିକ୍ରିକୁ ତୁଳନା କଲେ ମୋଟ୍ ଗାଡ଼ି ବିକ୍ରି ୬% କମ୍ ରହିଛି। ତେଣୁ ବର୍ତ୍ତମାନ ମଧ ଆମେ କୋଭିଡ୍ ପରିସ୍ଥିତିରୁ ସମ୍ପୂର୍ଣ୍ଣ ବାହାରିନାହୁଁ ବୋଲି ଏଥିରୁ ପ୍ରମାଣିତ ହେଉଥିବା ଫାଡା ଅଧ୍ୟକ୍ଷ ଭିଙ୍କେଶ ଗୁଲାଟି କହିଛନ୍ତି। ସେ ଆହୁରି ମଧ କହିଛନ୍ତି, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଜାରି ରହିଛି ଏବଂ ଚାଇନାରେ ମଧ ଲକ୍‌ଡାଉନ ଚାଲିଛି। ଫଳରେ ଗାଡ଼ି ଉଦ୍ୟୋଗ କ୍ଷେତ୍ରରେ ଚାହିଦା ପୂରଣ ସମ୍ବନ୍ଧୀୟ ଅସୁବିଧା ପରିଲକ୍ଷିତ ହେଉଛି।

## ଟାଟା ମୋଟର୍ସର 'ଏସିଇ ଇଭି' ଶୁଭାରମ୍ଭ



**ନୂଆଦିଲ୍ଲୀ,୫।୫:** ଦେଶର ପ୍ରମୁଖ ବାଣିଜ୍ୟିକ ଯାନ ନିର୍ମାତା ଟାଟା ମୋଟର୍ସ ପକ୍ଷରୁ ଗୁରୁବାର ଏହାର ଅଲ ନ୍ୟୁ ଏସିଇ ଇଭି ଯାନର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଟାଟା ମୋଟର୍ସର ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ୍ କହିଛନ୍ତି, କମ୍ପାନୀର ଏହି ଇ-ମୋବିଲିଟି ହେଉଛି ଏକ ଭିନ୍ନ ଚିନ୍ତାଧାରା, ଯାହାର ସମୟ ବର୍ତ୍ତମାନ ଆସିଛି। ଟାଟା ମୋଟର୍ସରେ ଆମେ ଏହି ପରିବର୍ତ୍ତନକୁ ଆଗେଇନେବା ପାଇଁ ଦ୍ରୁତଗତିରେ କାମ କରୁଛୁ। ଏହାକୁ ମଧ ଯାତ୍ରୀ କାର୍, ବାଣିଜ୍ୟିକ ଯାନ ଓ ଜାଗୁଆର ଲ୍ୟାଣ୍ଡ ରୋଭର କ୍ଷେତ୍ରରେ ମଧ ଲାଗୁ କରାଯାଉଛି। ମୁଁ ଆନନ୍ଦିତ ଯେ ଏସିଇ ଇଭିର ଶୁଭାରମ୍ଭ ସହ ଆମେ ଇ-କାର୍ଗୋ ମୋବିଲିଟର ଏକ ନୂତନ ଯୁଗରେ ପ୍ରବେଶ କରୁଛୁ। ସେହିଭଳି ଟାଟା ମୋଟର୍ସ ମଧ ଅଗ୍ରଣୀ ଇ-କମର୍ସ କମ୍ପାନୀ ଓ ଲଜିଷ୍ଟିକ୍ ସେବା ପ୍ରଦାନକାରୀ ସଂସ୍ଥା ଆମାଜନ, ବିଗ୍‌ବାସ୍କେଟ, ସିଟି ଲିଙ୍କ୍ ଡଟ୍, ଫ୍ଲିପ୍‌କାର୍ଟ, ଲେଟ୍‌ସ ଟ୍ରାନ୍ସପୋର୍ଟ, ମୁଭିଂ ଓ ୟେଲୋ ଇଭି ସହିତ କୌଶଳଗତ ବୁଝାମଣାପତ୍ର ସ୍ୱାକ୍ଷର ବିଷୟରେ ଘୋଷଣା କରିଛି। ସେହିପରି ଟାଟା ମୋଟର୍ସର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଗିରୀଶ ୱାଘ କହିଛନ୍ତି,ଏସିଇ ଇଭିର ଶୁଭାରମ୍ଭ ସହ ଆମେ ଆମର ଯାତ୍ରାରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ।

## ୧୬୪ କୋଟିର ବ୍ୟବସାୟିକ ଲକ୍ଷ୍ୟ ରଖିଛି ବୟନିକା

**ଭୁବନେଶ୍ୱର,୫।୫**

ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଥିବା 'ବୟନିକା'ର ୬୭ତମ ପ୍ରତିଷ୍ଠା ଦିବସ ଗୁରୁବାର ସ୍ଥାନୀୟ ୟୁନିଟ-୩ ସ୍ଥିତ 'ବୟନ ଭବନ' ପ୍ରାଙ୍ଗଣରେ ମହାସମାରୋହାରେ ପାଳିତ ହୋଇଯାଇଛି। ବୟନିକାର ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ନିର୍ଦ୍ଦେଶାଳୟର ପଦାଧିକାରୀମାନେ ମଧ ଉପସ୍ଥିତ ଥିଲେ। ଅପରପକ୍ଷରେ ବୟନିକାର ସମସ୍ତ ସ୍ୱୀକୃତିପ୍ରାପ୍ତ ବିକ୍ରୟ ଶାଖାରେ ମଧ ଉକ୍ତ ସମାରୋହକୁ ପାଳନ କରାଯାଇଛି। ବୟନିକାର ବିକାଶ ପାଇଁ ସବୁସ୍ତରରେ ପ୍ରୟାସ ଜାରି ରହିଛି। ଏପରିକି ଚଳିତ ଆର୍ଥିକ ବର୍ଷ (୨୦୨୨-୨୩)ରେ ସଂସ୍ଥା ପ୍ରାୟ ୧୬୪ (୧୬୩.୯୦) କୋଟି ଟଙ୍କାର ବ୍ୟବସାୟ କରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏକ ହସ୍ତତନ୍ତ ସଂସ୍ଥା ହିସାବରେ ଗତ ଆର୍ଥିକ ବର୍ଷରେ ୧୨୮.୮୫ କୋଟିରେ ବ୍ୟବସାୟ କରିବା ଓଡ଼ିଶା ହସ୍ତତନ୍ତ ଶିଳ୍ପ ପାଇଁ ନିଶ୍ଚିତ ରୂପେ ଏକ ବଡ ସଫଳତା ବୋଲି ବୟନିକା ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ବୟନିକା ଏହାର ବ୍ୟବସାୟିକ ଅଭିବୃଦ୍ଧି ଘଟାଇବା ପାଇଁ ବଦ୍ଧପରିକର ହେବା ସଙ୍ଗେ ସଙ୍ଗେ ଉକ୍ତ ସଂସ୍ଥା ସହ ଜଡ଼ିତ ଅଗଣିତ ବୁଣାକାରଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶକୁ ମଧ ପରିବର୍ଦ୍ଧିତ କରିବା ପାଇଁ ଚେଷ୍ଟିତ ରହିବ। ବୟନିକା ୨୦୨୧-୨୨ ବର୍ଷରେ ନିଜର ପ୍ରତିଷ୍ଠିତ ବିକ୍ରୟ ଶାଖା ସହ ରାଜ୍ୟ ଓ ରାଜ୍ୟ ବାହାରେ ବିଭିନ୍ନ ପ୍ରଦର୍ଶନୀରେ ଭାଗନେଇ ଏବଂ ପ୍ରଦର୍ଶନୀର ଆୟୋଜନ କରି ମୋଟ ୧୨୮.୮୫ କୋଟି ଟଙ୍କାର ବ୍ୟବସାୟ କରିଥିବା ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ବୟନିକା ପକ୍ଷରୁ ୧୦%+୨୦% ବିଶେଷ ରିହାତି ଘୋଷଣା କରାଯାଇଛି। ଏହା ସମସ୍ତ ଶାଖାରେ ୧୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ୧୯୫୬ରେ ପ୍ରତିଷ୍ଠିତ ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତିଲିଃ, ଯାହାକିଆଜି 'ବୟନିକା' ନାମରେ ସୁଖ୍ୟାତି ଅର୍ଜନ କରିଛି।




ବୟନିକାର ୬୭ ତମ ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀବୃନ୍ଦ।

## ଡାବର ୧୦ ହଜାର କୋଟିର କମ୍ପାନୀ

**ନୂଆଦିଲ୍ଲୀ,୫।୫**

ଏଫ୍‌ଏମ୍‌ସିଜି କମ୍ପାନୀ ଡାବର ଇଣ୍ଡିଆ ପକ୍ଷରୁ ଗୁରୁବାର ୨୦୨୧-୨୨ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସର ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀର ବାର୍ଷିକ ଆୟ ଆଧାରରେ କନ୍‌ସୋଲିଡେଟେଡ୍ ଲାଭ ପ୍ରାୟ ୨୨% (୨୧.୯୮ ପ୍ରତିଶତ) ହ୍ରାସ ଘଟି ୨୯୪.୩୪ କୋଟି ଟଙ୍କା ରହିଛି। ଇନ୍‌ପୁଟ୍ ଖର୍ଚ୍ଚ ବୃଦ୍ଧି ଏବଂ ତୁର୍କୀରେ କମ୍ପାନୀ ଶାଖାର ଅବ୍ୟବସ୍ଥିତ ଅବସ୍ଥା କାରଣରୁ ଏଭଳି ସ୍ଥିତି ଦେଖାଦେଇଛି। ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ମଧ୍ୟରେ କମ୍ପାନୀର ୩୭୭.୨୯ କୋଟି ଟଙ୍କାର ଲାଭ ହୋଇଥିଲା। ତେବେ ୨୦୨୦-୨୧ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସ ତୁଳନାରେ ଗତ ଆର୍ଥିକ ବର୍ଷର ଉକ୍ତ ଅବଧି ମଧ୍ୟରେ କମ୍ପାନୀର ଆୟ ୭.୭୪% ବୃଦ୍ଧି ଘଟି ୨,୫୧୭.୮୧ କୋଟି ଟଙ୍କାରେ ପହଞ୍ଚିଛି। ଫଳରେ କମ୍ପାନୀ ୧୦ ହଜାର କୋଟି ଟଙ୍କାର ଏକ ବୃହତ୍ତ ସଂସ୍ଥା ଭାବେ ନାମିତ ହୋଇପାରିଛି।

## ଏଲ୍‌ଆଇସି ଆଇପିଓର ସବ୍‌ସ୍କ୍ରିପ୍ସନ ପୂରଣ

**ନୂଆଦିଲ୍ଲୀ,୫।୫**

ପ୍ରଥମ ଦିନ ଭଳି ୨ୟ ଦିନରେ ମଧ ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ପ୍ରାରମ୍ଭିକ ସର୍ବସାଧାରଣ ଅଫର (ଆଇପିଓ)କୁ ନିବେଶକଙ୍କର ଦୃଢ଼ ସମର୍ଥନ ଦେଖିବାକୁ ମିଳିଛି। ଏହାର ଆରମ୍ଭ ହେବାର ଦ୍ୱିତୀୟ ଦିନରେ ଶତ ପ୍ରତିଶତ ସବ୍‌ସ୍କ୍ରାଇବ୍ ହୋଇଯାଇଛି। ବୁଧବାର ଶୁଭାରମ୍ଭ ହୋଇଥିବା ଏହି ଆଇପିଓରେ ନିବେଶକଙ୍କ ଉଦ୍ଦେଶ୍ୟରେ ରହିଥିବା ଶେୟାରଠାରୁ ୧.୦୩ ଗୁଣା ଅଧିକ ଶେୟାର ପାଇଁ ଗୁରୁବାର ସନ୍ଧ୍ୟା ସୁଦ୍ଧା ସମ୍ପୂର୍ଣ୍ଣ ସବ୍‌ସ୍କ୍ରାଇବ୍ ହୋଇଯାଇଛି। ପ୍ରଥମ ଦିନ ସନ୍ଧ୍ୟା ସୁଦ୍ଧା ଏହାର ୬୬% ସବ୍‌ସ୍କ୍ରାଇବ୍ ହୋଇସାରିଥିଲା। ମ୍‌୨ୟ ଦିନ ସନ୍ଧ୍ୟା ସୁଦ୍ଧା ପଲିସିହୋଲ୍ଡର ସେଗ୍‌ମେଣ୍ଟରେ ୩.୧୧ ଗୁଣା ଏବଂ କର୍ମଚାରୀ ବିଭାଗରେ ୨.୨୨ ଗୁଣା ଅଧିକ ସବ୍‌ସ୍କ୍ରିପ୍ସନ୍ ଦେଖିବାକୁ ମିଳିଛି। ସେହିପରି ନନ୍ ଇନ୍‌ଷ୍ଟିଟ୍ୟୁଶନାଲ ଇନ୍‌ଭେଷ୍ଟର୍ସ ଏବଂ କ୍ୱାଲିଫାଏଡ୍ ଇନ୍‌ଷ୍ଟିଟ୍ୟୁଶନାଲ କ୍ରେତାଙ୍କ ଅଂଶରେ ଯଥାକ୍ରମେ ୦.୪୭ ଏବଂ ୦.୪୦ ଗୁଣା ଅଧିକ ନିବେଶ ହୋଇଛି। ଏହାଛଡ଼ା ଖୁଚୁରା ନିବେଶକଙ୍କ ଅଂଶରେ ୦.୯୩ ଗୁଣା ଅଧିକ ଶେୟାର କ୍ରୟ କରାଯାଇଛି। ସୂଚନାଯୋଗ୍ୟ, ଏହିଆଇପିଓ ନିବେଶକଙ୍କ ପାଇଁ ମେ' ୯ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ତେବେ ଏହା ଖୁଚୁରା ନିବେଶକାରୀଙ୍କ ପାଇଁ ଶନିବାର ମଧ ଖୋଲା ରହିବ। ଏ ନେଇ ମଧ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ୍ ପକ୍ଷରୁ ସୂଚନା ଦିଆଯାଇଛି।




## ଫୁରସତ୍

# ନୋରା ଇନ୍, ଜ୍ୟାକ୍‌ଲିନ୍ ଆଉଟ୍



ନୋରା ଫତେହି

**ମୁମ୍ବାଇ:** ସାଉଥ୍ ସୁପରଷ୍ଟାର ପବନ କଲ୍ୟାଣଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଯାଉଛନ୍ତି ନୋରା ଫତେହି। ସାଉଥ୍ ଫିଲ୍ମ 'ହରି ହର ଭୀରା ମାଲୁ' ଫିଲ୍ମରେ ପ୍ରଥମେ ଜ୍ୟାକଲିନ୍‌ଙ୍କ ସାଇନ୍ କରାଯାଇଥିଲା। କିନ୍ତୁ କୌଣସି କାରଣବଶତଃ ଜ୍ୟାକଲିନ୍‌ଙ୍କ ଜାଗାରେ ନୋରାଙ୍କୁ ଚୟନ କରାଯାଇଛି। ସୂଚନାଯୋଗ୍ୟ, ଫିଲ୍ମରେ ନୋରା ଶାନାରା ବେଗମଙ୍କ ଭୂମିକାରେ ଅଭିନୟ କରିବେ; ଯେ ଥିଲେ ଶାହାଜାହାନଙ୍କ ତୃତୀୟ ଭଉଣୀ। ଏହି ଚରିତ୍ରକୁ ଜ୍ୟାକଲିନ୍‌ଙ୍କ ବଦଳରେ ନୋରା ଭଲଭାବେ କରିପାରିବେ ବୋଲି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୁହାଯାଇଛି। ତେବେ ଜ୍ୟାକଲିନ୍‌ଙ୍କୁ କ'ଣ ପାଇଁ ଫିଲ୍ମରୁ ହଟାଗଲା ତାହା ସ୍ପଷ୍ଟ ହୋଇପାରି ନାହିଁ। କ୍ରିଶ ଜଗରଲାମୁଦି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି। ଚଳିତବର୍ଷ ଫିଲ୍ମଟି ରିଲିଜ୍ ହେବାକୁ ଥିବାବେଳେ କରୋନା ପାଇଁ ଏହାର ଶୁଟିଂ ହୋଇପାରି ନ ଥିଲା। ଫିଲ୍ମରେ ପବନ କଲ୍ୟାଣଙ୍କ ବ୍ୟତୀତ ଅର୍ଜୁନ ରାମପାଲ, ନିଧି ଅଗ୍ରୱାଲ ଏବଂ ନରଗିଶ ଫକ୍ରି ପ୍ରମୁଖ ଭୂମିକାରେ ଅଭିନୟ କରିବେ।

ରିଆଲିଟି ଶୋ' ବିଗ୍‌ବସ୍‌ରୁ ହିନ୍ଦୀ ମନୋରଞ୍ଜନ ଜଗତରେ ପାଦ ଥାପିଥିଲେ ନୋରା ଫତେହି। ଜଣେ ଆଇଟମ୍ ଗର୍ଲ ତଥା ବେଲି ଡ୍ୟାନ୍ସର ଭାବେ ସେ ବଲିଉଡ୍‌ରେ ବେଶ୍ ଜଣାଶୁଣା। ନିଜ ଡ୍ୟାନ୍ସିଂ ଟାଲେଣ୍ଟ ଜରିଆରେ ବି. ଟାଉନ୍‌ରେ ନୋରା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବା ସହ ଏକ ଫ୍ୟାନ୍‌ବେଶ୍ ତିଆରି କରିପାରିଛନ୍ତି।

## ବରଯାତ୍ରୀ ପାଇଁ ଟେଣ୍ଟ ଛତା

**ନୂଆଦିଲ୍ଲୀ:** ପ୍ରତିଦିନ ଇଣ୍ଟରନେଟରେ କୌତୂହଳପ୍ରଦ ଭିଡିଓସବୁ ଶେୟାର ହେବାରେ ଲାଗିଛି। ବର୍ତ୍ତମାନ ଇଣ୍ଟରନେଟରେ ଏକ ଭିଡିଓ ଦେଖିବାକୁ ମିଳିଛି ଯେଉଁଥିରେ ବରଯାତ୍ରୀ ନାଚୁଛନ୍ତି। କିନ୍ତୁ ଏହି ଭିଡିଓରେ ସବୁଠାରୁ ରୋଚକ କଥା ହେଲା ବରଯାତ୍ରୀଙ୍କ ପାଇଁ ଏକ ଟେଣ୍ଟରେ ବିରାଟ ଛତା ତିଆରି କରାଯାଇଛି। ବରଯାତ୍ରୀ ନାଚି ନାଚି ଯେଉଁଆଡ଼େ ଯାଉଛନ୍ତି ଛତାଟି ସିଆଡ଼େ ଯାଉଛି। ବିଭିନ୍ନ ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରିଥିବାବେଳେ ଏଥିରୁ ନିସ୍ତାର ପାଇବା ପାଇଁ ବରପକ୍ଷ ଏପ୍ରକାର ଯୋଗାଡ଼ କରିଥିବା କୁହାଯାଉଛି। ତେବେ ଭିଡିଓ ଶେୟାର ହେବା ପରେ ସୋସିଆଲ ମିଡିଆ ୟୁଜରମାନେ ବହୁ ମଜାଳିଆ କମେଣ୍ଟ ଦେଇଥିବାର ଦେଖାଯାଇଛି।



## ପରିବା ବ୍ୟବସାୟୀଙ୍କ ଝିଅ ବିଚାରପତି

**ଭୋପାଳ:** କଥାରେ ଅଛି, ଅଦମ୍ୟ ଇଚ୍ଛାଶକ୍ତି ଥିଲେ ଲକ୍ଷ୍ୟ ହାସଲ କରିବା ସମ୍ଭବ। ୨୯ ବର୍ଷୀୟା ଅଙ୍କିତା ନାଗର ଏହାକୁ ପ୍ରମାଣ କରି ଦେଖାଇଛନ୍ତି। ଅଙ୍କିତାଙ୍କ ଆପ୍ରାଣ ଚେଷ୍ଟା ଫଳରେ ସେ ଆଜି ଜଣେ ସିଭିଲ୍ ଜଜ୍ ହୋଇପାରିଛନ୍ତି। ତେବେ ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ଅଙ୍କିତାଙ୍କୁ କିଛି କମ୍ କଷ୍ଟ କରିବାକୁ ପଡ଼ିନାହିଁ। ଚତୁର୍ଥ ଥର ପରୀକ୍ଷା ଦେଇ ସେ ସଫଳ ହୋଇଛନ୍ତି। ତେବେ ଅଙ୍କିତାଙ୍କ ପରିବାର କହିଲେ ମା', ବାପା ଓ ସେ। ଦୀର୍ଘ ୪ ବର୍ଷର ସଂଘର୍ଷ ପରେ ଅଙ୍କିତାଙ୍କ ଇଚ୍ଛା ପୂରଣ ହେବାକୁ ନେଇ ସେ ଏବେ ଖୁବ୍ ଖୁସୀ। ସିଭିଲ୍ ଜଜ୍ କ୍ଲାସ୍ -୨ ପରୀକ୍ଷା ପାଇଁ ସେ ପ୍ରସ୍ତୁତ ହେଉଥିବା ଚାରିଥରରେ ପରୀକ୍ଷା ଦେଇ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଙ୍କିତାଙ୍କ ବାପା ଅଶୋକ ନାଗର ପେସାରେ ଜଣେ ପରିବା ବ୍ୟବସାୟୀ। ମୁସାଖେଡି ଅଞ୍ଚଳରେ ତାଙ୍କ ଅଶୋକଙ୍କ ପରିବା ଦୋକାନ। ପିଲାଟି ଦିନରୁ ଜଜ୍ ହେବା ପାଇଁ ଅଙ୍କିତାଙ୍କ ଇଚ୍ଛା ଥିବାବେଳେ ଏଲ୍‌ଏଲ୍‌ଏମ୍‌ରେ ସେ ନିଜ ବ୍ୟାଚେଲର ଡିଗ୍ରୀ ହାସଲ କରିଥିଲେ। ସିଭିଲ୍ ଜଜ୍ ପରୀକ୍ଷା ପାଇଁ ଅଙ୍କିତା ପ୍ରସ୍ତୁତ ହେବା ସହ ଘରକାମରେ ସାହାଯ୍ୟ କରୁଥିବା ସେ କହିଛନ୍ତି।





## କୋଭିଡ୍, ୟୁକ୍ରେନ୍ ଯୁଦ୍ଧ ଯୋଗୁ ବଢ଼ୁଛି ମାନସିକ ଚାପ

**ଜେନେଭା:** ମହାମାରୀ କରୋନା ଏବଂ ରୁଷିଆ-ୟୁକ୍ରେନ ମଧ୍ୟରେ ଲାଗି ରହିଥିବା ଯୁଦ୍ଧର ପ୍ରଭାବ ବିଶ୍ୱର ଲକ୍ଷାଧିକ ଲୋକଙ୍କ ମାନସିକ ଅବସ୍ଥାକୁ ପ୍ରଭାବିତ କରୁଥିବା ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ କୁହାଯାଇଛି। ରୁଷିଆ-ୟୁକ୍ରେନ ଯୁଦ୍ଧକୁ ଇତିମଧ୍ୟରେ ବିତିଯାଇଛି ଦୁଇମାସରୁ ଅଧିକ ଦିନ। ଏ ନେଇ ଉଭୟ ରାଷ୍ଟ୍ରର ବଡ଼ ଧରଣର କ୍ଷତି ହୋଇଥିବାବେଳେ ଯେଉଁ ଦେଶ ଗୁଡ଼ିକରେ ବଡ଼ ଧରଣର ସ୍ୱାସ୍ଥ୍ୟ ସୁବିଧା ମହଜୁଦ ଥିଲା, ସେ ଦେଶଗୁଡ଼ିକ ଉଭୟ ଯୁଦ୍ଧ ଏବଂ କୋଭିଡ୍ ପାଇଁ ଅଧିକ ପ୍ରଭାବିତ ହୋଇଥିବା ଲକ୍ଷ୍ୟ କରାଯାଉଛି। ଖାଲି ୟୁକ୍ରେନ୍ ନୁହେଁ ଏହାର ଆଖାପାଖ ଦେଶରେ ଚିକିତ୍ସା କ୍ଷେତ୍ରରେ ବିରାଟ ପରିବର୍ତ୍ତନ ମଧ ଘଟିଛି। ୟୁକ୍ରେନ ଶରଣାର୍ଥୀଙ୍କୁ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଯାଉଥିବା କାରଣରୁ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ଚିକିତ୍ସା ବ୍ୟବସ୍ଥା ପ୍ରଭାବିତ ହୋଇଛି।

ଖାଲି ମାନସିକ ଚାପ ନୁହେଁ, ବିଶ୍ୱରେ ଦ୍ରୁତ ଖାଦ୍ୟ ସଙ୍କଟ ଦେଖାଯାଉଥିବା ଜାତିସଂଘ କହିଛି। ୟୁଏନ୍‌ର ସଦ୍ୟ ରିପୋର୍ଟ ଅନୁସାରେ ଗତବର୍ଷ ଖାଦ୍ୟ ସଙ୍କଟ ୪୦ ମିଲିୟନ ବୃଦ୍ଧି ପାଇଛି, ଯାହାଫଳରେ ବିଶ୍ୱର ପ୍ରାୟ ୧୯୩ ମିଲିୟନ ଲୋକେ ଏବେ ଖାଦ୍ୟ ସଙ୍କଟ ଭିତର ଦେଇ ଗତି କରୁଛନ୍ତି।

## ୪୫୦୦ ବର୍ଷର ପୁରୁଣା ସମାଧି

**କାଇରୋ:** ଇଜିପ୍ଟର ଦକ୍ଷିଣାଞ୍ଚଳରେ ଥିବା ସୋହାଗରୁ ୪୫୦୦ ବର୍ଷ ତଳର କବର ମିଳିଥିବା ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଭାଗ ୮୫ଟି ସମାଧି ସନ୍ଧାନ କରିଥିବାବେଳେ ଏହି ସମାଧିଗୁଡ଼ିକ ଖ୍ରୀଷ୍ଟପୂର୍ବ ୩୦୫ରୁ ଖ୍ରୀଷ୍ଟପୂର୍ବ ୩୦ ମଧ୍ୟର ହୋଇଥିବା ଜଣାପଡ଼ିଛି। ଏଥିରୁ କିଛି କବର ପାହାଡ଼ରେ ପୋତାଯାଇଥିବାବେଳେ ଆଉ କିଛି କୂଅ ଭିତରେ ଥିବା ମନ୍ତ୍ରଣାଳୟ କହିଛି।

ଇଜିପ୍ଟ ପ୍ରତ୍ନତତ୍ତ୍ୱ ବିଭାଗକୁ ଗୋବାର ଇଆଇ ରିଜିୟନ୍‌ରୁ ପାଖାପାଖି ୩୦ଟି ମୃତ୍ୟୁ ପ୍ରମାଣପତ୍ର ମିଳିଛି, ଯେଉଁଥିରେ ମୃତ ବ୍ୟକ୍ତିଙ୍କ ନାମ, ବୟସ, ଚାକିରି, ଅଭିଭାବକଙ୍କ ନାମ ପୁରାତନ ଗ୍ରୀକ୍ ଭାଷାରେ ଲେଖାଥିବା ଦେଖିବାକୁ ମିଳିଛି। କାଦୁଅ ଓ ଇଟାରେ ତିଆରି ହୋଇଥିବା ଏକ ଟାୱାରର ସନ୍ଧାନ ମଧ କରିଛି ପ୍ରତ୍ନତତ୍ତ୍ୱ ବିଭାଗ, ଯାହାକୁ ସୀମାରେ ନଜର ରଖିବା ପାଇଁ ତିଆରି କରାଯାଇଥିବା କୁହାଯାଇଛି। ସେହିପରି ଟଲେମି ଯୁଗର ୩୩ ମିଟର ଲମ୍ବ ୧୪ ମିଟର ଚଉଡ଼ା ବିଶିଷ୍ଟ ଏକ ମନ୍ଦିର ଖୋଜାଯାଇଛି।



**କୋଇଲା ସଙ୍କଟ: ପରିବହନ ପାଇଁ ୧୧ ଶହ ଥର ଟ୍ରେନ୍ ବାତିଲ**

ଦେଶରେ କୋଇଲା ସଙ୍କଟ ବଢ଼ି ଚାଲିଥିବାରୁ ବହୁ ପାୱାର ପ୍ଲାଣ୍ଟରେ ବିଦ୍ୟୁତ୍ ଉତ୍ପାଦନ ବ୍ୟାହତ ହୋଇଛି। ଏହାକୁ ଦୃଷ୍ଟିରେ ରଖି କୋଇଲା ପରିବହନକୁ ସୁଗମ କରିବା ପାଇଁ ସାରା ଭାରତରେ ୧୧ଶହ ଥର ଟ୍ରେନ୍ ଚଳାଚଳ ବନ୍ଦ କରାଯାଇଛି। ଏହା ପୂର୍ବରୁ ୬୫୦ ଥର ଚଳାଚଳ ବାତିଲ କରାଯାଇଥିବା ଭାରତୀୟ ରେଳପଥ ପକ୍ଷରୁ କୁହାଯାଇଥିଲା। ମେ ୨୪ ପର୍ଯ୍ୟନ୍ତ ମେଲ୍ ଏକ୍ସପ୍ରେସ୍‌ର ୫୦୦ ଓ ଯାତ୍ରୀବାହୀ ଟ୍ରେନ୍‌ର ୫୮୦ ରାଉଣ୍ଡ ବାତିଲ ହେବାକୁ ଯାଉଛି।



## ବଲାଙ୍ଗୀର ଏଡିଏମ୍ ଅଫିସ ଛାତ ଖସିଲା



### ବର୍ତ୍ତିଲେ ଏଡିଏମ୍, ଡିଆରସିଏସ୍ ଆହତ

**ବଲାଙ୍ଗୀର ଅଫିସ, ୫।୫:** ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ଭିତରେ ଥିବା ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କ ଅଫିସ ଭିତର ଛାତ ଗୁରୁବାର ଖସିପଡ଼ିଥିଲା। ଛାତ ଖସିବା ସମୟରେ ଅଫିସରେ ଏଡିଏମ୍ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କ ସହ ଡିଆରସିଏସ୍, କୃଷି ବିଭାଗର କିଛି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଅଫିସରେ ଆଲୋଚନା ଚାଲିଥିବାବେଳେ ହଠାତ୍ ଏଡିଏମ୍ ଅଫିସ ଛାତ ସିଲିଂର କିଛି ଅଂଶ ଖସିପଡ଼ିଥିଲା। ଛାତ ଉପରୁ ଏକ ଇଟା ଖସିପଡ଼ିବା ପରେ ଏହା ଏଡିଏମ୍‌ଙ୍କ ଟେବୁଲ ଉପରେ ପଡ଼ିବା ସହ ଡିଆରସିଏସ୍‌ଙ୍କ ଦେହରେ ପଡ଼ିଥିଲା। ସେ ଆହତ ହୋଇଥିଲେ। ଛାତ ତଳେ ଲାଗିଥିବା ଫଲସ୍ ସିଲିଂ ଖସିପଡ଼ିଥିଲା। ଅଫିସ ଭିତରେ ଲାଗିଥିବା ସିସିଟିଭିରେ ଏହି ଛାତବା ଦୃଶ୍ୟ କଏଦ ହୋଇଥିଲା। ଛାତ ଖସିବା ପରେ ଏଡିଏମ୍ ଓ ଅନ୍ୟ ଅଧିକାରୀ, କର୍ମଚାରୀ ଅଫିସ ଭିତରୁ ବାହାରି ଆସିଥିଲେ। ବ୍ରିଟିଶ ଅମଳର ଏହି କୋଠା ୧୧୦ ବର୍ଷରୁ ଅଧିକ ପୁରୁଣା। ଏହି ସମ୍ପୂର୍ଣ୍ଣ କୋଠା ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ନୂଆ ଜିଲାପାଳ କାର୍ଯ୍ୟାଳୟ ତିଆରି କରାଯିବାକୁ ସରକାରୀ ନିର୍ଦ୍ଦେଶ ଆସିଥିଲେ ମଧ ଏଥିସକାଶେ ଆବଶ୍ୟକ ଜମି ମିଳୁନାହିଁ। ଇନ୍ଦିରାନଗର, ଇଚ୍ଛାପଡ଼ା ଓ ରାଜୀବନଗର ଅଞ୍ଚଳରେ ଥିବା ସରକାରୀ ଜମିରେ ନୂଆ ଜିଲାପାଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲେ ମଧ ଜବରଦଖଲ ସମସ୍ୟା ଯୋଗୁ ଏହା ସମ୍ଭବ ହେଉନାହିଁ। ଏହାକୁ କେତେକ ଲୋକ ବିରୋଧ କରୁଥିବାରୁ ଏଠାରେ ନୂଆ ଜିଲାପାଳ ଅଫିସ ନିର୍ମାଣ ହୋଇପାରୁନାହିଁ। ପ୍ରତିଦିନ ଶତାଧିକ କର୍ମଚାରୀ ଓ ଜନସାଧାରଣ ଜିଲାପାଳ କାର୍ଯ୍ୟାଳୟକୁ ଆସୁଥିବାବେଳେ ଏହି କୋଠାଟି ବିପଦପୂର୍ଣ୍ଣ ହୋଇପଡିଥିବାରୁ କେତେବେଳେ କ'ଣ ଘଟିବ ତାକୁ ନେଇ ଚିନ୍ତାପ୍ରକଟ ପାଇଛି।

# ଆବଶ୍ୟକ ନ ଥାଇ ଦିଆଗଲା ୨୦ ଭାଏଲ ଆଣ୍ଟିଭେନମ୍

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

ଓଡ଼ିଶାରେ ସାପକାମୁଡ଼ା ମୃତ୍ୟୁ ବଢ଼ି ଚାଲିଥିବାରୁ ସରକାର ଚିନ୍ତାପ୍ରକଟ କରିବା ସହ ଉନ୍ନତ ଚିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି। ନିକଟରେ ଲୋକସେବା ଭବନରେ ଏ ନେଇ ବୈଠକ ବସି ଆଲୋଚନା ହୋଇଥିଲା। କିନ୍ତୁ ସାପକାମୁଡ଼ା ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ଡାକ୍ତରଙ୍କ ଦକ୍ଷତା ତଥା ଆତ୍ମବିଶ୍ୱାସର ଘୋର ଅଭାବ ଦେଖାଯାଉଛି। ଖାମଖିଆଲ ଚିକିତ୍ସା ଯୋଗୁ ରୋଗୀଙ୍କ ଜୀବନ ବିପଦରେ ପଡୁଛି। ଗୋଟିଏ ପଟେ ଘରୋଇ ଡାକ୍ତରଖାନାରେ ବିଷହୀନ ସାପ କାମୁଡ଼ିଲେ ରୋଗୀକୁ ଭୟଭୀତ କରାଇ ବିଷାକ୍ତ ସାପଙ୍କ ପାଇଁ ରହିଥିବା ଆଣ୍ଟିଭେନମ ଦିଆଯିବା ସହିତ ଅବଜରଭେଶନ ନାଁରେ ଆଇସିୟୁରେ ରଖାଯାଇ ଶୋଷଣ କରାଯାଉଛି। ଅନ୍ୟପଟେ ସରକାରୀ ଡାକ୍ତରଖାନାରେ ମାଗଣାରେ ଆଣ୍ଟିଭେନମ ମିଳୁଥିବାରୁ ଅନେକ ସମୟରେ ଡାକ୍ତରମାନେ ତାହାର ଅପବ୍ୟବହାର କରୁଛନ୍ତି।

### ସର୍ପାଘାତ ଚିକିତ୍ସାରେ ଦୟନୀୟ ସ୍ଥିତି



ସାପ କାମୁଡ଼ାରେ ଆହତ ପ୍ରଶାନ୍ତ

ଜଣେ ସାପକାମୁଡ଼ା ରୋଗୀକୁ ଆବଶ୍ୟକତା ନ ଥାଇ ୨୦ ଭାଏଲ ଆଣ୍ଟିଭେନମ ଦିଆଯାଇଛି। ଏହି ଘଟଣା ରାଜ୍ୟର ସର୍ପାଘାତ ଚିକିତ୍ସାର ଦୟନୀୟ ସ୍ଥିତିକୁ ପଦାକୁ ଆଣିଛି।

ସାପକାମୁଡ଼ା ରୋଗୀ ଜଣକ ହେଲେ ନୟାଗଡ଼ ଜିଲା ଜଗନ୍ନାଥ ପ୍ରସାଦର ପ୍ରଶାନ୍ତ କୁମାର ମହାପାତ୍ର। ସେ ଖଣ୍ଡପଡ଼ା ପ୍ରାଣୀ ଚିକିତ୍ସାଳୟର ଜଣେ କର୍ମଚାରୀ। ଗୁରୁବାର ସକାଳ ପ୍ରାୟ ୯ଟାରେ ଚିକିତ୍ସା ପାଇଁ ଅଣାଯାଇଥିବା ଏକ ମେଣ୍ଢାକୁ ଇଞ୍ଜେକ୍ସନ ଦେବାକୁ ସିରିଞ୍ଜ ଆଣୁଥିବାବେଳେ କାଠ ଡ୍ର' ଭିତରେ ଥିବା ଏକ ସବୁଜ ରଙ୍ଗର ସାପ ତାଙ୍କ ଡାହାଣ ହାତ ମଝି ଆଙ୍ଗୁଠିକୁ କାମୁଡ଼ି ଦେଇଥିଲା। ଡା. ଲିକେଶ କାନୁନ୍‌ଗୋ ପ୍ରଶାନ୍ତଙ୍କୁ ନୟାଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ସାପଟିକୁ ବାମ୍ବୁ ପିଟ୍ ଭାଇପର ବା ଡାଳୁଆ ବୋଡ଼ା ବୋଲି ଚିହ୍ନଟ କରାଯିବା ସହ ୧୦ ଭାଏଲ ଆଣ୍ଟିଭେନମ ଦିଆଯାଇଥିଲା। ହେଲେ ଏହାର କିଛିସମୟ ପରେ ପ୍ରଶାନ୍ତଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ରେଫର କରାଯାଇଥିଲା। ଅପରାହ୍ନ ପ୍ରାୟ ୨ଟା ୧୫ରେ ସେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ। ଡାକ୍ତର ସାପଟିର ଫଟୋକୁ ଦେଖି ଡାଳୁଆ ବୋଡ଼ା ବୋଲି ଚିହ୍ନିବା ପରେ ପୁଣି ୧୦ ଭାଏଲ ଆଣ୍ଟିଭେନମ ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ପ୍ରଶାନ୍ତଙ୍କର ବାନ୍ତି ଉଠାଇବା ସହିତ ସେ କିଛି କ୍ଷଣ ପାଇଁ ଅଚେତ ମଧ ହୋଇଯାଇଥିଲେ। ଚେତା ଫେରିବା ପରେ ତାଙ୍କୁ ମେଡିସିନ ୱାର୍ଡରେ ରଖି ଚିକିତ୍ସା କରାଯାଉଛି। ତେବେ ଏହି ଘଟଣା ସମ୍ପର୍କରେ ଜାଣିବା ପରେ ସ୍ନେକ୍ ହେଲ୍ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କ୍ଷୋଭ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପ୍ରଶାନ୍ତଙ୍କୁ ଭୁଲ୍ ଇଞ୍ଜେକ୍ସନ, ପୁଣି ଅତ୍ୟଧିକ ମାତ୍ରା ଦିଆଯାଇଛି। ଡାଳୁଆ ବୋଡ଼ା କାମୁଡ଼ିଲେ ଭାରତୀୟ ଆଣ୍ଟିଭେନମ କାମ କରିବ ନାହିଁ ବୋଲି ସବୁ ପ୍ରୋଟୋକଲରେ ଲେଖାଯାଇଛି। ୨୦୦୭ ମସିହାରୁ ପ୍ରୋଟୋକଲ୍ ତିଆରି ହେଲାଣି, ହେଲେ ୨୦୨୨ରେ ଡାଳୁଆ ବୋଡ଼ା କାମୁଡ଼ା ରୋଗୀଙ୍କୁ ୨୦ ଭାଏଲ ଆଣ୍ଟିଭେନମ ଦେବା ଆଦୌ ଗ୍ରହଣୀୟ ନୁହେଁ। ଦରକାର ନ ଥାଇ ଦିଆଯାଇଛି। ଫଳରେ ପ୍ରଥମେ ସରକାରଙ୍କ ଆର୍ଥିକ କ୍ଷତି ହେଲା। ଦ୍ୱିତୀୟରେ ଆବଶ୍ୟକ କରୁଥିବା ରୋଗୀଙ୍କ ବେଳକୁ ଜାଣିଶୁଣି ଅଭାବ ସୃଷ୍ଟି କରାଗଲା। ତୃତୀୟରେ ଅତ୍ୟଧିକ ଭାଏଲ ଜଣେ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କଲା।

## ୬ ଟ୍ରେନ୍ ବାତିଲ, ୨ଟିର ରୁଟ୍ ପରିବର୍ତ୍ତନ



ଗୁମୁଡ଼ା ଷ୍ଟେଶନର ଗଛପଡ଼ି ନଷ୍ଟ ହୋଇଥିବା ଓଭରହେଡ୍ ଇକ୍ୱିପ୍‌ମେଣ୍ଟ।

**ରାୟଗଡ଼ା ଅଫିସ/ କୋରାପୁଟ,୫।୫(ସ୍ୱ.ପ୍ର.)**

- କାଳବୈଶାଖୀରେ ଗୁମୁଡ଼ା ଷ୍ଟେଶନରେ ପଡ଼ିଲା ଗଛ
- ଓଭରହେଡ୍ ଇକ୍ୱିପ୍‌ମେଣ୍ଟ ନଷ୍ଟ

କାଳବୈଶାଖୀ ଯୋଗୁ କୋରାପୁଟ-ରାୟଗଡ଼ା ରେଳଲାଇନର ଗୁମୁଡ଼ା ଷ୍ଟେଶନରେ ଗୁରୁବାର ଅପରାହ୍ନରେ ଏକ ବିରାଟ ଗଛ ପଡ଼ିଯାଇଛି। ଫଳରେ ଷ୍ଟେଶନର ଓଭରହେଡ୍ ଇକ୍ୱିପ୍‌ମେଣ୍ଟ ଭାଙ୍ଗି ନଷ୍ଟ ହେବା ସହ ଏହି ରୁଟ୍‌ରେ ବିଭିନ୍ନ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି। ଗୁରୁବାର ଏବଂ ଶୁକ୍ରବାର ଚଳାଚଳ କରିବାକୁ ଥିବା ୬ଟି ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ୨ଟିର ରୁଟ୍ ପରିବର୍ତ୍ତନ ଏବଂ ଗୋଟିଏ ଟ୍ରେନ୍‌ର ସମୟ ସାରଣୀ ପରିବର୍ତ୍ତନ କରାଯାଇଥିବା ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର ଏ. କେ. ତ୍ରିପାଠୀ ସୂଚନା ଦେଇଛନ୍ତି।

ଗୁରୁବାର ରାତିରେ ଜଗଦଲପୁରରୁ ଭୁବନେଶ୍ୱର ଯାତ୍ରା କରୁଥିବା ହୀରାଖଣ୍ଡ ଏକ୍ସପ୍ରେସ୍‌ଭାୟା ଆରକୁ-କୋଟଭାଲସା-ବିଜୟନଗରମ୍ ଦେଇ ଭୁବନେଶ୍ୱର ଯାତ୍ରା କରିଛି। ସେହିପରି ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ ଟିଟିଲାଗଡ଼-ସମ୍ବଲପୁର-ଅନୁଗୋଳ- ଖୋର୍ଦ୍ଧା ଦେଇ ଚଳାଚଳ କରିଛି। ଏହା ବ୍ୟତୀତ ବିଶାଖାପାଟଣା-ରାୟଗଡ଼ା, ରାୟଗଡ଼ା-ବିଶାଖାପାଟଣା, ବିଶାଖାପାଟଣା-ରାୟପୁର, ରାୟପୁର-ବିଶାଖାପାଟଣା, ବିଶାଖାପାଟଣା-କୋରାପୁଟ ସ୍ପେଶାଲ ଟ୍ରେନ୍, କୋରାପୁଟ ବିଶାଖାପାଟଣା ଟ୍ରେନ୍ ବାତିଲ ହୋଇଛି। ସେହିପରି ବିଶାଖାପାଟଣା-କୋର୍‌ବା ଏକ୍ସପ୍ରେସ୍ ୨ ଘଣ୍ଟା ବିଳମ୍ବରେ ଚାଲିଛି। ରାୟଗଡ଼ାରୁ ରେଲ୍‌ୱେର ଇଞ୍ଜିନିୟରିଂ ଟିମ୍ ପହଞ୍ଚି ଗଛ କାଟି ସଫା କରିବା ସହ ଅନ୍ୟ ମରାମତି କାମ କରୁଛନ୍ତି।

# ର୍‍ୟାଗିଂରେ ସାମିଲ ଥିଲେ ଅଧ୍ୟାପକ

**ବଲାଙ୍ଗୀର ଅଫିସ,୫।୫**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ମେଡିକାଲ ଛାତ୍ର ନିଶାନ୍ତ କୁମାରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସାଂଘାତିକ ମୋବାଇଲ ଚାଟିଂ ଲୋକଲୋଚନକୁ ଆସିଛି। ନିଶାନ୍ତଙ୍କ ବାପା ପ୍ରଫେସର କ୍ରିଷ୍ଣ କୁମାର ଏକ ଚାଞ୍ଚଲ୍ୟକର ବୟାନ ଦେଇ ଭୀମ ଭୋଇ ମେଡିକାଲ କଲେଜରେ ଚାଲିଥିବା ର୍‍ୟାଗିଂରେ ସିନିୟର ଛାତ୍ରଙ୍କ ସହ କେତେକ ଅଧ୍ୟାପକ ସାମିଲ ଥିବା ଅଭିଯୋଗ କରିଛନ୍ତି। ଏନେଇ ସେ ବଲାଙ୍ଗୀର ଏସ୍‌ପି ନୀତିନ କୁଶଲକରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ର୍‍ୟାଗିଂରେ ସମ୍ପୃକ୍ତ ଦୋଷୀ ସିନିୟର ଛାତ୍ର ଓ ଅଧ୍ୟାପକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଗିରଫ କରିବାକୁ ଅନୁରୋଧ କରିଛନ୍ତି।

ମୃତ ଛାତ୍ର ନିଶାନ୍ତ ତାଙ୍କର ଜଣେ ବନ୍ଧୁଙ୍କୁ ମୋବାଇଲ ଚାଟିଂ କରି ଭୀମ ଭୋଇ ମେଡିକାଲ କଲେଜରେ କିଭଳି ସିନିୟର ଛାତ୍ରମାନେ ଜୁନିୟରଙ୍କୁ ର୍‍ୟାଗିଂ କରୁଥିଲେ ତାହା ଉଲ୍ଲେଖ କରିଥିଲେ। ଉକ୍ତ ମୋବାଇଲ

### ପଦାକୁ ଆସିଲା ନିଶାନ୍ତଙ୍କ ନୂଆ ମୋବାଇଲ ଚାଟିଂ



ନିଶାନ୍ତ କୁମାର

ଚାଟିଂ ପୂର୍ବରୁ ଭାଇରାଲ ହୋଇଥିଲା। ଏବେ ମିଳିଥିବା ଏକ ସଦ୍ୟତମ ମୋବାଇଲ ଚାଟିଂରେ ନିଶାନ୍ତ ଉଲ୍ଲେଖ କରିଛନ୍ତି ଯେ, ସିନିୟର ଛାତ୍ରଙ୍କ ଲାବୋରେଟୋରି ମାନୁଆଲ ଜୁନିୟର ଛାତ୍ରଙ୍କୁ ଲେଖିବାକୁ ପଡିବ ବୋଲି କଲେଜ ଅଧ୍ୟାପକ ଚାପ ପକାଉଥିଲେ। ଯେଉଁ ଜୁନିୟର ଛାତ୍ରଙ୍କ ହାତଲେଖା ଭଲ ଅଛି ତାଙ୍କୁ ଅଧିକ ଲେଖିବାକୁ ପଡିବ ବୋଲି କୁହାଯାଇଛି। ଏହାସହିତ ଉକ୍ତ କଲେଜରେ ମାନସିକ ର୍‍ୟାଗିଂ କରାଯାଇଥିବାବେଳେ ଓଡ଼ିଶାର ପୁରୁଣା କଲେଜରେ ଯୌନ ନିର୍ଯାତନା ଦିଆଯାଉଥିବା କଥା ମଧ ସେ ଉକ୍ତ ଚାଟିଂରେ ଉଲ୍ଲେଖ କରିଛନ୍ତି। ଏହି ଚାଟିଂକୁ ପ୍ରଫେସର କ୍ରିଷ୍ଣ କୁମାର ଏସ୍‌ପିଙ୍କ ନିକଟକୁ ପଠାଇ ଏ ଦିଗରେ ତଦନ୍ତ କରିବାକୁ ଅନୁରୋଧ କରିଥିବା ଜଣାପଡିଛି। ଏହି କଲେଜରେ ବହୁଳ ଭାବେ ର୍‍ୟାଗିଂ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। କଲେଜ ଅଧ୍ୟାପକମାନେ ର୍‍ୟାଗିଂ ରୋକିବା ବଦଳରେ ସେଥିରେ ସେମାନେ ସାମିଲ ହେଉଥିବା ଉଲ୍ଲେଖ କରିଛନ୍ତି। ର୍‍ୟାଗିଂରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ଚିହ୍ନଟ କରି ଗିରଫ କରିବାକୁ ସେ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି। ଏ ଦିଗରେ ତଦନ୍ତ କରାଯିବ ବୋଲି ଏସ୍‌ପି କୁଶଲକର କହିଥିବା ନିଶାନ୍ତଙ୍କ ବାପା ପ୍ରଫେସର କ୍ରିଷ୍ଣ କୁମାର ଜଣାଇଛନ୍ତି।

ଗତ ଏପ୍ରିଲ ୨୨ରେ କଲେଜ ପରିସରସ୍ଥ ୫ ମହଲା ବିଶିଷ୍ଟ ଛାତ୍ରାବାସ ଛାତ ଉପରୁ ପଡି ନିଶାନ୍ତଙ୍କ ମୃତ୍ୟୁ ହୋଇଥିବା ଘଟଣା ଲୋକଲୋଚନକୁ ଆସିଥିଲା।

## ଜିଗ୍ନେଶଙ୍କୁ ୩ ମାସ ଜେଲ

**ନୂଆଦିଲ୍ଲୀ, ୫।୫**

ଗୁଜରାଟର ସ୍ୱାଧୀନ ବିଧାୟକ ଜିଗ୍ନେଶ ମେୱାନିଙ୍କୁ ୫ ବର୍ଷ ପୁରୁଣା ଏକ ମାମଲାରେ ୩ ମାସ ଜେଲ ଦଣ୍ଡାଦେଶ ହୋଇଛି। ୨୦୧୭ ଜୁଲାଇରେ ଜିଗ୍ନେଶ ଓ ତାଙ୍କ ସହଯୋଗୀମାନେ ପ୍ରଶାସନଠାରୁ ଅନୁମତି ନ ନେଇ 'ଆଜାଦି ମାର୍ଚ୍ଚ' କରିଥିଲେ। ବନାଶକାଣ୍ଠା ଜିଲା ମେହସାନାରୁ ଧନେରା ପର୍ଯ୍ୟନ୍ତ ବିକ୍ଷୋଭ ଶୋଭାଯାତ୍ରାକୁ ନେଇ ସ୍ଥାନୀୟ ପୋଲିସ ଜିଗ୍ନେଶଙ୍କ ନାମରେ ମାମଲା ରୁଜୁ କରିଥିଲା। ମେହସାନା ଜିଲା ବିଚାର ବିଭାଗୀୟ ଅତିରିକ୍ତ ମୁଖ୍ୟ ମାଜିଷ୍ଟ୍ରେଟ ଜେ. ଏ. ପରମାର ଜିଗ୍ନେଶଙ୍କ ସହ ତାଙ୍କ ରାଷ୍ଟ୍ରୀୟ ଦଳିତ ଅଧିକାର ମଞ୍ଚର ୮ ସଦସ୍ୟ, ଏନ୍‌ସିପି କର୍ମୀ ରେଶ୍ମା ପଟେଲଙ୍କ ସମେତ ମୋଟ ୧୦ ଜଣଙ୍କୁ ବେଆଇନ ଭାବେ ଏକତ୍ରିତ ହେବା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତ ଦୋଷୀଙ୍କୁ ହଜାରେ ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ଦିଆଯାଇଛି।

## ପୁଅକୁ ରାଜନୀତି ମଝିକୁ ଟାଣନି

### କୁନାଲ କାମ୍ରାଙ୍କୁ ଚେତାବନୀ ଦେଲେ ବର୍ଲିନରେ ମୋଦି ଭେଟିଥିବା ବାଳକଙ୍କ ବାପା

**ନୂଆଦିଲ୍ଲୀ, ୫।୫:** ଷ୍ଟାଣ୍ଡଅପ୍ କମେଡିଆନ୍ କୁନାଲ କାମ୍ରା ପୁଣି ବିବାଦୀୟ ହୋଇ ଚର୍ଚ୍ଚାକୁ ଆସିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜର୍ମାନୀ ଗସ୍ତବେଳେ ବର୍ଲିନରେ ଭେଟିଥିବା ୭ ବର୍ଷୀୟ ଆଶୁତୋଷ 'ହେ ଜନ୍ମଭୂମି ଭାରତ' ଗାଇଥିଲେ। କୁନାଲ ଉକ୍ତ ଭିଡିଓକୁ ଏଡିଟ୍ କରି ସେଥିରେ 'ମେହଙ୍ଗାଇ ଡାୟନ ଖାଏ ଜାଆତ ହେ' ଗୀତ ସହ ପୋଷ୍ଟ କରିଛନ୍ତି। ଆଶୁତୋଷଙ୍କ ବାପା ଗଣେଶ ପଲ୍‌ଙ୍କ ଉଦ୍ଦେଶ୍ୟରେ ଟୁଇଟ କରିଛନ୍ତି, ଆପଣଙ୍କ ପୁଅ ନିଜ ମାତୃଭୂମି ପାଇଁ ଗୀତ ଗାଇଥିଲେ। ଦେଶବାସୀ ଗାଉଥିବା ଆହୁରି ଏମିତି ଅନେକ ଗୀତ ଅଛି ଯାହାକୁ ଭାରତର ସବୁଠୁ ଲୋକପ୍ରିୟ ପୁତ୍ର (ମୋଦି) ଶୁଣିବା ଉଚିତ। ଏହାକୁ ନେଇ ଗଣେଶ ନିଜ ପ୍ରତିକ୍ରିୟାରେ କହିଛନ୍ତି, ମୋ ପୁଅର ବୟସ ଅଧିକ ହୋଇ ନ ଥିଲେ ବି ସେ ନିଜ ଦେଶକୁ ତୁମଠାରୁ ଅଧିକ ଭଲ ପାଏ। ତେଣୁ ତାକୁ ସଂକୀର୍ଣ୍ଣ ରାଜନୀତି ଭିତରକୁ ଟାଣ ନାହିଁ ବୋଲି ସେ ତାଗିଦ୍ କରିବା ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛନ୍ତି।

## ଖେଳ ଖବର

# ଫାଇନାଲ ପାଇଁ ଟିକେଟ ଚାହିଦା ୩ ନିୟୁତ

**ଲାଉସାନେ, ୫।୫ (ଏପି)**

କାତାରରେ ବିଶ୍ୱକପ୍ ଫାଇନାଲ ଲାଗି ଫିଫା ୩ ନିୟୁତ ଟିକେଟ ପାଇଁ ଅନୁରୋଧ ପତ୍ର ପାଇଛି। ଗ୍ରୁପ୍ ପର୍ଯ୍ୟାୟରେ ବଡ଼ ମ୍ୟାଚଗୁଡ଼ିକ ପାଇଁ ଅଧିକ ଟିକେଟ ଚାହିଦା ରହିଛି। ଏତେ ସଂଖ୍ୟକ ଖେଳପ୍ରେମୀଙ୍କ ପାଇଁ ବନ୍ଦୋବସ୍ତ କରିବା କାତାର ଲାଗି ବଡ଼ ସମସ୍ୟା ହୋଇପାରେ। ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ)ର ସୂଚନା ଅନୁସାରେ ନଭେମ୍ବର ୨୬ରେ ଆର୍ଜେଣ୍ଟିନା ବନାମ ମେକ୍ସିକୋ ମ୍ୟାଚ ହେବ। ଏଥିପାଇଁ ଟିକେଟ ଚାହିଦା ୨.୫ ନିୟୁତ ରହିଥିବାବେଳେ ଲୁସେଲ ଷ୍ଟାଡିୟମର ଆସନ କ୍ଷମତା ୬୦,୦୦୦ ରହିଛି। ସେହିପରି ଏହାର ପୂର୍ବଦିନ ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ ପାଇଁ ଟିକେଟ ଆଶାୟୀଙ୍କ ସଂଖ୍ୟା ୧.୪ ନିୟୁତ ରହିଛି। ଦ୍ୱିତୀୟ ପର୍ଯ୍ୟାୟ ଟିକେଟ ବିକ୍ରି ପରେ ନଭେମ୍ବର ୨୧ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟ ପାଇଁ ଆମେରିକା, ଇଂଲଣ୍ଡ ଓ କାତାରରୁ ୨ନିୟୁତରୁ ଅଧିକ ଟିକେଟ ପାଇଁ ଅନୁରୋଧ କରାଯାଇଛି। ଷ୍ଟାଡିୟମର ଆସନ ସଂଖ୍ୟାଠାରୁ ଅଧିକ ଚାହିଦା ରହିଲେ ଲଟେରି ବ୍ୟବସ୍ଥା କରାଯାଉଛି। ରାଜଧାନୀ ଦୋହାରେ ବିଶ୍ୱକପ୍ ଖେଳାଯିବାକୁ ଥିବା ସମସ୍ତ ଷ୍ଟାଡିୟମଗୁଡ଼ିକ ପାଖାପାଖି ରହିଛି।



ଫିଫା ବିଶ୍ୱକପ୍

ଗୋଟିଏ ଷ୍ଟାଡିୟମରୁ ଅନ୍ୟ ଷ୍ଟାଡିୟମକୁ ପବ୍ଲିକ ଟ୍ରାନ୍ସପୋର୍ଟ ଜରିଆରେ ଏକ ଘଣ୍ଟାରୁ କମ୍ ସମୟ ମଧ୍ୟରେ ଯାଇ ହେବ। ତେଣୁ ଅନେକ ଖେଳପ୍ରେମୀ ଗୋଟିଏ ଦିନରେ ଦୁଇଟି ମ୍ୟାଚ ଦେଖିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ନିକଟ ଅତୀତରେ ବ୍ରାଜିଲ ଓ ରୁଷିଆରେ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଏହି ଦୁଇ ଦେଶରେ ବହୁ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥଳ ଥିଲା। ମାତ୍ର କାତାରରେ ତାହା ନାହିଁ। ଏହା ସତ୍ତ୍ୱେ ଫିଫାକୁ ୨୩ ନିୟୁତ ଟିକେଟ ଅନୁରୋଧ ଆସିଛି। କାତାର ଏକ କ୍ଷୁଦ୍ର ଦେଶ। ଏହାର ଅଧିକାଂଶ ହୋଟେଲ ଦୋହାରେ ଅବସ୍ଥିତ। ନଭେମ୍ବର ୨୫ ଓ ୨୬ରେ ହେବାକୁଥିବା ଆର୍ଜେଣ୍ଟିନା-ମେକ୍ସିକୋ ଗେମ୍ ପାଇଁ ହୋଟେଲଗୁଡ଼ିକରେ ସ୍ଥାନ ଖାଲି ନାହିଁ। ଟୁର୍ନାମେଣ୍ଟ ପାଇଁ କାତାରରେ ଅବସ୍ଥିତ ହୋଟେଲ, ଆପାର୍ଟମେଣ୍ଟ, ଭିଲ୍ଲା ଅବା କ୍ରୁଇଜ୍ ଜାହାଜରେ ରହଣି ପାଇଁ କୌଣସି ସ୍ଥାନ ଉପଲବ୍ଧ ଥିବା ୱାର୍ଲ୍ଡକପ୍ ଆକୋମୋଡେଶନ ୱେବ୍‌ସାଇଟ୍‌ରେ ଦେଖିବାକୁ ମିଳୁନି। ଡିସେମ୍ବର ୧୮ରେ ଲୁସିଲଠାରେ ଫାଇନାଲ ଖେଳାଯିବ। ଏହି ଷ୍ଟାଡିୟମରେ ଏପର୍ଯ୍ୟନ୍ତ ଏକ ଟେଷ୍ଟ ଇଭେଣ୍ଟ ମ୍ୟାଚ ଖେଳାଯାଇ ନାହିଁ। ଦୋହାରେ ସେଦିନ ରାତି ରହଣି ପାଇଁ ସ୍ଥାନ ଉପଲବ୍ଧ ହେବ କି ନା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇ ନାହିଁ। ମସ୍କୋର ୨୦୧୮ ବିଶ୍ୱକପ୍ ଫୁଟ୍‌ବଲ ଫାଇନାଲ ପାଇଁ ଟିକେଟର ମୂଲ୍ୟ ଯାହା ଥିଲା ସେଥିରେ ୪୬ପ୍ରତିଶତ ବୃଦ୍ଧି କରାଯାଇଛି। ଏହାସତ୍ତ୍ୱେ କାତାର ବିଶ୍ୱକପ୍ ଦେଖିବା ଲାଗି ଟିକେଟର ଚାହିଦା ୩ ନିୟୁତ ରହିଛି। ସବୁଠାରୁ ଦାମୀ ଟିକେଟର ମୂଲ୍ୟ ୫,୮୫୦ କାତାରି ରିୟାଲ୍ସ (୧,୬୦୭ ଆମେରିକୀୟ ଡଲାର) ରଖାଯାଇଛି।

# ସନ୍ତରଣର ବିକାଶ ପାଇଁ ଦୀର୍ଘ ମିଆଦୀ ଯୋଜନା

**ଭୁବନେଶ୍ୱର, ୫।୫ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟରେ ସନ୍ତରଣ କ୍ରୀଡାର ବିକାଶ ଏବଂ ଭାରତୀୟ କ୍ରୀଡାବିତ୍‌ମାନଙ୍କୁ ଅନ୍ତର୍ଜାତୀୟ ସ୍ତରରେ ସଫଳତା ପାଇଁ ସାହାଯ୍ୟ କରିବାର ଲକ୍ଷ୍ୟ ନେଇ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ କଳିଙ୍ଗ ଷ୍ଟାଡିୟମରେ ଥିବା ସୁଇମିଂ ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି)ରେ ଦୀର୍ଘ ମିଆଦୀ ଯୋଜନା ପ୍ରସ୍ତୁତ କରିଛି। ଏଥିପାଇଁ ଦକ୍ଷିଣ ଆଫ୍ରିକୀୟ ସନ୍ତରଣ କୋଚ୍ ଡଗଲାସ ଇଗର ଏବଂ ଅଲିମ୍ପିଆନ୍ ଓ ଏସିଆନ୍ ଗେମ୍ସ ମେଡାଲିଷ୍ଟ ସନ୍ଦୀପ ସେଜ୍‌ୱାଲଙ୍କୁ ନିଯୁକ୍ତି ଦେଇଛି। ରାଜ୍ୟ ସରକାର ଓ ଜେଏସ୍‌ଡବ୍ଲ୍ୟୁ ମଧ୍ୟରେ ସ୍ୱତନ୍ତ୍ର ସହଭାଗିତା ହୋଇଛି। କାର୍ଯ୍ୟକ୍ରମର ଅଂଶବିଶେଷଭାବେ ୮ରୁ ୧୨ ବର୍ଷ ବୟସ ବର୍ଗର ପିଲାଙ୍କୁ ୱାର୍ଲ୍ଡ ଚାମ୍ପିୟନଶିପ୍ ଓ ଅଲିମ୍ପିକ୍ସ ପାଇଁ ଫିନା 'ଏ' ଯୋଗ୍ୟତା ସମୟ ଅର୍ଜନ କରିବା ଲାଗି ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଚ୍‌ପିସି ଆରମ୍ଭ ହେବା ପରଠାରୁ ଏଥିପାଇଁ ମୋଟ ୩୪ ସନ୍ତରଣକାରୀଙ୍କୁ ଚିହ୍ନଟ କରାଯାଇଛି।

ଇଗରଙ୍କର ୨ ଦଶନ୍ଧିରୁ ଅଧିକ ସମୟ କୋଚିଂ ଅଭିଜ୍ଞତା ରହିଛି। ସେ ଅଲିମ୍ପିକ୍ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ହାସଲକାରୀ ଲିନ୍‌ଡନ୍ ଫର୍ନସ୍‌ଙ୍କ ସମେତ ଅନେକ ଶୀର୍ଷସ୍ଥାନୀୟ ଅନ୍ତର୍ଜାତୀୟ ସନ୍ତରଣକାରୀଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ''ଭୁବନେଶ୍ୱରରେ ସନ୍ତରଣ କାର୍ଯ୍ୟକ୍ରମକୁ ନେଇ ମୁଁ ଉତ୍ସାହିତ। ଆମେ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରି ସେମାନଙ୍କୁ ଅନ୍ତର୍ଜାତୀୟ ସ୍ତରର



ସନ୍ଦୀପ ସେଜ୍‌ୱାଲ ଓ ଡଗ୍‌ଲାସ ଇଗର।

ସନ୍ତରଣକାରୀଭାବେ ବିକଶିତ କରିବା ଲକ୍ଷ୍ୟ ରଖିଛୁ। ଆମ ପାଖରେ ଭଲ କୋଚିଂ ଷ୍ଟାଫ୍ ଏବଂ ସୁବିଧା ସୁଯୋଗ ଉପଲବ୍ଧ ଥିବାରୁ ନିକଟ ଭବିଷ୍ୟତରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସନ୍ତରଣକାରୀ ସୃଷ୍ଟି କରିପାରିବା ନେଇ ମୁଁ ଦୃଢ଼ ନିଶ୍ଚିତ'' ବୋଲି ଇଗର କହିଛନ୍ତି। ପ୍ରତିଦ୍ୱନ୍ଦ୍ୱିତାମୂଳକ ସନ୍ତରଣରୁ ଅବସର ନେବା ପରେ ଅର୍ଜୁନ ପୁରସ୍କାରପ୍ରାପ୍ତ ଓ ୧୩ ଥର ଜାତୀୟ ବିଜେତା ସନ୍ଦୀପ ସେଜ୍‌ୱାଲ୍ ଫୁଲ୍‌ଟାଇମ୍ କୋଚିଂକୁ ଆପଣେଇଥିଲେ। କେନିଶା ଗୁପ୍ତା, ଆନ୍ୟା ୱାଲା, ଶ୍ରୀଶ୍ ମୌଳିକ୍ ଆଦି ଦେଶର ଅନେକ ଶୀର୍ଷ ସନ୍ତରଣକାରୀଙ୍କୁ ସେ କୋଚିଂ ଦେଇଛନ୍ତି। ନୂଆ ଭୂମିକା ସମ୍ପର୍କରେ ସେଜ୍‌ୱାଲ କହିଛନ୍ତି ଯେ, ''ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରିବା ପରେ ମୁଁ ପରବର୍ତ୍ତୀ ପିଢିକୁ ବିକଶିତ କରିବାକୁ ଚ୍ୟାଲେଞ୍ଜଭାବେ ଗ୍ରହଣ କରିଛି। ଓଡିଶା ସରକାର ଓ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଭାରତରେ ସନ୍ତରଣ କ୍ରୀଡାର ବିକାଶ ପାଇଁ ସ୍ୱତନ୍ତ୍ର ରଣନୀତି ସହିତ ଏକାଠି ହୋଇଥିବାର ଦେଖି ମୁଁ ଖୁବ୍ ଉତ୍ସାହିତ। ଆଗାମୀ ଦିନରେ ଏହାର ଫଳାଫଳ ମିଳିବାନେଇ ମୁଁ ଦୃଢ଼ ନିଶ୍ଚିତ''।

ରାଜ୍ୟ କ୍ରୀଡ଼ା ସଚିବ ଆର୍. ଭିନିଲ୍ କ୍ରିଷ୍ଣା କହିଛନ୍ତି ଯେ, ସନ୍ତରଣ ହେଉଛି ଆମ ପାଇଁ ଅଗ୍ରାଧିକାର କ୍ରୀଡା ମଧ୍ୟରୁ ଗୋଟିଏ ଏବଂ ଆମେ ଏହାକୁ ପ୍ରମୋଟ କରି ତୃଣମୂଳ ସ୍ତରରୁ ଏଲିଟ ପର୍ଯ୍ୟନ୍ତ ନେବାକୁ ଲକ୍ଷ୍ୟ ରଖିଛୁ। ଜେଏସ୍‌ଡବ୍ଲ୍ୟୁ ଯେପରି ଓଡିଶାରେ ସନ୍ତରଣ କ୍ରୀଡାକୁ ଉଚ୍ଚ ସୋପାନକୁ ନେବା ପାଇଁ ବିଶେଷଜ୍ଞମାନଙ୍କୁ ନିୟୋଜିତ କରିଛି ତାହା ଦେଖି ଆମେ ଖୁବ୍ ଆନନ୍ଦିତ। ଏଚ୍‌ପିସି ଟ୍ରେନିମାନେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଦର୍ଶନର ଛାପ ଛାଡ଼ି ସାରିଛନ୍ତି। ତେଣୁ ଜେଏସ୍‌ଡବ୍ଲ୍ୟୁ ସହ ଆମର ସ୍ୱତନ୍ତ୍ର ସହଭାଗିତା ଭବିଷ୍ୟତର ଚାମ୍ପିୟନ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆମେ ନିଶ୍ଚିତ''। ଏଚ୍‌ପିସି ବ୍ୟତୀତ ଜେଏସ୍‌ଡବ୍ଲ୍ୟୁ ଓଡିଶାରେ ୮ଟି ଟ୍ରେନିଂ ସେଣ୍ଟରରେ ଏକ ନେଟ୍‌ୱର୍କ ମାଧ୍ୟମରେ ରାଜ୍ୟବ୍ୟାପୀ ତୃଣମୂଳ ସ୍ତରର କାର୍ଯ୍ୟକ୍ରମ ଉପରେ ଧ୍ୟାନ ଦେଉଛି। ଏହି ସେଣ୍ଟରଗୁଡିକରେ 'ଲର୍ନ ଟୁ ସ୍ୱିମ୍' ପ୍ରୋଗ୍ରାମ ମାଧ୍ୟମରେ ଅଧିକରୁ ଅଧିକ ପିଲାଙ୍କୁ ସନ୍ତରଣପ୍ରତି ଆକୃଷ୍ଟ କରାଯିବ। ସେହିପରି ଅନ୍ତର୍ଜାତୀୟ ସନ୍ତରଣ ପ୍ରଶିକ୍ଷକଙ୍କ ସହିତ କର୍ମଶାଳା ମାଧ୍ୟମରେ ରାଜ୍ୟର ପ୍ରଶିକ୍ଷକଙ୍କ ନିରବଚ୍ଛିନ୍ନ ପେସାଦାର ବିକାଶ ପାଇଁ ଏକ ପ୍ରଶିକ୍ଷକ ବିକାଶ ପଦକ୍ଷେପକୁ ମଧ କାର୍ଯ୍ୟକାରୀ କରାଯାଉଛି।

## ଜୋକୋଭିଚ୍ ବିପକ୍ଷ ମ୍ୟାଚ ପୂର୍ବରୁ ଓହରିଲେ ମୁରେ

**ମାଡ୍ରିଡ୍, ୫।୫ (ଏପି):** ମାଡ୍ରିଡ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ଆଣ୍ଡି ମୁରେ ଅସୁସ୍ଥ ହୋଇପଡ଼ିବାରୁ ନୋଭାକ୍ ଜୋକୋଭିଚ୍‌ଙ୍କ ବିପକ୍ଷ ମ୍ୟାଚ୍ ପୂର୍ବରୁ ଓହରିଯାଇଛନ୍ତି। ମୁରେ ଶୀର୍ଷ ର୍‍ୟାଙ୍କିଂପ୍ରାପ୍ତ ଜୋକୋଭିଚ୍‌ଙ୍କୁ ତୃତୀୟ ରାଉଣ୍ଡରେ ଭେଟିଥାନ୍ତେ। ମୁରେ ତାଙ୍କ ପ୍ରଥମ ଦୁଇଟି ମ୍ୟାଚରେ ଡୋମିନିକ୍ ଥିମ୍ ଓ ଡେନିସ ଶାପାଲୋଭଙ୍କୁ ପରାସ୍ତ କରିଥିଲେ। ପୂର୍ବତନ ନମ୍ବର ୱାନ ଖେଳାଳି ଜାନୁୟାରୀଠାରୁ କ୍ରମାଗତଭାବେ ମ୍ୟାଚ ଜିତି ନ ଥିଲେ। ମୁରେଙ୍କ ଅସୁସ୍ଥତା କାରଣ ଜଣାପଡ଼ିନାହିଁ। ସେ ବର୍ତ୍ତମାନ ବିଶ୍ୱର ୭୮ତମ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି। ୨୦୧୮ ଓ ୨୦୧୯ରେ ତାଙ୍କ ପିଚାରେ ଅସ୍ତ୍ରୋପଚାର ହୋଇସାରିଛି।




ସଫଳ ଟେନିସ୍ ଖେଳାଳି ଓ କୋଚ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଦେବାଶିଷ, ସୋହିନୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୫।୫:** ଓଡ଼ିଶାର ଯୁବ ଟେନିସ ଖେଳାଳି ଦେବାଶିଷ ମହାନ୍ତି, ସୋହିନୀ ସଞ୍ଜୟ ମହାନ୍ତି ଓ ଆହନାଙ୍କୁ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ସେମାନଙ୍କ କୋଚ୍ ଫର୍ହାନ ଅଲି ଓ ଅଜୟ କୁମାର ନିଶାଙ୍କଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଓଟିଏ ସଭାପତି ଅସିତ ତ୍ରିପାଠୀ, ଉପସଭାପତି ଦିବ୍ୟ ଶଙ୍କର ମିଶ୍ର ଓ ସମ୍ପାଦକ ସତ୍ୟଜିତ ମହାନ୍ତି ଉପସ୍ଥିତ ରହି ଖେଳାଳି ଓ କୋଚ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ତୁର୍କୀରେ ନୀରଜଙ୍କ ଟ୍ରେନିଂ ମିଆଦ ବୃଦ୍ଧି

**ନୂଆଦିଲ୍ଲୀ, ୫।୫(ପି.ଟି.)**

ତୁର୍କୀରେ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରାଙ୍କ ଟ୍ରେନିଂ କ୍ୟାମ୍ପ ମିଆଦ ବୃଦ୍ଧି ପାଇଁ ହୋଇଥିବା ପ୍ରସ୍ତାବ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (ଟପ୍ସ) ଦ୍ୱାରା ଅନୁମୋଦ ଲାଭ କରିଛି। ଏଥିସହିତ ନୀରଜଙ୍କ ଲାଗି ୫.୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ) ଓ ଷ୍ଟାର ଜାଭେଲିନ ଥ୍ରୋୟର ଚୋପ୍ରାଙ୍କ ପକ୍ଷରୁ ମିଳିତ ଭାବେ ଏହି ପ୍ରସ୍ତାବ ଦିଆଯାଇଥିଲା। ବର୍ତ୍ତମାନ ସେ ଆଣ୍ଟାଲ୍ୟାର ଗୋଲାରିଆ ସ୍ପୋର୍ଟ୍ସ ଆରେନାଠାରେ ଟ୍ରେନିଂ ନେଉଛନ୍ତି।

## ମୁମ୍ବାଇ ଇଣ୍ଡିଆନ୍ସରେ ଟାଇମଲଙ୍କ ସ୍ଥାନରେ ଷ୍ଟବ୍ସ

**ମୁମ୍ବାଇ, ୫।୫ (ପି.ଟି.):** ବାମହାତୀ ପେସ୍ ବୋଲର ଟାଇମଲ ମିଲ୍ସ ଆହତ ହୋଇଛନ୍ତି। ଫଳରେ ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ୍‌ର ଅବଶିଷ୍ଟାଂଶ ପାଇଁ ତାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକୀୟ କିପର-ବ୍ୟାଟର ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ଚୁକ୍ତି କରିଛି। ମିଲ୍ସଙ୍କ ଗୋଇଠିରେ ଆଘାତ ଲାଗିଥିବାରୁ ସେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଏହି ୨୧ବର୍ଷୀୟ ଉଇକେଟକିପର ୧୭ ଟି୨୦ ଖେଳି ୩ ଅର୍ଦ୍ଧଶତକ ସହ ୫୦୬ ରନ ସଂଗ୍ରହ କରିଛନ୍ତି।

## ଜନ୍ମଦିନରେ ରକ୍ତଦାନ ଶିବିର

ବାରଙ୍ଗ,(ଡି.ଏନ୍.ଏ.): ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳିଛନ୍ତି। ଇଞ୍ଚଣା ଗ୍ରାମପଞ୍ଚାୟତର ଦେବାଶିଷ ପତି। ଗୁରୁବାର ନିଜ ଜନ୍ମଦିନରେ ଗ୍ରାମର ଯୁବକଙ୍କୁ ଏକାଠି କରି ଗାଁ ଦୁଲାଦେଈ ମନ୍ଦିର ପରିସରରେ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଶିବିରରୁ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଶେଷକରି ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତ ଦରକାର ପଡୁଥିବାରୁ ସେମାନଙ୍କ ପାଇଁ ଏହି ପ୍ରୟାସ କରିଥିଲେ। ଏଥିରେ ଗ୍ରାମ କମିଟି ସଭାପତି ପ୍ରଦୀପ ଦାସ, ସାମାଜିକ କର୍ମୀ ସଞ୍ଜୟ ପତି, ଦୀପକ ସାମଲଙ୍କ ସମେତ ଅନେକ ଲୋକ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଯମାଣରେ ଗୋଷ୍ଠୀ ସଂଘର୍ଷ, ଜଣେ ଗୁରୁତର

ଭୁବନେଶ୍ୱର, ୫।୫ (ବ୍ୟୁରୋ): ଧଉଳିଥାନା ଶିଶୁପାଳଗଡରେ ବୁଧବାର ମଧ୍ୟରାତ୍ରିରେ ମଳଣ ପାଇଁ ଯମାଣ ଚାଲିଥିଲାବେଳେ ଦୁଇଗୋଷ୍ଠୀ ମଧ୍ୟରେ ସାମାନ୍ୟ ଝଗଡ଼ାରୁ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ଅନ୍ୟ ଏକ ଗୋଷ୍ଠୀର ଯୁବକଙ୍କ ତଣ୍ଟିକୁ ବ୍ଲେଡ୍‌ରେ କାଟିଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ହେଲେ ଭୋଇସାହିର ସ୍ମୃତିରଞ୍ଜନ ପାତ୍ର। ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଏନେଇ ପୋଲିସ ମାମଲା (ନଂ.୯୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହ ଘଟଣାସ୍ଥଳରୁ ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି। ଅପରପକ୍ଷରେ ଅଭିଯୁକ୍ତଙ୍କୁ ୨୪ ଘଣ୍ଟାରେ ଗିରଫ କରା ନ ଗଲେ ଥାନା ଘେରାଉ କରିବାକୁ ଚେତାବନୀ ଦେଇଛନ୍ତି ଶିଶୁପାଳଗଡ ବାସିନ୍ଦା।

### ଫେରାର ବଳାତ୍କାର ଅଭିଯୁକ୍ତ ଗିରଫ

ବାଲିଅନ୍ତା,୫।୫(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରି ଫେରାର ଥିବା ଅଭିଯୁକ୍ତଙ୍କୁ ପୋଲିସ ତାଙ୍କ ଘରୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଭରତ ନାୟକ(୩୨)। ସୂଚନାଯୋଗ୍ୟ, ମାର୍ଚ୍ଚ ୨୨ତାରିଖରେ ଅଭିଯୁକ୍ତ ନାବାଳିକାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୬/୨୨) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା।

### ପ୍ରିୟଦର୍ଶୀ ମିଶ୍ର ବନ ନିଗମ କର୍ମଚାରୀ ସଂଘ ସଭାପତି

ଭୁବନେଶ୍ୱର,୫।୫(ବ୍ୟୁରୋ): ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ କେନ୍ଦ୍ରୀୟ ପରିଷଦର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଆଗାମୀ ୨୦୨୨-୨୪ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ହାଉସିଂ ବୋର୍ଡ ଅଧକ୍ଷ ପ୍ରିୟଦର୍ଶୀ ମିଶ୍ର ସଂଘର ରାଜ୍ୟ ସଭାପତି ହୋଇଥିବାବେଳେ ଉପସଭାପତି ପ୍ରଫୁଲ୍ଲ ବେଦାନ୍ତ, କାର୍ଯ୍ୟକାରୀ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଭାବେ ଫନୀନ୍ଦ୍ର କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଛି। ସେହିଭଳି କେନ୍ଦ୍ରୀୟ ପରିଷଦର କାର୍ଯ୍ୟକାରୀ ସଦସ୍ୟ ଭାବେ ବାଇଧର ପଣ୍ଡା, କାଳୁଚରଣ ମହାନ୍ତି, ନିତ୍ୟାନନ୍ଦ ସେଠୀ, ସ୍ୱର୍ଣ୍ଣଲତା ବେହେରା, ତ୍ରିଲୋଚନ ପ୍ରଧାନ, ବୃନ୍ଦାବନ ପ୍ରଧାନ, ଆଲୋକ ବାରିକ, ସୁଦର୍ଶନ ପାତ୍ର, ସୁମନ ସ୍ୱାଇଁ, କାର୍ତ୍ତିକ ଜେନା, ଲକ୍ଷ୍ମୀଧର ବେହେରା, ଜଗନ୍ନାଥ ମଲ୍ଲିକ, ଭବତୋଷ ମହନ୍ତ ଚୟନ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ପରିଷଦର ନିର୍ବାଚିତ ପ୍ରତିନିଧିମାନେ ଯୋଗଦେଇ ସଂଘର ୧୯ ଦଫା ଦାବି ସମ୍ବନ୍ଧରେ ଆଲୋଚନା କରିଥିଲେ। ସଂଘ ଉପସଭାପତି ଓ ସାଧାରଣ ସମ୍ପାଦକ ବନ ନିଗମକୁ ଏକ ଅଗ୍ରଣୀ ନିଗମ ରୂପେ ପ୍ରତିପାଦନ କରିବା ପାଇଁ ସମସ୍ତ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରି ସଙ୍ଗଠନକୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ।

### ବ୍ୟବସାୟକୁ ନେଇ ବାପପୁଅଙ୍କୁ ଆକ୍ରମଣ

ବାଲକାଟୀ,୫।୫(ଡି.ଏନ୍.ଏ.): ବାଲକାଟୀ ଫାଣ୍ଡି ଅନ୍ତର୍ଗତ ସାତକାଣିଆ ରାସ୍ତାରେ ବ୍ୟବସାୟକୁ ନେଇ ଗୁରୁବାର ରାତି ପ୍ରାୟ ୮ଟାରେ ବାପପୁଅଙ୍କୁ ଆକ୍ରମଣ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଦେଖାଦେଇଥିଲା। ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ଫୋର୍ସ ମୁତୟନ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସାତକାଣିଆ ଭାର୍ଗବୀ ନଦୀବନ୍ଧ ରାସ୍ତାରେ ଚଢ଼େଇବର ଗ୍ରାମର ଦିଲୀପ ଦାସଙ୍କ ଏକ ଅଣ୍ଡା ଦୋକାନ ଥିଲା। ସେହି ସ୍ଥାନରେ ସାତକାଣିଆର ଟିକନ ଖାଁ ଗୁରୁବାର ଏକ ନୂଆ ଅଣ୍ଡା ଦୋକାନ ଖୋଲିଥିଲେ। ନୂଆ ଦୋକାନ ଖୋଲିବାରୁ ଦିଲୀପଙ୍କ ବ୍ୟବସାୟରେ ମାନ୍ଦା ହେବା ନେଇ ଭୟ ରହିଥିଲା। ଫଳରେ ଦିଲୀପ ସନ୍ଧ୍ୟାରେ ୭/୮ଜଣ ସାଙ୍ଗଙ୍କୁ ଧରି ଟିକନଙ୍କ ଦୋକାନ ଆଗରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଟିକନ ବିରୋଧ କରିବାକୁ ସେମାନେ ଟିକନ ଓ ତାଙ୍କ ପୁଅଙ୍କୁ ମାଡ଼ ମାରିଥିଲେ। ଘଟଣା ବିଷୟରେ ଜାଣିବା ପରେ ଟିକନଙ୍କ ସାହିବାସିନ୍ଦା ଘଟଣାସ୍ଥଳରେ ପହଞ୍ଚି ହୋହଲ୍ଲା କରିଥିଲେ। ପରେ ବାଲିଅନ୍ତା ଥାନାଧିକାରୀ ଯୁବରାଜ ସ୍ୱାଇଁ ପହଞ୍ଚି ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଡିଷ୍ଟ୍ରିବ୍ୟୁଟର, ସେଲରଙ୍କୁ କ୍ରାଇମବ୍ରାଞ୍ଚର ଜେରା

**ସାଇବର ଠକଙ୍କୁ ସିମ୍ ଯୋଗାଣ ମାମଲା**

- ଦୁଷ୍ମନ୍ତଙ୍କ ୨ ବ୍ୟାଙ୍କ, ୨ ପେଟିଏମ୍ ଆକାଉଣ୍ଟ ଅଚଳ
- ଠାବ ହେଲା ୯.୧ ଲକ୍ଷ

ଭୁବନେଶ୍ୱର,(ବ୍ୟୁରୋ)/କଟକ ଅଫିସ,୫।୫

ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍ କାର୍ଡକୁ ପ୍ରି-ଆକ୍ଟିଭେଟ୍ କରି ଉକ୍ତ ନମ୍ବରକୁ ସାଇବର ଠକଙ୍କୁ ଯୋଗାଣ ମାମଲାରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରଖିଛି। ବୁଧବାରଠାରୁ ୩ ଅଭିଯୁକ୍ତଙ୍କୁ ଜେଲରୁ ରିମାଣ୍ଡରେ ଅଣାଯାଇ ଜେରା କରାଯାଉଥିବା ବେଳେ ଗୁରୁବାର ଜିଓ ଡିଷ୍ଟ୍ରିବ୍ୟୁଟର ଓ ସେଲରଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଉପରପାଲ ଗ୍ରାମର ବାସିନ୍ଦା ତଥା ଡିଷ୍ଟ୍ରିବ୍ୟୁଟର୍ ଅମିତାଭ ସାହୁ ଓ କାମାକ୍ଷାନଗର ଆଲୁଅଝରଣା ଛକ ଅଞ୍ଚଳର ବାସିନ୍ଦା ତଥା ସେଲର ଗୋବିନ୍ଦ ପରିଡ଼ା। କେଉଁ ଆଧାରରେ ଅଭିଯୁକ୍ତମାନଙ୍କୁ କେତେଟଙ୍କାରେ ସିମ୍‌କାର୍ଡ ବିକ୍ରି କରୁଥିଲେ, କ'ଣ କାଗଜପତ୍ର ରଖୁଥିଲେ, ଏପରି ବିଭିନ୍ନ ଦିଗକୁ ନେଇ ପଚରାଉଚରା ଜାରି ରଖିଛି କ୍ରାଇମବ୍ରାଞ୍ଚ।

ଅନ୍ୟପକ୍ଷରେ ବହୁ କ୍ରେତା ଓ ସାଇବର ଠକଙ୍କୁ 'ବାୟର୍ ସେଲର୍ ଅଫ୍ ଓଟିପି' ଗ୍ରୁପ୍‌ରେ ସିମ୍ ଯୋଗାଉଥିବା ମାଷ୍ଟରମାଇଣ୍ଡ ଦୁଷ୍ମନ୍ତ ସାହୁଙ୍କ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛି। କ୍ରାଇମବ୍ରାଞ୍ଚ କହିଛି, ଦୁଷ୍ମନ୍ତ ବିଏସ୍‌ସି, ପିଜିଡିସିଏ ପଢ଼ିବା ସହ ଡିଜିଟାଲ ମାର୍କେଟିଂରେ ଇଣ୍ଟର୍ନସିପ୍ କରିଛନ୍ତି। ସେ ପୂର୍ବରୁ ଏୟାରସେଲ୍ ଟେଲିକମ୍ ସଂସ୍ଥାର କଲେକ୍ସନ୍ ଓ ମାର୍କେଟିଂ ଏଜେଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ୨୦ ଟଙ୍କାର ସିମ୍‌କୁ ବିଏସ୍‌ଏନ୍‌ଏଲ୍ ରିଟେଲରଙ୍କଠାରୁ ୧୨୦ ଟଙ୍କାରେ କିଣନ୍ତି। ସେହିପରି ୨୫ ଟଙ୍କାର ସିମ୍‌କୁ ଭୋଡ଼ାଫୋନ୍ ରିଟେଲରଙ୍କଠୁ ୧୩୦ ଟଙ୍କାରେ ଓ ଜିଓ ସିମ୍‌କୁ ୧୪୦ ଟଙ୍କାରେ ରିଟେଲରଙ୍କଠୁ କିଣନ୍ତି ବୋଲି କ୍ରାଇମବ୍ରାଞ୍ଚ କହିଛି। ସେହିଭଳି ଦୁଷ୍ମନ୍ତ ସାଇବର ଠକଙ୍କ ସହ ସିମ୍ ଡିଲ୍ କଲାବେଳେ ତାଙ୍କ ବାପା ଓ ଭାଇଙ୍କ ସହ ମୋଟ ୭ଟି ବ୍ୟାଙ୍କ ଆକାଉଣ୍ଟ ଏବଂ ୩ଟି ପେଟିଏମ୍ ଆକାଉଣ୍ଟ ଜରିଆରେ ଟଙ୍କା ଆଣୁଥିଲେ। ତେବେ ୭.୯୫ ଲକ୍ଷ ଟଙ୍କା ଜମାଥିବା ଦୁଷ୍ମନ୍ତଙ୍କ ୨ଟି ବ୍ୟାଙ୍କ ଆକାଉଣ୍ଟ ଓ ୧.୬ ଲକ୍ଷ ଟଙ୍କା ଥିବା ୨ଟି ପେଟିଏମ୍ ଆକାଉଣ୍ଟକୁ ଅଚଳ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ସେପଟେ ୩ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ କେତେବେଳେ ଏକୁଟିଆ ତ ଆଉ କେତେବେଳେ ସାମ୍ନାସାମ୍ନି ଜେରା କରି ଏହି ମାମଲାରେ ଅଧିକ ତଥ୍ୟ ପାଇବାକୁ ଚେଷ୍ଟା କରୁଛି। ନାଇଜେରିଆନ୍ ଗ୍ୟାଙ୍ଗ ଦେଶର ବିଭିନ୍ନ ପ୍ରାନ୍ତରେ ରହି ଜାଲ୍ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲି ସେଥିରେ ବହୁ ପ୍ରତିଷ୍ଠିତ, ଲୋକପ୍ରିୟ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ଲଗାଇ ସେମାନଙ୍କ ସମ୍ପର୍କୀୟଙ୍କୁ ଟଙ୍କା ମାଗୁଥିବା ପୂର୍ବରୁ ନଜିର ରହିଛି। ଦୁଷ୍ମନ୍ତ ସିମ୍ ଦେଉଥିବା 'ବାୟର୍ ସେଲର୍ ଅଫ୍ ଓଟିପି' ଗ୍ରୁପ୍‌ରେ ସେଭଳି ଗ୍ୟାଙ୍ଗର ସଦସ୍ୟମାନେ ରହିଥିବା ସନ୍ଦେହ କରାଯାଉଥିବାରୁ କ୍ରାଇମବ୍ରାଞ୍ଚ ଏନେଇ ଅଧିକ ଖୋଳତାଡ଼ କରୁଛି।

# କେନ୍ଦ୍ରର ସ୍ମାର୍ଟସିଟି ତାଲିକାରେ ଭୁବନେଶ୍ୱର

ନୂଆଦିଲ୍ଲୀ,୫।୫

କେନ୍ଦ୍ର ସରକାରଙ୍କ ପ୍ରଥମ 'ସ୍ମାର୍ଟସିଟି' ତାଲିକାରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସ୍ଥାନ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରକାଶ ପାଇବାକୁ ଥିବା ଏହି ତାଲିକାରେ ୭ଟି ସହର ରହିଛି। ଅନ୍ୟ ସ୍ମାର୍ଟସିଟିଗୁଡ଼ିକ ହେଲା ଭୋପାଳ, ସୁରଟ, ଉଦୟପୁର, ବାରାଣସୀ, ଅହମ୍ମଦାବାଦ ଓ ଇନ୍ଦୋର। ସହରାଞ୍ଚଳରେ ଦେଖାଦେଉଥିବା ଅସୁବିଧାର ସମାଧାନ ପାଇଁ ପରିବେଶ ଅନୁକୂଳ ହାଇଟେକ୍ ଉପାୟ ନିମନ୍ତେ ଉଦ୍ଦିଷ୍ଟ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଆଧାରରେ ଏହି ତାଲିକାରେ ଉକ୍ତ ୭ ସହରକୁ ସାମିଲ କରାଯାଇଛି। ପ୍ରକାଶ ଯେ, ୨୦୧୫ ଜୁନ୍ ୨୫ରେ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ 'ସ୍ମାର୍ଟ ସିଟିଜ୍ ମିଶନ' ଆରମ୍ଭ କରାଯାଇଥିଲା। ଭାରତର ଶହେଟି ସହରରେ ଲୋକେ ଭୋଗୁଥିବା ଅସୁବିଧା ଦୂର ପାଇଁ ଉପାୟ ଖୋଜିବା ଉଦ୍ଦେଶ୍ୟରେ ଏହି ଯୋଜନା କରାଯାଇଛି। ଭୁବନେଶ୍ୱର ସ୍ମାର୍ଟସିଟି ପ୍ରକଳ୍ପ ଅଧୀନରେ ୭୬% ପ୍ରୋଜେକ୍ଟ ସମ୍ପୂର୍ଣ୍ଣ କରିଥିବାରୁ ତାଲିକାରେ ସ୍ଥାନିତ ହେବାକୁ ଯାଉଛି। ଭୁବନେଶ୍ୱର ଓ କଂଗ୍ରେସ ଶାସିତ ରାଜସ୍ଥାନର ଉଦୟପୁରକୁ ବାଦ୍ ଦେଲେ ତାଲିକାର ଅନ୍ୟ ୫ ସହର ଭାଜପା ସରକାର ଥିବା ରାଜ୍ୟର। ସ୍ମାର୍ଟସିଟି ମିଶନର ଅବଧି ୨୦୨୩ ଜୁନ୍‌ରେ ଶେଷ ହେବ। ଭୋପାଳ ୯୨% ପ୍ରକଳ୍ପ ଶେଷ କରି ତାଲିକାର ସର୍ବାଗ୍ରେ ଥିବାବେଳେ ଗୁଜରାଟର ସୁରଟ ୮୨%, ଉଦୟପୁର ୭୮% ପ୍ରୋଜେକ୍ଟ ଶେଷ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ମଧ୍ୟପ୍ରଦେଶର ଇନ୍ଦୋର, ଉତ୍ତରପ୍ରଦେଶର ବାରାଣସୀ ଏବଂ ଗୁଜରାଟର ଅହମଦାବାଦ ୭୦% ଲେଖାଏ ପ୍ରକଳ୍ପ ଶେଷ କରିଛନ୍ତି। ୨୦୨୩ ବେଳକୁ ଏହି ୭ ସହର ଅବଶିଷ୍ଟ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି।

# ସେଣ୍ଟର ଫର୍ ଇନୋଭେଶନ ଆଣ୍ଡ ଇନ୍‌କ୍ୟୁବେଶନ ମଧ୍ୟରେ ଏମ୍‌ଓୟୁ

ନୂଆଦିଲ୍ଲୀ,୫।୫



ଓଡ଼ିଶାର ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ସେଣ୍ଟର ଫର୍ ଇନୋଭେଶନ ଆଣ୍ଡ ଇନ୍‌କ୍ୟୁବେଶନ, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ପକ୍ଷରୁ ଗୁରୁବାର ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଡେପୁଟି ଭାଇସ୍ ପ୍ରେସିଡେଣ୍ଟ ଅଜିତ୍ କୁମାର ପାଢ଼ୀଙ୍କ ଦ୍ୱାରା ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଷ୍ଟାର୍ଟଅପ୍ ଓଡ଼ିଶାର ବିକାଶ କରିବା ଏହି ବୁଝାମଣାପତ୍ରର ମୂଳ ଉଦ୍ଦେଶ୍ୟ। ସ୍ଥାନୀୟ କୃଷିଭବନ ଅଡିଟୋରିୟମରେ କୃଷି, ମତ୍ସ୍ୟଚାଷ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ଓ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଉପସ୍ଥିତିରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି। ବଡିଙ୍ଗ୍ ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବାରେ ଷ୍ଟାର୍ଟ ଅପ୍ ଓଡ଼ିଶା କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ସେ ସମ୍ପର୍କରେ ଷ୍ଟାର୍ଟଅପ୍ ଓଡ଼ିଶା ସିଇଓ ମନୀଷା ଆଚାର୍ଯ୍ୟ ଆଲୋକପାତ କରିଥିଲେ। ଏହାଛଡ଼ା ସିଏସ୍‌ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କିପରି ଶିକ୍ଷାନୁଷ୍ଠାନଗୁଡ଼ିକୁ ସହଯୋଗ କରିଛି ସେ ସମ୍ପର୍କରେ ମନ୍ତ୍ରୀ ସାହୁ କହିଥିଲେ। ଏହାଛଡ଼ା ଛାତ୍ରୀଛାତ୍ରମାନଙ୍କ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ନିଆଯାଇଥିବା ଏହି ଉତ୍ତମ ପଦକ୍ଷେପକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ସେହିପରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଚାର୍ଯ୍ୟ ରାଜ୍ୟର ଯୁବ ମାନସିକତାରେ ପ୍ରଭାବ ପକାଇବା ଭଳି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଗଭର୍ନମେଣ୍ଟ ବିଜ୍‌ନେସ୍ ରାଜ୍ୟ ମୁଖ୍ୟ ସଞ୍ଜୀବ ମହାପାତ୍ର, ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ସୌମ୍ୟବ୍ରତ ଦାସ, ଓଡ଼ିଶା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଜୋନାଲ ହେଡ୍ ଦୀପକ କୁମାର ସିଂ, ଅନ୍ୟ ବରିଷ୍ଠ ସରକାରୀ କର୍ମଚାରୀ ଏବଂ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରୁ ଲୁଟିଛନ୍ତି ୭୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

**ଏପ୍ରିଲ ସାଇବର ଠକେଇ ରିପୋର୍ଟ**

- ୨୬୧ ଅଭିଯୋଗ, ଫେରିଛି ମାତ୍ର ୯ ଲକ୍ଷ ୬୯ ହଜାର ଟଙ୍କା

ଭୁବନେଶ୍ୱର, ୫।୫ (ବ୍ୟୁରୋ)

ସାଇବର ଠକଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଲୋକେ ସଚେତନ ହେଉ ନ ଥିବାରୁ ସାଇବର ଠକଙ୍କ ଜାଲରେ ପଡି ଲକ୍ଷ ଲକ୍ଷ ଟଙ୍କା ହରାଉଛନ୍ତି। ଭୁବନେଶ୍ୱର ସାଇବର କ୍ରାଇମ ହେଲ୍ପ ଡେସ୍କ ପକ୍ଷରୁ ଗୁରୁବାର ମିଳିଥିବା ରିପୋର୍ଟ ଅନୁସାରେ, ଏପ୍ରିଲରେ ଭୁବନେଶ୍ୱର ସହରାଞ୍ଚଳ ଜିଲାରୁ ମୋଟ ୭୬ ଲକ୍ଷ ୫୫ ହଜାର ୬୬୧ ଟଙ୍କା ଲୁଟି ନେଇଛନ୍ତି ସାଇବର ଠକ। ଏଥିରୁ ମାତ୍ର ୯ ଲକ୍ଷ ୬୯ ହଜାର ୫୬୩ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ କରାଯାଇଥିବାବେଳେ ଏହାସହ ୧ ଲକ୍ଷ ୩୧ ହଜାର ୫୬୬ ଟଙ୍କା ବ୍ଲକ କରାଯାଇଛି। ଉକ୍ତ ମାସରେ ହେଲ୍ପ ଡେସ୍କକୁ ସାରା ଓଡିଶାରୁ ୩୧୩ କଲ ଆସିଥିବାବେଳେ କେବଳ ଭୁବନେଶ୍ୱରରୁ ୨୬୧ ଅଭିଯୋଗ ରହିଛି ଓ ଅନ୍ୟାନ୍ୟ ଜିଲାରୁ ମାତ୍ର ୫୨ କଲ୍ ଆସିଛି। ରାଜଧାନୀରୁ ୧୧୪ଟି ୟୁପିଆଇ ଫ୍ରଡ୍ ଓ ୭୪ କ୍ରେଡିଟ ଓ ଡେବିଟ କାର୍ଡ ଫ୍ରଡ୍ ସମ୍ବନ୍ଧିତ ଅଭିଯୋଗ ରହିଛି। ଏଥିସହ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ଠକାମିର ଶିକାର ହୋଇଥିବା ୩୨ ଜଣଙ୍କର ସଂପୂର୍ଣ୍ଣ ଓ ଆଂଶିକ ଅର୍ଥରାଶି ଫେରସ୍ତ କରାଯାଇଛି ବୋଲି ସୂଚନା ଦିଆଯାଇଛି।

# ଦ୍ୱିତୀୟ ପର୍ଯ୍ୟାୟ 'ରକ୍ଷକ' ତାଲିମ ଆରମ୍ଭ

ଭୁବନେଶ୍ୱର,୫।୫(ବ୍ୟୁରୋ)

ସଡ଼କ ଦୁର୍ଘଟଣାରେ ବହୁ ଜୀବନ ହାନି ହେଉଛି। ଏହାକୁ ରୋକିବା ପାଇଁ ପରିବହନ ବିଭାଗ ପକ୍ଷରୁ 'ରକ୍ଷକ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଜିଲା ପାଇଁ ତାଲିମପ୍ରାପ୍ତ ୧ ହଜାର ଫାଷ୍ଟ ରେସପଣ୍ଡର ରହିବେ। ସେମାନେ ଖବର ପାଇବା ମାତ୍ରେ ଦୁର୍ଘଟଣା ସ୍ଥଳରେ ପହଞ୍ଚିଯିବେ। ପ୍ରଥମ ପର୍ଯ୍ୟାୟରେ ୩୮୦ ମାଷ୍ଟର ଟ୍ରେନର ଓ ୩,୧୨୬ ଜଣଙ୍କୁ ତାଲିମ ଦିଆଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଗୁରୁବାରଠାରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ବାଣିଜ୍ୟ ଓ ପରିବହନ ସଚିବ ବିଷ୍ଣୁପଦ ସେଠୀ ଉଦ୍‌ଘାଟନ କରିଛନ୍ତି। ରାସ୍ତା ଦୁର୍ଘଟଣା ସ୍ଥଳକୁ ତତ୍‌କ୍ଷଣାତ ପହଞ୍ଚିବା ପାଇଁ ପ୍ରତି ଜିଲାରେ ୧ ହଜାର ଫାଷ୍ଟ ରେସପଣ୍ଡରଙ୍କୁ ତାଲିମ ପ୍ରଦାନ କରାଯିବ। ଏହି ଅବସରରେ ପରିବହନ ସଚିବ କହିଛନ୍ତି, ରାଜ୍ୟରେ ସଡ଼କ ଦୁର୍ଘଟଣାରେ ବର୍ଷକୁ ପ୍ରାୟ ୫, ୫୦୦ ଲୋକଙ୍କ ମୃତ୍ୟୁ ହେଉଛି। କେବଳ ମୃତ୍ୟୁ ହେଉ ନାହିଁ ମୃତକଙ୍କ ପରିବାର, ଦେଶ ତଥା ରାଜ୍ୟକୁ ବହୁ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି। ଯଦି ଦୁର୍ଘଟଣା ଘଟିବାର ତୁରନ୍ତ ଆହତଙ୍କୁ ହସ୍ପିଟାଲକୁ ନିଆଯାଇ ପାରିବ ତେବେ ମୃତ୍ୟୁ ସଂଖ୍ୟା ବହୁ ପରିମାଣରେ କମ ହୋଇଯିବ। ରାସ୍ତା ଦୁର୍ଘଟଣାକୁ ପରିଚାଳନା କରିବା ପାଇଁ ଫାଷ୍ଟ ରେସପଣ୍ଡରଙ୍କୁ ତାଲିମ ଦେବାର ଆବଶ୍ୟକତା ରହିଛି। ୩୦ ହଜାର ରେସପଣ୍ଡରଙ୍କୁ ରକ୍ଷକ ଯୋଜନାରେ ତାଲିମ ଦିଆଯିବ। ରେସପଣ୍ଡରମାନଙ୍କୁ ପ୍ରାଥମିକ ଚିକିତ୍ସା କିଟ୍ ମଧ୍ୟ ବଣ୍ଟନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ମାଷ୍ଟର ଟ୍ରେନରମାନେ ଦୁର୍ଘଟଣା ସ୍ଥଳକୁ ଯିବେ। ସେଠାରେ ଦୁର୍ଘଟଣା ପ୍ରବଣ ଅଞ୍ଚଳର ସ୍ଥାନୀୟ ଲୋକମାନଙ୍କୁ ଦୁର୍ଘଟଣା ସ୍ଥଳକୁ ଯିବା ଓ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ତାଲିମ ପ୍ରଦାନ କରାଯିବ। ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ଶାଖା, ଏନଜିଓ, ସିଭିଲ ଡିଫେନ୍ସ ପର୍ସୋନେଲରୁ ମାଷ୍ଟର ଟ୍ରେନର ଚୟନ କରାଯିବ। ଏହି ଅବସରରେ ୪ ଜଣ ଗୁଡ୍ ସମରେଟେରିଆନଙ୍କୁ ପୁରସ୍କୃତ କରାଯାଇଛି।

# ମୀରାଙ୍କୁ ନେଇ ହିନ୍ଦୀ ଚଳଚ୍ଚିତ୍ର 'ମୀରା ମା'



ଭୁବନେଶ୍ୱର,୫।୫(ବ୍ୟୁରୋ)

ରାଜ୍ୟ ତଥା ଜାତୀୟସ୍ତରରେ ନିଜର କାର୍ଯ୍ୟ ଓ ସଂଘର୍ଷପୂର୍ଣ୍ଣ ଯାତ୍ରାକୁ ନେଇ ପରିଚୟ ସୃଷ୍ଟି କରିପାରିଥିବା ଓଡ଼ିଶାର ଟ୍ରାନ୍ସଜେଣ୍ଡର ମୀରା ପରିଡ଼ାଙ୍କୁ ନେଇ ଆସୁଛି ଏକ ହିନ୍ଦୀ ଚଳଚ୍ଚିତ୍ର। ଏସ୍.ଆର୍. ଏଣ୍ଟରପ୍ରାଇଜ୍ ଓ ଜି.କେ. ଏଣ୍ଟରଟେନମେଣ୍ଟର ମିଳିତ ସହଯୋଗରେ ନିର୍ମିତ ହେଉଛି ଚଳଚ୍ଚିତ୍ର 'ମୀରା ମା'। ଏହାର ପୋଷ୍ଟର ମୁମ୍ବାଇସ୍ଥିତ ରେଡ୍ ବ୍ଲୁ ଷ୍ଟୁଡିଓ ଅନ୍ଧେରୀଠାରେ ରିଲିଜ୍ କରାଯାଇଛି। ରାସ୍ତାକଡ଼ ଜୀବନରୁ ମା'ର କାହାଣୀ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ ବୋଲି ଚଳଚ୍ଚିତ୍ର ଅନ୍ତର୍ଧ୍ୱନୀ ପାଇଁ ଅନ୍ତର୍ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରଯୋଜକ ରାଜେଶ କୁମାର ମହାନ୍ତି କହିଛନ୍ତି। ତେବେ ଏହାର ଶୁଟିଂ ଓଡ଼ିଶା, ବମ୍ବେ, ଦିଲ୍ଲୀ ଭଳି ସ୍ଥାନରେ ହେବ। ବିଶେଷକରି ତାଙ୍କ ଜୀବନ ସହ ଜଡ଼ିତ ଥିବା କାହାଣୀକୁ ଏହି ଚଳଚ୍ଚିତ୍ରରେ ସ୍ଥାନ ଦିଆଯିବ। କାହାଣୀ ସମ୍ପୂର୍ଣ୍ଣ ବାସ୍ତବଧର୍ମୀ ହେବ। ମୀରାଙ୍କ ଚରିତ୍ରରେ ନଜରକୁ ଆସିବେ ଅଭିନେତ୍ରୀ ସ୍ୱପ୍ନା ପତି। ସେ କହିଛନ୍ତି, କେବଳ ସଂଘର୍ଷର କାହାଣୀ ନୁହେଁ, ପ୍ରେମ, ରୋମାନ୍ସ, ସଫଳତା, ଆଗାମୀ ଦିନରେ ରାଜନୀତିରେ ମୀରାଙ୍କ ରୋଲ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଏକ ପ୍ରକାର ମୀରାଙ୍କ ଆତ୍ମଜୀବନୀ ଉପରେ ହିଁ ଚଳଚ୍ଚିତ୍ର ପର୍ଯ୍ୟବସିତ। ମୀରା ଏ ନେଇ ଖୁସି ବ୍ୟକ୍ତ କରିବା ସହ ସ୍ୱପ୍ନା ତାଙ୍କ ଚରିତ୍ରରେ ଅଭିନୟ କରିବାକୁ ରାଜି ହୋଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସ୍ୱପ୍ନା କହିଛନ୍ତି, ପ୍ରଥମଥର ପାଇଁ ଜଣେ ନାରୀ ଟ୍ରାନ୍ସଜେଣ୍ଡର ଚରିତ୍ରରେ ଅଭିନୟ କରିବେ। ଏହା ସ୍ୱତନ୍ତ୍ର ହେବା ସହ ଦର୍ଶକ କିଛି ନୂଆ ଓ ଭିନ୍ନ ଅନୁଭବ ପାଇବେ।

# ହାତଧୁଆର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଛି ମହାମାରୀ

ଭୁବନେଶ୍ୱର, ୫।୫(ବ୍ୟୁରୋ)

ସଂକ୍ରମଣ ନିରାକରଣ ଓ ନିୟନ୍ତ୍ରଣରେ ହାତଧୁଆର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ନିୟମିତ ହାତ ଧୋଇଲେ ସଂକ୍ରମଣ ହୋଇ ନ ଥାଏ। କୋଭିଡ୍ ମହାମାରୀ ଆମକୁ ହାତଧୁଆର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଛି ବୋଲି ଗୁରୁବାର ଏମ୍‌ସ ଭୁବନେଶ୍ୱର ପକ୍ଷରୁ ବିଶ୍ୱ ହାତଧୁଆ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଡାକ୍ତରଖାନା ସଂକ୍ରମଣ ନିୟନ୍ତ୍ରଣ କମିଟି ଓ ଏମ୍‌ସ ଭୁବନେଶ୍ୱର ଗୁଣାତ୍ମକ ପରିଷଦ ସଦସ୍ୟଙ୍କ ସହ ମେଡିକାଲ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ, ନର୍ସିଂ ଅଫିସର, ବରିଷ୍ଠ ଅଧିକାରୀ, ସ୍ୱଚ୍ଛତା କର୍ମଚାରୀ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ। ଏମ୍‌ସର ସଂକ୍ରମଣ ନିୟନ୍ତ୍ରଣ ଅଧିକାରୀ ଡା. ବିଜୟିନି ବେହେରା ହାତଧୁଆର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ହାତଧୁଆ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି ନିମନ୍ତେ ଏକ ସେଲଫି ପଏଣ୍ଟର ବ୍ୟବସ୍ଥା ହୋଇଥିଲା। ସେହିପରି ଏକ ଦସ୍ତଖତ ଅଭିଯାନ ବୋର୍ଡ ମାଧ୍ୟମରେ ସମସ୍ତେ ସ୍ୱଚ୍ଛତା ଓ ହାତଧୁଆକୁ ନେଇ ମତ ରଖିଥିଲେ। ସଂକ୍ରମଣ ନିୟନ୍ତ୍ରଣ ନର୍ସିଂ ଦଳ ଏବଂ ସହକାରୀ ନର୍ସିଂ ଅଧିକାରୀମାନେ ହାତ ଧୋଇବା ପଦକ୍ଷେପର ବାର୍ତ୍ତା ସହିତ ଏକ ସଚେତନତାଧର୍ମୀ ନୃତ୍ୟ ପରିବେଷଣ କରିଥିଲେ। ପରେ ୱାର୍ଡ, ଆଇସିୟୁ ଏବଂ ହସ୍ପିଟାଲର ଅନ୍ୟାନ୍ୟ ସ୍ଥାନରେ ସଂକ୍ରମଣ ନିୟନ୍ତ୍ରଣ ନର୍ସିଂ ଅଧିକାରୀଙ୍କ ଦ୍ୱାରା ହ୍ୟାଣ୍ଡ ହାଇଜିନ୍ ବ୍ୟାଜ୍ ବଣ୍ଟନ ସହ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।



ବିଦ୍ୟା ପବ୍ଲିସିଂ କାନାଡ଼ା ପକ୍ଷରୁ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ କଥାଶିଳ୍ପୀ ବାସନ୍ତୀଙ୍କ ପ୍ରଥମ କାବ୍ୟ 'ଚନ୍ଦ୍ରମଲ୍ଲୀ'କୁ ଲୋକାର୍ପଣ କରୁଛନ୍ତି।

# ଅର୍ଥ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକୋତ୍ସବ

ଭୁବନେଶ୍ୱର,୫।୫(ବ୍ୟୁରୋ)

ଅର୍ଥ ବିଭାଗ ସାଂସ୍କୃତିକ ସଂସଦର ୫୬ତମ ବାର୍ଷିକୋତ୍ସବ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଅତିରିକ୍ତ ସଚିବ ରୂପ ନାରାୟଣ ଦାଶ ଓ ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ଶାସନ ସଚିବ ନିଧି କୁମାର ରାଉତରାୟ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସଂସଦର ସ୍ମରଣିକା 'କୌଟିଲ୍ୟ'କୁ ଉନ୍ମୋଚନ କରିଥିଲେ। ପରେ ପାରିବାରିକ ନାଟକ 'ଧରା ଆଖିରେ ଲୁହ' ମଞ୍ଚସ୍ଥ ହୋଇଥିଲା। ଧରା, ପୃଥିବୀ ଓ ମାଆକୁ ନେଇ ସଂସାର ଓ ସମାଜ। ଧରାକୁ ନେଇ ରାଜ୍ୟ, ରାଷ୍ଟ୍ର ଓ ପରିବାର। ଧରା କେବେ ବନ୍ଧ୍ୟା ହୋଇପାରେନା। କିନ୍ତୁ ଶସ୍ୟ ଶ୍ୟାମଳା ମା' ଆଜି ଅଦିନିଆ ଝଡ଼ରେ ଓଲଟପାଲଟ ହୋଇଯାଇଛି। ଅବିଶ୍ୱାସ ଓ ସନ୍ଦେହ ଘେରରେ ହାକିମ ଛୋଟରାୟଙ୍କ ପରିବାର ଭାଙ୍ଗିଯାଇଛି। ଏସବୁର ସମାଧାନ କରିଥିବା ନାଟକର କାହାଣୀ ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କରିଥିଲା।



ଅତିଥିମାନେ ଅର୍ଥ ବିଭାଗ ସାଂସ୍କୃତିକ ସଂସଦର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ପାଠାଗାରରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଆବଶ୍ୟକ

ଭୁବନେଶ୍ୱର, ୫।୫(ବ୍ୟୁରୋ)

ପାଠାଗାରଗୁଡ଼ିକ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଭବିଷ୍ୟତର ପାଠାଗାର ଗଢ଼ି ତୋଳିବା ଆବଶ୍ୟକ। ଏଥିପାଇଁ ଗ୍ରନ୍ଥାଗାରିକମାନେ ନିଜକୁ ସେହି ଅନୁସାରେ ପ୍ରସ୍ତୁତ କରିବା ସହ ପାଠକଙ୍କ ପାଇଁ ପାଠାଗାରକୁ ଆହୁରି ଆକର୍ଷଣୀୟ କରିବା ଲାଗି ସର୍ଜନାତ୍ମକ ଚିନ୍ତାଧାରା ଆପଣାଇବା ଉଚିତ ବୋଲି ନାକ୍ ଅଧ୍ୟକ୍ଷ ପ୍ରଫେସର ଭୂଷଣ ପଟବର୍ଦ୍ଧନ କହିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ଏବଂ ମ୍ୟାନେଜମେଣ୍ଟ ଲାଇବ୍ରେରିଜ୍ ନେଟ୍‌ୱର୍କ ପକ୍ଷରୁ ଗୁରୁବାର ୩ ଦିନିଆ ଅନ୍ତର୍ଜାତୀୟ ମାନଲିବ୍‌ନେଟ୍ କନ୍‌ଭେନ୍‌ଶନ ଆରମ୍ଭ ହୋଇଛି। 'ଭବିଷ୍ୟତର ପାଠାଗାର: ଉଦୀୟମାନ ଧାରା' ଶୀର୍ଷକ ସମ୍ମିଳନୀକୁ ଭର୍ଚୁଆଲରେ ଉଦ୍‌ଘାଟନ କରି ପ୍ରଫେସର ପଟବର୍ଦ୍ଧନ ଏହା କହିଛନ୍ତି।





ସମ୍ମିଳନୀରେ ଉପସ୍ଥିତ ନାକ୍ ଅଧ୍ୟକ୍ଷ ପ୍ରଫେସର ଭୂଷଣ ପଟବର୍ଦ୍ଧନ ଓ ଅନ୍ୟ ଅତିଥିମାନେ।

ଅନ୍ୟତମ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ଯୋଗଦେଇ କହିଲେ, ସମସ୍ତଙ୍କ ପାଇଁ ସବୁ କ୍ଷେତ୍ରରେ ଜ୍ଞାନ ଅପରିହାର୍ଯ୍ୟ। ଏହି ଜ୍ଞାନ ବିତରଣ ନିମନ୍ତେ ପାଠାଗାର ଓ ଗ୍ରନ୍ଥାଗାରିକଙ୍କ ଗୁରୁତ୍ୱ ରହିଆସିଛି। ସମ୍ମିଳନୀ ଆୟୋଜନ କମିଟି ଅଧ୍ୟକ୍ଷ ତଥା ମାଡ୍ରାସ ବିଶ୍ୱବିଦ୍ୟାଳୟ ଲାଇବ୍ରେରୀ ସାଇନ୍ସ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବି. ରମେଶ ବାବୁ କହିଲେ, ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ପଢ଼ିବାର ଅଭ୍ୟାସ କମି କମି ଯାଉଛି। ଆମେମାନେ ପାଠାଗାରକୁ ଅଧିକ ସଂଖ୍ୟକ ପାଠକଙ୍କୁ କିପରି ଆକୃଷ୍ଟ କରିପାରିବା ସେ ସମ୍ପର୍କରେ ଚିନ୍ତା କରିବାର ସମୟ ଆସିଛି। ଭବିଷ୍ୟତର ପାଠାଗାର କିପରି ହେବା ଆବଶ୍ୟକ ସେଥିପାଇଁ ଗ୍ରନ୍ଥାଗାରିକମାନେ କିଟ୍ ବିଶ୍ୱବିଦ୍ୟାଳୟ ମୁଖ୍ୟ ପାଠାଗାରର ପରିବେଶ ବୁଲି ଦେଖିବା ଉଚିତ ବୋଲି ପ୍ରଫେସର ରମେଶ ବାବୁ କହିଥିଲେ। ମାନଲିବନେଟର ସାଧାରଣ ସମ୍ପାଦକ ତଥା ହାଇଦ୍ରାବାଦସ୍ଥିତ ମୌଲାନା ଆଜାଦ୍ ନ୍ୟାସନାଲ୍ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାରିକ ଡ. ଅଖତାର ପରଭେଜ ପାଠାଗାର ପରିବେଶରେ ପରିବର୍ତ୍ତନ ଆଣିବା ସହ ଗ୍ରନ୍ଥାଗାରିକମାନେ ସମୟ ଅନୁଯାୟୀ ନିଜକୁ ପରିବର୍ତ୍ତନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ନିର୍ଦ୍ଦେଶିକା ଡ. ବିଜୟଲକ୍ଷ୍ମୀ ରାଉତରାୟ ସ୍ୱାଗତ ଭାଷଣ ଓ ଗ୍ରନ୍ଥାଗାରିକ ଡ. ଦିଲିପ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶ୍ରେଷ୍ଠ ସର୍ଜନଶୀଳ ଗ୍ରନ୍ଥାଗାରିକ ଭାବେ ୨୦୨୦ ବର୍ଷ ପାଇଁ ଡ. ବିଜୟଲକ୍ଷ୍ମୀ ରାଉତରାୟଙ୍କୁ, ୨୦୨୧ ପାଇଁ ଡ. ଅକତାର ହୁସେନ୍ ଏବଂ ୨୦୨୨ ପାଇଁ ଡ. ଧବଳ ବେନ ଭଟ୍ଟଙ୍କୁ ପୁରସ୍କୃତ କରାଯାଇଥିଲା।

## ଓୟୋ ୩୬୦ର ଶୁଭାରମ୍ଭ

ନୂଆଦିଲ୍ଲୀ,୫।୫: ଗ୍ଲୋବାଲ ଟ୍ରାଭେଲ ଟେକ୍ନୋଲୋଜି କମ୍ପାନୀ ଓୟୋ ନିକଟରେ ତା'ର ଅଭିନବ କାର୍ଯ୍ୟକ୍ରମ 'ଓୟୋ ୩୬୦' ସେବା ସମ୍ପର୍କରେ ଘୋଷଣା କରିଛି। ଏହା ହେଉଛି ହୋଟେଲ ଓ ଘର ମାଲିକମାନଙ୍କ ପାଇଁ ଏକ ସେଲ୍ଫ-ଅନ୍‌ବୋର୍ଡିଂ ଟୁଲ୍। ଓୟୋ ଏଆଇ, ମେଶିନ ଲର୍ନିଂ ଓ ଡାଟା ସାଇନ୍ସ ଭଳି ଆଧୁନିକ ଟେକ୍ନୋଲୋଜିଗୁଡ଼ିକର ଶକ୍ତିକୁ କ୍ଷୁଦ୍ର ଓ ମଧ୍ୟମ ହୋଟେଲ ବ୍ୟବସାୟ ଇକୋସିଷ୍ଟମକୁ ଆଣିବା ପାଇଁ ଏଭଳି ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଏହାର ଶୁଭାରମ୍ଭ ପରଠାରୁ ୩୭୦୦ରୁ ଅଧିକ ହୋଟେଲ ଓ ଘରଗୁଡିକ ଓୟୋ ୩୬୦ ଜରିଆରେ ଓୟୋ ପ୍ଲାଟ୍‌ଫର୍ମରେ ଯୋଗଦେଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜର ପ୍ରି-ଓୟୋ ଦିନଗୁଡ଼ିକ ତୁଳନାରେ ରାଜସ୍ୱକୁ ୨ଗୁଣ ବୃଦ୍ଧି କରିଛନ୍ତି।

## ବିଜେଡି ସହ ପର୍ଯ୍ୟବେକ୍ଷକ ବୈଠକ

ଭୁବନେଶ୍ୱର,୫।୫(ବ୍ୟୁରୋ): ବିଭିନ୍ନ ସାଙ୍ଗଠନିକ ଜିଲା ଦାୟିତ୍ୱରେ ଥିବା ବରିଷ୍ଠ ପର୍ଯ୍ୟବେକ୍ଷକଙ୍କ ସହ ଆଲୋଚନା ପରେ ସହପର୍ଯ୍ୟବେକ୍ଷକ (କୋ-ଅବଜରଭର) ବିଜୁ ଜନତା ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସଠାରେ ସାକ୍ଷାତ କରିଛନ୍ତି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳର ପ୍ରଦର୍ଶନ ସମ୍ପର୍କରେ ସଭାପତିଙ୍କୁ ଅବଗତ କରାଇଛନ୍ତି। ଗତ ଦୁଇଦିନ ଧରି ସହପର୍ଯ୍ୟବେକ୍ଷକମାନଙ୍କର ବୈଠକ ଅନୁଷ୍ଠିତ ହେଉଛି। ଦଳର ଜିଲା ସଭାପତି ଓ ସେଠାକାର କର୍ମକର୍ତ୍ତାଙ୍କ ପ୍ରଦର୍ଶନ ଉପରେ ମଧ ସଭାପତି ଉପପର୍ଯ୍ୟବେକ୍ଷକଙ୍କଠାରୁ ପଚାରି ବୁଝୁଛନ୍ତି। ଯେଉଁଠାରେ ଦଳ ଖରାପ ପ୍ରଦର୍ଶନ କରିଛି ସେଠାରେ କାହିଁକି ଏଭଳି ପରିସ୍ଥିତି ହେଲା ସେ ନେଇ ମଧ ମାନସମନ୍ଥନ କରାଯାଇଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସଙ୍ଗଠନକୁ କିପରି ଅଧିକ ମଜଭୁତ କରିହେବ ସେ ନେଇ ବୈଠକରେ ଆଲୋଚନା ହୋଇଛି।

# କିଣାଯିବ ୧୪ ଲକ୍ଷ ମେଟ୍ରିକ ଟନ୍ ରବିଧାନ

- ୨ ଲକ୍ଷ ୫୮ ହଜାର ଚାଷୀ ପଞ୍ଜୀକୃତ
- ସାମିଲ ହେବେ ୧୨୨ ଏସ୍ଏଚ୍‌ଜି
- ୪୮ ଘଣ୍ଟା ମଧ୍ୟରେ ଦେୟ ପୈଠ ନିର୍ଦ୍ଦେଶ

ଭୁବନେଶ୍ୱର, ୫।୫(ବ୍ୟୁରୋ)

ରାଜ୍ୟରେ ରବିଧାନ ସଂଗ୍ରହ ଲାଗି ସରକାରଙ୍କ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ୨୦୨୧-୨୨ ବର୍ଷରେ ମୋଟ୍ ୧୪ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯିବ। ଏଥିଲାଗି ୨ଲକ୍ଷ ୫୮ ହଜାର ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଏହି କାର୍ଯ୍ୟରେ ୧୨୨ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ସାମିଲ ହେବେ। ଗତବର୍ଷ ଏଥିଲାଗି ୧୦୧ ଏସ୍ଏଚ୍‌ଜିକୁ ନିୟୋଜିତ କରାଯାଇଥିଲା। ସେହିପରି ୮୧୭ ପ୍ରାଥମିକ କୃଷି ସମବାୟ ସମିତି ମଧ ରବି ଧାନ କିଣାରେ ଭାଗନେବେ। ପ୍ରତି ଜିଲାର ଅଧିକରୁ ଅଧିକ ଏସ୍ଏଚ୍‌ଜିକୁ ଧାନ ଖରିଦ କାର୍ଯ୍ୟରେ ସାମିଲ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ଅଧ୍ୟକ୍ଷ ତଥା ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରବିଧାନ ସଂଗ୍ରହରେ ସ୍ୱଚ୍ଛତା ରକ୍ଷା ଲାଗି ଗୁରୁବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଭର୍ଚୁଆଲ୍ ମୋଡ୍‌ରେ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେ' ୧ ରୁ ଜୁନ୍ ୩୦ ପର୍ଯ୍ୟନ୍ତ ଧାନ କିଣାଯିବ। କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୧,୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଆସନ୍ତା ୧୩ ତାରିଖରେ ସମ୍ବଲପୁର ଜିଲାରେ ଧାନ କିଣା ଆରମ୍ଭ ହେବ। ସେହିପରି ପ୍ରତିଜିଲାରେ ଜିଲାସ୍ତରୀୟ ବୈଠକ କରାଯାଇ ଧାନ ସଂଗ୍ରହ ଦିନ ଧାର୍ଯ୍ୟ କରାଯିବ। ୧୭ ଜିଲାର ଜଳସେଚିତ ଅଞ୍ଚଳର ଚାଷୀଙ୍କଠାରୁ ଏକର ପିଛା ୨୪ରୁ ୨୬ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

୨୦୨୦-୨୧ ବର୍ଷରେ ୨.୩୩ ଲକ୍ଷ ଚାଷୀ ୭.୬୦ ଲକ୍ଷ ଏକର ରବି ଧାନ ବିକ୍ରି ନିମନ୍ତେ ପଞ୍ଜୀକୃତ ହୋଇଥିଲେ। ଚଳିତ ଥର ମୋଟ୍ ୨ଲକ୍ଷ ୫୮ ହଜାର ଚାଷୀ ୭.୬୨ ଲକ୍ଷ ଏକର ଜମି ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ତନ୍ମଧ୍ୟରେ ଅଧିକ ସଂଖ୍ୟକ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଛନ୍ତି। ୨୦୨୦-୨୧ରେ ୪ ଲକ୍ଷ ୫୧ ହଜାର ନାମମାତ୍ର ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଏଥର ଏହା ୬ ଲକ୍ଷ ୨୨ ହଜାରକୁ ବୃଦ୍ଧି ପାଇଛି। ସେହିପରି କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ୪ ଲକ୍ଷ ୫୬ ହଜାରରୁ ୪ ଲକ୍ଷ ୭୦ ହଜାରକୁ ବଢ଼ିଛି। ପଞ୍ଜୀକୃତ ଚାଷୀଙ୍କ ମଧ୍ୟରେ ପ୍ରାୟ ୨୨,୨୨୮ ଜଣ ଭାଗଚାଷୀ ଅଛନ୍ତି। ଚାଷୀଙ୍କୁ ଧାନକିଣା ସମ୍ପର୍କିତ ସବିଶେଷ ସୂଚନା ଏସ୍ଏମ୍ଏସ୍ ମାଧ୍ୟମରେ ଜଣାଇ ଦିଆଯିବ। ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣିବା ଏବଂ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଦେୟ ପୈଠ ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଧାନ ସଂଗ୍ରହ ଓ ଦେୟ ପୈଠ ପାଇଁ ଯଥାକ୍ରମେ ପି-ପାସ୍ ଏବଂ ଆଇଏଫ୍ଏମ୍ଏସ୍ ଅନଲାଇନ୍ ବ୍ୟବସ୍ଥା ଗ୍ରହଣ କରିବା ଲାଗି ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିଲାଗି ମିଶନ ଶକ୍ତି ଗ୍ରୁପ୍, ଧାନକିଣାରେ ନିୟୋଜିତ ସମବାୟ ସମିତି ଅଧିକାରୀ, ଡାଟା ଏଣ୍ଟ୍ରି ଅପରେଟରଙ୍କୁ ତାଲିମ ଦିଆଯାଇଛି।

ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସମବାୟ ବିଭାଗ ଶାସନ ସଚିବ ସଞ୍ଜୀବ ଚଢ଼ା, ମିଶନ ଶକ୍ତି ବିଭାଗ ଶାସନ ସଚିବ ସୁଜାତା କାର୍ତ୍ତିକେୟନ, ରାଜ୍ୟ ସାଧାରଣ ଯୋଗାଣ ନିଗମ ଅଧ୍ୟକ୍ଷଙ୍କ ସମେତ ସମ୍ପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବ୍ରତୋପନୟନ ଶୁଭେଚ୍ଛା



ନିଶାନ୍ (ଆଦି)
(ମିତାଲି ଓ ନିଶିଥଙ୍କ ସୁପୁତ୍ର)
ରାହାସବାଡ଼ି, ନିମାପଡ଼ା
ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ, ଶୁଭକାମନା ଓ ଅଭିନନ୍ଦନ... ପ୍ରଭୁ ଜଗନ୍ନାଥ ଆଦିକୁ ଅଧିକ ଯଶସ୍ୱୀ କରନ୍ତୁ...
ଲିଟିଲ୍-ଲକି ପରିବାର, ପିପିଲି।
ଧ-୩୪୭

## ମେ ଶେଷ ସୁଦ୍ଧା ସରିବ ଆଠଗଡ଼ ବସ୍‌ଷ୍ଟାଣ୍ଡ କାମ

ଭୁବନେଶ୍ୱର,୫।୫(ବ୍ୟୁରୋ)

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ଆଠଗଡ଼ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ମେ ମାସ ଶେଷସୁଦ୍ଧା ସମ୍ପୂର୍ଣ୍ଣ ହେବ। ଗୁରୁବାର ଲୋକସେବା ଭବନରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଆଠଗଡ଼ ବସ୍‌ଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଶେଷକରି ଏହାକୁ ଯଥାଶୀଘ୍ର ଯାତ୍ରୀମାନଙ୍କ ନିମନ୍ତେ ଲୋକାର୍ପିତ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଆଠଗଡ଼ ବସ୍‌ଷ୍ଟାଣ୍ଡର ମୂଳ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ ବସ୍‌ଷ୍ଟାଣ୍ଡର ପାଚେରି, ଗେଟ୍, ସଂଯୋଗକାରୀ ରାସ୍ତା କାମ ଚାଲିଛି। ବସ୍‌ଷ୍ଟାଣ୍ଡ କାର୍ଯ୍ୟାଳୟର ଆସବାବପତ୍ର, ଯାତ୍ରୀମାନଙ୍କ ବସିବା ସୁବିଧା, ଫ୍ୟାନ୍ ଓ ଆନୁଷଙ୍ଗିକ ସୁବିଧାର ନିର୍ମାଣ ମେ ଶେଷ ସୁଦ୍ଧା ଶେଷ କରିବା ପାଇଁ ବୈଠକରେ ପରିବହନ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ୪ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ବସ୍‌ଷ୍ଟାଣ୍ଡ ନିମନ୍ତେ ବକେୟା ଥିବା ସମସ୍ତ ଅର୍ଥ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ସପ୍ତାହକ ମଧ୍ୟରେ ପ୍ରଦାନ କରାଯିବ।

# ବଜ୍ରପାତରେ ଶଳା, ଭିଣୋଇ ମୃତ

କାମାକ୍ଷାନଗର, ୫।୫(ଡି.ଏନ୍.ଏ.)

କାଜୁ ସଂଗ୍ରହ କରିବାକୁ ବଗିଚାକୁ ଯାଇଥିବାବେଳେ ମାଡ଼ିଆସିଲା ତୋଫାନ। ପ୍ରବଳ ବେଗରେ ଝଡ଼ବର୍ଷା ହେବା ସହିତ ପଡ଼ିଲା ଚଡ଼କ। ଏଥିରେ ଲିଭିଗଲା ସମ୍ପର୍କୀୟ ଶଳା, ଭିଣୋଇଙ୍କ ଜୀବନ ଦୀପ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବଡସୁଆଁଳ ପଞ୍ଚାୟତ ଚକାପାଳ ଗ୍ରାମରେ ଗୁରୁବାର ଅପରାହ୍ଣରେ ଘଟିଛି ଏଭଳି ଅଭାବନୀୟ ଘଟଣା, ଯାହାକୁ ନେଇ ଅଞ୍ଚଳରେ ସୃଷ୍ଟି ହୋଇଛି ଶୋକାକୁଳ ପରିବେଶ। ପୋଲିସ ସୂଚନା ଅନୁଯାୟୀ, ଚକାପାଳ ଗ୍ରାମର ପ୍ରକାଶ ପଧାନ (୩୦)ଙ୍କ ଏକ କାଜୁ ବଗିଚା ଅଛି। କାଜୁ ସଂଗ୍ରହ କରିବାରେ ସହାୟତା କରିବାକୁ ତାଙ୍କ ସମ୍ପର୍କୀୟ ଶଳା ତଥା କଙ୍କଡାହାଡ଼ ଥାନା ମକୁଆକାଟେଣୀ ଗ୍ରାମର ଦେବଦତ୍ତ ପଧାନ (୧୭) ପ୍ରାୟ ସପ୍ତାହେ ହେଲା ଆସିଥିଲେ। ଗୁରୁବାର ଅପରାହ୍ଣରେ ଉଭୟେ ବଗିଚାକୁ କାଜୁ ସଂଗ୍ରହ କରିବାକୁ ଯାଇଥିବାବେଳେ ହଠାତ୍ ଆରମ୍ଭ ହୋଇଯାଇଥିଲା ଝଡ଼ବର୍ଷା। ବର୍ଷାରୁ ରକ୍ଷା ପାଇଁ ଗଛତଳେ ଛିଡ଼ା ହୋଇଥିବାବେଳେ ବଜ୍ରପାତ ହୋଇଥିଲା। ଦୁହେଁ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ସୂଚନା ପାଇ ପରିବାର ଲୋକେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଡାକ୍ତରଖାନାକୁ ନେଇ ଯାଇଥିଲେ। ତେବେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।

### କାଳ ସାଜିଲା କାଳବୈଶାଖୀ

### ୨୧ରେ ପାଳିଥାଆନ୍ତେ ପୁଅ ଜନ୍ମଦିନ

ପ୍ରକାଶ ହେଉଛନ୍ତି ଘରର ବଡ଼ପୁଅ। ଆସନ୍ତା ୨୧ ତାରିଖରେ ତାଙ୍କର ଏକମାତ୍ର ଶିଶୁପୁତ୍ରର ଜନ୍ମଦିନ ଥିଲା। ଏଥିଲାଗି ଆରମ୍ଭ ହୋଇସାରିଥିଲା ସମସ୍ତ ପ୍ରସ୍ତୁତି। ଏହାକୁ ନେଇ ବେଶ୍ ଖୁସିଥିଲେ ପରିବାର ଲୋକେ। ତେବେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବଜ୍ରପାତ ଏହି ଖୁସିକୁ ଛଡ଼ାଇ ନେଇଛି। ସେହିପରି ଘରର ବଡ଼ପୁଅ ଦେବଦତ୍ତଙ୍କ ମୃତ୍ୟୁରେ ପରିବାର ଲୋକେ ବାକ୍‌ଶୂନ୍ୟ ହୋଇଯାଇଛନ୍ତି। ପରିବାରର ୨ଜଣଙ୍କ ଏଭଳି ମୃତ୍ୟୁରେ ଭାଙ୍ଗି ପଡ଼ିଛନ୍ତି ସମ୍ପର୍କୀୟ। କାନ୍ଦବୋବାଳିରେ ଡାକ୍ତରଖାନା ପରିସର ଫାଟି ପଡୁଥିବାବେଳେ ଏହାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ସାଂସ୍କୃତିକ ଦଳଙ୍କ ପାଇଁ କମ୍ପ୍ୟୁଟରୀକୃତ ପରିଚାଳନାର ଶୁଭାରମ୍ଭ

### ଜୁନ୍ ୧୫ ଯାଏ ପଞ୍ଜୀକରଣ ବ୍ୟବସ୍ଥା

ଭୁବନେଶ୍ୱର,୫।୫(ବ୍ୟୁରୋ)

ଏଣିକି ସାଂସ୍କୃତିକ ଦଳ ଓ କଳାକାରମାନଙ୍କର କାର୍ଯ୍ୟସବୁ ସହଜ ତଥା ସୁବିଧାରେ ହେବ। ଦୂର ହେବ ବିଭିନ୍ନ ସମସ୍ୟା। ଏଥିପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କମ୍ପ୍ୟୁଟରୀକୃତ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଗୁରୁବାର ସଂସ୍କୃତି ଭବନରେ ବିଭାଗୀୟ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ବ୍ୟବସ୍ଥାର ଶୁଭାରମ୍ଭ କରି କହିଛନ୍ତି, କଳାକାର ଓ ସାଂସ୍କୃତିକ ଦଳମାନଙ୍କର ବହୁଦିନର ଆକାଂକ୍ଷା ପୂର୍ଣ୍ଣ ହୋଇଛି। ପ୍ରଯୁକ୍ତିବିଦ୍ୟାପ୍ରସୂତ ଏହି ବ୍ୟବସ୍ଥା ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସିଟିଏମ୍ଏସ୍ ଆପ୍ଲିକେଶନ୍‌କୁ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଉପୁଜୁଥିବା ଅସୁବିଧାଗୁଡ଼ିକୁ ଏଡ଼ାଇ ଦିଆଯିବା ସହିତ ସମସ୍ତଙ୍କୁ କଳା ପରିବେଷଣ କରିବାକୁ ସମାନ ସୁଯୋଗ ମିଳିପାରିବ।



ନୂତନ ୱେବ୍‌ସାଇଟ୍ ଉନ୍ମୋଚନ ଅବସରରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ଅତିଥିମାନେ।

ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି, ଅନୁଷ୍ଠାନଗୁଡ଼ିକର ଅନୁରୋଧ ଆଧାରରେ ବିଭିନ୍ନ ପର୍ବୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ବିଭାଗ ପକ୍ଷରୁ କଳାକାରମାନଙ୍କୁ ପ୍ରେରଣ କରାଯାଇଥାଏ। ଏହି ପ୍ରକ୍ରିୟାକୁ ସହଜ, ସୁଗମ ତଥା ତ୍ୱରାନ୍ୱିତ କରିବାକୁ ବିଭାଗ ପକ୍ଷରୁ ଉକ୍ତ ୱେବ୍‌ସାଇଟ୍ ପ୍ରସ୍ତୁତ କରାଯାଇଛି। ଏଥିରେ ସାମିଲ ହେବା ପାଇଁ ଅନୁଷ୍ଠାନ ବା ସାଂସ୍କୃତିକ ଦଳ ଆସନ୍ତା ଜୁନ୍ ୧୫ ସୁଦ୍ଧା ଆବଶ୍ୟକ ସୂଚନା ସହ ctms-olltc.in ଦ୍ୱାରା ନିଜକୁ ପଞ୍ଜୀକୃତ କରିନେବା ପାଇଁ ସେ ଅନୁରୋଧ କରିଛନ୍ତି। କଳା, ସଂସ୍କୃତି ଓ ପରମ୍ପରା ଗୋଟିଏ ଜାତିର ପରିଚୟ କହିଲେ ଅତ୍ୟୁକ୍ତି ହେବ ନାହିଁ। କଳାକାର ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ଉନ୍ନତି ପାଇଁ ସୁଚିନ୍ତିତ ମତାମତ ପତ୍ର କିମ୍ବା ଇମେଲ୍ ମାଧ୍ୟମରେ ବିଭାଗକୁ ପ୍ରେରଣ କରିବା ଲାଗି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପରାମର୍ଶଦାତା ଡ. ଫନୀନ୍ଦ୍ର ଭୂଷଣ ନନ୍ଦ, ଲୁମିନସ୍ ଇନ୍‌ଫୋୱେଜ୍‌ର ମୁଖ୍ୟ ତନ୍ମୟ ମହାନ୍ତି ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ଆମ ସମସ୍ତଙ୍କୁ ଆଗକୁ ବଢ଼ିବାକୁ ପଡ଼ିବ ବୋଲି ସେମାନେ ମତପ୍ରକାଶ କରିଥିଲେ।

# ୬ ହାତୀଦାନ୍ତ ସହ ଅଭିଯୁକ୍ତ ଗିରଫ





ଭୁବନେଶ୍ୱର, ୫।୫(ବ୍ୟୁରୋ)

ବିପଦରେ ଗଜରାଜ ଜୀବନ। ବର୍ବରତାର ସୀମା ଟପି ଗଲେଣି ପ୍ରାଣୀ ଶିକାରୀ। ଟଙ୍କା ଲୋଭରେ ଗୋଟିଏ ପରେ ଗୋଟିଏ ହାତୀକୁ ମାରି ଦାନ୍ତ ଲୁଟି ଚାଲିଛନ୍ତି। ଗତ କିଛି ଦିନ ହେବ ହାତୀ ଦାନ୍ତ କାରବାର ବଢ଼ିଚାଲିଛି, ଯାହାକି ବନ ବିଭାଗ ଏବଂ ଏସ୍‌ଟିଏଫ୍ ପାଇଁ ଚିନ୍ତାର କାରଣ ପାଲଟିଲାଣି। ଗୁରୁବାର ବଲାଙ୍ଗିର ଜିଲା ମାଲପଡ଼ା ଗ୍ରାମରୁ ଗୋଟିଏ କି ଦୁଇଟି ନୁହଁ ଏକାଥରକେ ୬ଟି ହାତ ଦାନ୍ତ ସହ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ସେସ୍ପାଲ ଟାସ୍କ ଫୋର୍ସ (ଏସଟିଏଫ୍) ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ବଲାଙ୍ଗିରର ନୁରେନ ସେଟ। ଜବତ ହାତୀ ଦାନ୍ତର ଓଜନ ୯ କେଜି ହେବ। ହାତୀ ଦାନ୍ତଗୁଡ଼ିକୁ ଅଭିଯୁକ୍ତ ନୁରେନ ନିଜ ପାଖରେ ରଖିଥିବା ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଚଢ଼ାଉ କରି ଜବତ କରିଥିଲା। ତେବେ ଏତେଗୁଡ଼ିଏ ହାତୀ ଦାନ୍ତ ନୁରେନ କେଉଁଠି ଆଣିଲେ ତାହାର ଖୋଳତାଡ଼ ଏସ୍‌ଟିଏଫ୍ କରୁଛି। ଗତ ଏପ୍ରିଲ ୨୪ ରେ ଏସଟିଏଫ୍ ଟିମ୍ ସୁବର୍ଣ୍ଣପୁର ଜିଲା ସୁବଳପୁର ଥାନା ଜୁବର୍ଣ୍ଣୀସିତାପୁରରେ ଚଢ଼ାଉ କରି ୩ହାତୀ ଦାନ୍ତ ଜବତ କରିବା ସହ ଅଭିଯୁକ୍ତ ରଞ୍ଜନ ମହାକୁଦଙ୍କୁ ଗିରଫ କରିଥିଲା। ୨୦୨୦ ରୁ ଏଯାବତ ୨୪ ହାତୀ ଦାନ୍ତ ଜବତ କରାଯାଇଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ମିଳିଛି।

# କୁମ୍ଭୀର ଟାଣିନେବାରୁ ଯୁବକ ମୃତ

ଆଳି,୫।୫(ଡି.ଏନ.ଏ.)

ଗୋଟିଏ ପଟେ ଗର୍ଭ ଯନ୍ତ୍ରଣାରେ ସ୍ତ୍ରୀ ଛଟପଟ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବାବେଳେ ଅନ୍ୟପକ୍ଷେ ସ୍ୱାମୀଙ୍କୁ ହରାଇବାର କଷ୍ଟ ଜଣେ ମହିଳାଙ୍କୁ ଆଣି ଦେଇଛି ଦାରୁଣ ଦୁଃଖ। ପେଟରେ ଥିବା ସନ୍ତାନ ଦୁନିଆର ଆଲୋକ ଦେଖିବା ପୂର୍ବରୁ ନିଜର ବାପାଙ୍କୁ ହରାଇଛି। ଏଭଳି ଏକ ଦୁଃଖଦ ଘଟଣା ଗୁରୁବାର କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଏକମାଣିଆ ପଞ୍ଚାୟତ ନଳପାହି ଗାଁରେ ଦେଖିବାକୁ ମିଳିଛି। ଗାଁର ଶିବପ୍ରସାଦ ବେହେରାଙ୍କ ପରିବାର କହିଲେ, ସ୍ତ୍ରୀ ସରସ୍ୱତୀ, ୩ ଝିଅ ସଞ୍ଜନା, ସୁରେଖା ଓ ସସ୍ମିତା। ପୁଅଟିଏ ଆଶାରେ ସରସ୍ୱତୀ ଚତୁର୍ଥ ଥର ପାଇଁ ଗର୍ଭବତୀ ହୋଇଥିଲେ। ପିଲା ଜନ୍ମକୁ ନେଇ ଶିବ ଓ ସରସ୍ୱତୀଙ୍କ ଖୁସି ବଢ଼ି ଚାଲିଥିଲା। କିନ୍ତୁ ବିଧିର ବିଧାନ ସବୁକିଛି ଓଲଟପାଲଟ କରିଦେଲା। ଘର ପାଖରେ ଥିବା ବ୍ରହ୍ମଣୀ ନଦୀକୁ ବୁଧବାର ରାତିରେ ଶୌଚ ପାଇଁ ଶିବ ଯାଇଥିବା ବେଳେ କୁମ୍ଭୀର ଟାଣି ନେଇ ଯାଇଥିଲା। ବହୁ ଖୋଜାଖୋଜି ପରେ ଗୁରୁବାର ବନ ବିଭାଗ ଓ ଗ୍ରାମବାସୀଙ୍କ ମିଳିତ ଚେଷ୍ଟାରେ ନଦୀରୁ ଶିବଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି। ଏହି ଖବର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।



ଶିବପ୍ରସାଦ ବେହେରା

ପଞ୍ଚାୟତକୁ ଚତୁଃପାର୍ଶ୍ୱରୁ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀ ଘେରି ରହିଛି। ବୁଧବାର ରାତିରେ ନଳପାହି ଗାଁର ଶିବ ନିଜ ଘର ନିକଟ ବ୍ରହ୍ମଣୀ ନଦୀକୁ ଶୌଚ ପାଇଁ ଯାଇଥିଲେ। ଅନେକ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜିବାକୁ ଯାଇଥିଲେ। ନଦୀ ତୁଠରେ ଶିବଙ୍କ ଏକ ଗାମୁଛା ଓ ଟର୍ଚ୍ଚ ପଡିଥିଲା। କୁମ୍ଭୀର ଶିବଙ୍କୁ ନଦୀ ଗର୍ଭକୁ ଟାଣି ନେଇଥିବା ସନ୍ଦେହ କରି ଗ୍ରାମବାସୀ ନଦୀରେ ଖୋଜାଖୋଜି କରିଥିଲେ। ସକାଳୁ ଗ୍ରାମବାସୀ ଓ ବନ ବିଭାଗ ମିଳିତ ଭାବେ ଭୁଟୁ ଭୁଟି ଡଙ୍ଗା ନେଇ ନଦୀରେ ଖୋଜି ପରେ ଅପରାହ୍ଣ ୩ଟାରେ କୁମ୍ଭୀର ଖୁଣି ଖାଇଥିବା ଶିବଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲେ। ଗ୍ରାମବାସୀ ମୃତଦେହକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶିବ ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ତାଙ୍କ ରୋଜଗାରରେ ୫ ପ୍ରାଣୀ କୁଟୁମ୍ବ ଚଳୁଥିଲେ। ଖୁବଶୀଘ୍ର ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ଓ ବନ ବିଭାଗ ନିକଟରେ ଦାବି ରଖିଛନ୍ତି।

## ସହରାଞ୍ଚଳରେ ଖୁବ୍‌ଶୀଘ୍ର ଇ-ବସ୍ ସେବା

ଭୁବନେଶ୍ୱର,୫।୫(ବ୍ୟୁରୋ): ରାଜ୍ୟରେ 'ମୋ ବସ୍' ସେବା ବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍) ସମ୍ପର୍କରେ ଗୁରୁବାର ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ସହରାଞ୍ଚଳରେ ପରିବହନ କ୍ଷେତ୍ରରେ 'ମୋ ବସ୍' ସେବା ବର୍ତ୍ତମାନ ଏକ ଅତ୍ୟାଧୁନିକ ଆରାମ ଦାୟକ ଜନସାଧାରଣ ପରିବହନ ବ୍ୟବସ୍ଥା। ସମ୍ପ୍ରତି ଏହା ୩୨ଟି ରୁଟ୍‌ରେ ୨୨୫ ବସ ଚଳାଚଳ କରୁଛି। ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପିପିଲି, କୋଣାର୍କ ଓ ପୁରୀ ଭଳି ସହର ଦୈନିକ ହାରାହାରି ୧.୫ ଲକ୍ଷ ଯାତ୍ରୀ ଏଥିରେ ଯାତାୟାତ କରୁଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଏଥିରେ ଖୁବ୍‌ଶୀଘ୍ର ବ୍ୟାଟେରି ଚାଳିତ ବା ଇ-ବସ୍ ସାମିଲ କରିବାକୁ ମନ୍ତ୍ରୀ ଜେନା ପରାମର୍ଶ ଦେଇଛନ୍ତି । ୨୦୧୯ ମସିହାରୁ ପ୍ରତି ବର୍ଷ ଦୈନିକ ଯାତ୍ରୀ ପରିବହନ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ରାଜସ୍ୱ ମଧ୍ୟ ବୃଦ୍ଧି ପାଇଛି। ଇତିମଧ୍ୟରେ ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ମୋ ଇ-ରାଇଡ୍ , ଇ-ରିକ୍ସା ସେବା ଆରମ୍ଭ କରାଯାଇଛି। ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୨୦୦ ଯାତ୍ରୀ ଅପେକ୍ଷା ପାଇଁ ଆଶ୍ରୟ ସ୍ଥଳ ନିର୍ମାଣ କରାଯାଇଛି । ପଟିଆ ଓ ଭଗବାନପୁରରେ ଅତ୍ୟାଧୁନିକ ବସ୍ ଡିପୋ ନିର୍ମିତ ହୋଇଥିବାବେଳେ ଗାଡ଼କଣ, ପୋଖରିପୁଟ ଓ ନରାଜଠାରେ ଡିପୋ କମ୍ ଅଫିସ ନିର୍ମାଣ କାର୍ଯ୍ୟ ଚଳିଛି । କ୍ୟାପିଟାଲ ରିଜିଅନର ବିଭିନ୍ନ ଅଭ୍ୟନ୍ତରରେ ସେବା ପ୍ରଦାନ ପାଇଁ ପ୍ରାୟ ୧୦୦ ମିନି ବସ୍ ଚଳାଚଳ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଦେବେନ୍ଦ୍ର ନାରାୟଣ ଚୌଧୁରୀ
ବାଲୁବଜାର, କଟକ
ଆବିର୍ଭାବ- ୧୧.୦୨.୧୯୪୮ !! ତିରୋଧାନ- ୧୭.୦୪.୨୦୨୧
ଆପଣଙ୍କର ଅନୁପସ୍ଥିତିରେ ଆମେ ସମସ୍ତେ ମର୍ମାହତ । ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କର ପାଥେୟ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଉଛୁ ।
ଶୋକସନ୍ତପ୍ତ
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୧୫୪୧୯

# ମୋବାଇଲ ଚୋର ଧରିବାକୁ ବୁଲିଲା ବେଞ୍ଚ

ଆନନ୍ଦପୁର/ଘସିପୁରା, ୫।୫(ସ୍ୱ.ପ୍ର./ଡି.ଏନ୍.ଏ.)

ମଣିଷ ଯେତେ ଆଧୁନିକ ହେଲେ ମଧ ଏବେ ବି ମନରେ ବସା ବାନ୍ଧି ରହିଛି ଅନ୍ଧବିଶ୍ୱାସ। ଆପରାଧିକ କାର୍ଯ୍ୟକଳାପ ଲାଗି ଆଇନସେବା ରହିଛି, ହେଲେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଜଣେ ମୋବାଇଲ ଚୋରଙ୍କୁ ଧରିବା ଲାଗି ଲୋକେ କାନ୍ଧରେ ବେଞ୍ଚ ଧରି ଗାଁସାରା ବୁଲିବା ଘଟଣା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ବିଷୟ ହୋଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଜଳସୁଆଁ ଗ୍ରାମରେ। ଲୋକେ ଉତ୍ସାହର ସହିତ ବେଞ୍ଚ ପଛ ପଛେ ବୁଲିବା ସହିତ ଶଙ୍ଖ ହୁଳହୁଳି ପକାଇ ମଜା ଉଠାଉଥିବା ଦେଖିବାକୁ ମିଳିଥିଲା। ରାମଚନ୍ଦ୍ରପୁର ଥାନା ଜଳସୁଆଁ ଗ୍ରାମର ନିତ୍ୟାନନ୍ଦ ମାଝିଙ୍କ ପୁଅର ମୋବାଇଲ ତିନି ଦିନ ତଳେ ଚୋରି ହୋଇଥିଲା। ଅନେକ ଖୋଜାଖୋଜି କରି ନିରାଶ ହେବା ପରେ ସେ ଗୁଣିଆ ଡାକିବାକୁ ମନସ୍ଥ କରିଥିଲେ। ଗୁରୁବାର ଗୁଣିଆ ଆସିବା ପରେ ଯଥାରୀତି ପୂଜାପର୍ବ ଶେଷ ପରେ ୪ଜଣ ପିଲା ଗୋଟିଏ ବେଞ୍ଚକୁ ଧରି ଗାଁ ସାରା ବୁଲିଲେ। ଶେଷରେ ଦୁଇ ତିନି ଗୋଟି ଘର ନିକଟକୁ ବେଞ୍ଚ ମଧ ଯାଇଥିଲା। ଯେଉଁମାନଙ୍କ ଘରକୁ ବେଞ୍ଚ ଯାଇଥିଲା, ସେମାନେ ଅତ୍ୟନ୍ତ ଭଦ୍ର ଲୋକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



# ମହିଳାଙ୍କୁ ହତ୍ୟାକରି ଫିଙ୍ଗିଦେଲେ

ବଲାଙ୍ଗୀର ଅଫିସ,୫।୫

ବଲାଙ୍ଗୀର ଟାଉନ୍ ଥାନା ଅନ୍ତର୍ଗତ ଲର୍କପାଲିଠାରେ ବୁଧବାର ରାତିରେ ଜଣେ ମହିଳାଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଛି। ସେ ହେଲେ ଅଞ୍ଜନା ପଟେଲ(୪୦)। କିଛିବର୍ଷ ପୂର୍ବରୁ ତାଙ୍କ ସ୍ୱାମୀ କୁଆଡେ ଚାଲିଯିବାରୁ ସେ ତାଙ୍କ ଅବିବାହିତ ପୁଅ ସହ ଲର୍କପାଲିଠାରେ ରହୁଥିଲେ। ବୁଧବାର ରାତି ପ୍ରାୟ ୮ଟାରେ ସେ ତାଙ୍କ ପୁଅକୁ ଅଣ୍ଡା କିଣିବାକୁ ପଠାଇ ନିଜେ ନଳକୂପକୁ ପାଣି ଆଣିବା ପାଇଁ ଯାଇଥିଲେ। ଅଣ୍ଡା କିଣି ଫେରିବା ପରେ ମଧ ମା ଅଞ୍ଜନା ଘରକୁ ନ ଫେରିବାରୁ ତାଙ୍କ ପୁଅ ଖୋଜିବାକୁ ନଳକୂପ ପାଖକୁ ଯାଇଥିଲେ। ସେଠାରେ ନ ଥିବାରୁ ସାହି ପଡିଶାରେ ଖୋଜାଖୋଜି କରିଥିଲେ। କୌଣସିଠାରେ ମା'ଙ୍କୁ ନ ପାଇବା ପରେ ପରିବାର ଲୋକଙ୍କ ସହ ଆଖପାଖ ଚାଷଜମିରେ ଖୋଜାଖୋଜି କରିଥିଲେ। ରାତି ପ୍ରାୟ ୯ଟାରେ ଅଞ୍ଜନା ଗୋଟିଏ କ୍ଷେତରେ ମୁହଁମାଡି ପଡିଥିବା ଦେଖିବାକୁ ପାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର କ୍ଷତ ଚିହ୍ନ ଥିଲା ଓ ସେ ରକ୍ତାକ୍ତ ଅବସ୍ଥାରେ ପଡିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଟାଉନ୍ ଥାନାରେ ଜଣାଇବା ପରେ ପୋଲିସ ଟିମ୍ ତଦନ୍ତ ଆରମ୍ଭ କରିଛି। ମୃତଦେହ ନିକଟରେ ମଦ ବୋତଲ ପଡିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ମହିଳାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ମୃତାଙ୍କ ପୁଅ ହନୁବାବୁ ପଟେଲଙ୍କ ଅଭିଯୋଗ ଅନୁସାରେ ଟାଉନ୍ ଥାନାରେ ଏକ ମାମଲା (୨୨୩/୨୨) ରୁଜୁ ହୋଇଛି।

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲିଃ.
ପ୍ଲଟ୍ ନଂ-୨୫୪୦, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

GLOBAL FINANCE (Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8887313379

ALL EDITION - B/W (Everyday)
for Booking Contact:
0674-2580385
8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସଫଳତା ପଥେ ସୋହିନୀ



ଟେନିସ ଏକ ବ୍ୟୟ ବହୁଳ କ୍ରୀଡ଼ା ହୋଇଥିଲେ ହେଁ ଏହାକୁ କ୍ୟାରିୟର କରି ସୋହିନୀ ସଫଳତାର ପାହାଚ ଚଢ଼ିବାରେ ଲାଗିଛନ୍ତି। ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆ/ଓସେନିଆ କ୍ୱାଲିଫାଇଂ ଆଇଟିଏଫ୍ ବିଶ୍ୱ ଜୁନିୟର ଟେନିସ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ସଦସ୍ୟ ରହିବା ସହ ବ୍ରୋଞ୍ଜ ପଦକ ହାସଲ କରି ସେ ନିଜ ଦକ୍ଷତା ଦେଖାଇଛନ୍ତି। ରାଜ୍ୟର ପ୍ରତିଷ୍ଠିତ କୋଚ୍ ସୟଦ ଫରହାନ ଅଲୀଙ୍କ ପ୍ରଶିକ୍ଷଣରେ ପଟିଆସ୍ଥିତ ଏକାଡେମୀରେ କୋଚିଂ ନେଇ ଆଗକୁ ବଢ଼ୁଛନ୍ତି ଏହି ଟେନିସ ପ୍ରତିଭା।

–ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

ଖେଳ ଭିତ୍ତିଭୂମି ହେଉ କିମ୍ବା ଖେଳାଳିଙ୍କ ଉଚ୍ଚ କୋଟୀର ପ୍ରଦର୍ଶନ ଓଡ଼ିଶା ଏବେ କ୍ରୀଡ଼ା ଜଗତର ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗୁ ଏଠାରେ ଏବେ ବଡ଼ ଟୁର୍ନାମେଣ୍ଟ ସମ୍ଭବ ହୋଇପାରୁଛି। କେବଳ ସେତିକି ନୁହେଁ, ରାଜ୍ୟ ସରକାର ଖେଳାଳି ମାନଙ୍କୁ ଉତ୍ସାହିତ ମଧ୍ୟ କରୁଛନ୍ତି। କେତେକ ଖେଳାଳି ବ୍ୟକ୍ତିଗତ ଉଦ୍ୟମରେ ପରିଶ୍ରମ ଏବଂ ନିଷ୍ଠା ଯୋଗୁ ଉପରକୁ ଉଠିବାରେ ଲାଗିଛନ୍ତି। ସେମାନଙ୍କ ମଧ୍ୟରୁ ସୋହିନୀ ସଞ୍ଜୟ ମହାନ୍ତି ଅନ୍ୟତମ। ଟେନିସ ଏକ ବ୍ୟୟ ବହୁଳ କ୍ରୀଡ଼ା ହୋଇଥିଲେ ହେଁ ଏହାକୁ କ୍ୟାରିୟର କରି ସୋହିନୀ ସଫଳତାର ପାହାଚ ଚଢ଼ିବାରେ ଲାଗିଛନ୍ତି। ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏସିଆ/ଓସେନିଆ କ୍ୱାଲିଫାଇଂ ଆଇଟିଏଫ୍ ବିଶ୍ୱ ଜୁନିୟର ଟେନିସ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ସଦସ୍ୟ ରହିବା ସହ ବ୍ରୋଞ୍ଜ ପଦକ ହାସଲ କରି ସେ ନିଜ ଦକ୍ଷତା ଦେଖାଇଛନ୍ତି। ରାଜ୍ୟର ପ୍ରତିଷ୍ଠିତ କୋଚ୍ ସୟଦ ଫରହାନ ଅଲୀଙ୍କ ପ୍ରଶିକ୍ଷଣରେ ପଟିଆସ୍ଥିତ ଏକାଡେମୀରେ କୋଚିଂ ନେଇ ଆଗକୁ ବଢ଼ୁଛନ୍ତି ଏହି ଟେନିସ ପ୍ରତିଭା।

୨୦୦୮ ଏପ୍ରିଲ ୧୪ରେ ଭୁବନେଶ୍ୱରରେ ଜନ୍ମିତ ସୋହିନୀଙ୍କ ମା'ଙ୍କ ନାମ ରାଇଶ୍ରୀ ଶ୍ରୀଚନ୍ଦନ ଓ ବାପା ସଞ୍ଜୟ ମହାନ୍ତି। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ୯ମ ଷ୍ଟାଣ୍ଡାର୍ଡରେ ଅଧ୍ୟୟନରତ ସୋହିନୀ ୨୦୨୨ ଜାନୁୟାରୀ ୧୦ରେ ୧୪ ବର୍ଷରୁ କମ୍ କାଟେଗୋରିରେ ଏଆଇଟିଏ ର୍ୟାଙ୍କିଙ୍ଗ୍‌ର ନମ୍ବର ୱାନ ସ୍ଥାନ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ବୟସ ଅଧିକ ହୋଇ ନ ଥିଲେ ହେଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୋହିନୀଙ୍କ ସଫଳତାର ଫର୍ଦ୍ଦ ବେଶ୍ ଲମ୍ବା। ଇତି ମଧ୍ୟରେ ୭୦ରୁ ଊର୍ଦ୍ଧ୍ୱ ଟାଇଟଲ ଜିତି ସାରିଥିଲେ ମଧ୍ୟ ସଫଳତା ପାଇଁ ତାଙ୍କ ଭୋକ ଦିନକୁ ଦିନ ବଢ଼ିବାକୁ ଲାଗିଛି। ଭବିଷ୍ୟତରେ ଗ୍ରାଣ୍ଡସ୍ଲାମ କୋର୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟ ଏବଂ ଭାରତକୁ ଗର୍ବିତ କରାଇବା ତାଙ୍କର ଲକ୍ଷ୍ୟ ସେ ଇଚ୍ଛା ରଖିଛନ୍ତି। ୨୦୨୧ରେ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ପଦାର୍ପଣ କରିଥିଲେ ସୋହିନୀ। ଏହି ବର୍ଷ ସେପ୍ଟେମ୍ବର ୨୪ରେ ହରିୟାଣାର ସୋନିପତଠାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଏସିଆନ ଚାମ୍ପିୟନଶିପ୍‌ରେ ବାଳିକା ବର୍ଗରେ ସିଙ୍ଗଲ୍ସ ଟାଇଟଲ ଜିତି ସେ ନିଜ ପଦାର୍ପଣକୁ ସ୍ମରଣୀୟ କରିଛନ୍ତି। ୨୦୨୨ ମାର୍ଚ୍ଚରେ ଛତିଶଗଡ଼ର ଭିଲାଇଠାରେ ଅନୁଷ୍ଠିତ ଆଇଟିଏଫ୍ ୱାର୍ଲ୍ଡ ଟୁର ଜୁନିୟର୍ସ ଗ୍ରେଡ୍-୫ ଟେନିସ ଟୁର୍ନାମେଣ୍ଟର ସିଙ୍ଗଲ୍ସରେ ରନର୍ସଅପ୍, ଏପ୍ରିଲରେ ନୂଆଦିଲ୍ଲୀରେ ଆୟୋଜିତ ଏସିଆ/ଓସେନିଆ ଫାଇନାଲ କ୍ୱାଲିଫାଇଂ ଆଇଟିଏଫ୍ ୱାର୍ଲ୍ଡ ଜୁନିୟର ଟେନିସ ଚାମ୍ପିୟନଶିପ୍‌ରେ ଭାରତୀୟ ୧୪ ବର୍ଷରୁ କମ୍ ଦଳର ସଦସ୍ୟଭାବେ ବ୍ରୋଞ୍ଜ ପଦକ ହାସଲ କରିବା ଏବଂ ୱାର୍ଲ୍ଡ ଗ୍ରୁପ୍‌କୁ କ୍ୱାଲିଫାଏ କରିବା ତାଙ୍କ କ୍ୟାରିୟରର ଆଉ ଏକ ସ୍ମରଣୀୟ ସଫଳତା। ୨୦୧୭ରୁ ଜାତୀୟ ସ୍ତରରେ ଟେନିସ ଖେଳିବା ଜାରି ରଖିଥିବା ଏହି ଓଡ଼ିଶା ଲଳନା ଡଜନେରୁ ଊର୍ଦ୍ଧ୍ୱ ପ୍ରତିଯୋଗିତାରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଡବଲ ଟାଇଟଲ ହାସଲ କରି ସାରିଛନ୍ତି। ୨୦୨୧ ମାର୍ଚ୍ଚରେ ମୁମ୍ବାଇରେ ଅନୁଷ୍ଠିତ ଏମ୍‌ଏସ୍‌ଏଲ୍‌ଟିଏ ଜାତୀୟ ୧୪ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ସେ ଓଡ଼ିଶାର ପ୍ରଥମ ଖେଳାଳିଭାବେ ଏଆଇଟିଏ ନ୍ୟାଶନାଲ୍ସ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିଲେ। ଏଠାରେ ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ରନର୍ସଅପ୍ ହୋଇଥିଲେ।

### ସଂକ୍ଷେପରେ...

**ନାମ:** ସୋହିନୀ ସଞ୍ଜୟ ମହାନ୍ତି
**ପରିବାର:** ମା–ରାଇଶ୍ରୀ ଶ୍ରୀଚନ୍ଦନ, ବାପା–ସଞ୍ଜୟ ମହାନ୍ତି
**ବର୍ତ୍ତମାନର ବାସସ୍ଥାନ:** ପଟିଆ, ଭୁବନେଶ୍ୱର
**ଶିକ୍ଷା:** ୯ମ ଷ୍ଟାଣ୍ଡାର୍ଡ, କିଟ୍ ଇଣ୍ଟରନାଶନାଲ ସ୍କୁଲ
**କୋଚ୍:** ସୟଦ ଫରହାନ ଅଲୀ
**ଟ୍ରେନିଂ:** ଫରହାନ ଅଲୀ ଟେନିସ ଏକାଡେମୀ, ପଟିଆ
**ଏଆଇଟିଏ ର୍ୟାଙ୍କିଙ୍ଗ୍:** ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ନମ୍ବର ୱାନ (୨୦୨୨ ଜାନୁୟାରୀ ୧୦)।

### ଉଚ୍ଚାଭିଳାଷୀ, ଭାରତର ନମ୍ବରୱାନ ହେବା ଲକ୍ଷ୍ୟ

ଘର କୋରାପୁଟର ସେମିଳିଗୁଡ଼ା ହୋଇଥିଲେ ହେଁ ଝିଅ ପାଇଁ ଭୁବନେଶ୍ୱରକୁ ବାସସ୍ଥାନ କରି ନେଇଛନ୍ତି ସୋହିନୀଙ୍କ ପରିବାର। ଉଭୟ ମା' ଓ ବାପା ବ୍ୟବସାୟିକ କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ ମଧ୍ୟ ଝିଅ ପାଇଁ ନିଜକୁ ସମ୍ପୂର୍ଣ୍ଣଭାବେ ଉତ୍ସର୍ଗ କରିଛନ୍ତି। "ସୋହିନୀ ଆମର ଏକମାତ୍ର ଝିଅ। ତେଣୁ ତା' ପାଇଁ ଯାହା ଆବଶ୍ୟକ ହେବ ଆମେ ସବୁକିଛି କରିବୁ" ବୋଲି ବାପା ସଞ୍ଜୟ ମହାନ୍ତି ପ୍ରକାଶ କରିଛନ୍ତି। ତାଙ୍କ କହିବା ଅନୁସାରେ ସୋହିନୀ ୬ ବର୍ଷ ବୟସରୁ ଟେନିସ ଖେଳିବା ଆରମ୍ଭ କରିଛନ୍ତି। ତାଙ୍କଠାରେ ସହନଶକ୍ତି ଥିବା ଅନୁଭବ କରି ତାଙ୍କୁ ଉଚିତ ମାର୍ଗରେ ନେବାକୁ ଆମେ ଇଚ୍ଛା କଲୁ। ଦଳଗତ ଇଭେଣ୍ଟ ଅପେକ୍ଷା ଆମେ ବ୍ୟକ୍ତିଗତ ଇଭେଣ୍ଟକୁ ଅଧିକ ପସନ୍ଦ କଲୁ। ପ୍ରଥମେ ତାଙ୍କୁ ଟେନିସରେ ଆମେ ପରୀକ୍ଷା କରିଥିଲୁ ଏବଂ ସେ ସେଥିରେ ହିଁ ଭଲ ପ୍ରଦର୍ଶନ କରି ଆଗକୁ ଚାଲିଛି। ଅନ୍ୟ କିଛି ଖେଳକଥା ଭାବିବାକୁ ସମୟ ଦେଇନି। ସୋହିନୀଙ୍କ ଇଚ୍ଛା ସମ୍ପର୍କରେ ସେ କହିଛନ୍ତି ଯେ, ସୋହିନୀ ଜଣେ ଉଚ୍ଚାଭିଳାଷୀ ପିଲା। ଭାରତର ନମ୍ବରୱାନ ଟେନିସ ଖେଳାଳି ହେବା ତା'ର ଇଚ୍ଛା। ଏହା ବ୍ୟତୀତ ସିଙ୍ଗଲ୍ସ ଇଭେଣ୍ଟରେ ଭାରତର କେହି ଗ୍ରାଣ୍ଡସ୍ଲାମ ଟେନିସରେ ଭଲ ପ୍ରଦର୍ଶନ କରିପାରି ନାହାନ୍ତି। ଭବିଷ୍ୟତରେ ସେ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାକୁ ମଧ୍ୟ ଆଶା ରଖିଛନ୍ତି।



ମା' ରାଇଶ୍ରୀ ଶ୍ରୀଚନ୍ଦନ ଓ ବାପା ସଞ୍ଜୟ ମହାନ୍ତିଙ୍କ ସହ।

### ଉଚ୍ଚ ପ୍ରତିଭାସମ୍ପନ୍ନ

"ସୋହିନୀ ପିଲା ଦିନରୁ ମୋ ନିକଟରୁ କୋଚିଂ ନେଉଛନ୍ତି। ପାଖାପାଖି ସାଢ଼େ ୬ ବର୍ଷ ମୁଁ ତାଙ୍କୁ ଟ୍ରେନିଂ ଦେଇ ଆସୁଛି। ସୋହିନୀ ଜଣେ ଉଚ୍ଚ ପ୍ରତିଭାସମ୍ପନ୍ନ ଝିଅ। ତାଙ୍କର ଭବିଷ୍ୟତ ନିଶ୍ଚିତ ଉଜ୍ଜ୍ୱଳ ବୋଲି ମୁଁ ଜୋର ଦେଇ କହି ପାରିବି। ସର୍ଭିସ କୁହନ୍ତୁ କିମ୍ବା ଫୋରହ୍ୟାଣ୍ଡ ଓ ହାଫ୍ ଭଲିରେ ସେ ବହୁତ ଦୃଢ଼। ମାତ୍ର ଫୋରହ୍ୟାଣ୍ଡ ଶଟ୍‌ରେ ଟିକେ ଦୁର୍ବଳ ଅଛି। ଏହା ଉପରେ ମୁଁ କାମ କରୁଛି। ସମୟ ଆଗେଇବା ସହିତ ସେ ନିଶ୍ଚିତ ଏଥିରେ ଦୃଢ଼ ହୋଇପାରିବେ। ଏପରିକି ସେ ଭବିଷ୍ୟତରେ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ରେ ମଧ୍ୟ ପ୍ରବେଶ କରିପାରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ନିକଟରେ ଅନୁଷ୍ଠିତ ଆଇଟିଏଫ୍ ବିଶ୍ୱ ଜୁନିୟର ଟେନିସ ଚାମ୍ପିୟନଶିପ୍‌ରେ ସେ ଯେତେଗୁଡ଼ିଏ ଡବଲ୍ସ ମ୍ୟାଚ ଖେଳିଥିଲେ ସବୁଥିରେ ବିଜୟୀ ହିଁ ହୋଇଥିଲେ। ସୋହିନୀଙ୍କୁ ବହୁତ ଆଗକୁ ଯିବାର ଅଛି। ଏପରି ପ୍ରଦର୍ଶନ ଜାରି ରଖିଲେ ସେ ନିଶ୍ଚିତ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ"।



–ସୟଦ ଫରହାନ ଅଲୀ, ସୋହିନୀଙ୍କ କୋଚ୍




ଆଇଟିଏଫ୍ ବିଶ୍ୱ ଜୁନିୟର ଟେନିସ ଟୁର୍ନାମେଣ୍ଟ ଅବସରରେ ଭାରତୀୟ ଖେଳାଳିଙ୍କ ସହ ସୋହିନୀ (ବାମରୁ ଦ୍ୱିତୀୟ)।



ନିର୍ମଳ କୁମାର ମିଶ୍ର

# ମିଶନ ଅଷ୍ଟ୍ରେଲିଆ

**ଆଇସିସି ଟି୨୦ ବିଶ୍ୱକପ୍‌ର ୮ମ ସଂସ୍କରଣ ଆସନ୍ତା ଅକ୍ଟୋବର ଓ ନଭେମ୍ବରରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ଆଡିଲେଡ, ବ୍ରିସ୍‌ବେନ, ଗିଲଙ୍ଗ୍, ହୋବାର୍ଟ, ପର୍ଥ, ମେଲବୋର୍ନ ଓ ସିଡ୍‌ନୀରେ ଖେଳାଯିବ।**

ICC MEN'S T20 WORLD CUP AUSTRALIA 2022

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୫ଶ ସଂସ୍କରଣ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଗେଇ ଚାଲିଛି। ଆଗକୁ ଏକାଧିକ ଦ୍ୱିପାକ୍ଷିକ ସିରିଜ ଏବଂ ଟି୨୦ ବିଶ୍ୱକପ ଖେଳାଯିବାକୁ ଥିବାରୁ ଆଇପିଏଲ୍‌ର ଗୁରୁତ୍ୱ ବଢ଼ିଛି। କ୍ରିକେଟ ଖେଳୁଥିବା ଦେଶଗୁଡ଼ିକର ଅନେକ ଖେଳାଳି ଏହି ବ୍ୟୟବହୁଳ ଲିଗ୍‌ରେ ଅଂଶଗ୍ରହଣ କରିଛନ୍ତି। ଲିଗ୍ ପର୍ଯ୍ୟାୟର ଅର୍ଦ୍ଧାଧିକ ମ୍ୟାଚ ଖେଳାଯାଇ ସାରିଛି। ମେ ୨୯ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ। ଏହାପରେ ବିଶ୍ୱକପ ଏବଂ ଅନ୍ୟ ଦ୍ୱିପାକ୍ଷିକ ସିରିଜ ଆଡ଼କୁ ଦୃଷ୍ଟି ଫେରିବ। ଆଇସିସି ଟି୨୦ ବିଶ୍ୱକପ୍ ନଭେମ୍ବରରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ। ଏଥିପାଇଁ ଆଇପିଏଲ୍ ପୂର୍ବରୁ ଭାରତୀୟ ଦଳ ଏହାର ପ୍ରସ୍ତୁତି ଆରମ୍ଭ କରି ସାରିଛି। ଟି୨୦ ଫର୍ମାଟର ଶକ୍ତିଶାଳୀ ଦଳରୂପେ ଜଣାଶୁଣା ୱେଷ୍ଟଇଣ୍ଡିଜ ଏବଂ ଶ୍ରୀଲଙ୍କାକୁ ଘରୋଇ ସିରିଜରେ କ୍ଲିନ୍ ସୁଇପ୍ କରି ନିଜର ଦକ୍ଷତା ପ୍ରତିପାଦନ କରିଛି। ଚଳିତ ବର୍ଷ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଜୁନ୍ ମାସରେ ୫ଟି ଟି୨୦ ମ୍ୟାଚ ଖେଳିବ। ଏହାପରେ ଇଂଲଣ୍ଡ ଗସ୍ତରେ ଯାଇ ୩ ମ୍ୟାଚ ବିଶିଷ୍ଟ ଟି୨୦ ଖେଳିବ। ଆଗାମୀ ଟି୨୦ ବିଶ୍ୱକପ ପାଇଁ ଖେଳାଳି ଚୟନ ଲାଗି ଆଇପିଏଲ୍ ଭଲ ପ୍ଲାଟଫର୍ମ ସଦୃଶ ହୋଇଛି।

ରୋହିତ ଶର୍ମା ୩ଟି ଯାକ ଫର୍ମାଟରେ ଟିମ ଇଣ୍ଡିଆର ଅଧିନାୟକ ଅଛନ୍ତି। ତେବେ ଆଇପିଏଲ୍‌ରେ ତାଙ୍କ ବ୍ୟାଟ୍‌ରୁ ରନ୍ ନ ବାହାରିବା ଚିନ୍ତା ସୃଷ୍ଟି କରିଛି। ବ୍ୟାଟର ଋତୁରାଜ ଗାଏକ୍ୱାର୍ଡ, ଦେବଦତ୍ତ ପଡିକଲ, ଈଶାନ୍ କିଶନ, ଶ୍ରେୟସ ଆୟାର, ସୂର୍ଯ୍ୟକୁମାର ଯାଦବ ଏବଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା, ଭେଙ୍କଟେଶ ଆୟାର, ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଶାର୍ଦ୍ଦୁଳ ଠାକୁରଙ୍କ ଉପସ୍ଥିତିରେ ଟିମ୍ ଇଣ୍ଡିଆର ବେଞ୍ଚ ଷ୍ଟ୍ରେଙ୍ଗଥ୍ ନିଶ୍ଚିତ ରୂପେ ଦୃଢ଼ ହୋଇଛି। ବୋଲିଂ ବିଭାଗରେ ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ଶାମି, ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର, ଦୀପକ ଚହର, ହର୍ଷଲ ପଟେଲ, ଆଭେଶ ଖାଁଙ୍କ ପରି ଦ୍ରୁତ ବୋଲର ଏବଂ ୟେଜୁବେନ୍ଦ୍ର ଚହଲ, ରବି ବିଷ୍ଣୋଇ, ରବିଚନ୍ଦ୍ରନ ଅଶ୍ୱିନ, ଅକ୍ଷର ପଟେଲ, କୁଲଦୀପ ଯାଦବଙ୍କ ପରି ସ୍ପିନର ବିଭିନ୍ନ ସମୟରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି।

ଗତ ଟି୨୦ ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ଯୋଗୁ ଭାରତୀୟ ଦଳ ସେମିଫାଇନାଲ ଖେଳିପାରି ନ ଥିଲା। ତେଣୁ ଏଥର ନୂଆ ଅଧିନାୟକ ରୋହିତ ଶର୍ମା ଏବଂ ମୁଖ୍ୟ କୋଚ ରାହୁଲ ଦ୍ରାବିଡ୍ ସ୍ୱତନ୍ତ୍ର ଗେମ୍‌ପ୍ଲାନ ସହିତ ପଡ଼ିଆକୁ ଓହ୍ଲାଇବା ମନେହେଉଛି।

ଟିମ୍ ଇଣ୍ଡିଆ ତା'ର ଶେଷ ୫ଟି ଟି୨୦ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୧୮୦ରୁ ଅଧିକ ରନ୍ ସଂଗ୍ରହ କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ପାୱାର ପ୍ଲେ ଏବଂ ଡେଥ ଓଭରରେ ଅଧିକ ରନ୍ ସଂଗ୍ରହ କରିବା ସହିତ ବୋଲରମାନଙ୍କ ସୁନ୍ଦର ବୋଲିଂ ଟିମ୍ ଇଣ୍ଡିଆ ଜିତିବାର ସମୀକରଣ ବଦଳାଇ ଦେଇଛି; ଯାହାକି ଭାରତୀୟ କ୍ରିକେଟ ପାଇଁ ଶୁଭସୂଚନା। ଅତ୍ୟଧିକ ମ୍ୟାଚର ଚାପ ଯୋଗୁ ଖେଳାଳିମାନେ ଫିଟନେସ୍ ସମସ୍ୟାର ସମ୍ମୁଖୀନ ହେବା ଏବଂ ଷ୍ଟାର ପ୍ଲେୟର ବିରାଟ କୋହଲି ବଡ ଇନିଂସ ଖେଳିବାରେ ଅସଫଳ ହେବା କିଛି ମାତ୍ରାରେ ଚିନ୍ତା ବଢ଼ାଇଛି। ତେଣୁ ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ଟି୨୦, ଇଂଲଣ୍ଡ ବିପକ୍ଷ ୩ଟି ଲେଖାଏ ଟି୨୦ ଓ ଦିନିକିଆ ଏବଂ ଶ୍ରୀଲଙ୍କାରେ ହେବାକୁଥିବା ଏସିଆ କପ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ।

ଗତ ୪ବର୍ଷ ଧରି ଭାରତ ଘରୋଇ ସିରିଜ ଏବଂ ବିଦେଶ ମାଟିରେ ସିରିଜ ବିଜୟୀ ହେବାରେ ବୋଲରମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ହାର୍ଦ୍ଦିକ ପାଣ୍ଡ୍ୟା, କ୍ରୁନାଲ ପାଣ୍ଡ୍ୟାଙ୍କ ପରି ଅଲରାଉଣ୍ଡର ଖରାପ ଫର୍ମ ଯୋଗୁଁ ଦୀର୍ଘ ସମୟ ଦଳ ବାହାରେ ରହିଥିଲେ ହେଁ ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ତେଣୁ ସେମାନେ ଦଳକୁ ଫେରିବା ସମ୍ଭାବନା ରହିବ। ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ବିପକ୍ଷ ସିରିଜରେ ଭାରତୀୟ ଦଳର ଅସଲ ପରୀକ୍ଷା ହେବ। ବିଶ୍ୱକପ ପୂର୍ବରୁ ଦ୍ୱିପାକ୍ଷିକ ଟି୨୦ ସିରିଜଗୁଡ଼ିକ ଟିମ୍ ଇଣ୍ଡିଆର ମିଶନ ଅଷ୍ଟ୍ରେଲିଆ ପାଇଁ ବେଶ୍ ସହାୟକ ହେବ। ଶେଷଥର ପାଇଁ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତ ୨୦୧୩ରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ଏହାପରେ ୭ଥର ବିଭିନ୍ନ ଫର୍ମାଟରେ ଆଇସିସି ଟୁର୍ନାମେଣ୍ଟରେ ଭାଗ ନେଇଛି। ଏଥି ମଧ୍ୟରୁ ୩ଟି ଫାଇନାଲ ଖେଳିଥିଲେ ମଧ୍ୟ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଛି। ଅନ୍ତର୍ଜାତୀୟ କ୍ରିକେଟରେ ଭାରତ ଏକ ଶକ୍ତିଶାଳୀ ଦଳ ରୂପେ କ୍ରିକେଟର ୩ଟି ଫର୍ମାଟରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ ମଧ୍ୟ ଆଇସିସି ଟ୍ରଫି ଆମ ପାଇଁ ଗତ କିଛି ବର୍ଷ ହେଲା ସ୍ୱପ୍ନ ହୋଇ ରହିଛି। ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପରେ ଟିମ ଇଣ୍ଡିଆ ପୁଲ 'ବି'ରେ ପାକିସ୍ତାନ, ବାଂଲାଦେଶ ଏବଂ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ତେଣୁ ମେନ୍ ଇନ୍ ବ୍ଲୁ କିପରି ପ୍ରଦର୍ଶନ କରିବ ତା' ଉପରେ ସମସ୍ତଙ୍କ ନଜର ରହିବ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମେ ୬/୨୦୨୨ Bhubaneswar, Friday, May 6/ 2022

# ହାଇଦ୍ରାବାଦକୁ ହରାଇଲା ଦିଲ୍ଲୀ

**ମୁମ୍ବାଇ,୫।୫**

ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୨୧ ରନ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ହରାଇ ଦେଇଛି। ଦିଲ୍ଲୀ ୨୦ ଓଭରରେ ୩ ଉଇକେଟ ହରାଇ ୨୦୭ ରନ୍ କରିଥିଲା। ଜବାବରେ ହାଇଦ୍ରାବାଦ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୮୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହି ବିଜୟ ଯୋଗୁ ୧୦ ପଏଣ୍ଟ ସହ ଦିଲ୍ଲୀ ପଏଣ୍ଟ ତାଲିକାରେ ୫ମ ସ୍ଥାନକୁ ଉଠିଛି। ଟସ୍ ଜିତି କେନ ୱିଲିୟମସନଙ୍କ ବୋଲିଂ ନିଷ୍ପତ୍ତିକୁ ପ୍ରଥମ ଓଭରରେ ସଠିକ୍ ପ୍ରମାଣ କରିଥିଲେ ଭୁବନେଶ୍ୱର କୁମାର। ସେ ପ୍ରଥମ ଓଭରରେ ବିନା କୌଣସି ରନ୍ ଦେଇ ମନଦୀପ ସିଂ(୦)ଙ୍କୁ ଆଉଟ୍ କରିଥିଲେ। ତାଙ୍କ ପଛକୁ ମିଚେଲ ମାର୍ଶ (୧୦) ମଧ୍ୟ ଶୀଘ୍ର ଆଉଟ୍ ହୋଇଥିଲେ। ଅଧିନାୟକ ଋଷଭ ପନ୍ତ ୩ ଛକା ଓ ୧ ଚୌକା ସହାୟତାରେ ୨୬ ରନ୍ କରି ଆଉଟ୍ ହୋଇଥିଲେ। ପରେ ଓପନର ୱାର୍ନରଙ୍କ ସହ ପାୱେଲ ମିଶି ଦଳୀୟ ସ୍ଥିତି ସମ୍ଭାଳିଥିଲେ। ଦୁହେଁ ଚତୁର୍ଥ ଉଇକେଟ ପାଇଁ ୧୧ ଓଭରରେ ୧୨୨ ରନ୍ ଯୋଡ଼ିଥିଲେ। ୱାର୍ନର ୫୮ ବଲରେ ୯୨ ରନ୍ କରିଥିଲେ। ତାଙ୍କ ଇନିଂସରେ ୧୨ ଚୌକା ଓ ୩ ଛକା ସାମିଲ ଥିଲା। ସେହିଭଳି ପାୱେଲ ମାତ୍ର ୩୫ ବଲରେ ୩ ଚୌକା ଓ ୬ ଛକା ସହାୟତାରେ ୬୭ ରନ୍ କରି ଅପରାଜିତ ଥିଲେ। ଚଳିତ ଆଇପିଏଲରେ ତୃତୀୟ ଥର ପାଇଁ ଦିଲ୍ଲୀ ୨୦୦ ଅତିକ୍ରମ କରିଥିଲା। ଜବାବରେ ଆରମ୍ଭରୁ ହାଇଦ୍ରାବାଦ୍ ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇଥିଲା। ୭ ଓଭର ମଧ୍ୟରେ ଦଳ ପ୍ରମୁଖ ୩ ଉଇକେଟ ହରାଇ ସାରିଥିଲା। ଏଭଳି ପରିସ୍ଥିତିରେ ଦଳକୁ ସମ୍ଭାଳିଥିଲେ ଏଡେନ ମାରକ୍ରାମ (୪୨ ରନ୍, ୪ ଚୌକା ଓ ୩ ଛକା) ଓ ନିକୋଲାସ ପୁରନ। ଦୁହେଁ ୩୫ ବଲରେ ୬୦ ରନ୍ ଯୋଡ଼ି ଦଳ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତା'ପରେ ପୁରନ ଏକାକୀ ଦଳର ବିଜୟ ଆଶାକୁ ୧୮ତମ ଓଭର ପର୍ଯ୍ୟନ୍ତ ବଞ୍ଚାଇ ରଖିଥିଲେ। ସେ ୩୪ ବଲରେ ବିସ୍ଫୋରକ ୬୨ ରନ୍ କରିଥିଲେ। ତାଙ୍କ ଇନିଂସରେ ୨ ଚୌକା ଓ ୬ ଛକା ଥିଲା। ତାଙ୍କ ଉଇକେଟ ସହ ଦିଲ୍ଲୀ ମ୍ୟାଚ୍‌କୁ ଜିତି ନେଇଥିଲା।


ଶଟ୍ ଖେଳୁଛନ୍ତି ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଡେଭିଡ୍ ୱାର୍ନର।

## ଆଇପିଏଲ୍-୧୫

**ଆଜିର ମ୍ୟାଚ**

ଗୁଜରାଟ ଟାଇଟାନ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ
ସ୍ଥାନ: ପୁଣେ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୦୭/୩ (ଡେଭିଡ୍ ୱାର୍ନର-୯୨*, ରୋଭମାନ ପାୱେଲ-୬୭*, ଋଷଭ ପନ୍ତ-୨୬, ଭୁବନେଶ୍ୱର କୁମାର-୧/୨୫, ଶ୍ରେୟାସ ଗୋପାଳ-୧/୩୪)। ସନରାଇଜର୍ସ ହାଇଦ୍ରାବାଦ୍: ୨୦ ଓଭରରେ ୧୮୬/୮ (ନିକୋଲାସ ପୂରନ ୬୨, ଏଡେନ ମାରକ୍ରାମ ୪୨, ରାହୁଲ ତ୍ରିପାଠୀ ୨୨, ଖଲିଲ ଅହମ୍ମଦ-୩/୩୦, ଶାର୍ଦ୍ଦୂଳ ଠାକୁର-୨/୪୪, ଅନ୍ରିଚ ନର୍ଜେ-୧/୩୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୦ | ୮ | ୨ | ୧୬ | +୦.୧୫୮ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୦ | ୭ | ୩ | ୧୪ | +୦.୩୯୭ |
| ରାଜସ୍ଥାନ ରୟାଲ୍ସ | ୧୦ | ୬ | ୪ | ୧୨ | +୦.୩୪୦ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୬ | ୫ | ୧୨ | -୦.୪୪୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୫ | ୫ | ୧୦ | +୦.୬୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୫ | ୫ | ୧୦ | +୦.୩୨୫ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୨୨୯ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | +୦.୦୬୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୩୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୧ | ୮ | ୨ | -୦.୮୩୬ |

# ଏଲିମିନେଟରରେ ପୁରୀକୁ ଭେଟିବ ବାଲେଶ୍ୱର

**ଭୁବନେଶ୍ୱର, ୫।୫ (କ୍ରୀଡ଼ା ପ୍ରତିନିଧି):** ରେଭେନ୍ସା ଗ୍ରାଉଣ୍ଡ-୧ରେ ଗୁରୁବାର ଅନୁଷ୍ଠିତ କଳାହାଣ୍ଡି କପ୍ କ୍ରିକେଟ ମ୍ୟାଚରେ ପୁରୀ ୯୩ ରନରେ କେନ୍ଦ୍ରାପଡ଼ାକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ଦିବ୍ୟଜ୍ୟୋତି ରଥଙ୍କ ୬୮ ରନ ସହାୟତାରେ ୫୦ ଓଭରରେ ୯ ଉଇକେଟ ହରାଇ ୨୧୦ ରନ କରିଥିଲା। କେନ୍ଦ୍ରାପଡ଼ା ୩୩.୫ ଓଭରରେ ୧୧୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ପୁରୀର ଶକ୍ତି ଏସ. ଦାଶ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଗ୍ରୁପ୍ ମ୍ୟାଚ ଶେଷ ହେବାପରେ ପୁରୀ ସିଲ୍‌ଭର ଗ୍ରୁପ୍ ଚାମ୍ପିୟନ ହୋଇଛି। ଏହି ଦଳ ଶୁକ୍ରବାର ଗୋଲ୍ଡ ଗ୍ରୁପ୍‌ର ଦ୍ୱିତୀୟ ଦଳ ବାଲେଶ୍ୱର ସହିତ ଏଲିମିନେଟର ଗେମ୍ ଖେଳିବ। ଏହାର ବିଜେତା ୫ ଦଳ ବିଶିଷ୍ଟ ସୁପର ଲିଗ୍ ଷ୍ଟେଜ୍‌ରେ ପ୍ରବେଶ କରିବ। ପୂର୍ବରୁ ଡାଇମଣ୍ଡ ଓ ଗୋଲ୍ଡ ଗ୍ରୁପ୍‌ରୁ ୪ ଦଳ ଭୁବନେଶ୍ୱର-ଏ, ଇଷ୍ଟକୋଷ୍ଟ ରେଲୱେ, କଟକ-ଏ, ଝାରସୁଗୁଡ଼ା ଓ ଭଦ୍ରକ ସୁପରଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି।

# ଆଇଡବ୍ଲ୍ୟୁଏଲ୍: ସ୍ପୋର୍ଟ୍ସ ଓଡ଼ିଶା ପରାସ୍ତ

**ଭୁବନେଶ୍ୱର, ୫।୫ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଏକ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୦-୪ ଗୋଲରେ ମଦୁରାଇର ସେଥୁ ଏଫ୍‌ସିଠାରୁ ହାରି ଯାଇଛି। ପ୍ରଥମାର୍ଦ୍ଧରେ ସେଥୁ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲା। ମ୍ୟାଚର ୫ମ ମିନିଟରେ କିକୋ ଏଲିଜାବେଥ କାରୁଙ୍ଗୀ ଏକ ଗୋଲ ଦେଇ ସେଥୁକୁ ଅଗ୍ରଣୀ କରାଇଥିଲେ। ୬ଷ୍ଠ ମିନିଟରେ କାର୍ତ୍ତିକା ଅଙ୍ଗମୁଥୁ ଏହାକୁ ୨-୦ରେ ପରିଣତ କରିଥିଲେ। ପରେ ଦୁର୍ଗା ଏ. ୯ମ ଓ ୩୦ତମ ମିନିଟରେ ୨ଟି ଗୋଲ ଦେଇ ସେଥୁକୁ ଦୃଢ଼ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ସ୍ପୋର୍ଟ୍ସ ଓଡ଼ିଶା ଲଢ଼େଇ କରିଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନ୍ୟ ଏକ ମ୍ୟାଚରେ ଫିଫା ସ୍ପୋର୍ଟ୍ସ ଏଫ୍‌ସି ୩-୧ ଗୋଲରେ ମାତା ରୁକ୍ମିଣୀ ଫୁଟବଲ କ୍ଲବକୁ ପରାସ୍ତ କରିଛି।

# ଧନୁଷ୍ ଶ୍ରୀକାନ୍ତଙ୍କୁ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ, ୫।୫(ପି.ଟି.)**

ବ୍ରାଜିଲର କାକ୍ସିଆସ୍ ଡୁ ସୁଲ୍‌ଠାରେ ଚାଲିଥିବା ୨୪ତମ ବଧିର ଅଲିମ୍ପିକ୍ସର ତୃତୀୟ ଦିବସରେ ଭାରତର ଧନୁଷ ଶ୍ରୀକାନ୍ତ ପୁରୁଷ ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୮ଜଣଙ୍କୁ ନେଇ ଅନୁଷ୍ଠିତ ଫାଇନାଲରେ ଭାରତର ଅନ୍ୟ ଜଣେ ପ୍ରତିଯୋଗୀ ସୌର୍ଯ୍ୟ ସଇନି କୋରିଆର କିମ୍ ଉ' ରିମ୍‌ଙ୍କ ପଛକୁ ବ୍ରୋଞ୍ଜ ଜିତିଥିଲେ। ଧନୁଷ ଫାଇନାଲ୍ସରେ ୨୪୭.୫ ପଏଣ୍ଟ ସ୍କୋର କରିଥିଲେ, ଯାହାକି ବିଶ୍ୱରେକର୍ଡ ସ୍କୋର ଥିଲା। କିମ୍ ୨୪୬.୬ ପଏଣ୍ଟ ସ୍କୋର କରିଥିବା ବେଳେ ସୌର୍ଯ୍ୟ ୨୨୪.୩ ସ୍କୋର ସହ ତୃତୀୟ ହୋଇଥିଲେ। ଭାରତୀୟ ବ୍ୟାଡ୍‌ମିଣ୍ଟନ ଟିମ୍ ମଧ୍ୟ ସ୍ୱର୍ଣ୍ଣ ଜିତିବାରେ ସଫଳ ହୋଇଛି। ଦଳ ଫାଇନାଲରେ ଜାପାନକୁ ୩-୧ରେ ପରାସ୍ତ କରିଥିଲା। ଭାରତ ବର୍ତ୍ତମାନ ୨ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ସହ ପଦକ ତାଲିକାର ୮ମ ସ୍ଥାନରେ ରହିଥିବା ବେଳେ ୟୁକ୍ରେନ୍ ୧୯ ସ୍ୱର୍ଣ୍ଣ, ୬ରୌପ୍ୟ ଓ ୧୩ ବ୍ରୋଞ୍ଜ ପଦକ ସହ ଶୀର୍ଷରେ ରହିଛି। ସୂଚନାଯୋଗ୍ୟ, କ୍ୱାଲିଫିକେଶନ୍ସରେ ଧନୁଷ ଓ ସୌର୍ଯ୍ୟ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ତେଲଙ୍ଗାନାର ଧନୁଷ ହାଇଦ୍ରାବାଦସ୍ଥିତ ଗଗନ ନାରଙ୍ଗ ଏକାଡେମୀରେ ଟ୍ରେନିଂ ନେଉଛନ୍ତି। ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟୀ ଶୁଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧନୁଷ ଗେମ୍ସରେ ଚମତ୍କାର ପ୍ରଦର୍ଶନ ସହ ତାଙ୍କ କ୍ୟାରିୟର ଶ୍ରେଷ୍ଠ ପୁରସ୍କାର ଜିତିଛନ୍ତି। ଏହି ସ୍ପୋର୍ଟ୍ସ ଇଭେଣ୍ଟ ପାଇଁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) କୋଚ୍ ଅନୁଜ ଜଙ୍ଗ୍ ଓ ପ୍ରୀତି ଶର୍ମା ଉଭୟ ଧନୁଷ ଓ ସୌର୍ଯ୍ୟଙ୍କୁ ସହାୟତା ପ୍ରଦାନ କରିଥିଲେ।


ଧନୁଷ ଶ୍ରୀକାନ୍ତ (ଡାହାଣ) ଓ ସୌର୍ଯ୍ୟ ସଇନି।

**ବଧିର ଅଲିମ୍ପିକ୍ସ**

# ଅଲିମ୍ପିକ୍ ଥ୍ରୋୟର ଡୋପ୍ ଟେଷ୍ଟରେ ବିଫଳ

**ନୂଆଦିଲ୍ଲୀ, ୫।୫:** ଟୋକିଓ ଅଲିମ୍ପିକ୍ସରେ ୬ଷ୍ଠ ସ୍ଥାନ ଅଧିକାର ଓ ପ୍ରଥମ ଭାରତୀୟ ଭାବେ ୬୫ ମିଟର ଅତିକ୍ରମ ପରେ ରାତାରାତି ଲୋକପ୍ରିୟତା ପାଇଥିବା ୨୬ ବର୍ଷୀୟ ଡିସକସ୍ ଥ୍ରୋୟର କମଲପ୍ରୀତ କୌର ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଏଥିଯୋଗୁ ତାଙ୍କୁ ସାମୟିକ ଭାବେ ବାସନ୍ଦ କରାଯାଇଛି। ତାଙ୍କ ନମୁନାରୁ ଷ୍ଟାନୋଜୋଲୋଲ ନାମକ ଏକ ପ୍ରତିବନ୍ଧିତ ଆନାବୋଲିକ୍ ଷ୍ଟେରଏଡ୍ ମିଳିଥିବା ଆଥ୍‌ଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍ (ଏୟାଇୟୁ) ପକ୍ଷରୁ କୁହାଯାଇଛି। ଯଦି ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କୁ ସର୍ବାଧିକ ୪ ବର୍ଷ ବାସନ୍ଦାଦେଶ ଭୋଗିବାକୁ ପଡ଼ିବ। "ଭାରତୀୟ ଡିସକସ ଥ୍ରୋୟର କମଲପ୍ରୀତ କୌର ନିଷେଧ ଦ୍ରବ୍ୟ (ଷ୍ଟାନୋଜୋଲୋଲ) ବ୍ୟବହାର କରି ବିଶ୍ୱ ଆଥ୍‌ଲେଟିକ୍ସ ଆଣ୍ଟିଡୋପିଂ ନିୟମ ଭଙ୍ଗ କରିଛନ୍ତି। ଏଥିଯୋଗୁ ତାଙ୍କୁ ଏଆଇୟୁ ସାମୟିକ ଭାବେ ବାସନ୍ଦ କରିଛି" ବୋଲି ବିଶ୍ୱ ଆଥ୍‌ଲେଟିକ୍ସ ପରିଚାଳନା ସଂସ୍ଥା ପକ୍ଷରୁ କୁହାଯାଇଛି।

ସାମୟିକ ବାସନ୍ଦାଦେଶ ଯୋଗୁ ବିଶ୍ୱ ଆଥ୍‌ଲେଟିକ୍ସ ଆଣ୍ଟି ଡୋପିଂ ନିୟମ କିମ୍ବା ଇଣ୍ଟିଗ୍ରିଟି କୋଡ୍ ଅଫ୍ କଣ୍ଡକ୍ଟରେ ଶୁଣାଣି ନ ହେଲା ପର୍ଯ୍ୟନ୍ତ ଆଥ୍‌ଲେଟ୍ କୌଣସି ପ୍ରକାର ପ୍ରତିଯୋଗିତା ଏବଂ ଆଥ୍‌ଲେଟିକ୍ସ ସହ ଜଡ଼ିତ କୌଣସି କାର୍ଯ୍ୟ କରିପାରିବେ ନାହିଁ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଲେଭଲକ୍ରସିଂ ନିକଟରୁ ଯୁବକଙ୍କ ମୃତଦେହ ଜବତ

**କଟକ ଅଫିସ,୫।୫:** କଟକ ଶିଖରପୁର ଲେଭଲକ୍ରସିଂ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ଜିଆରପି ପୋଲିସ ଗୁରୁବାର ସକାଳେ ଜବତ କରିଛି। ତାଙ୍କ ପରିଚୟ ମିଳିପାରି ନ ଥିବାବେଳେ ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଉକ୍ତ ସ୍ଥାନରେ ମୃତଦେହ ପଡିଥିବା ଜିଆରପି ଖବର ପାଇଥିଲା। ସେଠାରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି।

### କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିଲା

**ଖୁଣ୍ଟୁଣୀ,୫।୫(ଡି.ଏନ୍.ଏ.):** ଗୁରୁବାର ଅପରାହ୍ନ ସାଢ଼େ ୪ଟାରେ କାଳବୈଶାଖୀ ପ୍ରଭାବରେ ସ୍ଥାନୀୟ ନାରଙ୍ଗବସ୍ତ ଗ୍ରାମ ବଉଳ ସାହିରେ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିଲା। ଏକ ବଡ଼ ଗଛ ଭାଙ୍ଗି ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପଡିଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ତଳେ ପଡିବାରୁ ଏକ ସ୍କୁଟି ଭାଙ୍ଗିଯାଇଥିଲା।

### ସ୍କୁଟି, ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୫।୫(ଡି.ଏନ୍.ଏ.):** ଚୋରି ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା କୁସଙ୍ଗା ଗ୍ରାମର ତାପସ ନାଏକ। ତାଙ୍କଠାରୁ ଚୋରି ଗାଡ଼ି ଓ ମୋବାଇଲ ଜବତ କରାଯାଇଛି। ଗତ ଏପ୍ରିଲ ୨୪ ତାରିଖ ରାତିରେ ଏହି ଥାନା ଅଧୀନ ପାଇକେରାପୁର ଗ୍ରାମର ମୃଷା ପ୍ରଧାନଙ୍କ ଘରେ ପଶି ତାପସ ଗାଡି ଓ ମୋବାଇଲ ଚୋରି କରି ନେଇଥିଲେ। ଏନେଇ ମୃଷା ଅଭିଯୋଗ କରିବା ପରେ ଥାନାରେ ମାମଲା(ନଂ.୪୯/୨୨) ରୁଜୁ ହୋଇଥିଲା। ପୋଲିସ ଚୋରି ମୋବାଇଲ ନମ୍ବରକୁ ଟ୍ରାକ୍ କରି ବୁଧବାର ତାପସଙ୍କୁ ଗିରଫ କରିଥିଲା।

### ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

**ବାଙ୍କୀ, ୫।୫ (ସ୍ୱ.ପ୍ର.):** ବାଙ୍କୀ ଡମପଡା ବ୍ଲକ ଅନ୍ତର୍ଗତ ଶିମିଳିପୁର କଦମ୍ବସାହିରେ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଓ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ସାମାଜିକ କର୍ମୀ ବଲ୍ଲଭ କୁମାର ସାମଲ କର୍ତ୍ତାଭାବେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଏଥିରେ ପୁରୋହିତ ଭାବେ ବିଶ୍ୱମ୍ଭର ନନ୍ଦ, ପୂଜାରୀ ହରିହର ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର ଅଂଶଗ୍ରହଣ କରିଥିଲେ। ସରପଞ୍ଚ ସୁକାନ୍ତ ବେହେରା, ବସନ୍ତ ସାମଲ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଶାନ୍ତ ନାୟକ, ମଧୁସୂଦନ ରାଉତ, ଟଙ୍କଧର ସାହୁ, ଗଙ୍ଗାଧର ସ୍ୱାଇଁ ଓ ବିଭୁ ସାମଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ୩ ବଖରା ଜଳିଗଲା

**କଟକ ସଦର,୫।୫(ଡି.ଏନ୍.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତ କୁଲୁଦ ଭୋଇସାହିରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ସୁତିକାନ୍ତ ଭୋଇଙ୍କ ୩ ବଖରା ଜଳିଯାଇଛି। ଏଥିରେ ଘରର ଆସବାବପତ୍ର ପୋଡି ଯାଇଥିବାବେଳେ ପରିବାରର ସଦସ୍ୟମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିଥିଲେ।

### ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ

**ବାଙ୍କୀ,୫।୫(ସ୍ୱ.ପ୍ର.):** ବାଙ୍କୀ ଏନ୍‌ଏସିର ପୂର୍ବତନ କାଉନ୍‌ସିଲର ତଥା ରଣପୁର ଗ୍ରାମର କଳାକାର ହରେନ୍ଦ୍ର କୁମାର ଦାସ(୮୭)ଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ଦାସ ବାଙ୍କୀ ଏନ୍‌ଏସିରେ ୩ ଥର କାଉନସିଲର



ଭାବେ ନିର୍ବାଚିତ ହୋଇଥିଲେ। ସେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ଜନତା ଥିଏଟରରେ କଳାକାର ଭାବେ ଅଭିନୟ କରି ପ୍ରଶଂସିତ ହୋଇଥିଲେ। ଚାକିରି ଓ ମିଳନର ଶେଷ ନାଟକରେ ଅଭିନୟ କରି ସର୍ବତ୍ର ଚର୍ଚ୍ଚିତ ହୋଇଥିଲେ। ଚର୍ଚ୍ଚିକା ଶ୍ମଶାନରେ ଦାସଙ୍କ ମୃତଦେହ ସତ୍କାର କରାଯାଇଥିଲା। ବଡ଼ପୁଅ ଅଶୋକ କୁମାର ଦାସ ମୁଖାଗ୍ନି ଦେଇଥିଲେ। ଦାସଙ୍କ ମୃତ୍ୟୁ ଖବରପାଇ ବାଙ୍କୀ ଏନ୍‌ଏସି ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଓ ପୂର୍ବତନ ନଗରପାଳ ପ୍ରଭାତଚନ୍ଦ୍ର ରାଜ ପ୍ରମୁଖ ତାଙ୍କ ବାସଭବନକୁ ଆସି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଡିଷ୍ଟ୍ରିବ୍ୟୁଟର, ସେଲରଙ୍କୁ କ୍ରାଇମବ୍ରାଞ୍ଚର ଜେରା

**ଭୁବନେଶ୍ୱର,(ବ୍ୟୁରୋ)/ କଟକ ଅଫିସ,୫।୫**

**ସାଇବର ଠକଙ୍କୁ ସିମ୍ ଯୋଗାଣ ମାମଲା**

- ଦୁଷ୍ମନ୍ତଙ୍କ ୨ ବ୍ୟାଙ୍କ, ୨ ପେଟିଏମ୍ ଆକାଉଣ୍ଟ ଅଚଳ
- ଠାବ ହେଲା ୯.୧ ଲକ୍ଷ

ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍ କାର୍ଡକୁ ପ୍ରି-ଆକ୍ଟିଭେଟ୍ କରି ଉକ୍ତ ନମ୍ବରକୁ ସାଇବର ଠକଙ୍କୁ ଯୋଗାଣ ମାମଲାରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରଖିଛି। ବୁଧବାରଠାରୁ ୩ ଅଭିଯୁକ୍ତଙ୍କୁ ଜେଲରୁ ରିମାଣ୍ଡରେ ଅଣାଯାଇ ଜେରା କରାଯାଉଥିବା ବେଳେ ଗୁରୁବାର ଜିଓ ଡିଷ୍ଟ୍ରିବ୍ୟୁଟର ଓ ସେଲରଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଉପରପାଲ ଗ୍ରାମର ବାସିନ୍ଦା ତଥା ଡିଷ୍ଟ୍ରିବ୍ୟୁଟର୍ ଅମିତାଭ ସାହୁ ଓ କାମାକ୍ଷାନଗର ଆଲୁଅଝରଣା ଛକ ଅଞ୍ଚଳର ବାସିନ୍ଦା ତଥା ସେଲର ଗୋବିନ୍ଦ ପରିଡ଼ା। କେଉଁ ଆଧାରରେ ଅଭିଯୁକ୍ତମାନଙ୍କୁ କେତେଟଙ୍କାରେ ସିମ୍‌କାର୍ଡ ବିକ୍ରି କରୁଥିଲେ, କ'ଣ କାଗଜପତ୍ର ରଖୁଥିଲେ, ଏପରି ବିଭିନ୍ନ ଦିଗକୁ ନେଇ ପଚରାଉଚରା ଜାରି ରଖିଛି କ୍ରାଇମବ୍ରାଞ୍ଚ।

ଅନ୍ୟପକ୍ଷରେ ବହୁ କ୍ରେତା ଓ ସାଇବର ଠକଙ୍କୁ 'ବାୟର୍ ସେଲର୍ ଅଫ୍ ଓଟିପି' ଗ୍ରୁପ୍‌ରେ ସିମ୍ ଯୋଗାଉଥିବା ମାଷ୍ଟରମାଇଣ୍ଡ୍ ଦୁଷ୍ମନ୍ତ ସାହୁଙ୍କ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛି। କ୍ରାଇମବ୍ରାଞ୍ଚ କହିଛି, ଦୁଷ୍ମନ୍ତ ବିଏସ୍‌ସି, ପିଜିଡିସିଏ ପଢ଼ିବା ସହ ଡିଜିଟାଲ ମାର୍କେଟିଙ୍ଗରେ ଇଣ୍ଟର୍ନସିପ୍ କରିଛନ୍ତି। ସେ ପୂର୍ବରୁ ଏୟାରସେଲ୍ ଟେଲିକମ୍ ସଂସ୍ଥାର କଲେକ୍ସନ୍ ଓ ମାର୍କେଟିଙ୍ଗ୍ ଏଜେଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ୨୦ ଟଙ୍କାର ସିମ୍‌କୁ ବିଏସ୍ଏନ୍ଏଲ୍ ରିଟେଲରଙ୍କଠାରୁ ୧୨୦ ଟଙ୍କାରେ କିଣନ୍ତି। ସେହିପରି ୨୫ ଟଙ୍କାର ସିମ୍‌କୁ ଭୋଡ଼ାଫୋନ୍ ରିଟେଲରଙ୍କଠୁ ୧୩୦ ଟଙ୍କାରେ ଓ ଜିଓ ସିମ୍‌କୁ ୧୪୦ ଟଙ୍କାରେ ରିଟେଲରଙ୍କଠୁ କିଣନ୍ତି ବୋଲି କ୍ରାଇମବ୍ରାଞ୍ଚ କହିଛି। ସେହିଭଳି ଦୁଷ୍ମନ୍ତ ସାଇବର ଠକଙ୍କ ସହ ସିମ୍ ଡିଲ୍ କଲାବେଳେ ତାଙ୍କ ବାପା ଓ ଭାଇଙ୍କ ସହ ମୋଟ ୭ଟି ବ୍ୟାଙ୍କ ଆକାଉଣ୍ଟ ଏବଂ ୩ଟି ପେଟିଏମ୍ ଆକାଉଣ୍ଟ ଜରିଆରେ ଟଙ୍କା ଆଣୁଥିଲେ। ତେବେ ୭.୯୫ ଲକ୍ଷ ଟଙ୍କା ଜମାଥିବା ଦୁଷ୍ମନ୍ତଙ୍କ ୨ଟି ବ୍ୟାଙ୍କ ଆକାଉଣ୍ଟ ଓ ୧.୬ ଲକ୍ଷ ଟଙ୍କା ଥିବା ୨ଟି ପେଟିଏମ୍ ଆକାଉଣ୍ଟକୁ ଅଚଳ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ସେପଟେ ୩ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ କେତେବେଳେ ଏକୁଟିଆ ତ ଆଉ କେତେବେଳେ ସାମ୍ନାସାମ୍ନି ଜେରା କରି ଏହି ମାମଲାରେ ଅଧିକ ତଥ୍ୟ ପାଇବାକୁ ଚେଷ୍ଟା କରୁଛି। ନାଇଜେରିଆନ୍ ଗ୍ୟାଙ୍ଗ ଦେଶର ବିଭିନ୍ନ ପ୍ରାନ୍ତରେ ରହି ଜାଲ୍ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲି ଥିରେ ବହୁ ପ୍ରତିଷ୍ଠିତ, ଲୋକପ୍ରିୟ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ଲଗାଇ ସେମାନଙ୍କ ସମ୍ପର୍କୀୟଙ୍କୁ ଟଙ୍କା ମାଗୁଥିବା ପୂର୍ବରୁ ନଜିର ରହିଛି। ଦୁଷ୍ମନ୍ତ ସିମ୍ ଦେଉଥିବା 'ବାୟର୍ ସେଲର୍ ଅଫ୍ ଓଟିପି' ଗ୍ରୁପ୍‌ରେ ସେଭଳି ଗ୍ୟାଙ୍ଗର ସଦସ୍ୟମାନେ ରହିଥିବା ସନ୍ଦେହ କରାଯାଉଥିବାରୁ କ୍ରାଇମବ୍ରାଞ୍ଚ ଏନେଇ ଅଧିକ ଖୋଳତାଡ଼ କରୁଛି।



କଟକ ମାତାମଠ ରିଂବନ୍ଧ ରାସ୍ତାପାର୍ଶ୍ୱରେ ବିକ୍ରି ହେଉଥିବା ତାଳସଜ।

# 'ଅତୀତକୁ ନେଇ ଇତିହାସ ସୃଷ୍ଟି ହୋଇଥାଏ'




ବାର୍ଷିକ ଆଲୋଚନାଚକ୍ରରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୫।୫**

**ରଘୁନାଥଜୀଉ କଲେଜରେ ବାର୍ଷିକ ଆଲୋଚନାଚକ୍ର**

ଅତୀତକୁ ନେଇ ଇତିହାସ ସୃଷ୍ଟି ହୋଇଥାଏ। ତେଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଇତିହାସ ବିଭାଗର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଆମର ଇତିହାସ ମହାନ୍। ଇତିହାସରୁ ଅତୀତ ବିଷୟରେ ଜାଣି ହେଉଛି। ତେଣୁ ଛାତ୍ରୀଛାତ୍ର ଅତୀତର ଇତିହାସ ସମ୍ପର୍କରେ ଗବେଷଣା କରି ସମାଜର କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। କଟକ ଦେଉଳିସାହିସ୍ଥିତ ରଘୁନାଥଜୀଉ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ବାର୍ଷିକ ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଜିଲାପାଳ ଚୟନୀ ଏହାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ. ଲିନୁ ଚୟନୀ ଯୋଗଦେଇ କହିଥିଲେ, ଅତୀତର ଘଟଣାବଳୀକୁ ନେଇ ଇତିହାସ ଲେଖାଯାଏ। ଏହି ଅବସରରେ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ପ୍ରକାଶିତ ମୁଖପତ୍ର 'ବାରବାଟୀ ହିଷ୍ଟ୍ରି' ଉନ୍ମୋଚିତ ହୋଇଥିଲା। ଏଥିସହ ଓଡ଼ିଆ ବିଭାଗର ମୁଖ୍ୟ ଡ. ସରୋଜ କୁମାର ଦାସ ଓ ଅଧ୍ୟକ୍ଷ ଚନ୍ଦ୍ର ମୋହନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ କାନ୍ତିରେଖା ବିଶ୍ୱାଳ ସ୍ୱାଗତ ଭାଷଣ, ଅର୍ପିତା ବରାଳ ଓ ସ୍ୱାଧୀନ କୁମାର ରାଉତ ସନ୍ଦର୍ଭ ପାଠ, ଅଧ୍ୟାପିକା କ୍ରିଷ୍ଣା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବନ ବିଭାଗର ଚଢ଼ାଉ, କୋଇଲା ବସ୍ତା ଜବତ

**ଖୁଣ୍ଟୁଣୀ,୫।୫(ଡି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଖଣ୍ଡୁଆଳି ଗ୍ରାମ ଜାଭିୟର ସ୍କୁଲ ପଛପାର୍ଶ୍ୱରେ ଗୁରୁବାର ଅପରାହ୍ନରେ ଚଢ଼ାଉ କରାଯାଇ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କୋଇଲା ବସ୍ତା ଜବତ କରାଯାଇଛି। ଖଣ୍ଡୁଆଳି ଓ କଣ୍ଡରେଇ ଅଞ୍ଚଳର କେତେକ ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ କୋଇଲା ପ୍ରସ୍ତୁତ କରିବା ପରେ ବସ୍ତାରେ ପ୍ୟାକିଂ କରି ଏଠାରେ ରଖିଥିଲେ। ଗୁରୁବାର ରାତିରେ କଟକ, ଢେଙ୍କାନାଳ, ଭଟିମୁଣ୍ଡା ଓ ଭୁବନେଶ୍ୱରକୁ ଏହି କୋଇଲା ଚାଲାଣ ହେବାକୁ ଥିବା ଖବର ମିଳିବା ପରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର ସେଠାରେ ଚଢ଼ାଉ କରିଥିଲେ। ଏହା ପୂର୍ବରୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ବନବିଭାଗ ଉକ୍ତ କୋଇଲାକୁ ଜବତ କରି ଖୁଣ୍ଟୁଣୀ ରେଞ୍ଜ ଅଫିସକୁ ଆଣିଛି। ଜଙ୍ଗଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଥୁର ସୂଚନା ଦେଇଛନ୍ତି। ସେହିପରି ଖୁଣ୍ଟୁଣୀ ରେଞ୍ଜ ଅଧୀନ ଗୋବରା ଗ୍ରାମ ନିକଟରୁ ବନପାଳ ଯୁଗଳାନନ୍ଦ ବେଉରା କେତେକ ଶାଳବଲ୍ଲା ସହ ୩ଟି ସାଇକେଲ ଜବତ କରିଛନ୍ତି।

## ଦ୍ୱିତୀୟ ପର୍ଯ୍ୟାୟ ରକ୍ଷକ ତାଲିମ କାର୍ଯ୍ୟକ୍ରମ

**ଫୁଲନଖରା,୫।୫(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀସ୍ଥିତ ମା' ଧାକୁଲେଇ ପୀଠରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ରକ୍ଷକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ସଚିବ ବିଷ୍ଣୁପଦ ସେଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ପରିବହନ କମିଶନର ଅରୁଣ ବୋଥ୍ରା, ଜଏଣ୍ଟ କମିଶନର ସଞ୍ଜୟ ବିଶ୍ୱାଳ, କଟକ ଆରଟିଓ ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ହାର ୩୩ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୪୮ ପ୍ରତିଶତ ରହିଛି। ଦୁର୍ଘଟଣା ଘଟିବା ପରେ ତୁରନ୍ତ ଆହତଙ୍କୁ ହସ୍ପିଟାଲକୁ ନିଆଯାଇପାରିଲେ ଜୀବନ ରକ୍ଷା କରାଯାଇପାରିବ। ଏ ସମ୍ପର୍କରେ ତାଲିମପ୍ରାପ୍ତ ଅଧିକାରୀମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଶାରେ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ପାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୩୦,୦୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କୁ ତାଲିମ ଦିଆଯିବା ପାଇଁ ସ୍ଥିର କରାଯାଇଛି। ଏହି ଅବସରରେ ଦୁର୍ଘଟଣାରେ ଜୀବନ ରକ୍ଷା କରିଥିବା କଟକ ସଦର ଅଞ୍ଚଳର ଟୁନା ଜେନା, ପ୍ରତାପନଗରୀ ଅଞ୍ଚଳର ରଞ୍ଜିତ ସ୍ୱାଇଁ, ରବୀନ୍ଦ୍ର ନାଥ ସାହୁ, ରୁସ୍ତକ ମହମ୍ମଦଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇ ଥିବା ୨ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

# ଏନ୍‌ଆର୍‌ଆର୍‌ଆଇ ଠିକା ଶ୍ରମିକଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**କଟକ ଅଫିସ, ୫।୫**

**ପ୍ରତି ମାସର ୧୫ ତାରିଖରେ ଦରମା ଦିଆଯିବ**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍‌ଆର୍‌ଆର୍‌ଆଇ)ର ଠିକା ଶ୍ରମିକମାନେ ୧୫ ଦିନ ଧରି ଚଳାଇଥିବା ଆନ୍ଦୋଳନ ପ୍ରତ୍ୟାହାର ହୋଇଛି। ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ କର୍ମକର୍ତ୍ତା ଓ ଏନ୍‌ଆର୍‌ଆର୍‌ଆଇ ଅଧିକାରୀମାନଙ୍କ ସହ ବୁଧବାର ଆଲୋଚନା କରାଯିବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଛନ୍ତି। ଏଥିସହ ଠିକା ଶ୍ରମିକମାନେ ଗୁରୁବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଏ ସମ୍ପର୍କରେ ଏନ୍‌ଆର୍‌ଆର୍‌ଆଇ କଣ୍ଟ୍ରାକ୍ଟ ଲେବର ୟୁନିୟନ ସଭାପତି ବସନ୍ତ କୁମାର ସାହୁ କହିଛନ୍ତି, ୫୦୦ କର୍ମଚାରୀରୁ ଏବେ କୃଷି ବିଭାଗରେ ୨୫୦ରୁ ଊର୍ଦ୍ଧ୍ୱ ଠିକା ଶ୍ରମିକ ଭାବେ ଠିକାଦାରଙ୍କ ଅଧୀନରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଛନ୍ତି। ହେଲେ କର୍ମଚାରୀମାନଙ୍କୁ ନିୟମିତ କାର୍ଯ୍ୟ ଯୋଗାଇ ଦିଆଯାଉ ନ ଥିଲା। ଏପରି କି କେନ୍ଦ୍ରର କର୍ତ୍ତୃପକ୍ଷ ସେମାନଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିଲେ। ଫଳରେ ଠିକା ଶ୍ରମିକମାନେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଆଲୋଚନା ପରେ କେନ୍ଦ୍ରର ଅଧିକାରୀମାନେ ଶ୍ରମିକଙ୍କ କେତେକ ଦାବିକୁ ମାନି ନେଇଛନ୍ତି। ଫଳରେ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେଇଛନ୍ତି। ସେହିପରି ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶିକା ପଦ୍ମିନୀ ସ୍ୱାଇଁ କହିଛନ୍ତି, ଠିକା ଶ୍ରମିକମାନଙ୍କୁ ନିୟମିତ ଭାବେ ପ୍ରତି ମାସର ୧୫ ତାରିଖରେ ପାରିଶ୍ରମିକ ଦିଆଯିବ। ସେମାନଙ୍କ ପିଏଫ୍ ବାବଦ ଟଙ୍କା ପଇଠ କରାଯିବା ସହ ଇଏସ୍ଆଇ ସୁବିଧା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଆଲୋଚନା ସମୟରେ ୟୁନିୟନର ସଭାପତି ସାହୁଙ୍କ ସହ ଉପସଭାପତି କିଶୋର ଭୋଇ, ସାଧାରଣ ସମ୍ପାଦକ ସୁଧୀର ନାୟକ, ସହସମ୍ପାଦିକା ମମତା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତାଙ୍କ ସୁରକ୍ଷା ଦାବି

**ଆଠଗଡ଼,୫।୫(ସ୍ୱ.ପ୍ର.)**

ରାଜ୍ୟ ସରକାର ବାରମ୍ବାର ଘୋଷଣା ସତ୍ତ୍ୱେ ମଧ୍ୟ ଖବରଦାତାଙ୍କ ଚିହ୍ନଟ ପ୍ରକ୍ରିୟା ହୋଇପାରିଲା ନାହିଁ। ବିଭିନ୍ନ ସମୟରେ ସେମାନେ ଆକ୍ରୋଶର ଶିକାର ହେଉଥିଲେ ମଧ୍ୟ ସୁରକ୍ଷା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଆଠଗଡର ଖବରଦାତାମାନେ କହିଛନ୍ତି। ନୂଆପାଟଣା ଆଇବିଠାରେ ଆଠଗଡ଼ ସାମ୍ବାଦିକ ସଂଘର ବାର୍ଷିକ ବୈଠକରେ ସେମାନଙ୍କ ସୁରକ୍ଷା ପାଇଁ ଦାବି କରାଯାଇଥିଲା। ଏନେଇ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସ୍ଥିର ହୋଇଥିଲା। ଅର୍ଦ୍ଧେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଦିଲୀପ ଦାସ, ସଞ୍ଜୟ ମହାନ୍ତି, ବିରୂପାକ୍ଷ ପ୍ରଧାନ, ବିଭୁତି ଭୂଷଣ ଖଟୁଆ, ବିଷ୍ଣୁ ପ୍ରସାଦ ଦାସ, ବିଶ୍ୱଜିତ ରାଉତ, ସ୍ୱରାଜ ପଣ୍ଡା ଓ ମାନସ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ପ୍ରସ୍ତୁତି ବୈଠକ

**ଚୌଦ୍ୱାର,୫।୫(ଡି.ଏନ୍.ଏ.)**

ଚୌଦ୍ୱାରରେ ଆସନ୍ତା ୧୧ରୁ ୫ ଦିନ ବ୍ୟାପି ପଞ୍ଚରାତ୍ର ମହୋତ୍ସବ ପାଳନ କରଯିବ। ଏହାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ସ୍ଥାନୀୟ କପାଳେଶ୍ୱର ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମହୋତ୍ସବ ଆୟୋଜନ କମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ପୌରୋହିତ୍ୟ କରିଥିଲେ। ମହୋତ୍ସବକୁ ସଫଳ କରିବା ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ କହିଥିଲେ। ଏହି ବୈଠକରେ ଟାଟା ପାୱାର ସହକାରୀ ଯନ୍ତ୍ରୀ ବିଜୟ କୁମାର ଜେନା, ଏସ୍‌ଡିଓ ସମୀର କୁମାର ପଢିହାରୀ, ଡାଳିଯୋଡ଼ା ରେଞ୍ଜ୍‌ର ରେଞ୍ଜର ଅଭିରାମ ଜେନା, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ନୃସିଂହ ଚରଣ ମହାପାତ୍ର, ଶମ୍ଭୁନାଥ ସେଠୀ, ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ପୌରଯନ୍ତ୍ରୀ ମହେଶ ପ୍ରସାଦ ମିଶ୍ର, ଚୌଦ୍ୱାର ଆଇଆଇସି ବିରଞ୍ଚି ନାରାୟଣ ପତି, ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଉପ ନଗରପାଳ ଶୁଭେନ୍ଦୁ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ପ୍ରେମଚାନ୍ଦ ନାୟକ, ସନ୍ତୋଷ କୁମାର ଧର, କାଉନସିଲର ରଙ୍ଗଲତା ସାହୁ, ଆଶୁତୋଷ ଦାସ, ବିଜୟ ମଲ୍ଲିକ, ଯୁବ ସଭାପତି ଅର୍ଜୁନ ପଣ୍ଡା, ବିମଳ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଶରତ କୁମାର ଖୁଣ୍ଟିଆ ମହୋତ୍ସବ ଆୟୋଜନ ସମ୍ପର୍କରେ ସୂଚନା ଦେଇଥିବାବେଳେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱତନ୍ତ୍ର ଅଡିଟ୍ ପାଇଁ ସୁପାରିସ୍

**କଟକ ସଦର,୫।୫(ଡି.ଏନ୍.ଏ.)**

**କନ୍ଦରପୁର ମିନିବ୍ୟାଙ୍କ ଅର୍ଥ ତୋସରପାତ ମାମଲା**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କୃଷକ ସମବାୟ ମିନିବ୍ୟାଙ୍କ ଅର୍ଥ ତୋସରପାତ ଘଟଣାକୁ ନେଇ କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ କିଛିଦିନ ହେବ ଆନ୍ଦୋଳନ ଜାରି ରହିଥିବାବେଳେ ଆସନ୍ତା ୨ ଦିନ ମଧ୍ୟରେ ଜମାକାରୀ ଓ ଭାଜପା କର୍ମୀମାନେ ଧାରଣାରେ ବସିବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଅପରପକ୍ଷେ ଆନ୍ଦୋଳନକୁ ଦୃଷ୍ଟିରେ ରଖି କଟକସ୍ଥିତ ସହକାରୀ ସମବାୟ ନିବନ୍ଧକ ଅନିମା ବେହେରା ଘଟଣାର ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ସରକାରଙ୍କୁ ସୁପାରିସ କରିଛନ୍ତି। ଏହି ଘଟଣାରେ ମିନିବ୍ୟାଙ୍କ ପରିଚାଳକ ରବୀନ୍ଦ୍ର ମହାନ୍ତି ଓ ସହସମ୍ପାଦକ ମୀନକେତନ ଜେନାଙ୍କୁ ବାର୍ଦ୍ଧକ୍ୟଜନିତ କାରଣ ଦର୍ଶାଇ କିଛିଦିନ ତଳେ କାର୍ଯ୍ୟରୁ ଅନ୍ତର କରାଯାଇଛି ବୋଲି ସମିତିର ନିର୍ଦ୍ଦେଶକ ଧିରେନ ଦାଶ କହିଛନ୍ତି। ଉକ୍ତ ବ୍ୟାଙ୍କରେ ଅର୍ଥ ତୋସରପାତ କେବେଠାରୁ ଚାଲିଥିଲା ତାହାର ତଦନ୍ତ କରିବା ପାଇଁ କଟକ ସଦର ନିର୍ବାଚନ ମଣ୍ଡଳୀର ବିଜେଡି ସଭାପତି ପ୍ରମୋଦ ମହାପାତ୍ର ଦାବି କରିଛନ୍ତି। ସରକାରଙ୍କଠାରୁ ସବୁଜ ସଙ୍କେତ ମିଳିବା ମାତ୍ରେ ଜମାକାରୀଙ୍କ ଟଙ୍କା ଫେରାଇ ଦିଆଯିବ ବୋଲି ସହକାରୀ ନିବନ୍ଧକ ବେହେରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ବ୍ୟାଙ୍କର ୧୫୩ ଜଣ ଜମାକାରୀଙ୍କ ଆକାଉଣ୍ଟରୁ ଚଞ୍ଚକତା କରି ୭୮ ଲକ୍ଷ ଟଙ୍କା ତୋସରପାତ କରାଯାଇଥିଲା। ଏ ନେଇ ୨୦୨୧ ସେପ୍ଟେମ୍ବର ୧୯ ତାରିଖରେ ଜମାକାରୀମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତବେଳେ ଏହି ଘଟଣାରେ ସମ୍ପୃକ୍ତି ଥିବା ଜଣାପଡିବା ପରେ ମିନିବ୍ୟାଙ୍କ କ୍ୟାଶିୟର ଦୀପ୍ତି କୁମାର ପଟ୍ଟନାୟକଙ୍କ ନାମରେ କନ୍ଦରପୁର ଥାନାରେ ମାମଲା (ନଂ.୨୨୬/୨୧) ରୁଜୁ ହୋଇଥିଲା।

# କଳାବଜାର ନ କରିବାକୁ ବ୍ୟବସାୟୀଙ୍କୁ ଚେତାବନୀ

**କଟକ ଅଫିସ, ୫।୫**

**ମାଲଗୋଦାମ, ଛତ୍ରବଜାରରେ ଚଢ଼ାଉ**

ସମ୍ଭାବ୍ୟ ବାତ୍ୟାକୁ ନେଇ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ହେବା ଆଶଙ୍କା ରହିଛି। ଏଥିସହ କେତେଜଣ ଲାଭଖୋର ବ୍ୟବସାୟୀ ସାମଗ୍ରୀକୁ ଗୋଦାମରେ ମହଜୁଦ ରଖି ପରବର୍ତ୍ତୀ ସମୟରେ କଳାବଜାରୀ କରିବା ସମ୍ଭାବନା ରହିଛି। କଟକ ମାଲଗୋଦାମ ଓ ଛତ୍ରବଜାର ରାଜ୍ୟର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ଏଠାରେ କଳାବଜାରୀ ହେବା ସମ୍ଭାବନା ଅଧିକ ରହିଛି। ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଗୁରୁବାର ବିଭିନ୍ନ ଗୋଦାମରେ ଚଢ଼ାଉ କରାଯାଇଛି। ମାଲଗୋଦାମ ଅଞ୍ଚଳର ଅନେକ ଗୋଦାମରେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ପହଞ୍ଚି କେତେ ପରିମାଣରେ ସାମଗ୍ରୀ ମହଜୁଦ ରହିଛି ଓ ବର୍ତ୍ତମାନ ଦର କେତେ ରହିଛି ସେ ସମ୍ପର୍କରେ ଯାଞ୍ଚ କରିଥିଲେ। ସେହିପରି ଛତ୍ରବଜାରର



ଜିଲା ଯୋଗାଣ ବିଭାଗ ପକ୍ଷରୁ ଛତ୍ରବଜାର ଏକ ଗୋଦାମରେ ସାମଗ୍ରୀ ଯାଞ୍ଚ କରାଯାଉଛି।

ଆଳୁ, ପିଆଜ, ଅଦା, ରସୁଣ ଆଦି ଗୋଦାମରେ ଚଢ଼ାଉ କରାଯାଇଥିଲା। କଳାବଜାର ନ କରିବା ଓ ବାତ୍ୟା ଲାଗି ସତର୍କ ରହିବାକୁ ବ୍ୟବସାୟୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହ ପ୍ରାୟ ୧୦ଟି ଦୋକାନରେ ଚଢାଉ କରାଯାଇ କଳାବଜାରୀ ନ କରିବାକୁ ବ୍ୟବସାୟୀଙ୍କୁ ଚେତାବନୀ ଦିଆଯାଇଛି। ବାତ୍ୟା ସମ୍ଭାବନା ଥିବାରୁ ଏପରି କରାଯାଉଛି। ବାତ୍ୟା ଚଳିବା ପର୍ଯ୍ୟନ୍ତ ପ୍ରତିଦିନ ସହରର ବିଭିନ୍ନ ସ୍ଥାନରେ ଏଭଳି ଚଢାଉ କରାଯିବ ବୋଲି ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି ସୂଚନା ଦେଇଛନ୍ତି।

ସେହିପରି କଟକ ଜିଲା ଯୋଗାଣ ବିଭାଗ ପକ୍ଷରୁ ଛତ୍ରବଜାରର ବିଭିନ୍ନ ଆଳୁ ଓ ଟମାଟୋ ଗୋଦାମ ଉପରେ ଗୁରୁବାର ଚଢ଼ାଉ କରାଯାଇଥିଲା। ଏ ସମ୍ପର୍କରେ ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର କହିଛନ୍ତି, ଛତ୍ରବଜାର ପାଇକାରିରେ ଆଳୁ ମୂଲ୍ୟ ୧୮ରୁ ୨୦ ଟଙ୍କା କିଲୋ ପ୍ରତି ଥିବାବେଳେ ଖୁଚୁରାରେ ୨୩ରୁ ୨୫ ଟଙ୍କା ରହିଛି। କାଗଜପତ୍ର ତର୍ଜମା କରିବାରୁ ଜଣାପଡିଥିଲା, ଆଳୁର ମୂଲ୍ୟ ଉଭୟ ଉତ୍ତରପ୍ରଦେଶ ଓ କଲିକତାରେ ଅଧିକ ଥିବାରୁ ଏଠାରେ ମୂଲ୍ୟ ବୃଦ୍ଧି ହୋଇଛି। ସେହିପରି ବାହାର ରାଜ୍ୟରୁ ଟମାଟୋ ଆସୁଛି। ବାହାର ରାଜ୍ୟରେ ମୂଲ୍ୟ ଅଧିକ ଥିବାରୁ ଏଠାରେ ମୂଲ୍ୟ ବଢୁଛି। ବଜାରରେ କୌଣସି ସାମଗ୍ରୀର ଅଭାବ ନାହିଁ। ଅନ୍ୟପକ୍ଷରେ ସମସ୍ତ ବ୍ୟବସାୟୀଙ୍କୁ ଗଚ୍ଛିତ ମୂଲ୍ୟ ଘୋଷଣା ବୋର୍ଡ ଏବଂ ଅନ୍ୟ କାଗଜପତ୍ର ଠିକ୍ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମିଶ୍ର କହିଛନ୍ତି। ଏହି ଚଢାଉରେ ଯୋଗାଣ ନିରୀକ୍ଷିକା ନସୀମା ବେଗମ, ଶୁଭଶ୍ରୀ ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସ୍କୁଟି ସହ ବୃଦ୍ଧ ଉଦ୍ଧାର

**ନିରାକାରପୁର,୫।୫(ଡି.ଏନ୍.ଏ.):** ନିରାକାରପୁର ଥାନା ଅନ୍ତର୍ଗତ ରାଉଳହଜ ପଥର ଖଣି ଅଞ୍ଚଳରୁ ସ୍କୁଟି ସହ ଜଣେ ବ୍ୟକ୍ତିଙ୍କୁ ଗୁରୁବାର ଉଦ୍ଧାର କରାଯାଇଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଧଉଳିମୁହଁ ପଞ୍ଚାୟତ ଜଗନ୍ନାଥପୁର ବ୍ରାହ୍ମଣ ସାହିର ପ୍ରଭାକର ନନ୍ଦ। ସୂଚନା ମୁତାବକ, ବୁଧବାର ପ୍ରଭାକର ଘରୁ ସ୍କୁଟିରେ ଆସି ନିରାକାରପୁର ରାଉଳହଜ ଅଞ୍ଚଳରେ ସ୍କୁଟି ଏବଂ ସାମଗ୍ରୀ ଛାଡ଼ି କେଉଁଆଡେ ପଳାଇଥିଲେ।ଗୁରୁବାର ସ୍ଥାନୀୟଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଚଳାଇବା ପରେ ପ୍ରଭାକର ଡିଆ ପଞ୍ଚାୟତ ସ୍ଥିତ ମା'ଭୈରବୀଙ୍କ ନିକଟରେ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ପୋଲିସ ପ୍ରଭାକର ଓ ଗାଡିକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି।

### ଗାଡ଼ି ଚଢ଼ିଯିବାରୁ ଜଣେ ମୃତ

**ଯାଁଳା,୫।୫(ଡି.ଏନ୍.ଏ.):** ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଯାଁଳା ଓଭରବ୍ରିଜ ଉପରେ ଗାଡି ଚଢ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ବୟସ ପ୍ରାୟ ୫୦ବର୍ଷ ହେବ। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ସୂଚନା ମୁତାବକ, ଯାଁଳା ଛକ ନିକଟରେ ରାଜପଥ ପ୍ରଶସ୍ତୀକରଣ ସହ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁଛି। ଉକ୍ତ ନିର୍ମାଣାଧୀନ ପୋଲରେ ବୁଧବାର ରାତିରେ ଜଣେ ବ୍ୟକ୍ତି ଶୋଇଥିଲେ। ଏହି ସମୟରେ ତାଙ୍କ୍ ଉପରେ ଏକ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ଜଣଙ୍କ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପୋଲିସ ଅନୁମାନ କରୁଛି। ପରିଚୟ ମିଳିନଥିବାରୁ ମୃତଦେହକୁ ଶବ ସଂରକ୍ଷଣ କକ୍ଷରେ ରଖାଯାଇଛି।

### ଭାଜପା ନେତା ଗଗନ ମଲ୍ଲଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୫।୫:** ଖୋର୍ଦ୍ଧା ଜିଲାର ବରିଷ୍ଠ ଭାଜପା ନେତା ଗଗନ ମଲ୍ଲଙ୍କ କଟକ ସ୍ଥିତ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୭୬ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ, ଭାଜପା ନେତା ଶୋଭନ ଘୋଷ, ଦେବବ୍ରତ ଆଚାର୍ଯ୍ୟଙ୍କ ସମେତ ବହୁ ବୁଦ୍ଧିଜୀବୀ, ରାଜନେତା, ସାମାଜିକ କର୍ମୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେ ଗଡ଼ଖୋର୍ଦ୍ଧାରେ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା କରିଥିଲେ। ଏଥିସହ ସେ ଖୋର୍ଦ୍ଧା ଭାଜପାର ନଗର ସଭାପତି, ଜିଲା ଉପସଭାପତି, ଜିଲା କୃଷକମୋର୍ଚ୍ଚା ସଭାପତି ଓ କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ କାର୍ଯ୍ୟରତ ଥିଲେ। ଓଡ଼ିଶା ମୋହରିର ରାଜ୍ୟ ସଭାପତି ମଧ ଥିଲେ। ଜୀବନବ୍ୟାପୀ କୃଷକଙ୍କ ବିକାଶ ଦିଗରେ ସେ କାର୍ଯ୍ୟ କରୁଥିଲେ। ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ବାବାଜୀ ଗଙ୍ଗାରାମ ଦାସ ନାମରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଟୁଇଟ କରି ଶୋକ ପ୍ରକାଶ କରିଛନ୍ତି। କୃଷି ଓ କୃଷକଙ୍କ ବିକାଶ ଲାଗି ଖୋର୍ଦ୍ଧା ଜିଲାରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ସେ କହିଛନ୍ତି।



### ରାମଚରିତ ମାନସ ନବାହ୍ନ ପାରାୟଣ

**ବାଲିପାଟଣା,୫।୫(ଡି.ଏନ୍.ଏ.):** ଶ୍ରୀରାମଚରିତ ମାନସ ପାରାୟଣ ମାର୍ଥାପୁର ଶ୍ରୀରାମ ଦୟା ପରିଷଦ ପକ୍ଷରୁ ମାର୍ଥାପୁର ଗ୍ରାମରେ ୨୭ତମ ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ ଓ ପ୍ରବଚନ ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାଦୁବେଦ ପୀଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାବାଜୀ ଗୌରହରି ଦାସ, ପଣ୍ଡିତ ନାରାୟଣ ପଣ୍ଡା, ବିଶ୍ୱଜିତ୍ ନାୟକ, ପ୍ରଶାନ୍ତ ଚାନ୍ଦ ପ୍ରବକ୍ତା ଭାବେ ଯୋଗଦେଇଥିଲେ। ନିରଞ୍ଜନ ଦୀକ୍ଷିତ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା ଓ ଦୀପ୍ତିରଞ୍ଜନ ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଜଟଣୀ,୫।୫(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ବଜାରସ୍ଥିତ ମା'ଡାମଣେଇଙ୍କ ମନ୍ଦିର ପରିସରରେ ୩୭ତମ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ରାଧାମୋହନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଆୟୋଜିତ ନାମଯଜ୍ଞ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ କରାଯାଇଥିବା ବେଳେ ପ୍ରଥମ ଦିବସରେ ଅଧିବାସ, ଦ୍ୱିତୀୟ ଦିବସରେ ନାମଯଜ୍ଞ ଓ ଗୁରୁବାର ଉଦ୍‌ଯାପନୀରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଗୋବିନ୍ଦ ସାହୁ, ନାରାୟଣ ଜେନା, ଜଗଦୀଶ ମହାପାତ୍ର, ପ୍ରହଲାଦ ସାହୁ, କେଦାର ସାହୁ, ଉଲ୍ଲାସ ଜେନାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଡିଷ୍ଟ୍ରିବ୍ୟୁଟର, ସେଲରଙ୍କୁ କ୍ରାଇମବ୍ରାଞ୍ଚର ଜେରା

**ଭୁବନେଶ୍ୱର (ବ୍ୟୁରୋ)/ କଟକ ଅଫିସ, ୫।୫**

**ସାଇବର ଠକଙ୍କୁ ସିମ୍ ଯୋଗାଣ ମାମଲା**

- ଦୁଷ୍ମନ୍ତଙ୍କ ୨ ବ୍ୟାଙ୍କ, ୨ ପେଟିଏମ୍ ଆକାଉଣ୍ଟ ଅଚଳ
- ଠାବ ହେଲା ୯.୧ ଲକ୍ଷ

ବିଭିନ୍ନ ଟେଲିକମ୍ କମ୍ପାନୀର ସିମ୍ କାର୍ଡକୁ ପ୍ରି-ଆକ୍ଟିଭେଟ୍ କରି ଉକ୍ତ ନମ୍ବରକୁ ସାଇବର ଠକଙ୍କୁ ଯୋଗାଣ ମାମଲାରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଜାରି ରଖିଛି। ବୁଧବାରଠାରୁ ୩ ଅଭିଯୁକ୍ତଙ୍କୁ ଜେଲରୁ ରିମାଣ୍ଡରେ ଅଣାଯାଇ ଜେରା କରାଯାଉଥିବା ବେଳେ ଗୁରୁବାର ଜିଓ ଡିଷ୍ଟ୍ରିବ୍ୟୁଟର ଓ ସେଲରଙ୍କୁ କ୍ରାଇମବ୍ରାଞ୍ଚ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଛି। ସେମାନେ ହେଲେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଉପରପାଲ ଗ୍ରାମର ବାସିନ୍ଦା ତଥା ଡିଷ୍ଟ୍ରିବ୍ୟୁଟର୍ ଅମିତାଭ ସାହୁ ଓ କାମାକ୍ଷାନଗର ଆଲୁଅଝରଣା ଛକ ଅଞ୍ଚଳର ବାସିନ୍ଦା ତଥା ସେଲର ଗୋବିନ୍ଦ ପରିଡ଼ା। କେଉଁ ଆଧାରରେ ଅଭିଯୁକ୍ତମାନଙ୍କୁ କେତେଟଙ୍କାରେ ସିମ୍‌କାର୍ଡ ବିକ୍ରି କରୁଥିଲେ, କ'ଣ କାଗଜପତ୍ର ରଖୁଥିଲେ, ଏପରି ବିଭିନ୍ନ ଦିଗକୁ ନେଇ ପଚରାଉଚରା ଜାରି ରଖିଛି କ୍ରାଇମବ୍ରାଞ୍ଚ।

ଅନ୍ୟପକ୍ଷରେ ବହୁ କ୍ରେତା ଓ ସାଇବର ଠକଙ୍କୁ 'ବାୟର୍ ସେଲର୍ ଅଫ୍ ଓଟିପି' ଗ୍ରୁପ୍‌ରେ ସିମ୍ ଯୋଗାଉଥିବା ମାଷ୍ଟରମାଇଣ୍ଡ ଦୁଷ୍ମନ୍ତ ସାହୁଙ୍କ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛି। କ୍ରାଇମବ୍ରାଞ୍ଚ କହିଛି, ଦୁଷ୍ମନ୍ତ ବିଏସ୍‌ସି, ପିଜିଡିସିଏ ପଢ଼ିବା ସହ ଡିଜିଟାଲ ମାର୍କେଟିଂରେ ଇଣ୍ଟର୍ନସିପ୍ କରିଛନ୍ତି। ସେ ପୂର୍ବରୁ ଏୟାରସେଲ୍ ଟେଲିକମ୍ ସଂସ୍ଥାର କଲେକ୍ସନ୍ ଓ ମାର୍କେଟିଂ ଏଜେଣ୍ଟ ଭାବେ କାର୍ଯ୍ୟ କରିଛନ୍ତି। ୨୦ ଟଙ୍କାର ସିମ୍‌କୁ ବିଏସ୍‌ଏନ୍‌ଏଲ୍ ରିଟେଲରଙ୍କଠାରୁ ୧୨୦ ଟଙ୍କାରେ କିଣନ୍ତି। ସେହିପରି ୨୫ ଟଙ୍କାର ସିମ୍‌କୁ ଭୋଡ଼ାଫୋନ୍ ରିଟେଲରଙ୍କଠୁ ୧୩୦ ଟଙ୍କାରେ ଓ ଜିଓ ସିମ୍‌କୁ ୧୪୦ ଟଙ୍କାରେ ରିଟେଲରଙ୍କଠୁ କିଣନ୍ତି ବୋଲି କ୍ରାଇମବ୍ରାଞ୍ଚ କହିଛି। ସେହିଭଳି ଦୁଷ୍ମନ୍ତ ସାଇବର ଠକଙ୍କ ସହ ସିମ୍ ଡିଲ୍ କଲାବେଳେ ତାଙ୍କ ବାପା ଓ ଭାଇଙ୍କ ସହ ମୋଟ ୭ଟି ବ୍ୟାଙ୍କ ଆକାଉଣ୍ଟ ଏବଂ ୩ଟି ପେଟିଏମ୍ ଆକାଉଣ୍ଟ ଜରିଆରେ ଟଙ୍କା ଆଣୁଥିଲେ। ତେବେ ୭.୯୫ ଲକ୍ଷ ଟଙ୍କା ଜମାଥିବା ଦୁଷ୍ମନ୍ତଙ୍କ ୨ଟି ବ୍ୟାଙ୍କ ଆକାଉଣ୍ଟ ଓ ୧.୬ ଲକ୍ଷ ଟଙ୍କା ଥିବା ୨ଟି ପେଟିଏମ୍ ଆକାଉଣ୍ଟକୁ ଅଚଳ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ସେପଟେ ୩ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ କେତେବେଳେ ଏକୁଟିଆ ତ ଆଉ କେତେବେଳେ ସାମ୍ନାସାମ୍ନି ଜେରା କରି ଏହି ମାମଲାରେ ଅଧିକ ତଥ୍ୟ ପାଇବାକୁ ଚେଷ୍ଟା କରୁଛି। ନାଇଜେରିଆନ୍ ଗ୍ୟାଙ୍ଗ ଦେଶର ବିଭିନ୍ନ ପ୍ରାନ୍ତରେ ରହି ଜାଲ୍ ସୋସିଆଲ ମିଡିଆ ଆକାଉଣ୍ଟ ଖୋଲି ସେଥିରେ ବହୁ ପ୍ରତିଷ୍ଠିତ, ଲୋକପ୍ରିୟ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ଲଗାଇ ସେମାନଙ୍କ ସମ୍ପର୍କୀୟଙ୍କୁ ଟଙ୍କା ମାଗୁଥିବା ପୂର୍ବରୁ ନଜିର ରହିଛି। ଦୁଷ୍ମନ୍ତ ସିମ୍ ଦେଉଥିବା 'ବାୟର୍ ସେଲର୍ ଅଫ୍ ଓଟିପି' ଗ୍ରୁପ୍‌ରେ ସେଭଳି ଗ୍ୟାଙ୍ଗର ସଦସ୍ୟମାନେ ରହିଥିବା ସନ୍ଦେହ କରାଯାଉଥିବାରୁ କ୍ରାଇମବ୍ରାଞ୍ଚ ଏନେଇ ଅଧିକ ଖୋଳତାଡ଼ କରୁଛି।




ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଗୁରୁବାର ଚାରାରୋପଣ କରାଯାଇ ନୂତନ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ଅଭିନନ୍ଦନ ଜଣାଯାଉଛି।

## ତାଲା କାଟି ଦୋକାନରୁ ଚୋରି

**ଯାଁଳା,୫।୫(ଡି.ଏନ୍.ଏ.)**

ଯାଁଳା ବଜାରର ଦଶହରା ପଡିଆ ନିକଟରେ ଥିବା ରୋଶନ ସାମନ୍ତରାୟଙ୍କ ଓଁ ସାଇ ଲେଦର୍ସ ଦୋକାନର ତାଲା କାଟି ଦୁର୍ବୃତ୍ତମାନେ ସାମଗ୍ରୀ ଚୋରି କରିନେଇଛନ୍ତି। ଏନେଇ ଗୁରୁବାର ରୋଶନଙ୍କ ଅଭିଯୋଗକ୍ରମେ ଯାଁଳା ଫାଣ୍ଡି ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୁଧବାର ରାତି ପ୍ରାୟ ୧୦ଟାରେ ରୋଶନ ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ଗୁରୁବାର ସକାଳ ୯ଟାରେ ଦୋକାନ ଖୋଲିବାକୁ ଆସିଥିବା ବେଳେ ତାଙ୍କ ଦୋକାନ ତାଲା କଟା ହେବା ସହ ଶଟର ଟେକା ହୋଇଥିବା ଦେଖିବାକୁ ପାଇଥିଲେ। ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀ ଦୁର୍ବୃତ୍ତମାନେ ନେଇଯାଇଥିବା ରୋଶନ କହିଛନ୍ତି।

## ଶ୍ୱଶୁରଘରୁ ଚୋରି କରି ଜ୍ୱାଇଁ ଗିରଫ

**ଭୁବନେଶ୍ୱର, ୫।୫ (ବ୍ୟୁରୋ)**

ଶ୍ୱଶୁରଘରୁ ଚୋରି ଅଭିଯୋଗରେ ଜ୍ୱାଇଁକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ। ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ରାଧାକ୍ରିଷ୍ଣା ଲେନ୍ ବସ୍ତିରେ ରହୁଥିବା କେନ୍ଦୁଝରର ପ୍ରଦୀପ କୁମାର ପାଢ଼ୀ(୩୨)। ତାଙ୍କଠାରୁ ସୁନାଚେନ୍, ମୁଦି ଏବଂ ଲାପଟପ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୫୫/୨୨) ରୁଜୁକରି ଗୁରୁବାର କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଶିବ ଶଙ୍କର ସେଠୀଙ୍କ ଭଉଣୀଙ୍କୁ ପ୍ରଦୀପ ବିବାହ କରିଥିଲେ। ମାତ୍ର ସେ କିଛି କାମ ଧନ୍ଦା କରୁ ନ ଥିବାରୁ ପରିବାର ଚଳାଇ ପାରୁ ନ ଥିଲେ। ତେଣୁ ଦମ୍ପତିଙ୍କ ମଧ୍ୟରେ ଝଗଡା ହେଉଥିଲା। ଗତ ମଙ୍ଗଳବାର ଶିବ ତାଙ୍କର ସପରିବାର ସହ ଜଣେ ସମ୍ପର୍କୀୟଙ୍କ ବାହାଘରକୁ ଯାଇଥିଲେ। ଏହି ସୁଯୋଗରେ ପ୍ରଦୀପ ଶିବଙ୍କ ଘରେ ପଶି ଆଲମିରା ଭାଙ୍ଗି ସୁନାଚେନ୍, ମୁଦି ଓ ଲାପଟପ୍ ନେଇଯାଇଥିଲେ। ବାହାଘରରୁ ଫେରିବା ପରେ ଘରୁ ଚୋରି ହୋଇଥିବା ଶିବ ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ପରେ ପ୍ରଦୀପଙ୍କୁ ଗିରଫ କରିଥିଲା। ତାଙ୍କ ବିରୋଧରେ ଚନ୍ଦ୍ରଶେଖରପୁର ଥାନାରେ ୫ଟି ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

## ରଥଖଳାରୁ

# ତୁମ୍ବ ଗୋଲେଇ କାମ ଚାଲିଛି



**ପୁରୀ ଅଫିସ, ୫।୫**

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଚକ ପାଇଁ ତୁମ୍ବ ତିଆରି କରାଯାଉଛି। ତିନିରଥ ପାଇଁ ମୋଟ ୪୨ଟି ତୁମ୍ବ ନିର୍ମାଣ ହେବ। ବୁଧବାର ପ୍ରଥମ ଦିନରେ ତିନିରଥର ମୁଖ୍ୟ ମହାରଣା, ଭୋଇସେବକ ଓ କରତି ସେବକଙ୍କ ଉପସ୍ଥିତିରେ ରଥ ଅମିନ ମହାରଣା ତୁମ୍ବ ଲାଗି ଆବଶ୍ୟକ ଫାସୀ କାଠରେ ଚିହ୍ନ ଦେବା ପରେ କରତି ସେବକମାନେ ଦୁଇଟି ଲେଖାଏ ତୁମ୍ବ କାଠ କାଟି ଗଡ଼ କରିଥିଲେ। ଏହାକୁ ରଥ ମହାରଣାମାନେ ବାରିସିରେ ହାଣି ପ୍ରାଥମିକ ଗୋଲେଇ କାର୍ଯ୍ୟ ଜାରି ରଖିଥିଲେ। ଗୁରୁବାର ଦ୍ୱିତୀୟ ଦିନରେ ତୁମ୍ବ ଗୋଲେଇ କାର୍ଯ୍ୟ ସରିଛି। ଅପରାହ୍ନ ୨ଟା ସୁଦ୍ଧା କରତି ସେବକମାନେ ୫ଟି ତୁମ୍ବ କାଟିଥିଲେ। ପରେ ଭୋଇ ସେବକମାନେ ନନ୍ଦିଘୋଷ ରଥଚାଳିକୁ ୨ଟି, ଦେବୀ ରଥଚାଳିକୁ ଗୋଟିଏ ଏବଂ ତାଳଧ୍ୱଜ ରଥଚାଳିକୁ ୨ଟି ତୁମ୍ବଗଡ଼ ଯୋଗାଇଥିଲେ। ନନ୍ଦିଘୋଷ ରଥ ମହାରଣା ସେବକମାନେ ୪ଟି ତୁମ୍ବରୁ ୩ଟି ଏବଂ ତାଳଧ୍ୱଜ ରଥର ମହାରଣାମାନେ ୩ଟି ତୁମ୍ବରୁ ୨ଟିର ପ୍ରାରମ୍ଭିକ ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ଦେବୀ ରଥ ମହାରଣା ସେବକଙ୍କ ଦ୍ୱାରା ୩ଟି ତୁମ୍ବର ପ୍ରାରମ୍ଭିକ ଗୋଲେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ କମାର ସେବକମାନେ ରଥକଣ୍ଟା ପ୍ରସ୍ତୁତି ଲାଗି ଲୁହାରଡ଼ କଟିଙ୍ଗ କରୁଛନ୍ତି। ରଥ ନିର୍ମାଣ କାର୍ଯ୍ୟରେ ମୋଟ ୪୦ଜଣ ସେବାୟତ ଓ କାରିଗର ସାମିଲ ହୋଇଥିଲେ।

# ଟ୍ରେଲର ପଛକୁ ପିଟିଲା ଗ୍ୟାସ୍ ଟ୍ୟାଙ୍କର



**ବୋଲଗଡ଼,୫।୫(ଡି.ଏନ୍.ଏ.)**

**ଟ୍ୟାଙ୍କର ହେଲ୍‌ପର ଗୁରୁତର**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବିନୋଦପଡା ଶ୍ମଶାନ ନିକଟରେ ବୁଧବାର ରାତିରେ ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ହେଲ୍ପର ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉକ୍ତ ଟ୍ୟାଙ୍କରର ସମ୍ମୁଖ ଭାଗ ଚୂରମାର ହୋଇଯାଇଛି। ସୂଚନା ମୁତାବକ, ଦୁଇଟି କାର୍ବନ ଡାଇଅକସାଇଡ୍ ଗ୍ୟାସ ବୋଝେଇ ଟ୍ୟାଙ୍କର ନୟାଗଡ଼ ପଟୁ ଭୁବନେଶ୍ୱର ଅଭିମୁଖେ ଆଗପଛ ହୋଇ ଯାଉଥିଲେ। ବିନୋଦପଡା ଶ୍ମଶାନ ନିକଟରେ ଏକ ଟ୍ରେଲର ରାସ୍ତାପାର୍ଶ୍ୱରେ ରହିଥିଲା। ତେବେ ଆଗରେ ଥିବା ଟ୍ୟାଙ୍କର ଟ୍ରେଲରକୁ ଅତିକ୍ରମ କରିଯାଇଥିବା ବେଳେ ପଛ ଟ୍ୟାଙ୍କର ଚାଳକ ଟ୍ରେଲର ପଛପଟକୁ ଧକ୍କା ଦେଇଥିଲେ। ଫଳରେ ହେଲ୍ପର ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରୁ ଗ୍ୟାସ ଲିକ୍ ହେଉଥିବା ସନ୍ଦେହ କରି ସ୍ଥାନୀୟ ବାସିନ୍ଦା ଗୁରୁବାର ମଧ୍ୟାହ୍ନରେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ରଣପୁର ଓ ବୋଲଗଡ଼ ଅଗ୍ନିଶମ କର୍ମଚାରୀଙ୍କ ସହ ନୟାଗଡ ସହକାରୀ ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳାଇ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ ଟ୍ୟାଙ୍କର ଉପର କଭର(ଘୋଡ଼ଣି)ଖୋଲିଦେଇଥିଲେ। ଏହି କାର୍ବନ ଡାଇଅକସାଇଡ ଗ୍ୟାସ ନିଆଁ ଲିଭା କାର୍ଯ୍ୟରେ ବ୍ୟବହାର ହୋଇଥାଏ। ତେବେ ଗାଡିରୁ ଗ୍ୟାସ୍ ଲିକ ହୋଇ ନ ଥିଲା। ସୁରକ୍ଷା ଦୃଷ୍ଟିରୁ ଟ୍ୟାଙ୍କର ଉପର କଭରକୁ ଖୋଲି ଦିଆଯାଇଛି ବୋଲି ଦଳାଇ କହିଛନ୍ତି।

# ଫାଇନାନ୍ସ କମ୍ପାନୀ ମ୍ୟାନେଜରଙ୍କୁ ଆକ୍ରମଣ କରି ଲୁଟ୍

**ନିରାକାରପୁର,୫।୫(ଡି.ଏନ୍.ଏ.)**

**୧.୧୨ ଲକ୍ଷ ଟଙ୍କା, ଟାବ୍‌ଲେଟ ନେଇଗଲେ**

ନିରାକାରପୁର ଥାନା ଅନ୍ତର୍ଗତ ଖଜୁରିପଡ଼ା ଗ୍ରାମ ରାସ୍ତାରେ ଗୁରୁବାର ଏକ ଅର୍ଥ ଲଗାଣକାରୀ ସଂସ୍ଥାର ଶାଖା ପରିଚାଳକଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ୧ଲକ୍ଷ ୧୨ହଜାର ଟଙ୍କା ଓ ଟାବଲେଟ ନେଇଯାଇଛନ୍ତି। ଏନେଇ ଶାଖା ପରିଚାଳକ ଗୋପବନ୍ଧୁ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ନିରାକାରପୁର ରାମ ମନ୍ଦିର ନିକଟରେ ରହିଛି ଭାରତ ଫାଇନାନ୍ସ କମ୍ପାନୀ। କୌଣସି କର୍ମଚାରୀ ନ ଥିବାରୁ ଗୁରୁବାର ସକାଳେ ଗୋପବନ୍ଧୁ ବାଇକ୍‌ରେ ଖଜୁରିପଡ଼ା ଗ୍ରାମକୁ ଋଣ ଆଦାୟ ପାଇଁ ଯାଇଥିଲେ। ଋଣ ଟଙ୍କା ଆଦାୟ ସାରି ଫେରୁଥିବା ବେଳେ ଏକ ପଲସରରେ ୩ଜଣ ଯୁବକ ତାଙ୍କୁ ପିଛା କରିବା ସହ ଖଜୁରୀପଡ଼ା ଗ୍ରାମ ରାସ୍ତାରେ ଏକ କାତିରେ ଆକ୍ରମଣ କରିଥିଲେ। କାତିଟି ଗାଡ଼ିରେ ବାଜିବାରୁ ସେ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ ତଳେ ପଡ଼ିଯାଇଥିଲେ। ଏହାର ସୁଯୋଗରେ ଦୁର୍ବୃତ୍ତମାନେ ଗୋପବନ୍ଧୁଙ୍କ ପାଖରେ ଥିବା ଟଙ୍କା ଓ ଟାବଲେଟ ନେଇ ଫେରାର ହୋଇଯାଇଥିଲେ। ତେବେ କାତିର ଚୋଟରେ ଗୋପବନ୍ଧୁଙ୍କ ଗାଡ଼ି ଭାଙ୍ଗିଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ ପୋଲିସ କୌଣସି ଲୁଟେରାଙ୍କୁ ଧରିପାରୁ ନ ଥିବା ଜଣାପଡ଼ିଛି।

# ଦଧିବାମନଜୀଉଙ୍କ ପୀଠରେ ଚନ୍ଦନ ଯାତ୍ରା

**ବେଗୁନିଆ,୫।୫(ଡି.ଏନ୍.ଏ.)**

ଆଧୁନିକତାର ଚାକଚକ୍ୟ ମଧ୍ୟରେ ଏବେବି ବଞ୍ଚି ରହିଛି ବହୁ ପରମ୍ପରା। ସେଥିରୁ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଅନ୍ୟତମ। କାହିଁ କେଉଁ କାଳରୁ ପାଳିତ ହୋଇ ଆସୁଥିବା ଚନ୍ଦନ ଯାତ୍ରାକୁ ବଗୁନିଆର ଦଧିବାମନଜୀଉଙ୍କ ପୀଠରେ ଆଡମ୍ବରରେ ପାଳନ କରାଯାଉଛି। ଅକ୍ଷୟତୃତୀୟାରୁ ଆରମ୍ଭ ହୋଇଛି ଏହି ଯାତ୍ରା। ସାହିପାଳି, ଘରୁଆ ପାଳି ଓ ଥାନାପାଳି ଭାବେ ଏହି ଯାତ୍ରାକୁ ୨୧ଦିନ ଧରି ପାଳନ କରାଯିବ। ହେଲେ ଥାନା ପାଳି ଶ୍ରଦ୍ଧାଳୁଙ୍କ ମନମୋହିବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ବେଗୁନିଆ ଗ୍ରାମସ୍ଥିତ ଭଉଁରିସାହିରେ ପୂଜା ପାଉଛନ୍ତି ଦଧିବାମନଜୀଉ। ବାର ମାସରେ ୧୩ ପର୍ବ ମଧ୍ୟରୁ ଏଠାର ଚନ୍ଦନ ଯାତ୍ରା ଅନ୍ୟତମ। ପୁରୀ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଅନୁଯାୟୀ ଏଠାକାର ଶ୍ରଦ୍ଧାଳୁମାନେ ପାଳନ କରୁଛନ୍ତି ଚନ୍ଦନ ଯାତ୍ରା। ପବିତ୍ର ଅକ୍ଷୟତୃତୀୟା ଠାରୁ ୨୧ଦିନ ଧରି ଦିନ ଓ ରାତିରେ ସ୍ଥାନୀୟ ବଡପୋଖରୀରେ ଠାକୁରଙ୍କ ଚାପ ଖେଳ ଅନୁଷ୍ଠିତ ହେଉଛି। ସନ୍ଧ୍ୟାରେ ପୀଠ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ନାମସଂକୀର୍ତ୍ତନ, ପ୍ରବଚନ, ଦାସକାଠିଆ, ରାମନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରଦ୍ଧାଳଙ୍କ ମନହୋଉଛି। ସରକାରୀ ଅନୁଦାନ ଓ ପ୍ରୋତ୍ସାହନ ଅଭାବରୁ ଶ୍ରଦ୍ଧାଳୁମାନେ ପୂର୍ବ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ମରମ୍ପରା ଅନୁଯାୟୀ ଅକ୍ଷୟତୃତୀୟାଠାରୁ ୧୫ ଦିନ ପର୍ଯ୍ୟନ୍ତ ଘରୁଆପାଳି ଭାବେ ପାଳନ କରାଯିବ। ଯେଉଁ ଶ୍ରଦ୍ଧାଳୁ ପାଳି ଚଳାଇବା ପାଇଁ ମାନସିକ କରିଥିବେ ସେହିଦିନର ସମସ୍ତ ଖର୍ଚ୍ଚ ସେ ବହନ କରିବେ ବୋଲି କମିଟି ପକ୍ଷରୁ ସ୍ଥିର ହୋଇଛି। ସେହିପରି ଅନ୍ୟ ୬ଦିନ ମଧ୍ୟରୁ ଗ୍ରାମର ୫ ସାହି ୫ପାଳି ଚଳାଇବେ। ଅବଶିଷ୍ଟ ଗୋଟିଏ ପାଳିର ଖଞ୍ଜା(ସମ୍ପର୍କ) ବ୍ୟବସ୍ଥାର ଏକ ସ୍ୱତନ୍ତ୍ରତା ରହିଛି। ବାଜା, ବାଣ ସାଙ୍ଗକୁ ଠାକୁରଙ୍କୁ ଦୋଳ ବିମାନରେ ବସାଇ ପଟୁଆରରେ ବଜାର ଓ ସାହି ପରିକ୍ରମା କରାଯିବ। ଥାନା କର୍ମଚାରୀମାନେ ଅର୍ଥ ଆଦାୟ କରି ଏହି ପାଳି ତୁଲାଇବେ। ଚଳିତ ବର୍ଷ ଆତସବାଜି ପ୍ରଦର୍ଶନ କରାଯିବ। ବାଘବାଘୁଣୀ ଓ କଳଘୋଡା ନୃତ୍ୟ ପରିବେଷଣ ଶ୍ରଦ୍ଧାଳୁଙ୍କ ମନ ମୋହିବ। କୋଭିଡ୍ କଟକଣା ଯୋଗୁ ବନ୍ଦ ରହିଥିବା ଯାତ୍ରା ଚଳିତ ବର୍ଷ ଆଡମ୍ବରରେ ପାଳନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି।

# ମହିଳାଙ୍କୁ ଅସଦାଚରଣ, ହତ୍ୟା ଧମକ

**ନିମାପଡ଼ା,୫।୫(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ ସହ ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ମାମଲା(ନଂ.୧୪୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ଭୋରରୁ ମହିଳା ଜଣକ ମନ୍ଦିର ନିକଟରେ ଫୁଲ ତୋଳୁଥିଲେ। ଏହି ସମୟରେ ଜଣେ ଯୁବକ ତାଙ୍କୁ ଅସଦାଚରଣ କରିଥିଲେ। ମହିଳାଜଣଙ୍କ ପ୍ରତିବାଦ କରିବାରୁ ଯୁବକ ଜଣଙ୍କ ଆକ୍ରମଣ କରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ।

# ମୀରାଙ୍କୁ ନେଇ ହିନ୍ଦୀ ଚଳଚ୍ଚିତ୍ର 'ମୀରା ମା'

**ଭୁବନେଶ୍ୱର,୫।୫(ବ୍ୟୁରୋ)**

ରାଜ୍ୟ ତଥା ଜାତୀୟସ୍ତରରେ ନିଜର କାର୍ଯ୍ୟ ଓ ସଂଘର୍ଷପୂର୍ଣ୍ଣ ଯାତ୍ରାକୁ ନେଇ ପରିଚୟ ସୃଷ୍ଟି କରିପାରିଥିବା ମୀରା ପରିଡ଼ାଙ୍କୁ ନେଇ ଆସୁଛି ଏକ ହିନ୍ଦୀ ଚଳଚ୍ଚିତ୍ର। ଏସ୍.ଆର୍. ଏଣ୍ଟରପ୍ରାଇଜ୍ ଓ ଜି.କେ. ଏଣ୍ଟରଟେନମେଣ୍ଟର ମିଳିତ ସହଯୋଗରେ ଆସିବାକୁ ଯାଉଛି ଚଳଚ୍ଚିତ୍ର 'ମୀରା ମା'। ଏହାର ପୋଷ୍ଟର ମୁମ୍ବାଇସ୍ଥିତ ରେଡ୍ କ୍ଲୁ ଷ୍ଟୁଡିଓ ଅନ୍ଧେରୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରିଲିଜ୍ କରାଯାଇଛି। ରାସ୍ତାକଡ଼ ଜୀବନରୁ ମା'ର କାହାଣୀ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ ବୋଲି ଚଳଚ୍ଚିତ୍ର ଅନ୍ତର୍ଧ୍ୱନୀ ପାଇଁ ଅନ୍ତର୍ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରଯୋଜକ ରାଜେଶ ମହାନ୍ତି କହିଛନ୍ତି। ଏହାର ଶୁଟିଂ ଓଡ଼ିଶା, ବମ୍ବେ, ଦିଲ୍ଲୀରେ ହେବ। ବିଶେଷକରି ତାଙ୍କ ଜୀବନ ସହ ଜଡ଼ିତ ଥିବା କାହାଣୀକୁ ଏହି ଚଳଚ୍ଚିତ୍ରରେ ସ୍ଥାନ ଦିଆଯିବ। କାହାଣୀ ସମ୍ପୂର୍ଣ୍ଣ ବାସ୍ତବଧର୍ମୀ ହେବ। ମୀରାଙ୍କ ଚରିତ୍ରରେ ନଜରକୁ




ଆସିବେ ଅଭିନେତ୍ରୀ ସ୍ୱପ୍ନା ପତି। ଆଗାମୀ ଦିନରେ ରାଜନୀତିରେ ମୀରାଙ୍କ ରୋଲ ଏହି ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ଏକ ପ୍ରକାର ମୀରାଙ୍କ ଆତ୍ମଜୀବନୀ ଉପରେ ହିଁ ଚଳଚ୍ଚିତ୍ର ପର୍ଯ୍ୟବସିତ। ମୀରା ଏ ନେଇ ଖୁସି ବ୍ୟକ୍ତ କରିବା ସହ ସ୍ୱପ୍ନା ତାଙ୍କ ଚରିତ୍ରରେ ଅଭିନୟ କରିବାକୁ ରାଜି ହୋଇଥିବାରୁ ସେ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସ୍ୱପ୍ନା କହିଛନ୍ତି, ପ୍ରଥମଥର ପାଇଁ ଜଣେ ନାରୀ ଟ୍ରାନ୍ସଜେଣ୍ଡର ଚରିତ୍ରରେ ଅଭିନୟ କରିବେ। ଏହା ସ୍ୱତନ୍ତ୍ର ହେବା ସହ ଦର୍ଶକ କିଛି ନୂଆ ଓ ଭିନ୍ନ ଅନୁଭବ ପାଇବେ।

# ୩୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ୪ ଗିରଫ

**ପୁରୀ ଅଫିସ, ୫।୫**

**ଟଙ୍କା, ମୋବାଇଲ ଫୋନ୍, କାର, ବାଇକ୍ ଜବତ**

ପୁରୀ ସହରରେ ବ୍ରାଉନ ସୁଗାର କାରବାର ବଢ଼ିଚାଲିଛି। ଗୁରୁବାର ପୁରୀ ଏସ୍‌ଟିଏଫ୍ ଟିମ୍ ଏବଂ ବାସେଳି ସାହି ଥାନା ପୋଲିସ ମିଳିତ ଭାବେ ମଙ୍ଗଳାଘାଟ ଅଞ୍ଚଳରେ ଚଢ଼ାଉ କରି ୨୫୫ ଗ୍ରାମ୍ ବ୍ରାଉନ ସୁଗାର ସମେତ ୨୧୦୦ ଟଙ୍କା, ୪ ମୋବାଇଲ ଫୋନ୍, ଗୋଟିଏ ଇଣ୍ଡିଗୋ କାର ଏବଂ ୩ଟି ବାଇକ୍ ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୩୫ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ଜଗନ୍ନାଥ ବସ୍ତିର ରାଜା ସିଂହ (୨୮), ଚନ୍ଦନ ସିଂହ (୨୭ ), ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ଗୁଡୁ ନାୟକ (୨୮) ଏବଂ ଯାଜପୁର ଜିଲା ବରୀ ଥାନା ଅଞ୍ଚଳର ଅମୂଲ୍ୟ କୁମାର ସ୍ୱାଇଁ (୫୨)। ଏମାନଙ୍କ ମଧ୍ୟରୁ ୩ଜଣ ଆନ୍ତଃଜିଲ୍ଲା ବ୍ରାଉନ ସୁଗାର ବେପାରୀ ହୋଇଥିବାବେଳେ ଜଣେ କାରବାରର ମୁଖ୍ୟ ବୋଲି ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଉଛନ୍ତି।

ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ଗୁରୁବାର ସକାଳେ ମଙ୍ଗଳାଘାଟ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ରୋଡ୍ ନିକଟରେ କେତେଜଣ ଅସାମାଜିକ ବ୍ୟକ୍ତି ବ୍ରାଉନସୁଗାର କାରବାର କରୁଥିବା ଖବର ପାଇ ପୋଲିସ ଚଢାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। ସେମାନଙ୍କଠାରୁ ୨୫୫ ଗ୍ରାମ୍ ବ୍ରାଉନ ସୁଗାର ସମେତ ୨୧୦୦ ଟଙ୍କା, ୪ ମୋବାଇଲ ଫୋନ୍, ଗୋଟିଏ କାର ଏବଂ ୩ଟି ବାଇକ୍ ଜବତ କରାଯାଇଛି। ଏନେଇ ଏକ କେସ୍ (ନଂ. ୧୦୩/୨୨) ରୁଜୁ ହୋଇଛି। ପ୍ରାରମ୍ଭିକ ତଦନ୍ତ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁରୀ ଜିଲାରେ ବ୍ରାଉନସୁଗାର କାରବାର ରୋକିବା ପାଇଁ ଏସ୍‌ଟିଏଫ୍ ଟିମ୍ ଗଠନ କରାଯାଇଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୧.୬୧୯ କେଜି ବ୍ରାଉନ ସୁଗାର ଜବତ ହୋଇଛି। ସେହିପରି ୩୦ ଜଣଙ୍କୁ ଗିରଫ କରାଯାଇଛି। ବ୍ରାଉନ ସୁଗାର ଯୋଗାଣକାରୀ ଅନିରୁଦ୍ଧ ଜୟସିଂହଙ୍କ ୯୪ ଲକ୍ଷ ଟଙ୍କାର ସମ୍ପତ୍ତିକୁ ପୋଲିସ ଜବତ କରିଛି। ବ୍ରାଉନ ସୁଗାର କାରବାର ସମ୍ପର୍କରେ ପୋଲିସକୁ ଖବର ଦେବା ପାଇଁ ଗୋଟିଏ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାତ୍ରୀ ଏବଂ ବାସେଳିସାହି ଥାନା ଅଧିକାରୀ କୁଳମଣି ସେଠି ଉପସ୍ଥିତ ଥିଲେ।

**ମଙ୍ଗଳା ମନ୍ଦିରରେ ଚନ୍ଦନ ଯାତ୍ରା**

କାକଟପୁର,(ଡି.ଏନ୍.ଏ.): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଅକ୍ଷୟତୃତୀୟାଠାରୁ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଶ୍ରୀକ୍ଷେତ୍ର ଭଳି ମା' ମଙ୍ଗଳାଙ୍କ ପାର୍ଶ୍ୱ ଦେବତା ଭାବେ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ମଣି ବିମାନରେ ବସାଯାଇ ଏକ ଶୋଭାଯାତ୍ରାରେ ଚନ୍ଦନ ମଣ୍ଡପଠାରେ ପ୍ରାଚୀ ନଦୀରେ ଚାପ କ୍ରୀଡ଼ା କରାଯିବା ସହ ଭୋଗ ନୈବେଦ୍ୟ ଆଦି କରାଯାଇଥିଲା। ପରେ ରାଧାକୃଷ୍ଣଙ୍କୁ ବଜାରର ବିଭିନ୍ନ ଜାଗାରେ ପଂକ୍ତି ଭୋଗ ଲାଗି ହୋଇଥିଲା। ପୂଜାପଣ୍ଡା ଓ କିଛି ସେବାୟତ ବିମାନ ସହିତ ଘଣ୍ଟ ବଜାଇ ଚନ୍ଦନ ମଣ୍ଡପ ପାଖକୁ ଯାଇ ସେଠାରେ ନୀତିକାନ୍ତି ସାରିବା ପରେ ପୁନର୍ବାର ବିମାନ ସହିତ ମଙ୍ଗଳା ମନ୍ଦିରକୁ ଆସିବା ପରେ ମା'ଙ୍କ ନୀତି ହୋଇଥିଲା।



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ, ହତ୍ୟା ଧମକ

ନିମାପଡ଼ା,୫।୫(ଡି.ଏନ୍.ଏ.): ନିମାପଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଜଣେ ଯୁବକ ଅସଦାଚରଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୫/୨୨) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବୁଧବାର ଭୋର ସମୟରେ ମହିଳା ଜଣକ ଗ୍ରାମର ଠାକୁରାଣୀ ମନ୍ଦିରକୁ ଯାଇ ଫୁଲ ତୋଳୁଥିଲେ। ଏହି ସମୟରେ ଉକ୍ତ ଯୁବକ ଆସି ତାଙ୍କୁ ଅସଦାଚରଣ କରିଥିଲେ। ଏହାକୁ ମହିଳା ବିରୋଧ କରିବା ସହ ପାଟି କରିବାର ତାଙ୍କୁ ଆକ୍ରମଣ କରିବା ସହ କାହାକୁ କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଫଳରେ ମହିଳା ଘଟଣା ବିଷୟରେ ପରିବାର ଲୋକଙ୍କୁ ଜଣାଇବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆହତ ମହିଳା ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

### ଦେଉଳି ମଠରେ ଜୟଦେବ ଜୟନ୍ତୀ

କାକଟପୁର,୫।୫(ଡି.ଏନ୍.ଏ.): କାକଟପୁର ପଞ୍ଚାୟତ ସମିତି ପକ୍ଷରୁ ପ୍ରାଚୀନଦୀ କୂଳସ୍ଥ ଦେଉଳି ମଠରେ ଜୟଦେବ ଜୟନ୍ତୀ ଉତ୍ସବ ଓ ଗୀତଗୋବିନ୍ଦ ଆସର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ସଦସ୍ୟ ଉପସ୍ଥିତ ଥିଲେ। କାକଟପୁର ବିଡ଼ିଓ ତୁଷାର ଜ୍ୟୋତିରଞ୍ଜନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଚୀ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର, ସମ୍ମାନିତ ଅତିଥି ଭାବେ କାକଟପୁର ପଞ୍ଚାୟତ ସରପଞ୍ଚ ଅଭୟ ସେଠୀ, ଅବସରପ୍ରାପ୍ତ ପ୍ରଶାସକ କୈଳାସ ବରାଳ ଓ ବ୍ଲକ ଜନମଙ୍ଗଳ ଅଧିକାରୀ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ। ଏଥିରେ ଜୟଦେବଙ୍କ ଜୀବନୀ ଓ ଶ୍ରୀଜଗନ୍ନାଥଙ୍କର ଗୀତଗୋବିନ୍ଦ ପ୍ରେମ ବିଷୟରେ ବିଶଦ ଆଲୋଚନା କରାଯାଇଥିଲା। ପରିଷଦର ସଂଯୋଜକ କାଳୀପ୍ରସାଦ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଗୀତଗୋବିନ୍ଦ ଆସରରେ କଣ୍ଠଶିଳ୍ପୀ ଅନୁଜା ତାରିଣୀ ମିଶ୍ର ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ବରିଷ୍ଠ କଣ୍ଠଶିଳ୍ପୀ ତଥା ପ୍ରସିଦ୍ଧ କଳାକାର ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ।

### ଶ୍ରୀଜୟଦେବ ଜୟନ୍ତୀ ସମାରୋହ ଉଦ୍‌ଯାପିତ

କୋଣାର୍କ,୫।୫(ଡି.ଏନ୍.ଏ.): କୋଣାର୍କ ମେଡିକାଲ ଛକସ୍ଥିତ ଅର୍କେଶ୍ୱର ମଣ୍ଡପଠାରେ କୋଣାର୍କ ଏନ୍‌ଏସି ଓ ଶ୍ରୀଜୟଦେବ କମିଟି ମିଳିତ ଆନୁକୂଲ୍ୟରେ ତ୍ରିଦିବସୀୟ ଶ୍ରୀଜୟଦେବ ଜୟନ୍ତୀ ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତିନିଦିନିଆ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଗୀତି କବି ତଥା ଗୀତଗୋବିନ୍ଦ ରଚୟିତା କବି ଶ୍ରୀଜୟଦେବଙ୍କ ଅମ୍ଳାନ କୀର୍ତ୍ତି ସ୍ମୃତିଚାରଣ କରିବା ସହ ଶ୍ରୀଜଗନ୍ନାଥ ସଂସ୍କୃତି ବର୍ଣ୍ଣନା କରିଥିଲେ। ଏହି ଦିନରେ ସଂସ୍କୃତି ବିଭାଗ ପକ୍ଷରୁ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ଦେଖିବାକୁ ମିଳିଥିଲା। ଇତ୍ୟବସରରେ ଜୟଦେବଙ୍କ ରଚନାରୁ କଣ୍ଠ ସଙ୍ଗୀତ, ସଂକୀର୍ତ୍ତନ ଓ ଜଗନ୍ନାଥ ସଂସ୍କୃତି ସହ ଜଡିତ ଓଡ଼ିଶୀ ନୃତ୍ୟକୁ କଳାକାରମାନେ ପରିବେଷଣ କରିଥିଲେ। କମିଟିର କର୍ମକର୍ତ୍ତାମାନଙ୍କ ସହିତ ଏନ୍‌ଏସି କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟପଟେ ଶ୍ରୀଜୟଦେବଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବାପାଇଁ ଚନ୍ଦ୍ରଭାଗାଠାରେ ଥିବା ଜୟଦେବ ବାଟିକା ଓ ପ୍ରତିମୂର୍ତ୍ତି ପୁନରୁଦ୍ଧାର ସହ ସୁରକ୍ଷା ଦେବା ପାଇଁ ପ୍ରଶାସନ ଏବଂ କମିଟିର କର୍ମକର୍ତ୍ତାମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି।

# ମନ୍ଦିର ବିକାଶ ପାଇଁ ହଟିବ ବାସଗୃହ, ଦୋକାନ

- ସାକ୍ଷୀଗୋପାଳ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ବୈଠକ
- ସ୍ଥାନାନ୍ତର ହେବ ପଞ୍ଚସଖା ପାଠାଗାର

ସାକ୍ଷୀଗୋପାଳ,୫।୫(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଐତିହ୍ୟ ବିକାଶ ଯୋଜନାରେ ପୁରୀ ଜିଲା ସାକ୍ଷୀଗୋପାଳ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ କରାଯିବା ନିମନ୍ତେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି । ସାକ୍ଷୀଗୋପାଳ ଚନ୍ଦନପୋଖରୀ ନିକଟ ମନ୍ଦିର ଓ ଏହାର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ମନ୍ଦିର ସେବାୟତ ଓ ସ୍ଥାନୀୟ ବ୍ୟକ୍ତିମାନଙ୍କର ବାସଗୃହ ଓ ଦୋକାନ ଘର ସହିତ ମନ୍ଦିର ସେବାୟତ ସଂଘ କାର୍ଯ୍ୟାଳୟ ହଟିବ ବୋଲି ସାକ୍ଷୀଗୋପାଳ ପାନ୍ଥଶାଳାରେ ଗୁରୁବାର ଅନୁଷ୍ଠିତ ଉନ୍ନୟନ ବୈଠକରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ସ୍ପଷ୍ଟ କରିଛନ୍ତି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ମନ୍ଦିର ନିକଟରେ ପୁନଃସ୍ଥାପନ ହେବ। ପାର୍କିଂସ୍ଥଳ, ତୋରଣ, ପାର୍କ, ଫୁଟପାଥ୍ ସହ ଯାତ୍ରୀ ବିଶ୍ରାମପିଣ୍ଡି, ଫୁଲବଗିଚା ସହ ଚନ୍ଦନ ପୋଖରୀ, ଶ୍ୟାମକୁଣ୍ଡ, ରାଧାକୁଣ୍ଡ ଉନ୍ନୟନ କରାଯିବ। ଉଚ୍ଛେଦ ଦୋକାନୀମାନଙ୍କୁ ଥଇଥାନ କରାଯିବା ନେଇ ଡିପିଆର ପ୍ରସ୍ତୁତ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା।


ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଅଧିକାରୀଙ୍କ ସହ ବିଧାୟକ ଉମାକାନ୍ତ ସାମନ୍ତରାୟ ଆଲୋଚନା କରୁଛନ୍ତି ।

ସେହିପରି ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ପଞ୍ଚସଖା ଖେଳପଡିଆର ସମ୍ପ୍ରସାରଣ ପାଇଁ ପ୍ରସ୍ତାବିତ ଜମିକୁ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ବିକ୍ରୟ କରାଯାଇଥିଲା। ତେଣୁ ଖେଳପଡ଼ିଆର ଜମିରେ ରହିଥିବା ପଞ୍ଚସଖା ସ୍ମୃତି ପାଠାଗାର, କର୍ମଚାରୀଙ୍କ କ୍ୱାର୍ଟର, ସତ୍ୟବାଦୀ ମୁକ୍ତାକାଶ ରଙ୍ଗମଞ୍ଚ, ସ୍ୱର୍ଗତ ଡ. ରାଧାନାଥ ରଥଙ୍କ ସମାଧିପୀଠ ନିକଟକୁ ସ୍ଥାନାନ୍ତର କରାଯିବ ବୋଲି ଅଧିକାରୀମାନଙ୍କୁ ନେଇ ଭିତ୍ତିଭୂମି ଅନୁଧ୍ୟାନ କରିବା ସମୟରେ ବିଧାୟକ ଆଲୋଚନା କରିଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟ ହଷ୍ଟେଲ ନିର୍ମାଣ ପାଇଁ ସର୍ବସାଧାରଣ ଶ୍ମଶାନ ସ୍ଥାନାନ୍ତର କରାଯିବ। ସାକ୍ଷୀଗୋପାଳ ବଜାରରେ ରେଳ ଓଭରବ୍ରିଜ ନିର୍ମାଣ କରାଯିବ। ପ୍ରଥମେ ସରକାରୀ ଜାଗା ଚିହ୍ନଟ କରାଯିବ। ଆବଶ୍ୟକ ଅବଶିଷ୍ଟ ଜମି ବଜାର ଦର ଅନୁସାରେ କ୍ରୟ କରାଯିବ। ସାକ୍ଷୀଗୋପାଳ କଲେଜ ଛକଠାରୁ ସାକ୍ଷୀଗୋପାଳ ମନ୍ଦିର ରାସ୍ତାର ସମ୍ପ୍ରସାରଣ କରାଯିବା ସହିତ ରାଜପଥକୁ ଲାଗି ରହିଥିବା ଜୟପୁର ପୋଖରୀ ପାର୍ଶ୍ୱରେ ମାର୍କେଟ କମ୍ପ୍ଲେକ୍ସ କରି କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବା ନିମନ୍ତେ ବିସ୍ତୃତ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟ ସିଂ, ସତ୍ୟବାଦୀ ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷୀରୋଦ କୁମାର ବେହେରା, ସତ୍ୟବାଦୀ ଆରକ୍ଷୀ ନିରୀକ୍ଷକ ବିଜୟ କେତନ ବେହେରା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ସଭାପତି ଶ୍ରୀବତ୍ସ ମହାପାତ୍ର, ସମ୍ପାଦକ ବିଜୟ କୁମାର ନନ୍ଦ, ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଅନ୍ୟମାନ ଉପସ୍ଥିତ ଥିଲେ।

## ରଥଖଳାରୁ

# ତୁମ୍ବ ଗୋଲେଇ କାମ ଚାଲିଛି



ପୁରୀ ଅଫିସ, ୫।୫

ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଚକ ପାଇଁ ତୁମ୍ବ ତିଆରି କରାଯାଉଛି। ତିନିରଥ ପାଇଁ ମୋଟ ୪୨ଟି ତୁମ୍ବ ନିର୍ମାଣ ହେବ। ବୁଧବାର ପ୍ରଥମ ଦିନରେ ତିନିରଥର ମୁଖ୍ୟ ମହାରଣା, ଭୋଇସେବକ ଓ କରତି ସେବକଙ୍କ ଉପସ୍ଥିତିରେ ରଥ ଅମିନ ମହାରଣା ତୁମ୍ବ ଲାଗି ଆବଶ୍ୟକ ଫାସୀ କାଠରେ ଚିହ୍ନ ଦେବା ପରେ କରତି ସେବକମାନେ ଦୁଇଟି ଲେଖାଏ ତୁମ୍ବ କାଠ କାଟି ଗଡ଼ କରିଥିଲେ। ଏହାକୁ ରଥ ମହାରଣାମାନେ ବାରିସିରେ ହାଣି ପ୍ରାଥମିକ ଗୋଲେଇ କାର୍ଯ୍ୟ ଜାରି ରଖିଥିଲେ। ଗୁରୁବାର ଦ୍ୱିତୀୟ ଦିନରେ ତୁମ୍ବ ଗୋଲେଇ କାର୍ଯ୍ୟ ସରିଛି। ଅପରାହ୍ନ ୨ଟା ସୁଦ୍ଧା କରତି ସେବକମାନେ ୫ଟି ତୁମ୍ବ କାଟିଥିଲେ। ପରେ ଭୋଇ ସେବକମାନେ ନନ୍ଦିଘୋଷ ରଥଚାଳିକୁ ୨ଟି, ଦେବୀ ରଥଚାଳିକୁ ଗୋଟିଏ ଏବଂ ତାଳଧ୍ୱଜ ରଥଚାଳିକୁ ୨ଟି ତୁମ୍ବଗଡ଼ ଯୋଗାଇଥିଲେ। ନନ୍ଦିଘୋଷ ରଥ ମହାରଣା ସେବକମାନେ ୪ଟି ତୁମ୍ବରୁ ୩ଟି ଏବଂ ତାଳଧ୍ୱଜ ରଥର ମହାରଣାମାନେ ୩ଟି ତୁମ୍ବରୁ ୨ଟିର ପ୍ରାରମ୍ଭିକ ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ଦେବୀ ରଥ ମହାରଣା ସେବକଙ୍କ ଦ୍ୱାରା ୩ଟି ତୁମ୍ବର ପ୍ରାରମ୍ଭିକ ଗୋଲେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦି ଅସ୍ଥାୟୀ କମାରଶାଳରେ କମାର ସେବକମାନେ ରଥକଣ୍ଟା ପ୍ରସ୍ତୁତି ଲାଗି ଲୁହାରଡ଼ କଟିଙ୍ଗ କରୁଛନ୍ତି। ରଥ ନିର୍ମାଣ କାର୍ଯ୍ୟରେ ମୋଟ ୪୦ଜଣ ସେବାୟତ ଓ କାରିଗର ସାମିଲ ହୋଇଥିଲେ।



ପୁରୀ ସଂସ୍କୃତି ଭବନରେ ଆୟୋଜିତ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ।

# ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**କଳା ସଂସ୍କୃତିର ପ୍ରଚାର ଓ ପ୍ରସାରକୁ ଗୁରୁତ୍ୱ**

ପୁରୀ ଅଫିସ, ୫।୫:

ପୁରୀ ସଂସ୍କୃତି ଭବନରେ ବୁଧବାର ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟର ସପ୍ତଦଶ ବାର୍ଷିକ ଉତ୍ସବ ଏବଂ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଯୋଗଦେଇ କଳା ସଂସ୍କୃତିର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୯୧ରୁ ଊର୍ଦ୍ଧ୍ୱ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳା ପ୍ରଦର୍ଶିତ ହୋଇଥିଲା। ଅଧ୍ୟାପକ ବଟକୃଷ୍ଣ ପ୍ରଧାନଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଭାସ୍କର୍ଯ୍ୟ ଶିଳ୍ପୀ ସୁଦର୍ଶନ ସାହୁ, ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନଗୋ, ଓଡ଼ିଶୀ କଣ୍ଠ ସଙ୍ଗୀତ ଗୁରୁ ଚନ୍ଦ୍ରମଣି ଲେଙ୍କା, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଅଧ୍ୟାପକ ଗୁରୁ ଚନ୍ଦନ କୁମାର ଜେନା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଖବରଦାତା ମଧୁସୂଦନ ମିଶ୍ର ଏବଂ ଜିତେନ୍ଦ୍ର ନାରାୟଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ର ହୃଷିକେଶ ସାହୁ ଓଡ଼ିଶୀରେ ମଙ୍ଗଳାଚରଣ, ଅଧ୍ୟାପିକା ରୋଜାଲିନ୍ ପଣ୍ଡା ଓଡ଼ିଶୀରେ ଅଭିନୟ, ପୁଷିତା, ସଂଘମିତ୍ରା, ଶୁଭସ୍ମିତା, ଗୀତାରାଣୀ, ସୁକନ୍ୟା, ଅନନ୍ତ, ହୃଷିକେଶ, ସୌଭାଗ୍ୟ ଏବଂ କେଶବ ଦଳଗତ ସମ୍ବଲପୁରୀ ଓ ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ। ସଭାପତି ଭକ୍ତଚରଣ ଦାସ ସଭା ପରିଚାଳନା ଏବଂ ଉପସଭାପତି ଚକ୍ରଧର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ସମ୍ପାଦକ ଦୁର୍ଗାମାଧବ କର ବାର୍ଷିକ ବିବରଣୀ ପାଠ, ଶ୍ୟାମପ୍ରକାଶ ସେନାପତି ମଞ୍ଚ ପରିଚାଳନା ଏବଂ ଅନ୍ନପୂର୍ଣ୍ଣା ଦେବୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଜବରଦଖଲ ଉଚ୍ଛେଦ: ୧୦ ଦୋକାନ ଭଙ୍ଗାଗଲା

ନିମାପଡ଼ା,୫।୫(ଡି.ଏନ୍.ଏ.):

ନିମାପଡ଼ା ତହସିଲ ଅନ୍ତର୍ଗତ ବାମନାଳ ସାହୁ ଛକଠାରେ ରାଜସ୍ୱ ବିଭାଗ ପକ୍ଷରୁ ସଶସ୍ତ୍ର ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରଶାସନ ପକ୍ଷରୁ ଡ୍ରୋଜର ଲଗାଇ ୧୦ବଖରା ଦୋକାନ ଓ କ୍ୟାବିନକୁ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ପରିପ୍ରେକ୍ଷୀରେ ବାମନାଳ ଅଞ୍ଚଳର ଜଣେ ମହିଳା ଓଡ଼ିଶା ହାଇକୋର୍ଟରେ ନଂ.୧୪୨୮/୨୧ରେ ଏକ ମାମଲା ଦାୟର କରିଥିଲେ। ଉକ୍ତ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ବାମନାଳ ସାହୁ ଛକରେ ନିମାପଡ଼ା-ବଳଙ୍ଗା ମୁଖ୍ୟରାସ୍ତା କଡ଼ରେ ସରକାରୀ ଜାଗା ଜବରଦଖଲ କରି ଦୀର୍ଘଦିନ ଧରି ଦୋକାନ କରିଥିବା ୧୦ଜଣ ବ୍ୟବସାୟୀଙ୍କର ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିବା ତହସିଲ ଅଫିସ ପକ୍ଷରୁ ସୂଚନା ମିଳିଛି। ସରକାରୀ ଜାଗା ଜବରଦଖଲ କରି ବେଆଇନ ଭାବେ ଦୋକାନ କରିଥିବା ବ୍ୟକ୍ତିମାନଙ୍କୁ ଜାଗା ଛାଡ଼ିବାକୁ ସ୍ଥାନୀୟ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ୍ ଦିଆଯାଇ ଅବଗତ କରାଯାଇଥିଲା। ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ଅତିରିକ୍ତ ତହସିଲଦାର ଚନ୍ଦ୍ରଶେଖର ବାରିକ, ବାମନାଳ ରାଜସ୍ୱ ନିରୀକ୍ଷକ ଦିଲୀପ ଦାଶ, ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇ, ଏସ୍‌ଆଇ ପି.କେ.ଜୁଝାର ସିଂ ପ୍ରମୁଖଙ୍କ ଉପସ୍ଥିତିରେ ଏହି ଜବରଦଖଲ ଉଚ୍ଛେଦ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ବାମନାଳ ସାହୁ ଛକରେ ଦୀର୍ଘଦିନ ଧରି ଦୋକାନ ଓ ବ୍ୟବସାୟୀ କରି ପରିବାର ଚଳାଉଥିବା ବ୍ୟବସାୟୀମାନେ ଉଚ୍ଛେଦକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ସେମାନଙ୍କୁ ଥଇଥାନ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଚିନ୍ତାରେ ଚାଷୀ, ତଳିଆ ଅଞ୍ଚଳବାସୀ ଛାନିଆ

**ସମ୍ଭାବ୍ୟ ବାତ୍ୟା ଆଶଙ୍କା**

ପୁରୀ ଅଫିସ,୫।୫:

ସମ୍ଭାବ୍ୟ ବାତ୍ୟାକୁ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭିଡିଓ କନ୍‌ଫରେନ୍ସ ଜରିଆରେ ପୁରୀ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର ଓ ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର ଯୋଗଦେଇଥିଲେ। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଫସଲ କାଟି ନେବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସଜାଗ ରଖାଯାଇଛି। ପାନୀୟ ଓ ଡ୍ରେନେଜ ଭଳି ବ୍ୟବସ୍ଥାକୁ ସୁଦୃଢ଼ ରଖିବାକୁ କୁହାଯାଇଛି। ଶୁଖିଲା ଖାଦ୍ୟ ଓ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ଶୁକ୍ରବାର ପୁଣି ଥରେ ସମ୍ପୃକ୍ତ ବିଭାଗଗୁଡ଼ିକ ସହ ଜିଲା ପ୍ରଶାସନ ଆଲୋଚନା କରିବ। ବାତ୍ୟାରେ ଯେପରି କାହାରି ମୃତ୍ୟୁ ନ ଘଟେ ସେଥିପ୍ରତି ଗୁରୁତ୍ୱ ଦିଆଯାଇ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଅନ୍ୟପକ୍ଷରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଚିତ୍ର ଅସ୍ପଷ୍ଟ ଥିଲେ ବି କୃଷ୍ଣପ୍ରସାଦ, ଛଇତନା, ବ୍ରହ୍ମଗିରି, କାକଟପୁର, ଅସ୍ତରଙ୍ଗ, ପୁରୀ ପେଣ୍ଠକଟା ପ୍ରଭୃତି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ବାସିନ୍ଦା ଛାନିଆ ହୋଇପଡ଼ିଛନ୍ତି। ମତ୍ସ୍ୟଜୀବୀମାନେ ସେମାନଙ୍କ ଡ଼ଙ୍ଗାକୁ ସୁରକ୍ଷିତ ସ୍ଥାନକୁ ନେବା ଆରମ୍ଭ କରିଦେଇଛନ୍ତି। ସେହିପରି ଚାଷୀଙ୍କୁ ଚିନ୍ତା ଘାରିଲାଣି। ଅନେକ ଚାଷୀ ଫସଲ କାଟି ସୁରକ୍ଷିତ ସ୍ଥାନକୁ ବୋହିନେବାରେ ଲାଗିପଡ଼ିଛନ୍ତି। ବ୍ରହ୍ମଗିରିର ଚାଷୀ ସତ୍ୟବ୍ରତ ପରିଡ଼ା କହିଛନ୍ତି, ସବୁ ଚାଷୀଙ୍କ ଫସଲ ଅମଳକ୍ଷମ ହୋଇପାରିନାହିଁ। ସରକାରୀ ସ୍ତରରେ ଫସଲ ସଂରକ୍ଷଣ ପାଇଁ ବ୍ୟବସ୍ଥା ମଧ୍ୟ ନାହିଁ। ଏଭଳି ସ୍ଥଳେ ବାତ୍ୟା ଆଶଙ୍କା ଏବେ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅନ୍ୟପକ୍ଷରେ ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର କହିଛନ୍ତି, ବାତ୍ୟା ମୁକାବିଲା ଲାଗି ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। କ୍ଷୟକ୍ଷତି ରୋକିବା ଉପରେ ଗୁରୁତ୍ୱ ଦିଆଯାଇ ପଦକ୍ଷେପ ନିଆଯାଉଛି।

# ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁରୀ ଜିଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବିକ୍ଷୋଭ ।

ପୁରୀ ଅଫିସ,୫।୫

ବ୍ରିଜ୍ କୋର୍ସ (ପୂର୍ବବର୍ଷ ରହିଯାଇଥିବା ପାଠ ପଢ଼ିବା) ପାଇଁ ବିଦ୍ୟାଳୟ ସମୟ ସକାଳ ୬ଟାରୁ ୯ଟା ପରିବର୍ତ୍ତେ ସକାଳ ୬.୩୦ରୁ ୮.୩୦ କରାଯିବା ଦାବିରେ ଗୁରୁବାର ପୁରୀ ଜିଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଥିସହ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ପୁରୀ ସରକାରୀ ବାଳିକା ବିଦ୍ୟାଳୟଠାରୁ ସଂଘ ପକ୍ଷରୁ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସଂଘ କର୍ମକର୍ତ୍ତା କହିଛନ୍ତି, ସକାଳ ୬ଟାରୁ ପିଲାମାନେ ଉଠି ବିଦ୍ୟାଳୟକୁ ଆସିବା ଅସମ୍ଭବ ହୋଇପଡୁଛି। ରାଜ୍ୟର ପ୍ରାୟ ସବୁ ଜିଲାରେ ୮.୩୦ ପରେ ଗ୍ରୀଷ୍ମ ପ୍ରବାହ ହେଉଥିବାରୁ ସମୟ ବଦଳାଯାଉ। ଶିକ୍ଷକଙ୍କୁ ବ୍ରିଜକୋର୍ସ ନିମନ୍ତେ ଇଏଲ୍ ଦିଆଯାଉ, ମେ ମାସକୁ ଗ୍ରୀଷ୍ମଛୁଟି ଘୋଷଣା କରିବା ଆଦି ବିଭିନ୍ନ ଦାବି କରାଯାଇଛି। ବିକ୍ଷୋଭରେ ସଂଘର ରାଜ୍ୟ ସଭାପତି ବ୍ରହ୍ମାନନ୍ଦ ମହାରଣା, ଓଲଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ ବେହେରା, ଓଲଷ୍ଟା ପୁରୀ ଜିଲା ସଭାପତି ପ୍ରଦୀପ ପ୍ରଧାନ, ଶରତ ସେଠୀ, ଚିତ୍ତରଞ୍ଜନ ନାୟକ, ଦାଶରଥୀ ନାୟକ, ବିଜୟ ମହାପାତ୍ର, ପୁଲକ ପ୍ରଧାନ, ସୁଧାଂଶୁ ଶେଖର ନାୟକ, ମହେଶ୍ୱର ମହାରଣା, ରାମକୃଷ୍ଣ ଜାଲି, ସୁଦର୍ଶନ ମଲ୍ଲିକ ଏବଂ ଗୋପବନ୍ଧୁ ମିଶ୍ର ପ୍ରମୁଖ ସାମିଲ ଥିଲେ।

# ବିଦ୍ୟୁତ୍ ସେବା ନାହିଁ: ମାଟ୍ରିକ୍ ପରୀକ୍ଷାର୍ଥୀ ହଇରାଣ

ପୁରୀ ଅଫିସ,୫।୫:

ସମ୍ପ୍ରତି ପ୍ରବଳ ଗ୍ରୀଷ୍ମପ୍ରବାହ ବେଳେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ମିଳିପାରୁନାହିଁ। ଏପରିକି ମାଟ୍ରିକ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଉନାହିଁ। ଫଳରେ ଛାତ୍ରୀଛାତ୍ର ହଇରାଣ ହୋଇ ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଛି। ଛାତ୍ରୀଛାତ୍ରଙ୍କ ଏଭଳି ସମସ୍ୟାକୁ ବିଦ୍ୟୁତ କମ୍ପାନୀ ବୁଝୁନାହିଁ ବୋଲି କେତେଜଣ ଅଭିଭାବକ ଓ ଶିକ୍ଷକ କ୍ଷୋଭର ସହ କହିଛନ୍ତି। ସମ୍ପ୍ରତି ଖରା ବଢ଼ିଚାଲିଛି। ଅଧିକାଂଶ ବିଦ୍ୟାଳୟରେ ଆଜବେଷ୍ଟସ୍ ଛାତ ରହିଛି। ଏଭଳି ସ୍ଥିତିରେ ବିଦ୍ୟୁତ ବିନା ପିଲାମାନେ କିଭଳି ପରୀକ୍ଷା ଦେଉଥିବେ ସେନେଇ ଉଭୟ ବିଦ୍ୟୁତ୍ ବିଭାଗ ଓ ଶିକ୍ଷା ବିଭାଗ ଚିନ୍ତା କରିବା ଦରକାର। ପରୀକ୍ଷା ସମୟରେ ବିଦ୍ୟୁତ ସେବା ଯୋଗାଇଦେବା ଦରକାର ବୋଲି ଶିକ୍ଷାବିତ୍ ପ୍ରଭୁଜ୍ୟୋତି ମହାପାତ୍ର କହିଛନ୍ତି। ଡେଲାଙ୍ଗର ଏକ ସରକାରୀ ବିଦ୍ୟାଳୟର ଛାତ୍ର ଶଙ୍କର ପରିଡ଼ା କହିଛନ୍ତି, ପୁରୀ ସହରରେ ପରୀକ୍ଷା ଦେଉଥିବା ପିଲାମାନେ ବିଦ୍ୟୁତ୍ ସେବା ପାଉଛନ୍ତି। ମାତ୍ର ଆମ ଭଳି ଗ୍ରାମାଞ୍ଚଳର ପିଲାଙ୍କୁ ଅବହେଳା କରାଯାଉଛି। ପ୍ରବଳ ତାତି ଯୋଗୁ ଝାଳ ସରସର ହୋଇ ପରୀକ୍ଷା ଦେଉଛୁ। ସେହିପରି ବିଦ୍ୟୁତ୍‌କାଟ ଯୋଗୁ ଘରେ ମଧ୍ୟ ପାଠ ପଢିବାରେ ସମସ୍ୟା ଉପୁଜୁଛି। ଏନେଇ ବିଦ୍ୟୁତ ଯୋଗାଣକାରୀ ସଂସ୍ଥା ଟାଟା ପାୱାର ଲିମିଟେଡ୍ ପୁରୀର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶିବ ସ୍ୱାଇଁ କହିଛନ୍ତି, ପୁରୀ ଜିଲାର କେତେକ ସ୍ଥାନରେ ପରୀକ୍ଷା ସମୟରେ ବିଦ୍ୟୁତ୍ ସେବା ମିଳୁ ନ ଥିବା ଅଭିଯୋଗ ସତ୍ୟ। ତେବେ ଅନେକ ସ୍ଥାନରେ ବିଦ୍ୟୁତ ସଂଯୋଗୀକରଣ ସରିଲାଣି। ବ୍ରହ୍ମଗିରି ଭଳି କିଛି ସ୍ଥାନରେ ଏବେ ମଧ୍ୟ ସମସ୍ୟା ରହିଛି। କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ସଂଯୋଗୀକରଣ ପାଇଁ ଚେଷ୍ଟା କରୁଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ପରୀକ୍ଷାରେ ଏଭଳି ସମସ୍ୟା ହେବ ନାହିଁ ବୋଲି ଆଶା ରହିଛି।

# ନିଶାମୁକ୍ତ ଶ୍ରୀକ୍ଷେତ୍ର ପାଇଁ ସଂକଳ୍ପ

ପୁରୀ ଅଫିସ, ୫।୫:

ନିଶାମୁକ୍ତ ବ୍ୟକ୍ତି ହିଁ ଜନପ୍ରତିନିଧି ହେଉ, ସରକାରୀ ସୁବିଧା ପାଉ। ଏମିତି ଅନେକ ଆହ୍ୱାନ ସହ ନିଶାମୁକ୍ତ ସମାଜ ଗଠନ ପାଇଁ ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶା ନିଶା ନିବାରଣ ଅଭିଯାନ ଏବଂ ପୁରୀ ନିଶାମୁକ୍ତ ଅଭିଯାନର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନରେ ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ମୁଖ୍ୟ ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ବଦ୍ରି ମିଶ୍ରଙ୍କ ସଂଯୋଜନା କରିଥିଲେ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହନ୍ତ ରାମକୃଷ୍ଣ ଦାସ, ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ଆନନ୍ଦମାର୍ଗର ବିଶ୍ୱ ସଂଯୋଜକ ଆଚାର୍ଯ୍ୟ ମର୍ମଦେବାନନ୍ଦ, ଡା. ଇନ୍ଦିରା ଜୀ, ବେଦାନ୍ତ ସମାଜ ସମ୍ପାଦକ ସୁବାସ ଚନ୍ଦ୍ର ଚାଟାର୍ଜୀ ଯୋଗଦେଇ ମଦମୁକ୍ତ ଓଡ଼ିଶା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଢେଙ୍କାନାଳର ଜୟନ୍ତ ଧଳ, କେନ୍ଦୁଝରର ମିତ୍ରଭାନୁ ପ୍ରଧାନ ଓ ପୁରୀର ଅଜୟ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ପୁରୀ ଜିଲାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଲାଗି ସରକାରଙ୍କୁ ଶୁକ୍ରବାର ଦାବିପତ୍ର ଦିଆଯିବ। ଶ୍ରୀକ୍ଷେତ୍ରକୁ ମଦମୁକ୍ତ ଓ ନିଶାମୁକ୍ତ କରିବା ଲାଗି ସଂକଳ୍ପ ନିଆଯାଇଥିଲା। ଚକ୍ରଧର ମହାପାତ୍ର, ଜଗନ୍ନାଥ ବସ୍ତିଆ, ମଧୁସୂଦନ ମିଶ୍ର, ମଳୟ ତ୍ରିପାଠୀ, କବିତା ପରିଡ଼ା, ରମାକାନ୍ତ ମଣ୍ଡଳ, ଛାୟାକାନ୍ତ ନାୟକ, ବିଦ୍ୟୁତଲତା ଆଚାର୍ଯ୍ୟ, ଶଶିଭୂଷଣ ପ୍ରଧାନ, ରାଧେଶ୍ୟାମ ରଥ, ସଞ୍ଜୟ କୁମାର ପ୍ରଧାନ, ପବିତ୍ର ମୋହନ ଦଳାଇ, ଜଗନ୍ନାଥ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ ।

# ୩୫ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ୪ ଗିରଫ

**ଟଙ୍କା, ମୋବାଇଲ ଫୋନ୍, କାର, ବାଇକ୍ ଜବତ**

ପୁରୀ ଅଫିସ, ୫।୫:

ପୁରୀ ସହରରେ ବ୍ରାଉନ ସୁଗାର କାରବାର ବଢ଼ିଚାଲିଛି। ଗୁରୁବାର ପୁରୀ ଏସ୍‌ଟିଏଫ୍ ଟିମ୍ ଏବଂ ବାସେଳି ସାହି ଥାନା ପୋଲିସ ମିଳିତ ଭାବେ ମଙ୍ଗଳାଘାଟ ଅଞ୍ଚଳରେ ଚଢ଼ାଉ କରି ୨୫୫ ଗ୍ରାମ୍ ବ୍ରାଉନ ସୁଗାର ସମେତ ୨୧୦୦ ଟଙ୍କା, ୪ ମୋବାଇଲ ଫୋନ୍, ଗୋଟିଏ ଇଣ୍ଡିଗୋ କାର ଏବଂ ୩ଟି ବାଇକ୍ ଜବତ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୩୫ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ଜଗନ୍ନାଥ ବସ୍ତିର ରାଜା ସିଂହ (୨୮), ଚନ୍ଦନ ସିଂହ (୨୭ ), ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ଗୁଡୁ ନାୟକ (୨୮) ଏବଂ ଯାଜପୁର ଜିଲା ବରୀ ଥାନା ଅଞ୍ଚଳର ଅମୂଲ୍ୟ କୁମାର ସ୍ୱାଇଁ (୫୨)। ଏମାନଙ୍କ ମଧ୍ୟରୁ ୩ଜଣ ଆନ୍ତଃଜିଲ୍ଲା ବ୍ରାଉନ ସୁଗାର ବେପାରୀ ହୋଇଥିବାବେଳେ ଜଣେ କାରବାରର ମୁଖ୍ୟ ବୋଲି ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି।


ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଉଛନ୍ତି।

ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି, ଗୁରୁବାର ସକାଳେ ମଙ୍ଗଳାଘାଟ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ରୋଡ୍ ନିକଟରେ କେତେଜଣ ଅସାମାଜିକ ବ୍ୟକ୍ତି ବ୍ରାଉନସୁଗାର କାରବାର କରୁଥିବା ଖବର ପାଇ ପୋଲିସ ଚଢାଉ କରିଅଭିଯୁକ୍ତମାନଙ୍କୁ ଧରିଥିଲା। ସେମାନଙ୍କଠାରୁ ୨୫୫ ଗ୍ରାମ୍ ବ୍ରାଉନ ସୁଗାର ସମେତ ୨୧୦୦ ଟଙ୍କା, ୪ ମୋବାଇଲ ଫୋନ୍, ଗୋଟିଏ କାର ଏବଂ ୩ଟି ବାଇକ୍ ଜବତ କରାଯାଇଛି। ଏନେଇ ଏକ କେସ୍ (ନଂ. ୧୦୩/୨୨) ରୁଜୁ ହୋଇଛି। ପ୍ରାରମ୍ଭିକ ତଦନ୍ତ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁରୀ ଜିଲାରେ ବ୍ରାଉନସୁଗାର କାରବାର ରୋକିବା ପାଇଁ ଏସ୍‌ଟିଏଫ୍ ଟିମ୍ ଗଠନ କରାଯାଇଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୧.୬୧୯ କେଜି ବ୍ରାଉନ ସୁଗାର ଜବତ ହୋଇଛି। ସେହିପରି ୩୦ ଜଣଙ୍କୁ ଗିରଫ କରାଯାଇଛି। ବ୍ରାଉନ ସୁଗାର ଯୋଗାଣକାରୀ ଅନିରୁଦ୍ଧ ଜୟସିଂହଙ୍କ ୯୪ ଲକ୍ଷ ଟଙ୍କାର ସମ୍ପତ୍ତିକୁ ପୋଲିସ ଜବତ କରିଛି। ବ୍ରାଉନ ସୁଗାର କାରବାର ସମ୍ପର୍କରେ ପୋଲିସକୁ ଖବର ଦେବା ପାଇଁ ଗୋଟିଏ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ଏବଂ ବାସେଳିସାହି ଥାନା ଅଧିକାରୀ କୁଳମଣି ସେଠୀ ଉପସ୍ଥିତ ଥିଲେ।